# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ମେ’ ୨୧/୨୦୨୩ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, May 21/2023 | Page 16 ₹ 7.00 | DHENKANAL

୪୯ଶ ଭାଗ ୧୭୫ ସଂଖ୍ୟା www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada VOLUME 49 ISSUE 175 ମୂଲ୍ୟ₹୭/-





## ସଂକ୍ଷେପରେ

### ପୂର୍ବତନ ସରପଞ୍ଚଙ୍କ ଅକାଳ ବିୟୋଗ



ଅନୁଗୋଳ ଅଫିସ, ୨୦।୫: ଅନୁଗୋଳ ବ୍ଲକ ପୁରୁଣାକୋଟ ପଞ୍ଚାୟତର ପୂର୍ବତନ ସରପଞ୍ଚ ମଳୟ ବିଶୋଇଙ୍କ ଅକାଳ ବିୟୋଗ ଘଟିଛି। ତାଙ୍କୁ ୫୨ ବର୍ଷ ହୋଇଥିଲା। ଶୁକ୍ରବାର ଭୋର୍ ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ତୁରନ୍ତ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ଜଣାପଡ଼ିବା ପରେ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଥିଲା। ବହୁ ରାଜନେତା ଡାକ୍ତରଖାନାରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ବିଶୋଇ ଅତ୍ୟନ୍ତ ମିଷ୍ଟଭାଷୀ, ମେଳାପୀ, ଦୃଢ଼ ସଙ୍ଗଠକ ଓ ସାମାଜିକ କର୍ମୀ ଭାବେ ପରିଚିତ ଥିଲେ। ଅଭୟାରଣ୍ୟ ଓ ଜଙ୍ଗଲ ଅଞ୍ଚଳର ବିଭିନ୍ନ ସମସ୍ୟାର ସମାଧାନ ଏବଂ ଉନ୍ନତି ନିମନ୍ତେ କାର୍ଯ୍ୟ କରୁଥିଲେ। ପୂର୍ବତନ ସରପଞ୍ଚ ବିଶୋଇଙ୍କ ବିୟୋଗରେ ବରିଷ୍ଠ ବିଜେଡି ନେତା ନଳିନୀକାନ୍ତ ପ୍ରଧାନ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ମୌସୁମୀ ବର୍ଷାକୁ ଦୃଷ୍ଟିରେ ରଖି ସଜାଗ ହୁଅ

### ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ବୈଠକ

ଅନୁଗୋଳ ଅଫିସ, ୨୦।୫



ଅନୁଗୋଳ ଜିଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଅନୁଗୋଳ ଜିଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ବୈଠକ ଶନିବାର ଉପଜିଲାପାଳ ବୈତୁରା ଦୀପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମୌସୁମୀ ବର୍ଷାକୁ ଦୃଷ୍ଟିରେ ରଖି ସମ୍ଭାବ୍ୟ ବନ୍ୟାର ଠିକ୍ ମୁକାବିଲା ନିମନ୍ତେ ବିଭାଗୀୟ ଅଧିକାରୀମାନେ ପ୍ରସ୍ତୁତ ରହିବା, ଡ୍ରେନ୍‌ଗୁଡ଼ିକୁ ସଫା କରିବା, ଶୁଖିଲା ଖାଦ୍ୟ ମହଜୁଦ ରଖିବା, ଯନ୍ତ୍ରଚାଳିତ ବୋଟଗୁଡ଼ିକ ପ୍ରସ୍ତୁତ ରଖିବା, କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ କରିବା, ବିଦ୍ୟୁତ୍ ଓ ଟେଲିଫୋନ ବିଭାଗ ସଜାଗ ରହିବା, ସ୍ୱାସ୍ଥ୍ୟ ଓ ପଶୁ ସମ୍ପଦର ସୁରକ୍ଷା, କୃଷି କ୍ଷେତ୍ରର ସୁରକ୍ଷା, ପାନୀୟ ଜଳ ଯୋଗାଣ, ପଲିଥିନ ମହଜୁଦ ରଖିବା ଆଦି ଉପରେ ଉପଜିଲାପାଳ ଗୁରୁତ୍ୱାରୋପ କରିବା ସହ ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କୁ ଆଗୁଆ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ଅମ୍ଳାନ ଅପରାଜିତା ମିଶ୍ର, ଡେପୁଟି କଲେକ୍ଟର ରାଜୀବ କୁମାର ବେହେରା, ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ସେହିପରି ଜିଲାରେ କାର୍ଯ୍ୟକାରୀ ହେଉଥିବା ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକରେ ପାଣି ଚୋରି ରୋକିବା ପାଇଁ କଠୋର ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଏବଂ ବିଭିନ୍ନ ଗ୍ରାମାଞ୍ଚଳରେ ଅଙ୍ଗନୱାଡ଼ି କେନ୍ଦ୍ର ସ୍ଥାପନ ନିମନ୍ତେ ତୁରନ୍ତ ସ୍ଥାନ ନିରୂପଣ କରିବାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାରମାନଙ୍କୁ ଉପଜିଲାପାଳ ପରାମର୍ଶ ଦେଇଥିଲେ।

## ଗଛ ପଡ଼ି ୩ ଗୁରୁତର

ଅନୁଗୋଳ ଅଫିସ/ କଣିହାଁ, ୨୦।୫

ଅନୁଗୋଳ ଜିଲା ବଅଁରପାଳ ଥାନା ନିକଟସ୍ଥ ଗଣେଶ ବଜାରର ଏକ ହୋଟେଲ ଏବଂ କୁକୁଡ଼ା ଦୋକାନ ଉପରେ ରାସ୍ତା ପାର୍ଶ୍ୱରେ ଥିବା ଶୁଖିଲା ଗଛ ଶନିବାର ଉପୁଡ଼ି ପଡ଼ିବାରୁ ଜଣେ ଗୁରୁତର ହୋଇଛନ୍ତି। ପ୍ରକାଶ ଯେ, ଗଣେଶ ବଜାରଠାରେ ଥିବା ଉକ୍ତ ହୋଟେଲ ଏବଂ କୁକୁଡ଼ା ଦୋକାନ ଉପରେ ମଧ୍ୟାହ୍ନ ୧୨ଟା ୩୦ରେ ଶୁଖିଲା ଗଛଟି ଉପୁଡ଼ି ପଡ଼ିଥିଲା। ଫଳରେ ଉକ୍ତ ରାସ୍ତାରେ ଯାଉଥିବା ଜଣେ ପଥଚାରୀ ଗୁରୁତର ହୋଇଥିବା ବେଳେ ହୋଟେଲ ମାଲିକଙ୍କ ସମେତ ୩ ଜଣ ଆହତ ହୋଇଥିବା ସୂଚନା ମିଳିଛି। ଗୁରୁତରଙ୍କୁ ପ୍ରଥମେ ସ୍ଥାନୀୟ ବଅଁରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ଜିଲା ମୁଖ୍ୟ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେହିପରି କଣିହାଁ ବ୍ଲକ ସମଲ ଥାନା ଗହମ ଗ୍ରାମ ଦୁର୍ଗାପୁର ଘାଟ ନିକଟରେ ଶନିବାର ସନ୍ଧ୍ୟାରେ କାଳବୈଶାଖୀ ଯୋଗୁ ଗଛପଡ଼ି ୨ ବାଇକ୍ ଆରୋହୀ ବିପନ ବିଶ୍ୱାଳ ଓ ବରୁଣ ଗଡନାୟକ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକମାନେ ଉଭୟଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି।



ବଅଁରପାଳ ଗଣେଶ ବଜାରରେ ଏକ ଶୁଖିଲା ଗଛ ଉପୁଡ଼ି ପଡ଼ିଛି।

## ସଙ୍ଗଠନ ମଜଭୁତ ଉପରେ ଗୁରୁତ୍ୱ

ବଇଣ୍ଡା,୨୦।୫(ଡି.ଏନ.ଏ.)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଆମ୍ବପାଳ ଛକ ଲିଚୁ ବଗିଚା ପରିସରରେ ଶନିବାର ଆମ୍ ଆଦ୍‌ମୀ ପାର୍ଟିର ପଞ୍ଚାୟତସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆମ୍ବପାଳ ପଞ୍ଚାୟତ ସଭାପତି ଦୁଷ୍ମନ୍ତ ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା ଉପସଭାପତି ପ୍ରସାଦୀ ବେହେରା, ଲୋକନାଥ ପ୍ରଧାନ, ଠେଲକନାଳୀ ପଞ୍ଚାୟତ ସଭାପତି ରମେଶ ମାଝି, କିଶୋରଚନ୍ଦ୍ର ସାହୁ, ଚୁନାକାନ୍ତ ସାହୁ, ସୁମନ୍ତ ପ୍ରଧାନ, ବିଶ୍ୱନାଥ ବେହେରା, ପିଙ୍କୁ ରାଉଳ, ଲକ୍ଷ୍ମୀନାରାୟଣ ପ୍ରଧାନ, ପବିତ୍ର ସେଠୀ, ସତ୍ୟନାରାୟଣ ଦେହୁରୀ, ସୌରାନନ୍ଦ ସ୍ୱାଇଁଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ। ଏଥିରେ ତୃଣମୂଳସ୍ତରରୁ ସଙ୍ଗଠନକୁ ମଜଭୁତ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ଏଥିସହ ଆଗାମୀ ନିର୍ବାଚନରେ ଦଳର ପାର୍ଥୀଙ୍କୁ ସହଯୋଗ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।



ବୈଠକରେ ଉପସ୍ଥିତ ଆମ୍ ଆଦ୍‌ମୀ ପାର୍ଟିର କର୍ମକର୍ତ୍ତା ଓ କର୍ମୀମାନେ।

## ଅସହାୟ ଶିଶୁଙ୍କ ଶିକ୍ଷା, ଥଇଥାନ ବ୍ୟବସ୍ଥା ହେବ

### ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ପାଲଲହଡ଼ା ଗସ୍ତ

ଅନୁଗୋଳ ଅଫିସ, ୨୦।୫



ଏକ ପରିବାରର ପିଲାଙ୍କୁ ଭେଟୁଛନ୍ତି ଜିଲା ଶିଶୁ ସୁରକ୍ଷା ଅଧିକାରୀ।

ଅନୁଗୋଳ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା ଶନିବାର ପାଲଲହଡ଼ା ବ୍ଲକ ଗସ୍ତରେ ଯାଇ ସହରଗୁରୁଜାଙ୍ଗ ଗ୍ରାମର ବଜ୍ରପାତରେ ମୃତ ୨ ବ୍ୟକ୍ତିଙ୍କ ପରିବାରର ଶିଶୁଙ୍କୁ ଭେଟିଛନ୍ତି। ବଜ୍ରପାତରେ ପ୍ରାଣ ହରାଇଥିବା ଜଣେ ବ୍ୟକ୍ତିଙ୍କ ୭ ବର୍ଷର ପୁତ୍ର ଦ୍ୱିତୀୟ ଶ୍ରେଣୀରେ ପଢୁଥିବାବେଳେ ଆଉ ଜଣେ ମୃତକଙ୍କ ୨ ଝିଅ ଯୁକ୍ତ ୨ ଓ ଜଣେ ପୁଅ ଦଶମ ଶ୍ରେଣୀରେ ପଢୁଥିବାରୁ ସେମାନଙ୍କ ପାଠପଢ଼ା ଏବଂ ଥଇଥାନ ସମ୍ପର୍କରେ ଆଲୋଚନା କରିଛନ୍ତି। ସରକାରୀ ନିୟମ ଅନୁଯାୟୀ ତୁରନ୍ତ ମୃତ ବ୍ୟକ୍ତିଙ୍କ ସ୍ତ୍ରୀଙ୍କୁ ବିଧବା ଭତ୍ତା, ଜାତୀୟ ପରିବାର ମଙ୍ଗଳ ଯୋଜନାରେ ପରିବାରକୁ ଅନ୍ତର୍ଭୁକ୍ତ କରିବା ପାଇଁ ସେ ସ୍ଥାନୀୟ ବ୍ଲକ ପ୍ରଶାସନ ସହିତ ଆଲୋଚନା କରିଛନ୍ତି। ସେହିପରି ଜୟମଲ ଓ ବନ୍ଧକାନୀ ଗ୍ରାମକୁ ଯାଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ୩ଟି ପରିବାରର ୭ ଜଣ ଶିଶୁଙ୍କୁ ଭେଟିଛନ୍ତି। ଗୋଟିଏ ପରିବାରରେ କେହି ଅଭିଭାବକ ନ ଥିବାବେଳେ ଜଣେ ସାବାଳକ ଭାଇଙ୍କ ନିକଟରେ ୩ ଜଣ ଶିଶୁ ଆଶ୍ରୟ ନେଇଛନ୍ତି। ସମ୍ପୃକ୍ତ ଶିଶୁମାନଙ୍କ ପାଠପଢ଼ା ପାଇଁ ତୁରନ୍ତ ସହାୟତା ପ୍ରଦାନ କରାଯିବ ବୋଲି ଶିଶୁ ସୁରକ୍ଷା ଅଧିକାରୀ କହିଛନ୍ତି। ଆଉ ଏକ ପରିବାରର ୩ ଜଣ ଶିଶୁ ଜେଜେମା ପାଖରେ ଆଶ୍ରୟ ନେଇଥିବାରୁ ତୁରନ୍ତ ପାଠପଢ଼ା ପାଇଁ ସହାୟତା କରାଯିବାକୁ ପଦକ୍ଷେପ ନେଇଛନ୍ତି। ଅନ୍ୟ ଏକ ପରିବାରର ଜଣେ ୩ ବର୍ଷର ଶିଶୁ ତାଙ୍କ ବାପାଙ୍କୁ ହରାଇଥିବାରୁ ସମ୍ପୃକ୍ତ ଶିଶୁଙ୍କ ପାଠପଢ଼ା ବ୍ୟବସ୍ଥା ସହିତ ସରକାରୀ ନିୟମ ଅନୁସାରେ ସମସ୍ତ ପରିବାକୁ ସମାଜ ମଙ୍ଗଳ ଯୋଜନାରେ ସାମିଲ କରାଯିବାକୁ ପଦକ୍ଷେପ ନିଆଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ଏହି ପରିଦର୍ଶନ ସମୟରେ ପୂର୍ବତନ ସରପଞ୍ଚ ରମାକାନ୍ତ ବେହେରାଙ୍କ ସମେତ ଅଙ୍ଗନୱାଡ଼ି କର୍ମୀ ଏବଂ ଗ୍ରାମର ଭଦ୍ରବ୍ୟକ୍ତିମାନେ ଉପସ୍ଥିତ ଥିଲେ।

### ମାତାପିତାଙ୍କ ନାମରେ ଏତଲା ଦେଲେ ଝିଅ

ଅନୁଗୋଳ ଅଫିସ, ୨୦।୫

ଅନୁଗୋଳ ଜିଲା ବଅଁରପାଳ ଥାନା ବୁଢ଼ାପଙ୍କ ଅଞ୍ଚଳର ଜଣେ ଯୁବକଙ୍କ ସହ ଘରୁ ପଳାଇ ଆସିଥିବା ହଣ୍ଡପା ଥାନା ଅଞ୍ଚଳର ଜନୈକା ନାବାଳିକା ନିଜ ମାତାପିତାଙ୍କ ନାମରେ ବଅଁରପାଳ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ମାତାପିତା ବଅଁରପାଳ ଆସି ସମ୍ପୃକ୍ତ ଯୁବକ ଓ ଝିଅଙ୍କୁ ଗାଳିଗୁଲଜ କରିବା ସହ ଜୀବନରୁ ମାରି ଦେବାକୁ ଧମକ ଦେଉଥିବା ନାବାଳିକା ତାଙ୍କ ଏତଲାରେ ଦର୍ଶାଇଛନ୍ତି। ଏ ନେଇ ପୋଲିସ ନଂ. ୧୮୬/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ହଣ୍ଡପା ଥାନା ଅଞ୍ଚଳର ୧୭ ବର୍ଷୀୟା ନାବାଳିକା ଜଣକ ବୁଢ଼ାପଙ୍କ ଅଞ୍ଚଳର ଯୁବକଙ୍କୁ ପ୍ରେମ କରିବା ସହ ତାଙ୍କ ସହିତ ଘରୁ ଚାଲି ଆସିଛନ୍ତି। ତେବେ ନାବାଳିକାଙ୍କ ସନ୍ଧାନ ପାଇବା ପରେ ମାତାପିତା ଆସି ପାଟିତୁଣ୍ଡ କରିଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି।

## ୧୫ ଦଫା ଦାବିରେ ନେପୁର ଗଣଧାରଣା




ଶ୍ରମିକ ସଙ୍ଗଠନ ପକ୍ଷରୁ ଗଣଧାରଣା ଦିଆଯାଇଛି।

ବଅଁରପାଳ,୨୦।୫(ଡି.ଏନ.ଏ.)

ଅନୁଗୋଳ ଜିଲା ନାଲ୍‌କୋ କର୍ତ୍ତୃପକ୍ଷଙ୍କ ଉଦାସୀନତା ଓ ଶ୍ରମିକମାରଣ ନୀତି ବିରୋଧରେ ନେପୁ ଶ୍ରମିକ ସଙ୍ଗଠନ ପକ୍ଷରୁ ଶନିବାର ପ୍ଲାଣ୍ଟ ନିକଟରେ ଗଣଧାରଣା ଦିଆଯାଇଛି। ନେପୁ ସଭାପତି ବ୍ରଜକିଶୋର ପ୍ରଧାନଙ୍କ ନେତୃତ୍ୱରେ ଏହି ଗଣଧାରଣା ଦିଆଯାଇଥିଲା। ବକେୟା ପ୍ରଦାନ ଚୁକ୍ତିନାମା ଅନୁଯାୟୀ ସମସ୍ତ କର୍ମଚାରୀଙ୍କୁ ୟୁନିଫର୍ମ ପ୍ରଦାନ, ବରିଷ୍ଠତା ଭିତ୍ତିରେ ଏରିଅର ପ୍ରଦାନ, ଟାଉନଶିପ୍‌ରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯିବା, ଡିପିଏସ୍ ସ୍କୁଲକୁ ଯାତାୟାତ ପାଇଁ ସବ୍‌ୱେ ନିର୍ମାଣ, ଡିପିଏସ୍ ଓ ଏସ୍‌ଭିଏମ୍‌ରେ ଶିକ୍ଷକ ନିଯୁକ୍ତି, ପ୍ଲାଣ୍ଟରେ ଥିବା ପୁରୁଣା ମେଶିନର ମରାମତି ଆଦି ୧୫ ଦଫା ଦାବିରେ ଏହି ଧାରଣା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ବୈରାଗୀ ସେଠ, ପୃଷ୍ଠପୋଷକ ବିନୋଦ ବିହାରୀ ସେଠ, ଅଜୟ ଦାସ, ଶରତ ବେହେରା, ମାଙ୍ଗିଲାଲ ସାମଲ, ସ୍ୱରୂପ ଗଡ଼ନାୟକ, ଜିତେନ୍ଦ୍ର ଜେନା, ଦୀପକ ସାମନ୍ତ ସିଂ, ନରେଶ ସାହୁ, ରଞ୍ଜନ ରାଉତ, ବିମଳ ସାମନ୍ତ, କାଳିଆ ସେଠ, ଜଗନ୍ନାଥ ସେଠ, ଲୁଲୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଚୋରି ଅଭିଯୋଗରେ ଜଣେ ଗିରଫ

ବଇଣ୍ଡା,୨୦।୫(ଡି.ଏନ.ଏ.)

କିଶୋରନଗର ବ୍ଲକ ହଣ୍ଡପା ଥାନା ହଣ୍ଡପା ଗ୍ରାମର ଶରତ ସାହୁଙ୍କ ଗୁହାଳରୁ ଏକ ବଳଦ ଚୋରି କରିବା ଅଭିଯୋଗରେ ଶୁକ୍ରବାର ପୋଲିସ ଛେଣ୍ଡିପଦା ଥାନା ଡେଉଁରିଆଝରଣ ଗ୍ରାମର ଦୀପୁ ନାୟକଙ୍କୁ ଗିରଫ କରିଛି। ଏ ନେଇ ନମ୍ବର ୧୧୭/୨୩ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ କହିଛି, ଶରତ ତାଙ୍କ ଗୁହାଳରେ ବଳଦ ବାନ୍ଧିଥିବାବେଳେ ଦୀପୁ ବିଳମ୍ବିତ ରାତିରେ ବଳଦ ନେଇ ପଳାଇ ଯାଉଥିଲେ। ସକାଳେ ବଳଦ ନ ପାଇବାରୁ ଶରତ ଖୋଜିଥିବାବେଳେ ବଳଦକୁ ଚଲାଇ ଚଲାଇ ନେଉଥିବା ଦୀପୁଙ୍କୁ କାବୁ କରି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଦୀପୁଙ୍କୁ ଗିରଫ କରିଛି।

## ଚୋରି ମାମଲାରେ ପୋଲିସ ହାତ ଖାଲି

କଣିହାଁ,୨୦।୫(ଡି.ଏନ.ଏ.)

ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲ ଥାନା କୁଲେଇଠାରେ ଥିବା ଜନସେବା କେନ୍ଦ୍ରରୁ ଚୋରି ଘଟଣାକୁ ୧୦ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଏଯାଏ ଦୁର୍ବୃତ୍ତମାନଙ୍କ ନିକଟରେ ପହଞ୍ଚିପାରି ନାହିଁ। ପ୍ରକାଶ ଯେ, ଗତ ୯ ତାରିଖ ବିଳମ୍ବିତ ରାତିରେ କୁଲେଇଠାରେ ଥିବା ଜନସେବା କେନ୍ଦ୍ରରୁ ସମସ୍ତ କମ୍ପ୍ୟୁଟର ସାମଗ୍ରୀ ଓ ୩୦୦୦ ଟଙ୍କା ଚୋରି ହୋଇଥିଲା। ଏ ନେଇ ଜନସେବା କେନ୍ଦ୍ର ମାଲିକଙ୍କ ଅଭିଯୋଗ କ୍ରମେ ପୋଲିସ ନଂ.୧୩୪/୨୩ରେ ମାମଲା ରୁଜୁ କରିଥିଲା। ଏହି ଜନସେବା କେନ୍ଦ୍ର ଉପରେ କୁଲେଇ ପଞ୍ଚାୟତର ୫ ହଜାରରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରୁଛନ୍ତି। କିନ୍ତୁ ଚୋରି ହେବା ପରେ ଜନସେବା କେନ୍ଦ୍ର ବନ୍ଦ ଥିବାରୁ ଲୋକମାନେ ଆଧାରକାର୍ଡ ତ୍ରୁଟି ସଂଶୋଧନ, ଶ୍ରମିକ କାର୍ଡ, ସ୍ୱାସ୍ଥ୍ୟ କାର୍ଡ ଆଦି କରିପାରୁ ନାହାନ୍ତି। ପୋଲିସ ତୁରନ୍ତ ସମ୍ପୃକ୍ତ ଦୁର୍ବୃତ୍ତମାନଙ୍କୁ ଗିରଫ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସେହିପରି ପୂର୍ବରୁ ମଧ୍ୟ ସମାନ ଢଙ୍ଗରେ ସମଲ ବିଦ୍ୟୁତ୍ କାର୍ଯ୍ୟାଳୟରୁ କମ୍ପ୍ୟୁଟର ସାମଗ୍ରୀ ଚୋରି ହୋଇଥିଲା। କିନ୍ତୁ ଏଯାଏ ଦୁର୍ବୃତ୍ତଙ୍କୁ ପୋଲିସ ଗିରଫ କରିପାରି ନାହିଁ। ରାତିରେ ପାଟ୍ରୋଲିଂ କଡ଼ାକଡ଼ି କରାଗଲେ ଏପରି ଆପରାଧିକ କାର୍ଯ୍ୟକଳାପକୁ ଅନେକାଂଶରେ ରୋକାଯାଇପାରନ୍ତା ବୋଲି ସ୍ଥାନୀୟ ଲୋକେ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ପୋଲିସ ଘଟଣାର ତଦନ୍ତ ଚାଲିଥିବା କହିଛି।

## ୧୬ ଉଚ୍ଚ ବିଦ୍ୟାଳୟକୁ ପଟ୍ଟା ବଣ୍ଟନ

ଅନୁଗୋଳ ଅଫିସ, ୨୦।୫

ଅନୁଗୋଳ ବ୍ଲକରେ ଥିବା ୩୮ଟି ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟରେ ସରକାରଙ୍କ ତରଫରୁ ପ୍ରଚଳିତ ବିଭିନ୍ନ ଯୋଜନାର ଏକ ସମୀକ୍ଷା ବୈଠକ ଅନୁଗୋଳ ଉପଜିଲାପାଳ ବୈତୁରା ଦୀପଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମେତ ପଟ୍ଟା ସଂଶୋଧନ, ମୋ ସ୍କୁଲ ଅଭିଯାନ, ଜାତିଗତ ପ୍ରମାଣପତ୍ର, ସ୍କଲାରଶିପ୍, ଭିତ୍ତିଭୂମି, ପାନୀୟ ଜଳ ଯୋଗାଣ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ବୈଠକରେ ୧୬ଟି ଉଚ୍ଚ ବିଦ୍ୟାଳୟକୁ ଉପଜିଲାପାଳ ପଟ୍ଟା ବଣ୍ଟନ କରିଥିଲେ। ପଟ୍ଟା ପାଇବା ପାଇଁ ଆବେଦନ କରିଥିବା ବିଦ୍ୟାଳୟଗୁଡ଼ିକୁ ଶୀଘ୍ର ପଟ୍ଟା ପ୍ରଦାନ କରାଯିବ ବୋଲି ଉପଜିଲାପାଳ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ଅମ୍ଳାନ ଅପରାଜିତା ମିଶ୍ର, ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ସିଂଙ୍କ ସମେତ ଉଚ୍ଚ ବିଦ୍ୟାଳୟରୁ ଆସିଥିବା ପ୍ରଧାନ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷକମାନେ ଯୋଗଦେଇଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଅକ୍ଷୟ କୁମାର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନଙ୍କ ସମେତ ଅନ୍ୟମାନେ।

## ଖଣି ଶ୍ରମିକଙ୍କ ବେତନ ଚୁକ୍ତିନାମା ସ୍ୱାକ୍ଷର

ତାଳଚେର, ୨୦।୫ (ନି.ପ୍ର.)

ଅନୁଗୋଳ ଜିଲା ତାଳଚେରସ୍ଥିତ ଏମ୍‌ସିଏଲ୍‌ରେ କାର୍ଯ୍ୟରତ ଖଣି ଶ୍ରମିକମାନଙ୍କ ୧୧ ତମ ବେତନ ଚୁକ୍ତିନାମା ଗତ ୨୦ ତାରିଖରେ କୋଲକାତାଠାରେ ସ୍ୱାକ୍ଷର ହୋଇଛି। ୧୦ ଥର ବୈଠକ ବସିବା ପରେ ଏହି ବେତନ ଚୁକ୍ତିନାମା ସମ୍ପନ୍ନ ହୋଇଛି। ତେବେ ଉକ୍ତ ବୈଠକଗୁଡ଼ିକ ମଧ୍ୟରୁ ଆଇଏନ୍‌ଟିୟୁସି ୮ଟି ବୈଠକରେ ଅଂଶଗ୍ରହଣ କରି ନ ଥିଲା। କଲିକତା ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୯ମ ଓ ୧୦ମ ବୈଠକରେ ଆଇଏନ୍‌ଟିୟୁସି ସାମିଲ ହୋଇଥିଲା। ଉକ୍ତ ବୈଠକରେ ଓଡ଼ିଶା କଲିୟରୀ ମଜଦୁର ସଂଘ (ଆଇଏନ୍‌ଟିୟୁସି)ର ସାଧାରଣ ସମ୍ପାଦକ ସୌଭାଗ୍ୟ ଚନ୍ଦ୍ର ପ୍ରଧାନ କୋଇଲା ଉଦ୍ୟୋଗ ଦ୍ୱିପାକ୍ଷିକ ସମିତି (ଜେବିସିସିଆଇ) ମେମ୍ବର ମୁଖ୍ୟ ଭାବେ ଯୋଗଦେଇ ଏହି ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। ଏହି ଚୁକ୍ତିନାମାକୁ ନେଇ କୋଇଲା ଖଣି ଶ୍ରମିକମାନଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଚୁକ୍ତିନାମା ଅନୁଯାୟୀ, ସମସ୍ତ କୋଇଲା ଖଣି ଶ୍ରମିକ ୩୦ ଜୁନ ୨୦୨୧ରେ ପାଉଥିବା ମୂଳ ଦରମା, ଡିଏ, ସ୍ପେଶିଆଲ ଡିଏ ଓ ଆଟେଣ୍ଡାନ୍ସ ବୋନସ ଉପରେ ସର୍ବନିମ୍ନ ୧୯ ପ୍ରତିଶତ ବୃଦ୍ଧି, ଅଣ୍ଡରଗ୍ରାଉଣ୍ଡ ଆଲାଉନ୍ସ ୧୧.୨୫%, ସ୍ପେଶିଆଲ ଆଲାଉନ୍ସ ୫% ଓ ଏଚ୍‌ଆର୍‌ଏ ୨.୫% ୧ ଜୁଲାଇ ୨୦୨୧ ଠାରୁ ୫ ବର୍ଷ ପାଇଁ ଲାଗୁ ହେବ। ସମସ୍ତ ଆଲାଉନ୍ସ ଉପରେ ୨୫% ବୃଦ୍ଧି, ନାଇଟ୍ ସିଫ୍ଟ ଆଲାଉନ୍ସ ୫୦ ଟଙ୍କାକୁ ବୃଦ୍ଧି, ସିକ୍ ଲିଭ୍ ୧୫୦ ଦିନ ପର୍ଯ୍ୟନ୍ତ ସଞ୍ଚୟ ହେବ, ଆମ୍ବେଡକର ଜୟନ୍ତୀକୁ ମିଶାଇ ବର୍ଷରେ ୯ ଦିନ ସବେତନ ଛୁଟି, ଏଲ୍‌ଟିସି/ଏଲ୍‌ଏଲ୍‌ଟିସି ୧୦ ହଜାର ଟଙ୍କା ଓ ୧୫ହଜାର ଟଙ୍କାକୁ ବୃଦ୍ଧି। ଶ୍ରମିକଙ୍କ ଦେହାନ୍ତ ହେଲେ ୧୨ ବର୍ଷର ଝିଅକୁ ମଧ୍ୟ ୧୮ ବର୍ଷ ପରେ ଚାକିରି, ସ୍ୱାମୀ ଓ ସ୍ତ୍ରୀଙ୍କ ଦେହାନ୍ତ ହେଲେ ପ୍ରଥମ ସନ୍ତାନଙ୍କୁ ୫୦ ପ୍ରତିଶତ ମନିଟାରି କନେକ୍ସନ, ଲାଇଫ କଭର ସ୍କିମ୍ ୧ଲକ୍ଷ ୫୬ ହଜାର ୨୫୦ ଟଙ୍କା ଓ ଅନ୍ୟାନ୍ୟ ବିଷୟ ଉପରେ ଷ୍ଟାଣ୍ଡାଡାଇଜେଶନ କମିଟିରେ ପରାମର୍ଶ କରି ନିଷ୍ପତ୍ତି ନିଆଯିବ ବୋଲି ଚୁକ୍ତିନାମାରେ ରହିଥିବା ସୂଚନା ମିଳିଛି।




ଖଣି ଶ୍ରମିକମାନଙ୍କ ୧୧ ତମ ବେତନ ଚୁକ୍ତିନାମା ସ୍ୱାକ୍ଷର କରାଯାଉଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ମେ' ୨୧/୨୦୨୩ | Bhubaneswar, Sunday, May 21/2023 | ପୃଷ୍ଠା-୧

**ରତୁରାଜ ପ୍ଲେୟର ଅଫ୍ ଦି ମ୍ୟାଚ**
ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି ଚେନ୍ନାଇ ସୁପର କିଙ୍ଗ୍ସର ରତୁରାଜ ଗାଏକ୍ୱାଡ଼। ୧୩

୧୦ **କଳା ଚଷମା ପିନ୍ଧି ଆୟୁଷ୍ମାନ ଟ୍ରୋଲ୍**
ବାପାଙ୍କ ଶେଷକୃତ୍ୟ ସମୟରେ ଅଭିନେତା ଆୟୁଷ୍ମାନ ଖୁରାନା କଳା ଚଷମା ପିନ୍ଧିଥିବାରୁ ତାଙ୍କୁ ଟ୍ରୋଲ ହେବାକୁ ପଡିଛି।



୨୪ ନଭେମ୍ବର ୨୦୨୩ରେ ଧରିତ୍ରୀ ୫୦ ବର୍ଷରେ ପଦାର୍ପଣ କରିବାକୁ ଯାଉଛି। ସୁବର୍ଣ୍ଣ ଜୟନ୍ତୀ ସମାରୋହ ପୂର୍ବରୁ ଧରିତ୍ରୀ କାର୍ଯ୍ୟାଳୟ ପରିସରରେ 'ଗୋଲ୍ଡେନ୍ ଜୁବିଲି ଲୋଗୋ'କୁ ଶନିବାର ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଉନ୍ମୋଚନ କରୁଛନ୍ତି। ଏହି ଅବସରରେ ଉପସ୍ଥିତ ଧରିତ୍ରୀ ପରିବାର ସଦସ୍ୟ।

# ଶପଥ ଉତ୍ସବରେ ବିରୋଧୀ ଏକଜୁଟ

## କର୍ଣ୍ଣାଟକରେ କଂଗ୍ରେସ ସରକାର

**ବେଙ୍ଗାଲୁରୁ, ୨୦।୫(ପି.ଟି.)**

୨୦୨୪ ସାଧାରଣ ନିର୍ବାଚନକୁ ବର୍ଷେରୁ କମ୍ ସମୟ ଥିବାବେଳେ ଦକ୍ଷିଣ ଭାରତୀୟ ରାଜ୍ୟ କର୍ଣ୍ଣାଟକରେ ଭାଜପା ହାତରୁ କଂଗ୍ରେସ ଶାସନ କ୍ଷମତା ଛଡ଼ାଇନେଇଛି। ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ମୁଖ୍ୟମନ୍ତ୍ରୀ ଏବଂ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଡି.କେ. ଶିବକୁମାର ଉପମୁଖ୍ୟମନ୍ତ୍ରୀ ଭାବେ ଶନିବାର ଅପରାହ୍ଣରେ ଶପଥ ନେଇଛନ୍ତି। ବେଙ୍ଗାଲୁରୁସ୍ଥିତ କାନ୍ତିରାଭା ଷ୍ଟାଡିୟମରେ ଆୟୋଜିତ ଏହି ଶପଥ ଗ୍ରହଣ ଉତ୍ସବରେ ବିରୋଧୀ ଦଳଗୁଡ଼ିକର ନେତାମାନେ ଏକାଠି ହୋଇ ଶକ୍ତି ପ୍ରଦର୍ଶନ କରିଛନ୍ତି। ଜାତୀୟ ସ୍ତରରେ ଭାଜପା ବିପକ୍ଷରେ ମେଣ୍ଟ ଗଢ଼ିବା ପାଇଁ ବିରୋଧୀ ଦଳଗୁଡ଼ିକ ଉଦ୍ୟମ ଚଳାଇଥିବାବେଳେ ଏହି ମେଳିରୁ ସେମାନେ ଏକତାର ସନ୍ଦେଶ ଦେଇଛନ୍ତି। କର୍ଣ୍ଣାଟକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୀର୍ଘ ସମୟ ଧରି ପ୍ରଚାର କରିବା ସତ୍ତ୍ୱେ ଭାଜପାକୁ ଶୋଚନୀୟ ପରାଜୟର ମୁହଁ ଦେଖିବାକୁ ପଡ଼ିଛି। ମୋଦି ଅପରାଜେୟ ନୁହନ୍ତି ବୋଲି କର୍ଣ୍ଣାଟକ ଫଳାଫଳ ପ୍ରମାଣିତ କରିଥିବାରୁ ବିରୋଧୀ ଏକତା ଆଗକୁ ଭାଜପାର ବିଜୟକୁ ଦେଶବ୍ୟାପୀ ଅଟକାଇବା ଧାରଣା ଦୃଢ଼ୀଭୂତ ହୋଇଛି। ☞ପୃଷ୍ଠା-୨

# ଯୁକ୍ତ୨ ସିଟ ସଂଖ୍ୟା ବଢ଼ିବ

**ଭୁବନେଶ୍ୱର, ୨୦।୫(ବ୍ୟୁରୋ)**


ଚଳିତବର୍ଷ ଯୁକ୍ତ୨ ସିଟ ସଂଖ୍ୟା ବୃଦ୍ଧି କରିବାକୁ ରାଜ୍ୟ ସରକାର ଚିନ୍ତା କରୁଛନ୍ତି। ଜିଲାର ଆବଶ୍ୟକତା ଦେଖି ସିଟ ବଢ଼ାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ପ୍ରମିଳା ମଲ୍ଲିକ ଶନିବାର ସୂଚନା ଦେଇଛନ୍ତି। ବିଶେଷକରି ପ୍ରଥମ ବର୍ଷ ସିଟ ବୃଦ୍ଧି ନେଇ ସୋମବାର ବିଭାଗୀୟ ବୈଠକ ବସିବ। ବୈଠକରେ ଯୁକ୍ତ୨ ନାମଲେଖା ନେଇ ବିସ୍ତୃତ ଆଲୋଚନା ହେବା ସହ ସିଟ ସଂଖ୍ୟା ବୃଦ୍ଧି ନେଇ ନିଷ୍ପତ୍ତି ନିଆଯିବ। ଚଳିତବର୍ଷ ମାଟ୍ରିକ ପରୀକ୍ଷାଫଳ ସିବିଏସ୍ଇ ଓ ଆଇସିଏସ୍ଇକୁ ପଛରେ ପକାଇ ଦେଇଛି। ତେଣୁ ଯୁକ୍ତ୨ ସିଟ ସଂଖ୍ୟା ନ ବଢ଼ିଲେ ଛାତ୍ରୀଛାତ୍ର ☞ପୃଷ୍ଠା-୨

**ହୀରାକୁଦ ଡ୍ୟାମ୍ ବୁଲିଲା ମହାନଦୀ ଟ୍ରିବ୍ୟୁନାଲ ଟିମ୍**
୩

**ଆଜିର ସମ୍ପାଦକୀୟ**
**ବିଜୟର ରହସ୍ୟ**







**ଆଜିର ମନ୍ତବ୍ୟ**

"କର୍ଣ୍ଣାଟକବାସୀ ଭାଜପାର ବିଭାଜନବାଦୀ ରାଜନୀତିକୁ ପ୍ରତ୍ୟାଖ୍ୟାନ କରି ଗରିବଙ୍କ ସପକ୍ଷବାଦୀ ସରକାର ଗଠନ ପାଇଁ ଜନାଦେଶ ଦେଇଛନ୍ତି। **-ସୋନିଆ ଗାନ୍ଧୀ, କଂଗ୍ରେସ ନେତା**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗଙ୍ଗା ଗଲି ଯେତିକି**
**ଫଳ ପାଇଲି ସେତିକି ।**

ଯେଉଁ ଯାତ୍ରା ବା କାର୍ଯ୍ୟରେ ବ୍ୟକ୍ତିକୁ ଲାଭ ବଦଳରେ କ୍ଷତି ମିଳିଥାଏ ବା ପ୍ରଶଂସା ବଦଳରେ ନିନ୍ଦା ମିଳିଥାଏ, ସେ ଯାତ୍ରା ବା କାର୍ଯ୍ୟ ପ୍ରତି ବ୍ୟକ୍ତିର ମନ ଛାଡିଯାଇଥାଏ। ତିକ୍ତ ଅଭିଜ୍ଞତା ବ୍ୟକ୍ତିର ମନକୁ ଭାଙ୍ଗିଦେଇଥାଏ ବା ଫିକା କରିଦେଇଥାଏ। ଫଳ ନିଷ୍ଫଳ ହୋଇଯିବାର ପ୍ରକାରାନ୍ତରେ ଅଭିମାନ ପୋଷଣ କରାଯିବା ନେଇ ଏଭଳି ମନ୍ତବ୍ୟ ପ୍ରଦାନ କରାଯାଇଛି।

**ଗହମ ଖାଇଲା ପୋକ;**
**କାହୁଁ ଆସିଥିଲା ହୁଣ୍ଡା ରସିକ,**
**ଘର ଯାକ ପାନପିକ।**

ଅଲାଜୁକ ରସିକ। ରସିକପଣିଆ ଦେଖେଇ ହେଉଥିବା ବ୍ୟକ୍ତିର ଦୃଷ୍ଟିଭଙ୍ଗୀ ତଥା ଆଚରଣ ନିରସ ହୋଇଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



କଳାହାଣ୍ଡି ଜିଲା କୋକସରା ବ୍ଲକ ଡୋକରୀଚଞ୍ଚରାରେ ୫-ଟି ସଚିବ ଭି.କେ ପାଣ୍ଡିଆନଙ୍କୁ ଏସ୍‌ଏଚଜି ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ପିଠା ଭେଟି ଦିଆଯାଉଛି।

# ଜଳିଗଲା ମୋ ବସ୍



ରାଉରକେଲା ଟିସିଆଇ ଛକରେ ଜଳୁଥିବା ମୋ ବସ୍।

## ସ୍ପଷ୍ଟୀକରଣ ଦେଲେ କ୍ରୁଟ୍ କର୍ତ୍ତୃପକ୍ଷ

**ରାଉରକେଲା ଅଫିସ,୨୦।୫**

ରାଉରକେଲା ଟିସିଆଇ ଛକରେ ଶନିବାର ସକାଳ ୧୦ଟା ବେଳେ ଗୋଟିଏ ମୋ ବସ୍ ସମ୍ପୂର୍ଣ୍ଣ ଜଳିଯାଇଛି। ଉକ୍ତ ବସ୍ ପାନପୋଷରୁ ବେଦବ୍ୟାସ ଯାଉଥିବା ବେଳେ ଏଭଳି ଅଘଟଣ ଘଟିଛି। ଅଗ୍ନିକାଣ୍ଡ ସମୟରେ ବସ୍‌ରେ କେହି ଯାତ୍ରୀ ନ ଥିବାରୁ କୌଣସି ଜୀବନ ହାନି ହୋଇନାହିଁ। ତେବେ ଏହି ଘଟଣାରେ ତଦନ୍ତ ଚାଲିଥିବା ରାଉରକେଲା ଏଡିଏମ୍ ଶୁଭଙ୍କର ମହାପାତ୍ର କହିଛନ୍ତି। ଅନ୍ୟପକ୍ଷେ ଏହି ଘଟଣାକୁ ନେଇ କ୍ରୁଟ୍ (କ୍ୟାପିଟାଲ ରିଜନ୍ ଅର୍ବାନ ଟ୍ରାନ୍ସପୋର୍ଟ) ପକ୍ଷରୁ ଦୁଃଖ ପ୍ରକାଶ କରାଯିବା ସହ ସ୍ପଷ୍ଟୀକରଣ ଜାରି କରାଯାଇଛି। ଡ୍ୟୁଟିରେ ଥିବା ମୋ ବସ୍ ଡ୍ରାଇଭର ବସ୍ (ନଂ.ଓଡି୧୪ଏବି/୬୬୭୬)ରୁ ଧୂଆଁ ବାହାରୁଥିବା ଲକ୍ଷ୍ୟ କରିଥିଲେ। ତୁରନ୍ତ ଏ ବିଷୟରେ ସେ ରୁଟ୍‌ର ସୁପରଭାଇଜରଙ୍କୁ ଅବଗତ କରାଇଥିଲେ। ସମ୍ପୃକ୍ତ ସୁପରଭାଇଜର ଅନ୍ୟ ଏକ ବସ୍ ପଠାଇଥିଲେ ଏବଂ ସମସ୍ତ ଯାତ୍ରୀଙ୍କୁ ନେଇ ଅନ୍ୟ ବସ୍‌ଟି ଯାତ୍ରା କରିଥିଲା। ଧୂଆଁ ବାହାରୁଥିବା ବସ୍‌କୁ ମରାମତି ପାଇଁ ଡିପୋକୁ ନିଆଯାଉଥିବାବେଳେ ହଠାତ୍ ସେଥିରେ ନିଆଁ ଲାଗିଯାଇଥିଲା। ତୁରନ୍ତ ଜରୁରୀକାଳୀନ ସେବାକୁ ଅବଗତ କରାଯାଇଥିଲା ଏବଂ ଅଗ୍ନିଶମ ବିଭାଗ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଘଟଣା ଜାଣିବା ପରେ କ୍ରୁଟ୍ ପକ୍ଷରୁ ଜରୁରୀକାଳୀନ ବୈଠକ ଡକାଯାଇଥିଲା। ଘଟଣାଟି କାହିଁକି ଘଟିଲା ଏବଂ ପରେ ଯେପରି ଏହାର ପୁନରାବୃତ୍ତି ନ ହୁଏ ସେ ନେଇ ଆଲୋଚନା କରାଯାଇଥିଲା। ଘଟଣା ସମ୍ପର୍କରେ ସବିଶେଷ ଜାଣିବା ପାଇଁ ଟାଟା ମୋଟର୍ସର ଏକ ଟିମ୍ ରାଉରକେଲା ଅଭିମୁଖେ ଯାଇଛନ୍ତି। ଏଥିସହ ଘଟଣା ସହିତ କାହାର ସମ୍ପର୍କ ଅଛି କି ନାହିଁ ସେ ବିଷୟରେ ତଦନ୍ତ କରିବା ପାଇଁ କ୍ରୁଟ୍ ପକ୍ଷରୁ ପୋଲିସକୁ ଅନୁରୋଧ କରାଯାଇଛି।

# କନ୍‌ଷ୍ଟେବଲଙ୍କ ଝୁଲନ୍ତା ମୃତଦେହ ଜବତ

**ଢେଙ୍କିକୋଟ/ ଘଟଗାଁ,୨୦।୫(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଘଟଗାଁ ଥାନା ଅନ୍ତର୍ଗତ ବାଲିପୋଖରୀ ପଞ୍ଚାୟତ ହାତୀନୋଟା ଗ୍ରାମରେ ଜଣେ କନ୍‌ଷ୍ଟେବଲଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ଗ୍ରାମର ପ୍ରେମାନନ୍ଦ ନାୟକ (୩୦)। ସେ ଏସ୍‌ପିଓ(ସ୍ପେଶିଆଲ ପୋଲିସ ଅଫିସର) ଭାବେ ଭଦ୍ରକ ଟାଉନ ଥାନାରେ କାର୍ଯ୍ୟରତ ଥିଲେ। କିଛିଦିନ ହେଲା କାର୍ଯ୍ୟରେ ଯୋଗ ନ ଦେଇ ଘରେ ହିଁ ରହୁଥିଲେ। ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ପ୍ରେମାନନ୍ଦ ଖାଇପିଇ ପରିବାର ସହ ଶୋଇଥିଲେ। ବିଳମ୍ବିତ ରାତିରେ ଘର ଅଗଣାରେ ଥିବା ସଜନାଗଛରେ ଚଢ଼ି ବେକରେ ରଶି ଦେଇ ଝୁଲି ପଡ଼ିଥିଲେ। ଖବର ପାଇ ଘଟଗାଁ ଥାନା ସବ୍‌ଇନ୍ସପେକ୍ଟର ତପନ କୁମାର ଜେନା ସଦଳବଳ ପହଞ୍ଚି ମୃତଦେହ ଜବତ କରିଥିଲେ। ଘଟଗାଁ ଥାନାରେ (ନଂ.୨୩/୨୩) ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତ୍ୟୁର କାରଣ ଜଣାପଡ଼ିନାହିଁ। ବ୍ୟବଚ୍ଛେଦ ପାଇଁ ପାଟଣା ଡାକ୍ତରଖାନା ପଠାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ପ୍ରତିଭା ସାହୁ ପ୍ରକାଶ କରିଛନ୍ତି। ଘରେ ତାଙ୍କ ସ୍ତ୍ରୀ, ଜଣେ ୫ ବର୍ଷର ଭିନ୍ନକ୍ଷମ ପୁଅ ଓ ୩ ବର୍ଷର ଝିଅ ଅଛନ୍ତି।

# ବିଦ୍ୟୁତ୍ ସେବା ଅପହଞ୍ଚ: ମୋବାଇଲ ଆଲୁଅରେ ରୋଗୀଙ୍କୁ ଇଞ୍ଜେକ୍‌ଶନ



ଶୁକ୍ରବାର ରାତିରେ ବରଗଡ଼ ସହରାଞ୍ଚଳ ଡାକ୍ତରଖାନାରେ ମୋବାଇଲ ଟର୍ଚ୍ଚ ସହାୟତାରେ ରୋଗୀଙ୍କୁ ଇଞ୍ଜେକ୍ସନ ଦିଆଯାଉଛି।

**ବରଗଡ଼ ଅଫିସ୍,୨୦।୫**

ବରଗଡ଼ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅନେକ ସମୟରେ ବିଦ୍ୟୁତ ସେବା ଅପହଞ୍ଚ ହୋଇ ପଡୁଛି। ଫଳରେ ଅନ୍ଧାରରେ ମୋବାଇଲ ଟର୍ଚ୍ଚ ବ୍ୟବହାର କରି ରୋଗୀସେବା କରାଯିବା ଭଳି ଘଟଣା ସାମ୍ନାକୁ ଆସିଛି। ଶୁକ୍ରବାର ରାତିରେ ବିଦ୍ୟୁତ କାଟ୍ ଯୋଗୁ ଦୀର୍ଘ ସମୟ ଧରି ଅନ୍ଧାରରେ ରୋଗୀଙ୍କୁ ଡାକ୍ତରଖାନାରେ ରହିବାକୁ ପଡ଼ିଥିଲା। କେବଳ ସେତିକି ନୁହେଁ, ସ୍ୱାସ୍ଥ୍ୟକର୍ମୀମାନେ ମୋବାଇଲ ଟର୍ଚ୍ଚ ସାହାଯ୍ୟରେ ରୋଗୀଙ୍କୁ ଇଞ୍ଜେକ୍ସନ, ସାଲାଇନ ଦେଉଥିବା ଦେଖିବାକୁ ମିଳିଥିଲା। ବିଦ୍ୟୁତ କାଟ୍ ହେଲେ ବିକଳ୍ପ ଭାବେ ଉକ୍ତ ଡାକ୍ତରଖାନାରେ ଏକ ଜେନେରେଟର ରହିଛି। ମାତ୍ର ତାହା ବି ଚାଲି ନ ଥିଲା। ଫଳରେ ମୋବାଇଲ ଟର୍ଚ୍ଚରେ ଚିକିତ୍ସା ଚାଲିଥିଲା। ଅନ୍ୟପଟେ ଗୁଳୁଗୁଳି ଯୋଗୁ ରୋଗୀ ଏବଂ ସେମାନଙ୍କ ଆଟେଣ୍ଡାଣ୍ଟମାନଙ୍କୁ ଖୁବ୍ ହଟହଟା ହେବାକୁ ପଡ଼ିଥିଲା। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଚାରୁବାଳା ରଥ କହିଛନ୍ତି, ଜେନେରେଟର ତେଲ ସରି ଯାଇଥିବା ଯୋଗୁ ସେଭଳି ସମସ୍ୟା ଉପୁଜିଥିଲା। ଜେନେରେଟରରେ ତେଲ ଭରାଯିବା ପରେ ସମସ୍ୟା ଦୂର ହୋଇଥିଲା। ତେବେ ଆଗକୁ ଯେଭଳି ଏହି ସମସ୍ୟାର ପୁନରାବୃତ୍ତି ନ ହେବ, ସେଥିପାଇଁ ବିଭାଗୀୟ କର୍ମଚାରୀଙ୍କୁ ତାଗିଦ କରାଯିବ ବୋଲି ସେ କହିଥିଲେ।

# ୧କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଅଳଙ୍କାର, ୧୫ ଲକ୍ଷ ଟଙ୍କା ଜବତ

## ୟୁନିୟନ ବ୍ୟାଙ୍କରୁ ଠକେଇ ଘଟଣାରେ ଇଡି ଚଢ଼ାଉ

**ଭୁବନେଶ୍ୱର,୨୦।୫(ବ୍ୟୁରୋ)**

ୟୁନିୟନ ବ୍ୟାଙ୍କରୁ ଋଣ ଠକେଇ ମାମଲାରେ ସହରର ୨ଟି ରିଅଲ ଇଷ୍ଟେଟ ସଂସ୍ଥାର ବିଭିନ୍ନ ବାଣିଜ୍ୟିକ ଏବଂ ଆବାସିକ ସମ୍ପତ୍ତି ଉପରେ ଚଢ଼ାଉବେଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ୧.୯୭୮ କେଜି ସୁନା (ଯାହାର ମୂଲ୍ୟ ୧.୩ କୋଟି ଟଙ୍କା),୧୫ ଲକ୍ଷ ଟଙ୍କା ଓ ବିଭିନ୍ନ କାଗଜପତ୍ର ଜବତ କରିଛି। କଟକ ରୋଡ୍‌ରେ ଥିବା ସୁରନାଗ୍ ବିଲ୍ଡର୍ସ ପ୍ରାଇଭେଟ୍ ଲିମିଟେଡ୍ ଉପରେ ଚଢ଼ାଉ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)। ଏହି ସମୟରେ ବହୁ କାଗଜପତ୍ର ଜବତ ମଧ୍ୟ କରାଯାଇଛି। ବ୍ୟାଙ୍କରୁ ସାଢ଼େ ୨୪କୋଟିରୁ ଅଧିକ ଟଙ୍କା ଠକେଇ ଘଟଣାରେ ଏହି ସଂସ୍ଥାର ଲିଙ୍କ୍ ମିଳିବା ପରେ ଚଢ଼ାଉ ହୋଇଥିଲା। ଖାଲି କଟକ ରୋଡରେ ନୁହେଁ ମୋଟ ୮ଟି ସ୍ଥାନରେ ଚଢ଼ାଉ ହୋଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ) ଭୁବନେଶ୍ୱର ଆଞ୍ଚଳିକ ଡେପୁଟି ଜେନେରାଲ ମ୍ୟାନେଜର ତଥା ତତ୍କାଳୀନ ଡେପୁଟି ଜେନେରାଲ ମ୍ୟାନେଜର ରୂପଲାଲ ମୀନାଙ୍କ ଅଭିଯୋଗ ଆଧାରରେ କେନ୍ଦ୍ରୀୟ ଅନୁସନ୍ଧାନ ବ୍ୟୁରୋ(ସିବିଆଇ)ରେ ତିନୋଟି ପୃଥକ ମାମଲା ପଞ୍ଜିକୃତ ହୋଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - କର୍ମକ୍ଷେତ୍ରରୁ ଉଚ୍ଚ ପଦାଧିକାରୀଙ୍କ ସାହାଯ୍ୟ ଓ ସହଯୋଗର ଅବାରିତ ଧାରା ମନକୁ ପ୍ରଫୁଲ୍ଲିତ କରିବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ଶିଥିଳତା ପରିଲକ୍ଷିତ ହେଲେ ମଧ୍ୟ ଲାଭ କିଛି ଊଣା ହେବନି। ଉଚ୍ଚସ୍ଥ ଚନ୍ଦ୍ର ଯୋଗୁ ପରିବାରରେ ଅଶାନ୍ତି ଦୂର ହେବା ପାଇଁ ବନ୍ଧୁଙ୍କ ସାହାଯ୍ୟ ନେଇପାରନ୍ତି।

**ବୃଷ** - ରବି ଯୁକ୍ତ ଚନ୍ଦ୍ର ହେତୁ କୌଣସି ଭୁଲ୍ କାମ କରି ଅନୁତପ୍ତ ହୋଇପାରନ୍ତି। କର୍ମକ୍ଷେତ୍ର ମନ୍ଦ ନ ହେଲେ ମଧ୍ୟ ଶାନ୍ତିପ୍ରଦ ହୋଇ ନ ପାରେ। ଆଜି ଅଫିସରେ ପରିସ୍ଥିତିକୁ ସ୍ୱାଭାବିକ କରିବା ମାନସରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ସାହିତ୍ୟ, ସାମ୍ବାଦିକତା, ଆଲୋଚନା, ଯୋଗାଯୋଗ ଓ ଚୁକ୍ତିପତ୍ର ସମ୍ପାଦନ କ୍ଷେତ୍ରରେ ସୁଫଳ ପାଇବେ।

**ମିଥୁନ** - ଶୁକ୍ରଙ୍କ ସୁପ୍ରଭାବରୁ ଦିନଟି ଭଲରେ ଭଲରେ ଅତିବାହିତ ହେବ। ହସଖୁସି ଓ ମଜାମଉଜର ପରିବେଶ ମଧ୍ୟରେ ନିଜର ସ୍ଥିତିକୁ ମଧ୍ୟ ପାସୋରି ଦେଇ ପାରନ୍ତି। ଶୁଭେଚ୍ଛୁମାନଙ୍କ ଦ୍ୱାରା ପ୍ରଶଂସା ପାଇବା ସମୟରେ ନିନ୍ଦୁକ ଗୋଷ୍ଠୀ କୁତ୍ସାରଟନା କରିପାରନ୍ତି। ଅର୍ଥାଭାବ ନ ଥିଲେ ମଧ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ଅଭାବ ପରିଲକ୍ଷିତ ହେବ।

**କର୍କଟ** - ଏକାଦଶସ୍ଥ ଚନ୍ଦ୍ର ହେତୁ ମାନସିକ ସ୍ଥିତି ଭଲ ରହିବ ଏବଂ ରବିଙ୍କ ସୁପ୍ରଭାବରେ ଆର୍ଥିକ ଅଭିବୃଦ୍ଧି ଘଟିବ। ଶିଳ୍ପ, ବାଣିଜ୍ୟ, ଯାତ୍ରା, ରାଜନୀତି, ପ୍ରଶାସନ କ୍ଷେତ୍ରରେ ସମସ୍ୟା ସୁଧାରି ନେବା ପାଇଁ ପ୍ରଯତ୍ନ କରିବେ। ପରୋକ୍ଷ ଶତ୍ରୁତା କାରଣରୁ ମାନସିକ ଚାପଗ୍ରସ୍ତ ହୋଇପାରନ୍ତି। ବନ୍ଧୁଙ୍କ ସହ ଦୂରଯାତ୍ରା କରିବା ସକାଶେ ମନ ବଳାଇବେ।

**ସିଂହ** - ରାଶ୍ୟାଧିପତି କର୍ମ ଭାବରେ ଥିବାରୁ ଧୈର୍ଯ୍ୟର ସହ ପ୍ରତ୍ୟେକ ପରିସ୍ଥିତିର ସଫଳ ମୁକାବିଲା କରିବେ। ବନ୍ଧୁଙ୍କ କଥାରେ ବିଶ୍ୱାସ କରି ନିର୍ଦ୍ଦିଷ୍ଟ ସମୟରେ ନିରାଶ ହେବାକୁ ପଡ଼ିବ। ସଭାସମିତିରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଜମିଜମା, କଚେରି ମାମଲା, ପରିବହନ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରୁ ଉପକୃତ ହେବେ।

**କନ୍ୟା** - ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ମାନସିକ ସୁସ୍ଥତା ରହିନପାରେ। କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ରାହୁଯୁକ୍ତ ଚତୁର୍ଥାଧିପତି କାରଣରୁ ପାରିବାରିକ କ୍ଷେତ୍ରରେ ଖର୍ଚ୍ଚଭାର ଯୋଗୁଁ ଚିନ୍ତାପ୍ରକଟ କରିବେ। ଆଗାମୀ ମାଙ୍ଗଳିକ କାମ ପରିପ୍ରେକ୍ଷୀରେ ଗାଡିମୋଟର, ଯାନ୍ତ୍ରିକଜିନିଷ କିମ୍ବା ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି।

**ତୁଳା** - କବନ୍ଧଗ୍ରହ ରାଶିରେ ନ ଥିବାରୁ ପାରିବାରିକ ପ୍ରତିରୋଧ କିମ୍ବା ସ୍ୱାସ୍ଥ୍ୟହାନିଜନିତ ମାନସିକ ସ୍ଥିତି ଭଲ ରହି ନ ପାରେ। ସାହାଯ୍ୟ କରୁଥିବା ବ୍ୟକ୍ତି ଉପରେ ବିରକ୍ତି ପ୍ରକାଶ କରନ୍ତୁ ନାହିଁ। କେତେକ କ୍ଷେତ୍ରରେ ମନକଥା ମନରେ ରଖି ଗୁରୁଜନମାନଙ୍କୁ ପ୍ରତାରିତ କରି ଅନୁଶୋଚନା କରିବେ। ଅଫିସ୍ ରେ ପରିଚାଳନା ଦାୟିତ୍ୱ କ୍ରମେ ବୃଦ୍ଧି ପାଇବ।

**ବିଛା** - ଯେତେ ଉପାୟ ଅବଲମ୍ବନ କଲେ ମଧ୍ୟ ସମୟଚକ୍ର ଦୁଃଖସୀମାକୁ ଆଜି ଅତିକ୍ରମ କରିପାରିବ ନାହିଁ। ରବିଙ୍କ ପ୍ରଭାବରେ କର୍ମ କ୍ଷେତ୍ରରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ ସାଧନ କରିବେ। ଉଚ୍ଚବର୍ଗଙ୍କ ସହାୟତା ଲାଭ କରି ସ୍ଥଗିତ କାମ ପୂରା କରିବେ। ଦୀର୍ଘଦିନରୁ କ୍ଷୁଣ୍ଣ ହୋଇଥିବା ସମ୍ପର୍କ ପୁନଶ୍ଚ ଫେରି ପାଇବେ।

**ଧନୁ** - ସକାଳୁ କୌଣସି ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂରସ୍ଥାନକୁ ଯାତ୍ରା କରିବେ। ମାନସିକ ସୁସ୍ଥତା ଅଭାବରୁ କୌଣସି ସୁଖଦ ପରିସ୍ଥିତି ଉପଭୋଗ୍ୟ ହେବନାହିଁ। ପ୍ରକାଶନ, ପ୍ରଶାସନ, ଗବେଷଣା, ଅନୁସନ୍ଧାନ, କଳା, ସାହିତ୍ୟ ପ୍ରଭୃତି କ୍ଷେତ୍ରରେ ଶୁଭଫଳ ପାଇବେ। ବୁଧ ପାପପ୍ରଭାବଗ୍ରସ୍ତ ଯୋଗୁ ଗୁରୁଜନଙ୍କ ସ୍ୱାସ୍ଥ୍ୟହାନି ଚିନ୍ତାର କାରଣ ହେବେ।

**ମକର** - ଷଷ୍ଠସ୍ଥ ଶୁକ୍ରଙ୍କ ଯୋଗୁ ପ୍ରତିରୋଧର ସାମ୍ନା କରି ଲକ୍ଷ୍ୟ ସାଧନ ଦିଗରେ ଅଗ୍ରସର ହେବେ। ଯୁକ୍ତିଯୁକ୍ତ କଥା କହି ନିଜ ସଂସ୍ପର୍ଶରେ ଆସୁଥିବା ଲୋକଙ୍କୁ ମୁଗ୍ଧ କରିବେ। ଋଣ ଭାର କ୍ରମଶଃ ବୃଦ୍ଧି ପାଉଥିବା କାରଣରୁ ସାମୟିକ ଚିନ୍ତା କରିବେ। ଦୀର୍ଘ ପ୍ରତୀକ୍ଷାର ଅବସାନ ଘଟିବ ଏବଂ ହଠାତ୍ କୌଣସି ଖବର ପାଇ ଖୁସି ହେବେ।

**କୁମ୍ଭ** - ଅନୁକୂଳ ଗ୍ରହଜନିତ ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବା ହେତୁ ଚିନ୍ତା କରିପାରନ୍ତି। ଗତକାଲିଠାରୁ ସ୍ଥଗିତ କାମକୁ ଆଜି ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବା ଦ୍ୱାରା ଅଟକି ଥିବା କାମ ତ୍ୱରାନ୍ୱିତ ହେବ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ମୀନ** - କର୍ମକ୍ଷେତ୍ରରେ ସାମାନ୍ୟ ସୁଧାର ଆସିଲେ ମଧ୍ୟ ପାରିବାରିକ ସ୍ଥିତି ପୂର୍ବପରି ରହିବ। ମଙ୍ଗଳଙ୍କ ଦୁର୍ବଳତା କାରଣରୁ ଅଭାବ ନ ଥିଲେ ମଧ୍ୟ କ୍ରମଶଃ ଆବଶ୍ୟକତା ବୃଦ୍ଧି ପାଉଥିବାର ଅନୁଭବ କରିବେ। ବ୍ୟବସାୟ, ପରିବହନଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ସଭାସମିତିରେ ବନ୍ଧୁ ମିଳନରୁ ଆନନ୍ଦିତ ହେବେ। ଦୂର ସନ୍ତାନଙ୍କ ଆଗମନ ବାର୍ତ୍ତା ପାଇବେ।

ଆଜି ଜ୍ୟେଷ୍ଠ ଶୁକ୍ଳ ଦ୍ୱିତୀୟା ରବିବାର, ମେ ୨୧ ତାରିଖ, ଆତଙ୍କବାଦ ନିରୋଧୀ ଦିବସ, ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସ, ରାଶିନକ୍ଷତ୍ର-ରୋହିଣୀ/ବୃଷ, ଦିବା ଘ.୦୯।୦୫, ଗତେ ମୃଗଶିରା ନକ୍ଷତ୍ର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ. ୦୬।୫୭ ଗତେ ଘ.୦୯।୩୩ ମଧ୍ୟେ, ଘ.୦୧।୨୦ ଗତେ ଘ.୦୨।୪୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୪।୩୬ ଗତେ ଘ.୦୬।୧୩ ମଧ୍ୟେ ରାହୁକାଳ।

**ପ୍ରଥମ ପୃଷ୍ଠାରୁ...**



କଂଗ୍ରେସ ସାଧାରଣ ସମ୍ପାଦକ କେ.ସି.ବେଣୁଗୋପାଳ, ବିହାର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ଓ ମୁଖ୍ୟମନ୍ତ୍ରୀ ନୀତିଶ କୁମାର, ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ନେତା ରାହୁଲ ଗାନ୍ଧୀ, ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା, ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ, କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି.କେ.ଶିବକୁମାର,ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ସହ ଅନ୍ୟ ନେତାମାନେ।

## ଯୁକ୍ତ୨ ସିଟ ...

ପସନ୍ଦ ମୁତାବକ କଲେଜରେ ପଢ଼ିବାକୁ ସୁଯୋଗ ପାଇବେ ନାହିଁ। ତେଣୁ ଏନେଇ ପଦକ୍ଷେପ ନିଆଯାଉଛି। ଯେଉଁ ଜିଲାରେ ଆବଶ୍ୟକ ପଡ଼ିବ ସେଠାରେ ସିଟ ସଂଖ୍ୟା ବଢାଯିବ। ପିଲାଙ୍କର କିଛି ଅସୁବିଧା ନ ହେଲା ଭଳି ସମସ୍ତ ପ୍ରକାର ପଦକ୍ଷେପ ସରକାର ଗ୍ରହଣ କରିବେ ବୋଲି ମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି।
ଏବର୍ଷ ରେକର୍ଡ ସଂଖ୍ୟକ ପିଲା ମାଟ୍ରିକ ପାସ କରିଥିବାରୁ ଏପରି ଚିନ୍ତା ବଢ଼ିଛି। ପାସ ହାର ଅଧିକ ଥିବାରୁ ସବୁ ପିଲା ଯୁକ୍ତ୨ ସିଟ ନ ପାଇବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ତଥ୍ୟ ଅନୁସାରେ, ଚଳିତ ବର୍ଷ ରାଜ୍ୟର ୫ଲକ୍ଷ ୧୨ ହଜାର ପିଲା ମାଟ୍ରିକ ପାସ୍ କରିଛନ୍ତି। ମାତ୍ର ରାଜ୍ୟର କଲେଜଗୁଡ଼ିକରେ ଯୁକ୍ତ୨ ପ୍ରଥମ ବର୍ଷ ପାଇଁ ୫ଲକ୍ଷ ୯ହଜାର ସିଟ ରହିଛି। ତେଣୁ ଆବଶ୍ୟକତା ଦୃଷ୍ଟିରୁ ରାଜ୍ୟ ସରକାର ସିଟ୍ ବଢ଼ାଇବାକୁ ଚିନ୍ତା କରୁଛନ୍ତି। ଅନ୍ୟପକ୍ଷରେ ଚଳିତବର୍ଷଠାରୁ କେବଳ ବାର୍ଷିକ ପରୀକ୍ଷା ଆଧାରରେ ମାଟ୍ରିକ ମୂଲ୍ୟାୟନ ହେବା ନେଇ ଆଲୋଚନା ହେଉଛି। ୨୦୧୯-୨୦୨୦ ଶିକ୍ଷାବର୍ଷରେ ଶେଷଥର ପାଇଁ ବାର୍ଷିକ ପରୀକ୍ଷା ଆଧାରେ ପରୀକ୍ଷାର ମୂଲ୍ୟାୟନ କରାଯାଇଥିଲା। ଏହାପର ଶିକ୍ଷାବର୍ଷଠାରୁ ମୂଲ୍ୟାୟନ ଢାଞ୍ଚା ବଦଳିବା ସହ ପାସ୍‌ହାର ବଢ଼ିଥିଲା।

## ଶପଥ ଉତ୍ସବରେ ...

କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଭାବେ ବରିଷ୍ଠ କଂଗ୍ରେସ ନେତା ସିଦ୍ଧାରାମାୟା ଶନିବାର ଶପଥ ଗ୍ରହଣ କରିଥିବାବେଳେ ଏହା ବିରୋଧୀ ଦଳଗୁଡ଼ିକର ଶକ୍ତି ପ୍ରଦର୍ଶନରେ ପରିଣତ ହୋଇଥିଲା। ୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ ବିରୋଧୀ ଏକତାର ଏହା ସ୍ପଷ୍ଟ ଚିତ୍ର ବହନ କରିଥିଲା। ଶପଥ ଗ୍ରହଣ ଉତ୍ସବ ଅବସରରେ ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ନେତା ନୀତୀଶ କୁମାର, ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧ୍ୟକ୍ଷ ଶରଦ ପାୱାର, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍, ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ୍ ଅବଦୁଲ୍ଲା ମଞ୍ଚରେ ଏକାଠି ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍‌ତି, କଂଗ୍ରେସ ଶାସିତ ରାଜ୍ୟ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ, ହିମାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖୱିନ୍ଦର ସିଂ ସୁଖୁ ଏବଂ ବିହାର ଉପମୁଖ୍ୟମନ୍ତ୍ରୀ ତଥା ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ମଧ୍ୟ ଉପସ୍ଥିତ ଥିଲେ। ଏହା ବ୍ୟତୀତ ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ କମଲନାଥ, ଅଭିନେତାରୁ ରାଜନେତା ହୋଇଥିବା କମଲ ହାସନ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ, ସିପିଆଇ(ଏମ୍) ସାଧାରଣ ସମ୍ପାଦକ ସୀତରାମ ୟେଚୁରୀ ଏବଂ ସିପିଆଇ ସାଧାରଣ ସମ୍ପାଦକ ଡି. ରାଜା ଉତ୍ସବରେ ଯୋଗଦେଇଥିଲେ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଉତ୍ସବରେ ଯୋଗଦେଇ ନ ପାରି ଟିଏମ୍‌ସିର ଉପନେତା ତଥା ଲୋକ ସଭା ସଦସ୍ୟ କାକୋଲି ଘୋଷ

# ସିଦ୍ଧାରାମାୟା ମୁଖ୍ୟମନ୍ତ୍ରୀ, ଶିବକୁମାର ଉପମୁଖ୍ୟମନ୍ତ୍ରୀ ହେଲେ

**■ ଆମେ ଯାହା କହୁ ତାହା କରିଥାଉ: ରାହୁଲ**

ଦସ୍ତିଦାରଙ୍କୁ ପଠାଇଥିଲେ। ଲୋକ ସଭା ନିର୍ବାଚନରେ ଯେଉଁ ରାଜ୍ୟରେ କଂଗ୍ରେସ ମଜଭୁତ ସ୍ଥିତିରେ ରହିଛି, ସେଠାରେ ଉକ୍ତ ଦଳକୁ ଟିଏମ୍‌ସି ସମର୍ଥନ କରିବ ବୋଲି କର୍ଣ୍ଣାଟକ ନିର୍ବାଚନ ଫଳ ପ୍ରକାଶ ପରେ ମମତା କହିଥିଲେ। ଶପଥ ଗ୍ରହଣ ଉତ୍ସବରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ରାହୁଲ ଗାନ୍ଧୀଙ୍କ ସମେତ ବହୁ ସଂଖ୍ୟାରେ ଦଳୀୟ ନେତା ସାମିଲ ହୋଇଥିଲେ ମଧ୍ୟ ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଯୋଗଦେଇ ପାରି ନ ଥିଲେ।

ନୂଆକରି ଅନ୍ୟ ୮ ଜଣ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ସେମାନେ ହେଲେ ଜି. ପରମେଶ୍ୱର, କେ.ଏଚ୍. ମୁନିୟାପ୍ପା, କେ.ଜେ. ଜର୍ଜ, ଏମ୍.ବି. ପାଟିଲ, ସତୀଶ ଜାର୍କିହୋଲି, ପ୍ରିୟଙ୍କା ଖାର୍ଗେ, ରାମଲିଙ୍ଗା ରେଡ୍ଡୀ ଏବଂ ବି.ଜେଡ୍. ଜମିର ଅହମଦ ଖାନ୍। କର୍ଣ୍ଣାଟକ ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବାର ଠିକ୍ ସପ୍ତାହେ ପରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ରାହୁଲ ଗାନ୍ଧୀ, ଦଳର ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସମେତ ବହୁ ଦଳୀୟ ନେତା, କଂଗ୍ରେସ ଶାସିତ ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ବିଭିନ୍ନ ଦଳର ନେତା ଉପସ୍ଥିତ ଥିଲେ।

ନିର୍ବାଚନ ପୂର୍ବରୁ କଂଗ୍ରେସ ପ୍ରତିଶ୍ରୁତି ଦେଇଥିବା ୫ଟି ଗ୍ୟାରେଣ୍ଟିକୁ କାର୍ଯ୍ୟକାରୀ କରିବା ଲାଗି ତାଙ୍କ ସରକାର ନିର୍ଦ୍ଦେଶନାମା ଜାରି କରିବେ ବୋଲି ନବନିର୍ବାଚିତ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା କହିଛନ୍ତି। କର୍ଣ୍ଣାଟକ ଜନସାଧାରଣଙ୍କ ଆଶା ଅନୁଯାୟୀ ତାଙ୍କ ସରକାର ଶାସନ ଯୋଗାଇଦେବ। କ୍ୟାବିନେଟ ବୈଠକରେ ୫ଟି ଗ୍ୟାରେଣ୍ଟିକୁ ଗୃହୀତ କରାଯିବା ସହ ସେଗୁଡ଼ିକର କାର୍ଯ୍ୟକାରିତା ନେଇ ନିର୍ଦ୍ଦେଶନାମା ଜାରି କରାଯିବ ବୋଲି ଶପଥ ଗ୍ରହଣ ପରେ ସିଦ୍ଧାରାମାୟା କହିଥିଲେ। କଂଗ୍ରେସ କ୍ଷମତାକୁ ଆସିଲେ ପ୍ରତି ପରିବାରକୁ ୨୦୦ ୟୁନିଟ୍ ବିଜୁଳି ମାଗଣାରେ ଯୋଗାଇଦେବା ସହ ପରିବାରର ମହିଳା ମୁଖ୍ୟମାନଙ୍କୁ ମାସିକ ୨,୦୦୦ ଟଙ୍କା ସହାୟତା, ଅନ୍ନ ଭାଗ୍ୟ ଯୋଜନାରେ ବିପିଏଲ୍ ପରିବାରର ପ୍ରତି ସଦସ୍ୟଙ୍କୁ ପ୍ରତି ମାସରେ ୧୦ କେ.ଜି. ଚାଉଳ ମାଗଣା ଯୋଗାଇଦେବ ବୋଲି ନିର୍ବାଚନୀ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲା। ଏହା ବ୍ୟତୀତ ଯୁବନିଧି ଯୋଜନାରେ ବେରୋଜଗାରୀ ସ୍ନାତକ ଯୁବବର୍ଗଙ୍କୁ ମାସିକ ୩,୦୦୦ ଏବଂ ଡିପ୍ଲୋମାଧାରୀଙ୍କୁ ୧,୫୦୦ ଟଙ୍କା ଦୁଇବର୍ଷ ପାଇଁ ଯୋଗାଇ ଦିଆଯିବ। ସେହିପରି ସରକାରୀ ବସ୍‌ରେ ମହିଳାମାନଙ୍କୁ ମାଗଣା ଯାତାୟାତ ସୁବିଧା ମିଳିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ରାଜ୍ୟ କ୍ୟାବିନେଟ୍‌ର ପ୍ରଥମ ବୈଠକର କିଛି ଘଣ୍ଟା ପରେ ସମସ୍ତ ପ୍ରତିଶ୍ରୁତି କାର୍ଯ୍ୟକାରୀ କରାଯିବ ବୋଲି ରାହୁଲ ଗାନ୍ଧୀ କହିଛନ୍ତି। କର୍ଣ୍ଣାଟକବାସୀ ଭାଜପାର ଘୃଣା ଓ ଦୁର୍ନୀତିକୁ ନିର୍ବାଚନରେ ପରାସ୍ତ କରିଛନ୍ତି। କଂଗ୍ରେସ ମିଛ ପ୍ରତିଶ୍ରୁତି ଦିଏନାହିଁ। ଆମେ ଯାହା କହୁ ତାହା କରିଥାଉ ବୋଲି ରାହୁଲ କହିଛନ୍ତି।




# ସୋମବାର ନୂଆ ମନ୍ତ୍ରୀ, ବାଚସ୍ପତି

ଭୁବନେଶ୍ୱର,୨୦।୫(ବ୍ୟୁରୋ)

ରାଜ୍ୟପାଳ ଗଣେଶୀ ଲାଲ ମେ'୧୧ରୁ ୨୨ ତାରିଖ ଓଡ଼ିଶା ବାହାରକୁ ଯାଇଛନ୍ତି। ତାଙ୍କ ଗସ୍ତର ଦିନକ ପରେ ମେ' ୧୨ ତାରିଖରେ ହଠାତ୍ ବାଚସ୍ପତି ବିକ୍ରମ କେଶରୀ ଆରୁଖ, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ଇସ୍ତଫା ଦେଇଥିଲେ। ନବ ଦାସଙ୍କ ମୃତ୍ୟୁ ପରେ ଝାରସୁଗୁଡ଼ା ଜିଲାରୁ ମନ୍ତ୍ରୀ ପଦ ଖାଲି ପଡ଼ିଥିଲା। ଏହାପରେ ସମୀର ଦାଶଙ୍କ ଇସ୍ତଫା ପରେ ପୁରୀ ଜିଲାରୁ ବି ମନ୍ତ୍ରୀ ପଦବୀ ଖାଲି ପଡ଼ିଲା। ତତ୍‌ସହିତ ଶ୍ରୀକାନ୍ତ ସାହୁଙ୍କ ଇସ୍ତଫା ପରେ ଗଞ୍ଜାମ ଜିଲାରୁ ଗୋଟିଏ ଆସନ ଖାଲି ପଡ଼ିଲା। ଏଥିସହିତ ଅନ୍ୟ କେତେକ ମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ କୁହାଯାଇପାରେ ବୋଲି ସୂଚନା ମିଳୁଛି। ବାଚସ୍ପତି ଓ ୨ ମନ୍ତ୍ରୀ ଇସ୍ତଫା ଦେବା ୮ ଦିନ ବିତିଗଲାଣି। ରାଜ୍ୟପାଳ ନ ଥିବାରୁ ନୂଆମନ୍ତ୍ରୀ ଶପଥ ନେଇପାରୁନାହାନ୍ତି। ଦିନ ଗଡ଼ି ଚାଲିଥିବାରୁ ମନ୍ତ୍ରୀ ପଦ ପାଇଁ ଆଶାୟୀଙ୍କ ସଂଖ୍ୟା ଲମ୍ବିବାରେ ଲାଗିଛି। ଗୋଟିଏ ଖବରକାଗଜର ସମ୍ପାଦକ ମଧ୍ୟ ମନ୍ତ୍ରିମଣ୍ଡଳରେ ସାମିଲ ହେବେ ବୋଲି ଆଶା ବାନ୍ଧିଛନ୍ତି। ପଗଡ଼ି ବାନ୍ଧି ବସିଥିବା ଅଧିକ ସଂଖ୍ୟକ ମନ୍ତ୍ରୀ ଆଶାୟୀ ଏବଂ ଅଳ୍ପ କେତେଜଣ ବାଚସ୍ପତିପଦବୀ ଆଶାୟୀ ଜାଣିସାରିଲେଣି ଯେ ଏହା ହେଉଛି ତାଙ୍କର ଶେଷ ସୁଯୋଗ। ଏଥର ପଦବୀ ନ ପାଇଲେ ନିର୍ବାଚନ ପୂର୍ବରୁ ନିଜ ନିର୍ବାଚନମଣ୍ଡଳୀରେ ପ୍ରଭାବ ବିସ୍ତାର କରିବା ସେମାନଙ୍କ ପାଇଁ କଷ୍ଟକର ହୋଇପାରେ। କେତେକ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ନବୀନ ନିଜର ମନ୍ତ୍ରିମଣ୍ଡଳରୁ ଆଉ ଜଣେ ମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ କହିପାରନ୍ତି। ମନ୍ତ୍ରିମଣ୍ଡଳରେ ମୋଟ ୪ ଜଣଙ୍କୁ ସାମିଲ କରିବା ସମ୍ଭାବନା ରହିଛି। ଗଞ୍ଜାମ ଜିଲାର ରାଜନୀତିକ ସମୀକରଣକୁ ଦୃଷ୍ଟିରେ ରଖି ଶ୍ରୀକାନ୍ତ ସାହୁଙ୍କ ସ୍ଥାନରେ ବିକ୍ରମ କେଶରୀ ଆରୁଖଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇପାରେ। ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ରାଉରକେଲା ବିଧାୟକ ସାରଦା ନାୟକ, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମନ୍ତ୍ରୀ ପଦ ଦୌଡ଼ରେ ଥିବା କର୍ମୀ ମହଲରେ ଆଲୋଚନା ହେଉଛି। ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ଝିଅ ତଥା ଝାରସୁଗୁଡ଼ା ନବନିର୍ବାଚିତ ବିଧାୟିକା ଦୀପାଳି ଦାସଙ୍କ ନାଁ ମଧ୍ୟ ମନ୍ତ୍ରୀ ପଦ ପାଇଁ ଚର୍ଚ୍ଚାରେ ରହିଛି। ସେହିପରି ଆରୁଖଙ୍କ ଇସ୍ତଫା ଯୋଗୁ ଖାଲି ପଡ଼ିଥିବା ବାଚସ୍ପତି ପଦ ପାଇଁ ବିଜେଡି ବିଧାୟକ ପ୍ରଫୁଲ୍ଲ ସାମଲ, ଅମର ପ୍ରସାଦ ଶତପଥୀ, ଦେବୀପ୍ରସାଦ ମିଶ୍ରଙ୍କ ନାଁ ଚର୍ଚ୍ଚାରେ ରହିଛି। ଏଥିପାଇଁ ଦଳୀୟ ବ୍ୟବସ୍ଥାରେ ସେମାନଙ୍କର ମଙ୍ଗଳ ପାଇଁ ଚିନ୍ତା କରାଯାଉଛି କି ନାହିଁ ସେ ନେଇ ସନ୍ଦେହ ଉପୁଜିଛି। ଜଣେ ବରିଷ୍ଠ ବିଧାୟକଙ୍କ କହିବା ଅନୁଯାୟୀ ବିଜେଡିରେ କେଉଁ ପ୍ରକାର ରାଜନୀତି ଚିନ୍ତା କରାଯାଉଛି ବୁଝିବା ପାଇଁ କେହି ସକ୍ଷମ ହେଉନାହାନ୍ତି।

# ଅଧିକ ବସ୍ ଭଡ଼ା ଆଦାୟକଲେ କାର୍ଯ୍ୟାନୁଷ୍ଠାନ

## ଏସ୍‌ଟିଏ ଜାରି କଲେ ନିର୍ଦ୍ଦେଶନାମା

### ନିର୍ଦ୍ଦେଶନାମା ନ ମାନିଲେ ଦଣ୍ଡିତ ହେବେ

କଟକ ଅଫିସ,୨୦।୫

ଏଣିକି ବସ୍‌ରୁ ନିର୍ଦ୍ଧାରିତ ଭଡ଼ାଠାରୁ ଅଧିକ ଟଙ୍କା ଆଦାୟ ଉପରେ ଅଙ୍କୁଶ ଲାଗିବ। ବସ୍ ଚାଳକଙ୍କ ସିଟ୍ ପଛ ଭାଗରେ ଏକ ବିସ୍ତୃତ ବିବରଣୀ ପ୍ରଦର୍ଶିତ ହେବ। ଉକ୍ତ ବିବରଣୀରେ ଗାଡ଼ିର ନମ୍ବର, ମାଲିକଙ୍କ ନାମ, ସିଟ୍ ସଂଖ୍ୟା, ଠିଆ ହୋଇଯିବା ଯାତ୍ରୀଙ୍କ ସଂଖ୍ୟା, ରୁଟ୍‌ର ନାମ, ରୁଟ୍‌ର ଦୂରତା, ସେବାର ପ୍ରକାର(କେଉଁ ଶ୍ରେଣୀର), ରୁଟ୍‌ରେ ଯାତ୍ରାରମ୍ଭ ଓ ପହଞ୍ଚିବା ସମୟ ଏବଂ କିଲୋମିଟର ପ୍ରତି ନିଆଯାଉଥିବା ଭଡ଼ାର ପରିମାଣ ଉଲ୍ଲେଖ ରହିବ। ରାଜ୍ୟ ପରିବହନ କର୍ତ୍ତୃପକ୍ଷ(ଏସ୍‌ଟିଏ) ଏନେଇ ନିର୍ଦ୍ଦେଶନାମା ଜାରି କରି ପରିବହନ ଅଧିକାରୀ ଓ ବସ୍ ମାଲିକମାନଙ୍କୁ ଚେତେଇ ଦେଇଛନ୍ତି।

ଏସ୍‌ଟିଏ ପକ୍ଷରୁ ପ୍ରାପ୍ତ ନିର୍ଦ୍ଦେଶନାମା ଅନୁଯାୟୀ, ରାଜ୍ୟର ବିଭିନ୍ନ ରୁଟ୍‌ରେ ଚାଲୁଥିବା ବସ୍‌ଗୁଡ଼ିକ ମଧ୍ୟରୁ କେତେକ ବସ୍ କଣ୍ଡକ୍ଟର ଯାତ୍ରୀମାନଙ୍କଠାରୁ ଅନିୟନ୍ତ୍ରିତ ଭଡ଼ା ଆଦାୟ କରୁଛନ୍ତି। ଏସ୍‌ଟିଏର ପର୍‌ମିଟ୍ ସର୍ତ୍ତାବଳୀ ଉଲ୍ଲଂଘନ କରି ମନଇଚ୍ଛା ଗାଡ଼ି ଚଳାଚଳ କରୁଛି। ଯାତ୍ରୀମାନଙ୍କୁ ପର୍‌ମିଟ୍ ଅନୁଯାୟୀ ନିର୍ଦ୍ଧାରିତ ଗନ୍ତବ୍ୟସ୍ଥଳରେ ପହଞ୍ଚାଉ ନାହାନ୍ତି। ଗାଡ଼ିର ପରମିଟ୍ ଯେଉଁ ସ୍ଥାନ ଯାଏ ରହିଛି, ଗାଡ଼ି ସେହି ସ୍ଥାନ ଯାଏ ଯାଉନାହିଁ। ଏହାଦ୍ୱାରା ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାରେ ପଡୁଥିବା ନେଇ ଏସ୍‌ଟିଏ ଦୃଷ୍ଟିକୁ ଆସିଥିଲା। ଯାତ୍ରୀଙ୍କ ସୁରକ୍ଷିତ ଯାତ୍ରାକୁ ପ୍ରାଧାନ୍ୟ ଦେଇ ଏସ୍‌ଟିଏ ପକ୍ଷରୁ ଗତ ୧୫ରେ ପ୍ରକାଶିତ ନିର୍ଦ୍ଦେଶନାମା ପାଳନ ପାଇଁ ସମସ୍ତଙ୍କୁ ଅବଗତ କରାଯାଇଥିବା ଶନିବାର ସୂଚନା ଦିଆଯାଇଛି। ଏସ୍‌ଟିଏ ସୂଚନାନୁସାରେ, ସ୍ୱୟଂକ୍ରିୟ ବ୍ୟବସ୍ଥା ଅନୁଯାୟୀ ସମୟକ୍ରମେ ତୈଳଦର ମୂଲ୍ୟ ଆଧାରରେ ବସ୍‌ଭଡ଼ା ହ୍ରାସବୃଦ୍ଧି ହେଉଛି। ଏହାଦ୍ୱାରା ବସ୍ ମାଲିକ ଓ ଯାତ୍ରୀମାନଙ୍କ ସ୍ୱାର୍ଥରକ୍ଷା ହୋଇପାରୁଛି। ଏସବୁ ଦୃଷ୍ଟିରୁ ନିର୍ଦ୍ଧାରିତ ଭଡ଼ାଠାରୁ ଅଧିକ ନେବା ବେଆଇନ ଓ ଗ୍ରହଣୀୟ ନୁହେଁ ବୋଲି ଏସ୍‌ଟିଏ କହିଛି। ବସ୍‌ଟି କେଉଁ ରୁଟ୍‌ରେ ଚଳାଚଳ କରୁଛି, ଏଥିରେ କେଉଁ ଶ୍ରେଣୀର ସେବା ପ୍ରଦାନ କରାଯାଉଛି, କିଲୋମିଟର ପ୍ରତି କେତେ ଭଡ଼ା ନିଆଯାଉଛି ଆଦି ଜାଣିବା ପାଇଁ ପ୍ରତ୍ୟେକ ଯାତ୍ରୀଙ୍କ ଅଧିକାର ରହିଛି। ତେଣୁ ଏସବୁ ସୂଚନା ନିଶ୍ଚିତ ଭାବେ ଯାତ୍ରୀମାନଙ୍କ ଅବଗତି ନିମନ୍ତେ ପ୍ରଦର୍ଶିତ ହେବାର ଆବଶ୍ୟକତା ରହିଛି। ରାଜ୍ୟ ପରିବହନର ପରମିଟ୍ ପାଇଥିବା ସମସ୍ତ ବସ୍‌ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏସ୍‌ଟିଏର ନିର୍ଦ୍ଧାରିତ ବିବରଣୀ ପ୍ରଦର୍ଶିତ ରହିବ। ଏଥିରେ ଖିଲାପ ହେଲେ ମୋଟରଯାନ ଆଇନ୍ ୧୯୮୮ ଅନୁସାରେ ଦଣ୍ଡିତ କରାଯିବ। ଏହାକୁ ପାଳନ ନିମନ୍ତେ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ସମେତ ଅଲ୍ ଓଡ଼ିଶା ବସ୍ ମାଲିକ ସଂଘର ସାଧାରଣ ସମ୍ପାଦକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନକଲ ପ୍ରେରଣ କରାଯାଇଛି।

# ହୀରାକୁଦ ଡ୍ୟାମ୍ ବୁଲିଲା ମହାନଦୀ ଟ୍ରିବ୍ୟୁନାଲ ଟିମ୍

## ଉପସ୍ଥିତ ଥିଲେ ଓଡ଼ିଶା, ଛତିଶଗଡ଼ ଅଧିକାରୀ

ସମ୍ବଲପୁର,୨୦।୫(ବ୍ୟୁରୋ)


ହୀରାକୁଦ ଡ୍ୟାମ୍ ଅଭିମୁଖେ ଯାଉଛନ୍ତି ଟ୍ରିବ୍ୟୁନାଲ ଟିମ୍ ସଦସ୍ୟ।

ମହାନଦୀ ଜଳ ବିବାଦକୁ ନେଇ ଗଠିତ ହୋଇଥିବା ଟ୍ରିବ୍ୟୁନାଲ ଟିମ୍ ଶନିବାର ବୁର୍ଲା ଅଶୋକ ନିବାସରୁ ବାହାରି ହୀରାକୁଦ ଡ୍ୟାମ୍, ଜବାହର ଉଦ୍ୟାନ, ଜଳଭଣ୍ଡାର, ଅପରେଶନ ଗ୍ୟାଲେରି ବାମ ସ୍ପିଲ୍‌ୱେ, ବୁର୍ଲା ପାୱାର ହାଉସ୍ ବୁଲି ଦେଖିଥିଲା। ମଧ୍ୟାହ୍ନ ପରେ କିଲାସମା, ରମ୍ଭେଲା ମେଗା ଲିଫ୍ଟ ପଏଣ୍ଟ ବୁଲି ପୁଣି ଅଶୋକ ନିବାସ ଫେରିଥିଲା। ଏହି ସମୟରେ ଛତିଶଗଡ଼ ଏବଂ ଓଡ଼ିଶା ରାଜ୍ୟ ଜଳସେଚନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଟିମ୍ ସଦସ୍ୟ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରି ରିପୋର୍ଟ ସଂଗ୍ରହ କରିଥିଲେ।

ଟ୍ରିବ୍ୟୁନାଲର ୩ ଜଣିଆ ଟିମ୍‌ରେ ଅଧ୍ୟକ୍ଷ ଜଷ୍ଟିସ୍ ଏ.ଏମ୍. ଖନୱାଲିକର, ସଦସ୍ୟ ଜଷ୍ଟିସ୍ ରବି ରଞ୍ଜନ, ସଦସ୍ୟ ଜଷ୍ଟିସ୍ ଇନ୍ଦ୍ରଜିତ କୌର କୋଚିହାର ରହିଛନ୍ତି। ରବିବାର ଏହି ଟିମ୍ ସମ୍ବଲପୁରର ଅନ୍ୟ କେତେକ କ୍ଷେତ୍ର ପରିଦର୍ଶନ କରିବ। ମେ' ୨୨ରେ ଝାରସୁଗୁଡ଼ା ଜିଲା ଗସ୍ତକରି ସୁନ୍ଦରଗଡ଼ଠାରେ ପ୍ରସ୍ତାବିତ ଇବ୍ ନଦୀ ଓପିଜିସି ଇନ୍‌ଟେକ ପଏଣ୍ଟ, ଇବ୍ ଥର୍ମାଲ ପାୱାର ପ୍ଲାଣ୍ଟ, ଆଇବି ଡ୍ୟାମ୍ ପରିଦର୍ଶନ କରି ସମ୍ବଲପୁର ଫେରିଆସିବ।

ମହାନଦୀ ଜଳ ବିବାଦକୁ ନେଇ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ବିବାଦ ଲାଗିରହିଛି। ଏହି ବିବାଦର ସମାଧାନ ପାଇଁ ଗଠିତ ହୋଇଥିବା ଟ୍ରିବ୍ୟୁନାଲ ଟିମ୍ ପ୍ରଥମେ ଛତିଶଗଡ଼ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲା। ଏବେ ଓଡ଼ିଶା ଗସ୍ତରେ ରହିଛି। ଟିମ୍ ସଦସ୍ୟ ହୀରାକୁଦ ଜଳଭଣ୍ଡାରରୁ ଶିଳ୍ପସଂସ୍ଥା ଦ୍ୱାରା ଜଳ ଉଠାଣ ଅଞ୍ଚଳ ଓ ଜଳଭଣ୍ଡାର, ମେ' ୨୩ରେ ସାଇପଲା ଡ୍ୟାମ୍ ଓ ଅପର ଜୋଙ୍କ ଜଳସେଚନ ପ୍ରକଳ୍ପ, ମେ' ୨୪ରେ ସାତକୋଶିଆ ଓ ଟିକରପଡ଼ାଠାରେ କେନ୍ଦ୍ରୀୟ ଜଳ ଆୟୋଗଙ୍କ ଦ୍ୱାରା ସ୍ଥାପିତ ଜଳପ୍ରବାହ ମାପ କେନ୍ଦ୍ର ବୁଲି ଦେଖିବା କାର୍ଯ୍ୟକ୍ରମ ରହିଛି। ଦ୍ୱିତୀୟ ପର୍ଯ୍ୟାୟ ମେ' ୨୬ରେ ମହାନଦୀ ତ୍ରିକୋଣଭୂମି ଅଞ୍ଚଳ, ମୁଣ୍ଡଳି ଓ ସାପୁଆ ନଦୀର ମହାନଦୀ ମୁହାଣ ଅଞ୍ଚଳ, କାଠଯୋଡ଼ି ନଦୀ ଓ ନରାଜ ବ୍ୟାରେଜ, ମହାନଦୀ ଓ ବିରୂପା ବ୍ୟାରେଜ, କଟକ ଯୋବ୍ରାସ୍ଥିତ ନୌବାଣିଜ୍ୟ ସଂଗ୍ରହାଳୟ, ମେ' ୨୭ରେ ସାତପଡ଼ାଠାରେ ଚିଲିକା ହ୍ରଦ ଓ ଗବକୁଦଠାରେ ସମୁଦ୍ର ଏବଂ ଚିଲିକା ହ୍ରଦର ମୁହାଣ ଅଞ୍ଚଳ, ମେ' ୨୮ରେ ଦୟା ଓ ଭାର୍ଗବୀ ନଦୀ, କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କାର୍ଯ୍ୟକ୍ରମ ରହିଛି। ୨୦୧୬ର ନିଅଣ୍ଟିଆ ସ୍ଥିତି ରାଜ୍ୟବାସୀଙ୍କୁ ଚିନ୍ତାରେ ପକାଇଥିଲା। ପାଞ୍ଚବର୍ଷ ତଳେ ରାଜ୍ୟ ସରକାର ମହାନଦୀ ପାଇଁ ମାଷ୍ଟର ପ୍ଲାନ୍ ଆରମ୍ଭ କରିଥିଲେ। ଯୋଜନା ଅନୁଯାୟୀ ଦେଓଗାଁ, ଗୋଧନେଶ୍ୱର, କପାସିରା, ଖଇରମାଳ, ସୁବଲୟା, ମଣିଭଦ୍ରା, ମୁଣ୍ଡଳି ଭଳି ୭ଟି ସ୍ଥାନରେ ବ୍ୟାରେଜ ନିର୍ମାଣ ହେବ। ଏହା ବାଦ୍ ମହାନଦୀର ଶାଖା ଓ ଉପନଦୀରେ ଛୋଟ ବଡ଼ ୨୦ଟି ବ୍ୟାରେଜ କରିବାକୁ ସରକାର ଯୋଜନା କରିଥିଲେ। ଉଦ୍ଦେଶ୍ୟ ଥିଲା, ବର୍ଷା ବେଳେ ସମୁଦ୍ରକୁ ବୋହିଯାଉଥିବା ୫୨% ପାଣିକୁ ଅଟକାଇ ଖରାଦିନେ କାମରେ ବ୍ୟବହାର କରିବା। ହେଲେ ଏହି ଘୋଷଣା କେବଳ କଥାରେ ସୀମିତ ହୋଇ ରହିଯାଇଛି।

# ଫ୍ରାଙ୍କଫର୍ଟରେ ସାବିତ୍ରୀ ବ୍ରତ ପାଳନ

ଭୁବନେଶ୍ୱର, ୨୦।୫(ବ୍ୟୁରୋ)

ଉତ୍କଳ ସମାଜ ରେନ୍ ମେନ୍ ପକ୍ଷରୁ ପ୍ରଥମ ଥର ଜର୍ମାନୀର ଫ୍ରାଙ୍କଫର୍ଟରେ ପ୍ରବାସୀ ଓଡ଼ିଆଙ୍କୁ ନେଇ ସାବିତ୍ରୀ ବ୍ରତ ଆଡ଼ମ୍ବର ସହକାରେ ପାଳନ କରାଯାଇଛି। ସେଠାକାର ହରି ଓମ୍ ମନ୍ଦିର ସହଯୋଗରେ ଏଥିଲାଗି ଭବ୍ୟ ଆୟୋଜନ କରାଯାଇଥିଲା। ମନ୍ଦିରରେ ସାବିତ୍ରୀ-ସତ୍ୟବାନଙ୍କ ଉପରେ ଆଧାରିତ ପୁରାଣ ପଢ଼ାଯାଇଥିଲା। ସଧବା ମହିଳାମାନେ ନିଷ୍ଠାର ସହ ବ୍ରତ ରଖି ସ୍ୱାମୀଙ୍କ ଦୀର୍ଘଜୀବନ କାମନା କରିଥିଲେ।

ଜର୍ମାନୀରେ ଓଡ଼ିଆ ପରମ୍ପରା, ସଂସ୍କୃତିର ପ୍ରଚାର ପ୍ରସାର ଲାଗି ଉତ୍କଳ ସମାଜ ରେନ୍ ମେନ୍ ପକ୍ଷରୁ ଉଦ୍ୟମ ଜାରି ରହିଛି। ପ୍ରଥମ ଥର ପାଇଁ ଓଡ଼ିଆଙ୍କୁ ନେଇ କରାଯାଇଥିବା ଏଭଳି କାର୍ଯ୍ୟକ୍ରମକୁ ସବୁସ୍ତରରେ ପ୍ରଶଂସା କରାଯାଇଥିବା ଅନୁଷ୍ଠାନର ଉପସଭାପତି ଅମିତ୍ କୁମାର ରାଓ୍ୱଲ ସୂଚନା ଦେଇଛନ୍ତି।


ପୂଜାରେ ସାମିଲ ହୋଇଥିବା ପ୍ରବାସୀ ଓଡ଼ିଆମାନେ।

# ରାଜ୍ୟରେ ଗଠନ ହେବ ସ୍ଥାୟୀ ପୋଲିସ ଚୟନ ବୋର୍ଡ

## ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

ଭୁବନେଶ୍ୱର,୨୦।୫(ବ୍ୟୁରୋ)

ରାଜ୍ୟରେ ସ୍ଥାୟୀ ପୋଲିସ ଚୟନ ବୋର୍ଡ (ପୋଲିସ ରିକ୍ରୁଟ୍‌ମେଣ୍ଟ ବୋର୍ଡ) ଗଠନ ହେବ। ଏହି ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ଏଥିରେ ଅଧ୍ୟକ୍ଷଙ୍କ ସମେତ ୨ ଜଣ ସଦସ୍ୟ ରହିବେ। ଏହାଛଡ଼ା ବୋର୍ଡ ଅଫିସ କାର୍ଯ୍ୟ ପରିଚାଳନା ଦିଗରେ ୨୪ଟି ପ୍ରଶାସନିକ ତଥା ଅନ୍ୟ ପଦବୀ ମଧ୍ୟ ସରକାରଙ୍କ ଅନୁମୋଦନ ଲାଭ କରିଛି। ଏହି ବୋର୍ଡର ଅଧ୍ୟକ୍ଷ ପଦରେ ଜଣେ ସ୍ୱତନ୍ତ୍ର ଡିଜି ବା ଅତିରିକ୍ତ ଡିଜି ପାହ୍ୟାର ଅଧିକାରୀଙ୍କୁ ଅବସ୍ଥାପିତ କରାଯିବ। ୨ ଜଣ ସଦସ୍ୟଙ୍କ ମଧ୍ୟରୁ ଜଣେ ଅତିରିକ୍ତ ଡିଜି ବା ଆଇଜି ପାହ୍ୟାର ଅଧିକାରୀ ରହିବେ ଏବଂ ଅନ୍ୟ ଜଣେ ଡିଆଇଜି ବା ଏସ୍‌ପି ପାହ୍ୟାର ରହିବେ। ପୋଲିସ ବିଭାଗରେ ସିପାହିଠାରୁ ଆରମ୍ଭ କରି ସବ୍‌ଇନ୍ସପେକ୍ଟର ତଥା ମିନିଷ୍ଟେରିଆଲ ଷ୍ଟାଫ୍ ନିଯୁକ୍ତି ଦାୟିତ୍ୱ ଏହି ବୋର୍ଡ ସମ୍ପାଦନ କରିବ। ଏହି ସ୍ଥାୟୀ ବୋର୍ଡ ଗଠନ ଦ୍ୱାରା ପୋଲିସ ବିଭାଗର ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ ହେବ।







# ଚୋର ସନ୍ଦେହରେ ପିଟି ମାରିଦେଲେ

- ଢେଙ୍କାନାଳ ଜିଲାରେ ଚାଞ୍ଚଲ୍ୟ
- ଜଣେ ଗିରଫ, ୫ ଫେରାର

ଢେଙ୍କାନାଳ ଅଫିସ, ୨୦।୫


ଗ୍ରାମବାସୀ ପୋଲିସ ଗାଡ଼ିକୁ ଅଟକ ରଖିଛନ୍ତି।


ମୃତ ଅକ୍ଷୟ ପଣ୍ଡା।

ଚୋରି କରିଛନ୍ତି ବୋଲି ମାନିନେବାକୁ ଗ୍ରାମସଭାରେ ବାଧ କଲେ। ଏଥିରେ ଅମଙ୍ଗ ହେବାରୁ ଯୁବକଙ୍କୁ ଘରୁ ଉଠାଇ ନେଇ ପିଟି ପିଟି ମାରିଦେଲେ। ମାନବିକତାକୁ ଲଜ୍ଜିତ କରିବା ଭଳି ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି ଢେଙ୍କାନାଳ ସଦର ଥାନା ଡେଙ୍ଗବୋରେଇ ଗ୍ରାମରେ। ମୃତକ ହେଲେ ଅକ୍ଷୟ ପଣ୍ଡା (୩୦)। ଆକ୍ରମଣରେ ଅକ୍ଷୟଙ୍କ ସହଯୋଗୀ ଲିପୁ ନାୟକ ଗୁରୁତର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତିହୋଇଛନ୍ତି। ଏହି ଘଟଣାରେ ୬ ଜଣଙ୍କ ସମ୍ପୃକ୍ତି ଥିବାବେଳେ ପୋଲିସ ମୁଖ୍ୟ ଅଭିଯୁକ୍ତ ହେମନ୍ତ ରାଉତଙ୍କୁ ଗିରଫ କରିଛି।

ଅଭିଯୋଗ ଅନୁଯାୟୀ, ମାସେ ତଳେ ଡେଙ୍ଗବୋରେଇ ଗ୍ରାମର ହେମନ୍ତ ରାଉତଙ୍କ ଫାର୍ମରୁ ପାଣିପମ୍ପ ଏବଂ ପାଇପ୍ ଚୋରି ହୋଇଥିଲା। ଏ ନେଇ ଅକ୍ଷୟଙ୍କ ଉପରେ ସନ୍ଦେହ କରି ସେ ସଦର ଥାନାରେ ଅଭିଯୋଗ କରିଥିଲେ। ତେବେ ପୋଲିସର ତଦନ୍ତ ବେଳେ ଚୋରିରେ ସମ୍ପୃକ୍ତି ନ ଥିବା ସେ କହିଥିଲେ। ଗତ ଶୁକ୍ରବାର ଗ୍ରାମରେ ବସିଥିବା ବୈଠକରେ ଅକ୍ଷୟଙ୍କୁ ଡାକି ପଚରାଉଚରା କରିବା ସତ୍ତ୍ୱେ ସେ ଉକ୍ତ ଚୋରି ବିଷୟରେ ଜାଣି ନ ଥିବା କହିଥିଲେ ଏବଂ ଘରକୁ ଚାଲି ଆସିଥିଲେ। ରାତିରେ ଖାଇପିଇ ଶୋଇଥିବାବେଳେ ହେମନ୍ତ ଏବଂ ତାଙ୍କର ଅନ୍ୟ କେତେଜଣ ସହଯୋଗୀ ପହଞ୍ଚି ଅକ୍ଷୟ ଓ ଲିପୁଙ୍କୁ ଉଠାଇ ନେଇଥିଲେ। ଗ୍ରାମ ନିକଟ ପଥରଖଣିରେ ଉଭୟଙ୍କୁ ଲୁହା ପାଇପ୍‌ରେ ନିସ୍ତୁକ ମାଡ଼ ମାରିବା ସହ ନିର୍ଯାତନା ଦେଇଥିଲେ। ଆହତ ସତ୍ତ୍ୱେ ଲିପୁ କୌଣସିମତେ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ହେଲେ ଅକ୍ଷୟଙ୍କ ମୃତ୍ୟୁ ହୋଇଯାଇଥିବା ଜାଣିବା ପରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।

ସୂଚନା ପାଇ ଶୁକ୍ରବାର ସକାଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଉତ୍ତେଜିତ ଗ୍ରାମବାସୀ ପୋଲିସ ଗାଡ଼ିକୁ ଅଟକ ରଖିଥିଲେ। ଏହାକୁ ନେଇ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ପାଣିପମ୍ପ ଓ ପାଇପ୍ ଚୋରି ଘଟଣାରେ ଅକ୍ଷୟ ସମ୍ପୃକ୍ତ ନ ଥିବା କହିବା ସତ୍ତ୍ୱେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲାନାହିଁ। ଫଳରେ ହେମନ୍ତ ଗ୍ରାମର କେତେଜଣ ଲୋକଙ୍କୁ ଡାକି ବୈଠକ କରି ଦୁଇଦିନ ମଧ୍ୟରେ ଚୋରି ସାମଗ୍ରୀ ଫେରାଇବାକୁ ବାଧ କରିଥିଲେ। ଅକ୍ଷୟ ପୁନର୍ବାର ନିଜକୁ ନିର୍ଦ୍ଦୋଷ ବୋଲି ଦୋହରାଇବା ସତ୍ତ୍ୱେ କୌଣସି କଥା ନ ବୁଝି ହେମନ୍ତ ଏବଂ ତାଙ୍କ ସହଯୋଗୀ ଉତ୍ତ୍ୟକ୍ତ ହୋଇ ଏଭଳି ଅଘଟଣ ଘଟାଇଲେ। ପୋଲିସର ଅବହେଳା ପାଇଁ ଏଭଳି ଦୁଃଖଦ ଘଟଣା ଘଟିଲା ବୋଲି ଗ୍ରାମବାସୀ ଅଭିଯୋଗ କରିଥିଲେ। ଅପରପକ୍ଷେ ସ୍ୱାମୀଙ୍କ ହତ୍ୟାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅକ୍ଷୟଙ୍କ ସ୍ତ୍ରୀ ଲିପିନା ପଣ୍ଡା ଦାବି କରିଛନ୍ତି।

ଏଭଳି ନୃଶଂସ ହତ୍ୟାକାଣ୍ଡକୁ ପୋଲିସ ଗୁରୁତ୍ୱର ସହ ନେଇଛି। ଡିଏସ୍‌ପି ବିଭୂତି ସାହୁ, ଥାନାଧିକାରୀ ପ୍ରଦୀପ କୁମାର ପ୍ରଧାନ ସଦଳବଳ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ଜିଲା ଚିକିତ୍ସାଳୟରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ସଦର ଥାନାରେ ନଂ. ୪୨୯/୨୩ରେ ଏକ ମାମଲା ରୁଜୁ କରାଯାଇଛି।

ଯେତେବେଳେ ତୁମେ ଏକ ସାଂପ୍ରଦାୟିକ ଧାର୍ମିକ ଗଣ୍ଡି ଭିତରେ ରହି ବନ୍ଦ ହୋଇଯାଅ– ଏବଂ ସେତିକି ମାତ୍ର ବିଶ୍ୱାସ ସଙ୍ଗେ ନିଜକୁ ବାନ୍ଧି ରଖ– ଏବଂ ଭାବ ଯେ, ସେତିକି ହିଁ ବିଶ୍ୱରେ ଏକମାତ୍ର ସତ୍ୟ– ସେତେବେଳେ ତୁମେ ତୁମର ଅନ୍ତରାତ୍ମାର ଅଗ୍ରଗତି ଓ ବିସ୍ତାରଶୀଳତାକୁ ବନ୍ଦ କରିଦିଅ । –ଶ୍ରୀମା

# ବିଜୟର ରହସ୍ୟ



**ଆକାର ପଟେଲ**

କର୍ଣାଟକ ବିଧାନସଭା ନିର୍ବାଚନରେ କଂଗ୍ରେସ ବିଜୟୀ ହୋଇଥିଲେ ବି ଭାଜପା ତା’ ଭୋଟ ହାର ବଜାୟ ରଖିଛି। କଂଗ୍ରେସ ଅଧିକ ୫% ଭୋଟ ପାଇ ୪୩%ରୁ ସାମାନ୍ୟ କମ୍‌ରେ ଥିବାବେଳେ ଭାଜପା ୦.୨% ଭୋଟ ହରାଇ ୩୬%ରେ ଅଛି। ତେବେ କଂଗ୍ରେସ କେମିତି ଏହାର ଲୋକପ୍ରିୟତା ବଢ଼ାଇଲା ? ଏହା ପଛରେ ଅନେକ ବିଷୟ ଥାଇପାରେ, କିନ୍ତୁ ଶାସକ ବିରୋଧୀ ଲହର ଏଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ ନୁହେଁ। କାହିଁକି ନୁହେଁ ? କାରଣ, ଭାଜପା ତା’ ଲୋକପ୍ରିୟତା ସ୍ତର ହାସଲ କରି ୨୦୧୮ରେ ଯେତିକି ଭୋଟ ପାଇଥିଲା ଏଥର ମଧ୍ୟ ସମାନ ସଂଖ୍ୟକ ଭୋଟରଙ୍କୁ ଆକର୍ଷିତ କରିପାରିଲା। ଏହା ପଛରେ ଏକ କାରଣ ରହିଛି ଏବଂ ପରେ ଆମେ ସେ ବିଷୟକୁ ଆସିବା। ଯଦି ଶାସକ ବିରୋଧୀ ଲହର ନୁହେଁ ତେବେ ଭାଜପା ହାରିବା ପଛରେ କେଉଁ ବିଷୟ ରହିଛି ତାହା ଦେଖିବା। ଦଳ ନିଜେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଷୟ କଥା କହୁଛି। ଗୋଟିଏ ହେଲା ସେମାନେ(କଂଗ୍ରେସ) ଦେଇଥିବା ୫ଟି ଯୋଜନାର ପ୍ରତିଶ୍ରୁତି ଓ ଅନ୍ୟଟି ଭାରତ ଯୋଡ଼ୋ ଯାତ୍ରା। ୫ଟି ଯୋଜନା ମଧ୍ୟରେ ରହିଛି ମାସକୁ ୨୦୦ ୟୁନିଟ୍ ମାଗଣା ବିଦ୍ୟୁତ୍, ଗୋଟିଏ ପରିବାରର ପ୍ରତ୍ୟେକ ମୁଖ୍ୟ ମହିଳାଙ୍କୁ ୨୦୦୦ ଟଙ୍କା, ଦୁଇ ବର୍ଷ ପାଇଁ ବାର୍ଷିକ ୩,୦୦୦ ଟଙ୍କା ବେରୋଜଗାର (ଚାକିରି କରି ନ ଥିବା ଡିଗ୍ରୀଧାରୀ)ଭତ୍ତା ଓ ଡିପ୍ଲୋମାଧାରୀଙ୍କୁ ମାସକୁ ୧୫୦୦ ଟଙ୍କା, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରକୁ ମୁଣ୍ଡ ପିଛା ୧୦ କେ.ଜି. ଚାଉଳ ଏବଂ ରାଜ୍ୟ ବସ୍‌ଗୁଡ଼ିକରେ ମହିଳାମାନଙ୍କୁ ମାଗଣାରେ ଯାତ୍ରା ସୁବିଧା। କଂଗ୍ରେସ ବିଜୟ ପଛରେ ଏସବୁ ଯୋଜନା ଥିଲା ମୁଖ୍ୟ। ଏହାବ୍ୟତୀତ ଅନ୍ୟ କିଛି କାରଣ ବି ରହିଛି। ଗ୍ରାମୀଣ ଅଞ୍ଚଳରେ ସ୍ୱାସ୍ଥ୍ୟକର୍ମୀ ଭାବେ ଥିବା ଆଶାକର୍ମୀ ମାସିକ ସ୍ଥାୟୀ ଭାବେ ୫,୦୦୦ ଟଙ୍କା ପାଇବେ, ମଧ୍ୟାହ୍ନଭୋଜନ ରୋଷେୟା ଏବଂ ଅଙ୍ଗନୱାଡି କର୍ମୀ ମାସକୁ ୨୪୦୦ ରୁ ୩୫୦୦ ଟଙ୍କା ଅଧିକ ପାଇବେ। ନାଇଟ୍ ଡ୍ୟୁଟିରେ ରହୁଥିବା ପୋଲିସ କର୍ମଚାରୀମାନେ ମାସକୁ ଅଧିକ ୫,୦୦୦ ଟଙ୍କା ପାଇବା ସହ ଗୋଟିଏ ମାସର ଦରମା ବି ପାଇବେ। ଏବେ କର୍ଣାଟକରେ ୬୫,୦୦୦ ଅଙ୍ଗନୱାଡି କର୍ମୀ ଓ ୧ ଲକ୍ଷ ପୋଲିସ କାର୍ଯ୍ୟକରୁଛନ୍ତି। ଯଦି ବେଙ୍ଗାଲୁରୁରେ ଜଣେ ମହିଳା ହାଉସହୋଲ୍ଡ ମେଡ୍ ଥିବେ ତେବେ ସେ ଏବେଠାରୁ ୨୦୦୦ ଟଙ୍କା, ୧୨୦୦ଟଙ୍କା (ମାସିକିଆ ବସ୍ ପାସ୍‌ର ମୂଲ୍ୟ) ଏବଂ ୧୦ କେ.ଜି. ଚାଉଳ ପାଇବା ସହ ମାଗଣା ବିଦ୍ୟୁତ୍ ବି ପାଇବେ। ଏହି ଅଧିକ ପରିମାଣର ସହାୟତା ତାଙ୍କ ଜୀବନରେ ବଡ଼ ପରିବର୍ତ୍ତନ ଆଣିବ। ଅର୍ଥନୀତି ବିଶ୍ଳେଷକ ଅନିନ୍ଦ୍ୟ ଚକ୍ରବର୍ତ୍ତୀ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟର ମାସିକ ହାରାହାରି ମୁଣ୍ଡପିଛା ଆୟ ୨୨,୦୦୦ ଟଙ୍କା। କିନ୍ତୁ ଏହା ସମ୍ପୂର୍ଣ୍ଣ ଅସମାନ। ରାଜ୍ୟ ଜନସଂଖ୍ୟାର ୬୦%ରୁ ଊର୍ଦ୍ଧ୍ୱ ଲୋକଙ୍କର ମୁଣ୍ଡପିଛା ମାସିକ ଆୟ ୧୩,୮୦୦ ଟଙ୍କା। ଏଣୁ ଏଭଳି ଲୋକମାନଙ୍କୁ ଦିଆଯାଇଥିବା ଏହିସବୁ ଗ୍ୟାରେଣ୍ଟିର ମାନେ କ’ଣ ତାହା ବିଚାର କରନ୍ତୁ।

ଏହି ଯୋଜନାଗୁଡ଼ିକର ପ୍ରୟୋଜନ କ’ଣ ସେ ସମ୍ପର୍କରେ ଗୁରୁତ୍ୱର ସହ ଆମକୁ ବିଚାର କରିବାକୁ ପଡ଼ିବ। ସରକାର କ୍ଷୁଧା ସୂଚକାଙ୍କରେ ଭାରତର ଅଧୋଗତିକୁ ରଦ୍ଦ କରିପାରନ୍ତି, ହେଲେ ମାଗଣା ଶସ୍ୟ ଜନସଂଖ୍ୟାର ଏକ ସିଂହଭାଗ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତରେ ବେରୋଜଗାର ସମ୍ପର୍କିତ ଦୁଇଟି ସୂଚକ ରହିଛି। ଗୋଟିଏ ସରକାର ଓ ଅନ୍ୟଟି ପ୍ରାଇଭେଟ୍ ଫାର୍ମ ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନୋମି (ସିଏମ୍‌ଆଇଇ) ସଂଯୋଜିତ କରିଛନ୍ତି। ସିଏମ୍‌ଆଇଇ ପ୍ରକାଶ କରିଛି ଯେ, ଭାରତରେ ବେରୋଜଗାର ଅତ୍ୟଧିକ ଓ ଏହା ୫ ବର୍ଷ ମଧ୍ୟରେ ୬%ରୁ ତଳକୁ ଖସିନାହିଁ। ଏହାସହ ଶ୍ରମ ଭାଗୀଦାରି ହାର ମଧ୍ୟ ଦୁର୍ବଳ ରହିଛି। ଯେଉଁମାନେ ଚାକିରି ପାଇବାକୁ ସକ୍ଷମ ହେଉନାହାନ୍ତି କିମ୍ବା ଯେଉଁ ପ୍ରକାର ଚାକିରି ଚାହୁଁଛନ୍ତି ତାହା ପାଇପାରୁନାହାନ୍ତି, ସେମାନେ ଚାକିରି ଖୋଜିବା ସମ୍ପୂର୍ଣ୍ଣ ବନ୍ଦ କରିଦେଉଛନ୍ତି। ଏ କ୍ଷେତ୍ରରେ ସରକାରୀ ତଥ୍ୟ କହେ ଯେ, ଦେଶରେ ୧୫% ଡିଗ୍ରୀଧାରୀ ଚାକିରି ପାଇନାହାନ୍ତି। ଭାରତୀୟ ମହିଳାମାନଙ୍କ ଶ୍ରମ ଭାଗୀଦାରି ବିଶ୍ୱରେ ସବୁଠୁ କମ୍। ଏହା ପଛରେ ସାମାଜିକ ସହିତ ଅନ୍ୟ ବହୁ କାରଣ ରହିଛି। ସୁରକ୍ଷା, ନିୟମିତ ଏବଂ ଶସ୍ତା ପରିବହନ ବିଷୟଗୁଡ଼ିକ ମଧ୍ୟ ବିଚାର୍ଯ୍ୟ। ଏହି କାରଣଗୁଡ଼ିକୁ ଗ୍ରହଣ କରିବାକୁ ହେଲେ ଆମକୁ ନିର୍ଣ୍ଣୟ କରିବାକୁ ହେବ ଯେ, ୨୦୨୩ରେ ଦାରିଦ୍ର୍ୟ ଏବଂ ବେରୋଜଗାର ଭଳି ଗମ୍ଭୀର ସମସ୍ୟା ଭାରତରେ ଅଛି। କିନ୍ତୁ ସରକାର ଯାହା କହୁଛନ୍ତି ସେଥିରୁ ଜଣାପଡୁଛି ଯେ ଏସବୁ ନାହିଁ। ବାସ୍ତବରେ ସମସ୍ୟାକୁ ସିଦ୍ଧ କରୁଥିବା ତଥ୍ୟ ଓ ମତକୁ ସରକାର ଅଗ୍ରାହ୍ୟ କରୁଛନ୍ତି, ଯେଉଁଥିରୁ ଜଣାପଡୁଛି ସମସ୍ୟା ରହିଛି। ମୋଦି ସରକାରଙ୍କର ଅମୃତକାଳ, ବିଶ୍ୱଗୁରୁର କାହାଣୀରେ ଥିବା ସମସ୍ୟା କଂଗ୍ରେସକୁ ସଫଳତା ଦେଇଛି କି ? ଭାଜପା ଏବଂ ଏହାର ସମର୍ଥକମାନେ ସେମାନେ କହୁଥିବା ରାବିଡ଼ି ସଂସ୍କୃତିକୁ ଉପହାସ କରିଛନ୍ତି। ଯେଉଁମାନେ ଏଥିରୁ କିଛି ପାଇବାକୁ ଆଶା କରିଛନ୍ତି ସେହି ବ୍ୟକ୍ତିଙ୍କ ପାଇଁ ଏହା ଏବେ ଅପମାନଜନକ ହୋଇଛି, ତଥାପି ଏହି ଶବ୍ଦକୁ ବ୍ୟବହାର କରାଯାଉଛି। ଏହିସବୁ ବିଷୟକୁ ‘ଫ୍ରିବିଜ୍’ କହିବା ନୈତିକତା ଦୃଷ୍ଟିରୁ ଭୁଲ୍। ସଭ୍ୟ ଦେଶଗୁଡ଼ିକରେ ଏହି ବିଷୟକୁ ଅଧିକାଂଶ ବୈଧାନିକ ଅଧିକାର ବୋଲି କହନ୍ତି, କାରଣ ସେମାନେ ପାଇବାକୁ ହକ୍‌ଦାର। ଗରିବମାନେ ହିଁ ସରକାରଙ୍କଠାରୁ ଏହିସବୁ ସୁବିଧା ପାଇବାକୁ ଯୋଗ୍ୟ ହୋଇଥା’ନ୍ତି। ମଧ୍ୟବିତ୍ତ ଶ୍ରେଣୀର ଲୋକେ ମାଗଣା ଚାଉଳ କିମ୍ବା ୨୦୦ ୟୁନିଟ୍ ବିଦ୍ୟୁତ୍ ପାଇଁ ଧାଡ଼ି ଲଗାଇବା ବିଚାରକୁ ନେଇ ଉତ୍ସାହିତ ହେବେ ନାହିଁ। ଏହି ବିଷୟଗୁଡ଼ିକୁ ନେଇ ଆମେ ଭୋଟ ଦେଉନାହୁଁ। ବାସ୍ତବରେ ଆମେ ଯେଉଁଠୁ ଆରମ୍ଭ କରିଥିଲୁ ସେଥିରୁ ଗୋଟିଏ କାରଣକୁ ଫେରିବାକୁ ଚାହୁଁଛୁ। ଭାଜପା ଏହାର ଭୋଟ ହାର ବଜାୟ ରଖିଲା। ବୁଝାପଡୁଛି ଏହାର ଆଧାର ହେଉଛି ତା’ର ବିଚାରଧାରା। ଆମେ ଜାଣୁ ଯେ ଏହି ଆଧାର ସହରାଞ୍ଚଳରେ ମଧ୍ୟବିତ୍ତ ଓ ଉଚ୍ଚଜାତିର ଲୋକଙ୍କ ମଧ୍ୟରେ ମଜଭୁତ ରହିଛି।


Email:aakar.patel@gmail.com


# ସରକାରୀ ଶିକ୍ଷା ପ୍ରତି ଆଗ୍ରହ ବଢ଼ିଛି



**ଅକ୍ଷୟ କୁମାର ମିଶ୍ର**

ସରକାର ଅତି ଗର୍ବର ସହିତ କହୁଛନ୍ତି ସରକାରୀ ବିଦ୍ୟାଳୟରେ ନାମ ଲେଖା ବଢ଼ିଛି। ଅର୍ଥାତ୍ ଅଭିଭାବକମାନେ ସେମାନଙ୍କ ପିଲାମାନଙ୍କୁ ସରକାରୀ ବିଦ୍ୟାଳୟରେ ପଢାଇବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଏହାର ଅର୍ଥ କ’ଣ ସରକାରୀ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାଦାନ ହେଉଛି ? ଭଲ ପାଠପଢ଼ା ଦେଖି ଅଭିଭାବକମାନେ ଘରୋଇ ବିଦ୍ୟାଳୟ ଅପେକ୍ଷା ସରକାରୀ ବିଦ୍ୟାଳୟକୁ ଅଧିକ ପସନ୍ଦ କରୁଛନ୍ତି ? ବିଗତ ଦୁଇ ଦଶନ୍ଧି ଧରି ପ୍ରଚାର ଚାଲିଲା ସରକାରୀ ବିଦ୍ୟାଳୟର ଶିକ୍ଷାଦାନ ମାନ ଅତ୍ୟନ୍ତ ନୈରାଶ୍ୟଜନକ। ଭିତ୍ତିଭୂମି ଦୁର୍ବଳ। ଶିକ୍ଷକ ନାହାନ୍ତି। ଅଧିକାଂଶ ଶିକ୍ଷକଙ୍କୁ ଅଣଶୈକ୍ଷିକ କାର୍ଯ୍ୟରେ ନିୟୋଜିତ କରାଯାଉଛି। ଶିକ୍ଷକଙ୍କୁ ମଧ୍ୟ ଉତ୍ତରଦାୟୀ କରାଯାଉନି। ଏସବୁ ବିଦ୍ୟାଳୟରେ ପାଠ ପଢ଼ାଇଲେ ପିଲାଙ୍କ ଭବିଷ୍ୟତ ଅନ୍ଧକାର। ଅପରପକ୍ଷେ ଘରୋଇ ବିଦ୍ୟାଳୟରେ ପ୍ରତି ୨୦ ଜଣ ଛାତ୍ରୀଛାତ୍ରଙ୍କ ପାଇଁ ଜଣେ ଶିକ୍ଷକ ବା ଶିକ୍ଷୟିତ୍ରୀ ଅଛନ୍ତି। ଏମାନଙ୍କ ଉପରେ ଶିକ୍ଷାଦାନ ବ୍ୟତୀତ ଅନ୍ୟ କୌଣସି କାମର ବୋଝ ନାହିଁ। ଘରୋଇ ଶିକ୍ଷାନୁଷ୍ଠାନଗୁଡିକର ଭିତ୍ତିଭୂମି ବେଶ୍ ଉନ୍ନତ। ସ୍କୁଲ ବସ୍‌ରେ ପିଲା ଘରୁ ବିଦ୍ୟାଳୟକୁ ଯାଉଛି। ପିଲାଙ୍କ ସମ୍ପୂର୍ଣ୍ଣ ଦାୟିତ୍ୱ ସେମାନଙ୍କର। ଏହି ସପକ୍ଷ ବିପକ୍ଷ ପ୍ରଚାରର ପ୍ରଭାବ ଆମ ଶିକ୍ଷା ବ୍ୟବସ୍ଥା ଉପରେ କେମିତି ପଡ଼ିଛି ଆମେ ସଭିଏ ଭଲଭାବରେ ଜାଣିଛୁ।

ଗାଁ, ସାହି, ସହର, ବସ୍ତି ସବୁଠି ଆକର୍ଷଣୀୟ ବ୍ୟାନର ଓ ବିଶାଳକାୟ ହୋର୍ଡିଂ ଦେଖି ଅଭିଭାବକମାନେ ଭଲ ବିଦ୍ୟାଳୟ ବାଛି ନିଜ ପୁଅ ଝିଅଙ୍କ ନାମ ଲେଖାଇଲେ। ସିଧା କଥାରେ କହିଲେ ସରକାରୀ ବିଦ୍ୟାଳୟର ପିଲା ସଂଖ୍ୟା କ୍ରମେ ହ୍ରାସ ପାଇବାକୁ ଲାଗିଲା। ବିଶେଷ କରି ୨୦୦୬ ରୁ ଏହାର ଲେଖଚିତ୍ର ନିମ୍ନଗାମୀ ହେବାରେ ଲାଗିଲା। ଏଏସ୍‌ଇଆର୍(ବାର୍ଷିକ ଶିକ୍ଷାର ପରିସଂଖ୍ୟାନ ରିପୋର୍ଟ) ସର୍ଭେରୁ ଜଣାପଡିଛି ୨୦୧୮ ବେଳକୁ ଏହା ସର୍ବନିମ୍ନ ସ୍ତରରେ ପହଞ୍ଚିଲା। ଦେଶର ମାତ୍ର ୬୫ ପ୍ରତିଶତ ପିଲା ସରକାରୀ ବିଦ୍ୟାଳୟରେ ନାମ ଲେଖାଇଲେ। ଏବେ ଏହା ବୃଦ୍ଧି ପାଇ ୭୩ ପ୍ରତିଶତରେ ପହଞ୍ଚିଛି ବୋଲି ରିପୋର୍ଟରେ କୁହାଯାଇଛି। ଏଥିରେ ସରକାର ବେଶ୍ ଉତ୍‌ଫୁଲ୍ଲିତ। କିନ୍ତୁ ଏହାର କାରଣ ସରକାରୀ ବିଦ୍ୟାଳୟରେ ଶିକ୍ଷାଦାନର ଗୁଣାତ୍ମକ ବୃଦ୍ଧି ନା ଆଉ କିଛି ସେ ସମ୍ପର୍କରେ ପରେ ଆଲୋଚନା ରଖିବା।

ଏଏସ୍‌ଇଆର୍ ଦ୍ୱାରା ଦେଶର ୮୫ ପ୍ରତିଶତ ଜିଲାର ପାଖାପାଖି ସାତ ଲକ୍ଷ ପିଲାଙ୍କୁ ନେଇ ହୋଇଥିବା ଏକ ସର୍ଭେରୁ ପ୍ରକାଶିତ ସଦ୍ୟତମ ରିପୋର୍ଟ ଅନୁଯାୟୀ ପାଠରେ ଦକ୍ଷତା ଓ ଗଣିତରେ ଛାତ୍ରୀଛାତ୍ରଙ୍କ ଜ୍ଞାନ ଅତ୍ୟନ୍ତ ହତାଶଜନକ। ଚାରୋଟି ପର୍ଯ୍ୟାୟକୁ ପରିମାପକ ରୂପେ ବିଚାର କରି ଏହି ସର୍ଭେ ହୋଇଥିବା ଜଣାପଡିଛି। ସେଗୁଡିକ ହେଲା ପ୍ରଥମେ ଅକ୍ଷର ଲେଖା, ଦ୍ୱିତୀୟରେ ଶବ୍ଦ ଲିଖନ, ତୃତୀୟରେ ବାକ୍ୟ ଲିଖନ ଓ ଚତୁର୍ଥରେ କିଛି ଜଟିଳ ଶବ୍ଦ ଥାଇ ଏକ ଅନୁଚ୍ଛେଦ ଲିଖନ। ଏହି ସର୍ଭେ କହୁଛି ତୃତୀୟ ଶ୍ରେଣୀର ୮୦ପ୍ରତିଶତ ପିଲା ବହି ପଢ଼ି ପାରୁନାହାନ୍ତି। ୨୦୧୪ର ରିପୋର୍ଟ ହେଲା ୨୩ ପ୍ରତିଶତ ପିଲା ବହି ପଢ଼ି ପାରୁଥିଲେ। ୨୦୧୮ ବେଳକୁ ଏଥିରେ ସାମାନ୍ୟ ଉନ୍ନତି ଘଟିଥିଲା। ୨୮ ଶତକଡା ପିଲା ବହି ପଢ଼ି ପାରୁଥିଲେ। ଏବେ (୨୦୨୨ ମସିହାରେ) ଦେଖାଯାଉଛି ଏହା ପୁଣି ତଳକୁ ଖସିଛି। ୧୦୦ ଜଣ ପିଲାଙ୍କ ଭିତରେ ମାତ୍ର ୨୦ ଜଣ ପିଲା ବହି ପଢ଼ି ପାରୁଛନ୍ତି। ସେମିତି ପଞ୍ଚମ ଶ୍ରେଣୀ ବେଳକୁ ଦେଖାଯାଇଛି ୨୦୧୪ରେ ୪୮ପ୍ରତିଶତ ଶିକ୍ଷାର୍ଥୀ ଦ୍ୱିତୀୟ ଶ୍ରେଣୀର ବହି ପଢ଼ି ପାରୁଥିଲେ। ୨୦୧୮ରେ ଏହା ବୃଦ୍ଧିଘଟି ୫୦ ଶତକଡାରେ ପହଞ୍ଚିଥିଲା। ମାତ୍ର ଏବେ ୪୨ ପ୍ରତିଶତ ପିଲା ମାନ ରକ୍ଷାରେ ସକ୍ଷମ। ଗଣିତ କ୍ଷେତ୍ରରେ ମଧ୍ୟ ସମାନ ସ୍ଥିତି। ୨୦୧୪ରେ ୭୫ ପ୍ରତିଶତ ପିଲା ସାଧାରଣ ବିୟୋଗ କରିବାରେ ଅସମର୍ଥ ଥିବା ବେଳେ ୨୦୧୮ରେ ୭୨ପ୍ରତିଶତ ପିଲା ଏଭଳି ଦୟନୀୟ ଅବସ୍ଥାରେ ଥିବା ଜଣାପଡିଥିଲା। ଏବେ ପୁଣି ପୂର୍ବାବସ୍ଥା। ମାତ୍ର ଶତକଡା ୨୫ ଛାତ୍ରୀଛାତ୍ର ବିୟୋଗ କରିବାରେ ସାମର୍ଥ୍ୟ ଅର୍ଜନ କରିପାରିଛନ୍ତି। ସମାନ ଦୁର୍ଦ୍ଦଶା ପଞ୍ଚମ ଶ୍ରେଣୀ ପିଲାଙ୍କ ନିକଟରେ ଦେଖିବାକୁ ମିଳୁଛି। ସରଳ ହରଣ ପ୍ରକ୍ରିୟା ସମାଧାନ କରିବାରେ ସକ୍ଷମ ନୁହନ୍ତି। ଏହି ପରିସଂଖ୍ୟାନକୁ ଅନୁଧ୍ୟାନ କଲେ ଆମେ ସିଦ୍ଧାନ୍ତରେ ଉପନୀତ ହେବା ଯେ ଗୋଟିଏ ଦଶନ୍ଧି ଭିତରେ ସେମିତି କିଛି ପରିବର୍ତ୍ତନ ଘଟିନାହିଁ। ଆମ ପିଲାଙ୍କ ଶୈଶବ ଅବସ୍ଥା ଯଦି ଏମିତି ତେବେ ଭବିଷ୍ୟତଟା କେତେ ଉଜ୍ଜ୍ୱଳ ହେବ ତାହା ଜଳଜଳ କରି ଦେଖାଯାଉଛି।



ଶିକ୍ଷା ହେଉଛି ବିକାଶର ଅସଲ ଚାବିକାଠି। ଅଥଚ ସରକାରଙ୍କ ମନୋବୃତ୍ତି କ’ଣ ପ୍ରତିବର୍ଷ ବଜେଟରେ ଶିକ୍ଷା ବାବଦକୁ ବ୍ୟୟ ବରାଦ ଦେଖିଲେ ହୃଦୟଙ୍ଗମ କରି ହୁଏ। ୨୦୨୧-୨୨ ବଜେଟରେ ଜିଡିପିର ୩.୧ ପ୍ରତିଶତ ବ୍ୟୟ ବରାଦ ହେବା ଆମ ଉଦ୍ଦେଶ୍ୟକୁ ପଦାରେ ପକାଇ ଦେଇଛି। ଆମ ରାଜ୍ୟର ସ୍ଥିତି ଯେ ଭିନ୍ନ ଏ କଥା କୁହାଯାଇ ପାରିବନାହିଁ। ୨୦୨୧-୨୨ରେ ବଜେଟରେ ୧୫.୨ ପ୍ରତିଶତ ଶିକ୍ଷା କ୍ଷେତ୍ରରେ ଖର୍ଚ୍ଚ କରିବାକୁ ବରାଦ ହୋଇଥିବା ବେଳେ ୨୦୨୨-୨୩ରେ ଏହା ହ୍ରାସ କରାଯାଇ ୧୩.୫ ପ୍ରତିଶତରେ ସୀମିତ ରଖାଯାଇଛି।

ପାଞ୍ଚ ବର୍ଷ ଭିତରେ ସରକାରୀ ବିଦ୍ୟାଳୟରେ ଯେଉଁ ସାତ ପ୍ରତିଶତ ପିଲା ଅଧିକ ନାମ ଲେଖାଇଛନ୍ତି ଏହାର କାରଣ କ’ଣ ସତରେ ସରକାରୀ ବିଦ୍ୟାଳୟରେ ଶିକ୍ଷାଦାନ ପ୍ରତି ଆକୃଷ୍ଟ ହୋଇ ? ଯଦି ହଁ, ତେବେ ଯୁକ୍ତି କ’ଣ ? ବିଦ୍ୟାଳୟର ଭିତ୍ତିଭୂମିର ଉନ୍ନତି ହୋଇଛି ? ଅଧିକ ଶିକ୍ଷକ ନିଯୁକ୍ତି ଦିଆଯାଇଛି ? ପ୍ରତି ଶ୍ରେଣୀ ପାଇଁ ଜଣେ ଲେଖାଏ ଶିକ୍ଷକ ଅଛନ୍ତି ? ଶିକ୍ଷକମାନେ ନିଜକୁ ଉତ୍ତରଦାୟୀ ମନେକରି ନିଜ କାର୍ଯ୍ୟକୁ ସୁଚାରୁରୂପେ ସମ୍ପାଦନ କରୁଛନ୍ତି ? ପ୍ରାଥମିକ ବିଦ୍ୟାଳୟରେ ଯେଉଁ ମଧ୍ୟାହ୍ନ ଭୋଜନ ଦିଆଯାଉଛି ତା’ର ମାନ ବଢ଼ିଛି ? ଯଦି ଏସବୁର ଉତ୍ତର ସନ୍ତୋଷଜନକ ନୁହେଁ ତେବେ ପିଲା ସଂଖ୍ୟା ବଢିବା କାରଣ କ’ଣ ? କାହିଁକି ଘରୋଇ ବିଦ୍ୟାଳୟ ଛାଡି ଅଭିଭାବକମାନେ ସରକାରୀ ବିଦ୍ୟାଳୟ ଅଭିମୁଖେ ? ଏହି କଥାଟି ବୁଝିବାକୁ ହେଲେ ପ୍ରଥମେ ହିସାବ ନେବାକୁ ହେବ କେତେଜଣ ସରକାରୀ କର୍ମଚାରୀ, ଶିକ୍ଷକ, ଡାକ୍ତର, ଇଞ୍ଜିନିୟର ଓକିଲ, କେତେଜଣ ଏମ୍‌ପି, ବିଧାୟକ, ମନ୍ତ୍ରୀ ଏପରିକି ସରପଞ୍ଚ, କେତେଜଣ ବଡ଼ ବ୍ୟବସାୟୀ, କେତେଜଣ ଉଦ୍ୟୋଗପତି ଘରୋଇ ବିଦ୍ୟାଳୟ ପରିବର୍ତ୍ତେ ସରକାରୀ ବିଦ୍ୟାଳୟରେ ସେମାନଙ୍କ ପୁଅ ଝିଅ, ନାତି ନାତୁଣୀଙ୍କ ନାମ ଲେଖାଇଛନ୍ତି। ମନେହୁଏ ଏହି ସଂଖ୍ୟା କୌଣସି ଗର୍ବ କଲା ଭଳି ନୁହେଁ। ଆମେ ଯଦି ଅନୁଶୀଳନ କରିବା ଏମାନଙ୍କ ମଧ୍ୟରେ ପ୍ରାୟ ସଭିଏ କୃଷକ, ଶ୍ରମିକ, ବସ୍ତି ବାସିନ୍ଦା, ରିକ୍ସା ଚାଳକ, ଉଠା ବ୍ୟବସାୟୀ ଘରର ପିଲା, ଯେଉଁମାନଙ୍କର ଆର୍ଥିକ ଅବସ୍ଥାରେ ଅବନତି ଘଟିଛି। ଫଳରେ ସରକାରୀ ବିଦ୍ୟାଳୟ ପ୍ରତି ସେମାନଙ୍କର ଆଦର ବଢ଼ିଛି। ଘରୋଇ ବିଦ୍ୟାଳୟର ମାଲିକମାନେ କୋର୍ସ ଫି’ ବଢ଼ାଇ ଦିଆଯିବାରୁ ନିମ୍ନ ମଧ୍ୟବିତ୍ତ ଶ୍ରେଣୀର କିଛି ଲୋକ ଯେଉଁମାନେ ତଥାକଥିତ ଗୁଣାତ୍ମକ ଶିକ୍ଷା ପାଇବା ଆଶାରେ ଘରୋଇ ବିଦ୍ୟାଳୟରେ ନିଜ ପିଲାଙ୍କୁ ପଠାଇବାକୁ ମନ ବଳାଇଥିଲେ ସେମାନେ ସରକାରୀ ବିଦ୍ୟାଳୟକୁ ପସନ୍ଦ କରିବାକୁ ବାଧ୍ୟ ହୋଇଛନ୍ତି।

ଆତ୍ମସନ୍ତୋଷର ଏହା ସମୟ ନୁହେଁ। ଏହି ଧାରାକୁ ବଜାୟ ରଖିବା ସହିତ ବଢ଼ାଇବାକୁ ହେବ। ନିର୍ଦ୍ଦିଷ୍ଟ ଶ୍ରେଣୀରୁ ନୁହେଁ ସମସ୍ତ ବର୍ଗର ଲୋକଙ୍କୁ ସରକାରୀ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବାକୁ ପଡ଼ିବ। ଏଥିପାଇଁ ମୁଖ୍ୟ କାର୍ଯ୍ୟ ହେଲା ସରକାରୀ ବିଦ୍ୟାଳୟର ଭିତ୍ତିଭୂମିର ବିକାଶ ଓ ଗୁଣାତ୍ମକ ଶିକ୍ଷାଦାନ ପ୍ରତି ପ୍ରାଥମିକତା ଦେବା।


ପ୍ରାକ୍ତନ ଯୁଗ୍ମ ସାଧାରଣ ସମ୍ପାଦକ, ଓଷ୍ଟା
ମୋ– ୭୦୦୮୦୭୩୫୯୯


# ସିବିଆଇର ସର୍ବେସର୍ବା

**ବ୍ୟକ୍ତିତ୍ୱ**



ପ୍ରବୀଣ ସୁଦ୍

କର୍ଣାଟକ ବିଧାନସଭା ନିର୍ବାଚନ ଫଳାଫଳ ୧୩ ମେ’ରେ ପ୍ରକାଶ ପାଇଲା। ଏଥିରେ କଂଗ୍ରେସ ବିପୁଳ ବିଜୟ ହାସଲ କରି ୨୨୪ ଆସନ ମଧ୍ୟରୁ ୧୩୫ ସିଟ୍ ଜିତିବାରେ ସକ୍ଷମ ହେଲା। ଅନ୍ୟପକ୍ଷରେ ଭାରତୀୟ ଜନତା ପାର୍ଟି (ଭାଜପା) ୬୬ ଆସନରେ ବିଜୟୀ ହୋଇଥିଲା। ସେହିଦିନ ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଡି. ୱାଇ. ଚନ୍ଦ୍ରଚୂଡ଼ ଓ ବିରୋଧୀ ଦଳ ନେତା ତଥା ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀଙ୍କୁ ନେଇ ଗଠିତ ଉଚ୍ଚସ୍ତରୀୟ କମିଟି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ପରବର୍ତ୍ତୀ ମୁଖ୍ୟଙ୍କୁ ଚୟନ କଲା। ୧୪ ମେ’ରେ କର୍ଣାଟକ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ପ୍ରବୀଣ ସୁଦ୍‌ଙ୍କୁ ସିବିଆଇ ନିର୍ଦ୍ଦେଶକ କରାଗଲା ବୋଲି ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଲା। ଏଥିରେ କୁହାଗଲା ଯେ, ବର୍ତ୍ତମାନର ନିର୍ଦ୍ଦେଶକ ଥିବା ସୁବୋଧ କୁମାର ଜୈସ୍ୱାଲଙ୍କ କାର୍ଯ୍ୟକାଳ ୨୫ ମେ’ରେ ଶେଷ ହେବା ପରେ ପ୍ରବୀଣ ଦାୟିତ୍ୱ ଗ୍ରହଣ କରିବେ। ତାଙ୍କ କାର୍ଯ୍ୟକାଳ ଦୁଇ ବର୍ଷ ରହିବ। କର୍ଣାଟକ ପ୍ରଦେଶ କଂଗ୍ରେସ କମିଟି ସଭାପତି ତଥା ବର୍ତ୍ତମାନର ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ୧୯୮୬ ବ୍ୟାଚ୍‌ର ଭାରତୀୟ ପୋଲିସ ସେବା (ଆଇପିଏସ୍)ର ଏହି ଅଧିକାରୀଙ୍କ ବିରୋଧରେ ଅଭିଯୋଗ ଆଣିବା ପରେ ତାଙ୍କର ସିବିଆଇ ନିର୍ଦ୍ଦେଶକ ନିଯୁକ୍ତି ଏକ ଭିନ୍ନ ସମୀକରଣ ସୃଷ୍ଟି କରିଛି। କର୍ଣାଟକରେ ଭାଜପା ଶାସନରେ ଥିବାବେଳେ ପ୍ରବୀଣ କେବଳ କଂଗ୍ରେସ ନେତାଙ୍କୁ ଟାର୍ଗେଟ କରୁଥିଲେ ଓ ଭାଜପା କ୍ୟାଡରଙ୍କ ମନ୍ଦ କାର୍ଯ୍ୟ ପ୍ରତି ଆଖିବୁଜି ଦେଉଥିଲେ ବୋଲି ଶିବକୁମାର କହିଥିଲେ। ତେଣୁ ତାଙ୍କ ସରକାର ଆସିଲେ ପ୍ରବୀଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଥିଲେ। ବର୍ତ୍ତମାନର ସ୍ଥିତି ଦେଖିଲେ କର୍ଣାଟକରେ କଂଗ୍ରେସ ସରକାର ଗଠନ କରିଥିଲେ ମଧ୍ୟ ପ୍ରବୀଣ ଆଉ ଶିବକୁମାରଙ୍କ ଅଧୀନରେ ନାହାନ୍ତି। ସେ ସିବିଆଇ ନିର୍ଦ୍ଦେଶକ ହୋଇଯାଇଥିବାରୁ ବରଂ ଶିବକୁମାରଙ୍କ ଭୟ ବଢ଼ିଯାଇଛି। କୁହାଯାଉଛି ଭାଜପା ହିସାବ କରି କର୍ଣାଟକ ଡିଜିପିଙ୍କୁ ସିବିଆଇ ମୁଖ୍ୟ କରିଦେଇଛି। ସଂକ୍ଷିପ୍ତ ତାଲିକାରେ ବହୁ ଅଫିସର ଥିବାବେଳେ ପ୍ରବୀଣଙ୍କୁ ସିବିଆଇ ନିର୍ଦ୍ଦେଶକ କରାଯିବା ପରେ ତାଙ୍କ ବ୍ୟକ୍ତିତ୍ୱ ବିଷୟରେ ଜାଣିବା ଲାଗି ସମସ୍ତଙ୍କ ଆଗ୍ରହ ରହିବା ସ୍ୱାଭାବିକ।

ହିମାଚଳ ପ୍ରଦେଶ କାଙ୍ଗ୍ରାରେ ଏକ ନିମ୍ନ ମଧ୍ୟବିତ୍ତ ପରିବାରରେ ୨୨ ମେ’ ୧୯୬୪ରେ ପ୍ରବୀଣ ଜନ୍ମଗ୍ରହଣ କରିଥିଲେ। ପିତା ଓମ୍ ପ୍ରକାଶ ସୁଦ୍ ଦିଲ୍ଲୀ ସରକାରରେ ଜଣେ କିରାଣି ଥିଲେ। ମାତା କମ୍‌ଲେଶ ସୁଦ୍ ଥିଲେ ଶିକ୍ଷୟିତ୍ରୀ। ପ୍ରବୀଣ ଦିଲ୍ଲୀରେ ବଢ଼ିଥିଲେ। ମେଧାବୃତ୍ତି ପାଇ ସେ ଦିଲ୍ଲୀର ମ୍ୟୁନିସିପାଲ ସ୍କୁଲରୁ ପ୍ରାରମ୍ଭିକ ପଢ଼ା ଶେଷ କରିଥିଲେ। ଏହା ପରେ ସେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ଦିଲ୍ଲୀ (ଆଇଆଇଟି ଦିଲ୍ଲୀ)ରୁ ସିଭିଲ୍ ଇଞ୍ଜିନିୟରିଂରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ସେଠାରେ ପଢୁଥିବା ବେଳେ ସେ ମନସ୍ତତ୍ତ୍ୱକୁ ଏକ ଇଚ୍ଛାଧୀନ ବିଷୟ ରଖିଥିଲେ। ଇଞ୍ଜିନିୟରିଂ ପଢ଼ା ସାରି ସେ ସିଭିଲ୍ ସର୍ଭିସ ଏକ୍‌ଜାମିନେଶନ (ସିଏସ୍‌ଇ) ଲାଗି ପ୍ରସ୍ତୁତି କରିଥିଲେ। ୧୯୮୬ରେ ଏଥିରେ କୃତକାର୍ଯ୍ୟ ହୋଇଥିଲେ। ତେବେ ଉଚ୍ଚଶିକ୍ଷା ପ୍ରତି ଆଗ୍ରହ ଥିବାରୁ ୨୦୦୩ରେ ସେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ, ବାଙ୍ଗାଲୋର (ଆଇଆଇଏମ୍‌ବି)ରେ ପବ୍ଲିକ୍ ପଲିସି ଆଣ୍ଡ୍ ମ୍ୟାନେଜମେଣ୍ଟରେ ପୋଷ୍ଟ ଗ୍ରାଜୁଏଟ୍ ଡିଗ୍ରୀ ଅର୍ଜନ କରିଥିଲେ। ଏଥିସହିତ ନ୍ୟୁୟର୍କର ସାଇରାକସ୍ ବିଶ୍ୱବିଦ୍ୟାଳୟରୁ ମଧ୍ୟ ଉଚ୍ଚଶିକ୍ଷା ଗ୍ରହଣ କରିଥିଲେ। ତେବେ ୧୯୮୬ରେ ପ୍ରବୀଣ ଆଇପିଏସ୍ ଅଫିସର ଭାବେ ଉତ୍ତୀର୍ଣ୍ଣ ହେବା ପରେ ହାଇଦ୍ରାବାଦସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ନ୍ୟାଶନାଲ ପୋଲିସ ଏକାଡେମୀରେ ଯୋଗଦେଇଥିଲେ। ୧୯୮୯ରେ ପ୍ରଶିକ୍ଷଣ ଶେଷ କରି ସେ ଚାକିରିର ପ୍ରଥମ ନିଯୁକ୍ତି ମହୀଶୂରରେ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ (ଏଏସ୍‌ପି) ଭାବେ ଯୋଗଦେଇଥିଲେ। ଏହାପରେ ସେ ବେଲାରୀ ଓ ରାଇଚୁର ଜିଲାରେ ଏସ୍‌ପି ଭାବେ କାର୍ଯ୍ୟ ତୁଲାଇଥିଲେ। ପରବର୍ତ୍ତୀ ସମୟରେ ସେ ବେଙ୍ଗାଲୁରୁରେ ଆଇନ ଓ ଶୃଙ୍ଖଳାର ଡେପୁଟି କମିଶନର ଅଫ୍ ପୋଲିସ (ଡିସିପି) ହୋଇଥିଲେ। ୧୯୯୯ରେ ତାଙ୍କୁ ମରିସସ୍ ସରକାରଙ୍କ ପୋଲିସ ଉପଦେଷ୍ଟା ଭାବେ ନୂଆ ଦାୟିତ୍ୱ ଦିଆଯାଇଥିଲା। ସେଠାରେ ସେ ୩ ବର୍ଷ ରହିଥିଲେ। ଏହି ସମୟ ମଧ୍ୟରେ ସେ ଆମେରିକା ଓ ୟୁରୋପୀୟ ସଂଘ (ଇୟୁ)ର ଆଇନ ପ୍ରବର୍ତ୍ତନ ସଂସ୍ଥା ସହ ମିଶି କାମ କରିବାର ସୁଯୋଗ ପାଇଥିଲେ। ୨୦୦୪ରେ ପ୍ରବୀଣ ମହୀଶୂରରେ ପୋଲିସ କମିଶନର ଭାବେ ଯୋଗଦେଇ ୨୦୦୭ ଯାଏ ସେଠାରେ ରହିଥିଲେ। ସେହି ସମୟରେ ସେ ଟ୍ରାଫିକ୍ ନିୟନ୍ତ୍ରଣ ଲାଗି ନୂତନ ରଣକୌଶଳ ପ୍ରସ୍ତୁତ କରିବା ସହିତ ପାକିସ୍ତାନରୁ ଭାରତ ପଶି ଆସିଥିବା ଆତଙ୍କବାଦୀମାନଙ୍କୁ ଗିରଫ କରି ଚହଳ ପକାଇଥିଲେ। ଫେବୃୟାରୀ ୨୦୦୮ରୁ ସେପ୍ଟେମ୍ବର ୨୦୧୧ ଯାଏ ସେ ବେଙ୍ଗାଲୁରୁ ସହରର ଟ୍ରାଫିକ୍ ବିଭାଗରେ ଆଡିସ୍‌ନାଲ କମିଶନର ଅଫ୍ ପୋଲିସ (ଟ୍ରାଫିକ୍) ଦାୟିତ୍ୱରେ ରହି ସେଠାରେ ଟ୍ରାଫିକ୍ ମ୍ୟାନେଜମେଣ୍ଟ ସେଣ୍ଟର ପ୍ରତିଷ୍ଠା କରିଥିଲେ। ରାଜ୍ୟ ସରକାରରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ଦକ୍ଷତା ପ୍ରଦର୍ଶନ କରିଥିବା ପ୍ରବୀଣଙ୍କୁ ଜାନୁୟାରୀ ୨୦୨୦ରେ କର୍ଣାଟକର ଡିଜିପି ତଥା ଇନ୍ସପେକ୍ଟର ଜେନେରାଲ ଅଫ୍ ପୋଲିସ (ଆଇଜିପି) କରାଯାଇଥିଲା।

ଭ୍ରମଣପ୍ରିୟ ପ୍ରବୀଣ ଗଲ୍ଫ ଖେଳିବାକୁ ଭଲ ପାଆନ୍ତି। ସେ ପୋଲିସ ବିଭାଗରେ ଉତ୍କର୍ଷ କାର୍ଯ୍ୟ ଲାଗି ମୁଖ୍ୟମନ୍ତ୍ରୀ ସ୍ୱର୍ଣ୍ଣ ପଦକଠାରୁ ଆରମ୍ଭ କରି ଉଲ୍ଲେଖନୀୟ ସେବା ପାଇଁ ରାଷ୍ଟ୍ରପତିଙ୍କ ପୋଲିସ ମେଡାଲ ମଧ୍ୟ ପାଇଛନ୍ତି। ବ୍ୟକ୍ତିଗତ ଜୀବନ କହିଲେ ତାଙ୍କ ସହଧର୍ମିଣୀ ବିନିତା ସୁଦ୍ ଜଣେ ମହିଳା ଉଦ୍ୟୋଗୀ। ତାଙ୍କର ଦୁଇ ଝିଅ ଅଶିତା ଓ ଅନୁଷ୍କା। ଅଶିତା ବୃତ୍ତିରେ ଆଇନଜୀବୀ ଓ କ୍ରିକେଟର ମୟଙ୍କ ଅଗ୍ରୱାଲଙ୍କୁ ବିବାହ କରିଛନ୍ତି।

**– ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ଚାକିରି ଛାଡ଼ି ଛତୁଚାଷ କରିବା ସହ ସେଥିରୁ ଆଚାରଠାରୁ ଆରମ୍ଭ କରି ବିସ୍କୁଟ ଆଦି ପ୍ରସ୍ତୁତ କରି ଅନ୍ୟମାନଙ୍କୁ ଆୟର ବାଟ ଦେଖାଇଛନ୍ତି ଉତ୍ତରାଖଣ୍ଡ ଟେହରିଗଡ଼ୱାଲର କୁଲ୍‌ଦୀପ ବିଷ୍ଟ। ସେ ରହୁଛନ୍ତି ଭୌସକୋଟ ଗାଁରେ। କୁଲ୍‌ଦୀପ ଏମ୍‌ବିଏ ଡିଗ୍ରୀ ହାସଲ କରିବା ପରେ ଚାକିରି କରିଥିଲେ। କିନ୍ତୁ ତାହା ଛାଡ଼ି ସେ ୨୦୧୭ରେ ଛତୁଚାଷ ଆରମ୍ଭ କରିଥିଲେ । ପରେ ଏହି ଚାଷକୁ ବଢ଼ାଇବା ସହ ଛତୁରୁ ଆଚାର, ବିସ୍କୁଟ, ନୁଡୁଲ୍ସ ପ୍ରସ୍ତୁତ କରୁଛନ୍ତି। ଏବେ ଚ୍ୟବନପ୍ରାସ୍ ତିଆରି କରିବା ଲାଗି ଯୋଜନା କରିଛନ୍ତି। ସେ ତାଙ୍କ ଉତ୍ପାଦକୁ ‘ଫୁଙ୍ଗୋ’ ବ୍ରାଣ୍ଡରେ ବିକ୍ରି କରୁଛନ୍ତି। ଏହି ଉତ୍ପାଦ ଲାଗି ସେ ଗାଁର ମହିଳାମାନଙ୍କୁ ପ୍ରଶିକ୍ଷଣ ଦେଇ ନିଯୁକ୍ତି ଦେଇଛନ୍ତି। ଏହାବ୍ୟତୀତ ଛତୁଚାଷ ସମ୍ପର୍କରେ ଅନ୍ୟମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି, ଯଦ୍ୱାରା ଅଧିକ ଲୋକ ଏହି ଚାଷ ପ୍ରତି ଆକର୍ଷିତ ହୋଇଛନ୍ତି। ସେମାନେ ଉତ୍ପାଦନ କରୁଥିବା ଛତୁକୁ କୁଲଦୀପ କିଣି ସେଥିରୁ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି। ଫଳରେ ଚାଷୀମାନେ ଅଧିକ ଲାଭ ପାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୧ ମେ ୧୯୯୮

- ବିରୋଧୀ ଦଳ ମେଣ୍ଟର ନେତା ପଦରୁ କାମ୍ବୋଡ଼ିଆର ପଦଚ୍ୟୁତ ପ୍ରଧାନମନ୍ତ୍ରୀ ଯୁବରାଜ ନରୋଦମ ସିଆନୋକଙ୍କ ଇସ୍ତଫା ପ୍ରଦାନ।
- ହାୱାଲା ମାମଲାରୁ ଜୈନ ଭ୍ରାତୃତ୍ରୟ ଏସ୍.କେ. ଜୈନ, ବି.ଆର୍. ଜୈନ ଏବଂ ଏନ୍.କେ. ଜୈନ ଦୋଷମୁକ୍ତ।

## ଚିରନ୍ତନୀ

ନିରାଟ ନିର୍ଜୀବ ଆହେ ନିରୁପମ
ରୂପବାନ୍ ଧାତୁ!
ପ୍ରକଟିଲା ଧରା ପରେ ଜ୍ୟୋତି ତବ
ସେ କେଉଁ ପ୍ରଭାତୁଁ?

(ସୁନା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁଡୋକୁ

su|do|ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 8 | | | | | | | | |
| | | | | | 1 | | 7 | 9 |
| 3 | | | | 6 | 4 | 8 | | |
| | | 5 | | | | | | |
| 7 | | 6 | 2 | | | | 4 | |
| | | | 7 | 8 | | | | |
| 5 | | | | | | | 3 | 1 |
| | | 8 | | | | | 9 | 2 |
| 6 | | 2 | | | | | 8 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 4 | 7 | 8 | 2 | 9 | 3 | 1 |
| 7 | 1 | 9 | 4 | 5 | 3 | 6 | 8 | 2 |
| 8 | 2 | 3 | 1 | 6 | 9 | 4 | 5 | 7 |
| 1 | 3 | 2 | 8 | 4 | 7 | 5 | 6 | 9 |
| 6 | 7 | 8 | 9 | 3 | 5 | 2 | 1 | 4 |
| 9 | 4 | 5 | 6 | 2 | 1 | 3 | 7 | 8 |
| 3 | 8 | 1 | 2 | 9 | 6 | 7 | 4 | 5 |
| 2 | 5 | 7 | 3 | 1 | 4 | 8 | 9 | 6 |
| 4 | 9 | 6 | 5 | 7 | 8 | 1 | 2 | 3 |

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଓଡ଼ିଆ ଭାଷା ଉପେକ୍ଷିତ କାହିଁକି

ମହାଶୟ,

ସମ୍ପ୍ରତି ଆଧୁନିକତାର ଦ୍ୱାହି ଦେଇ ଅନେକ ଶିକ୍ଷିତ ଓଡ଼ିଆଭାଷୀ ବ୍ୟକ୍ତି ନିଜ ମୁହଁରେ କଥିତ ଓଡ଼ିଆ ଭାଷା ବ୍ୟବହାର କରିବାକୁ କୁଣ୍ଠାବୋଧ କରୁଛନ୍ତି। ନିଜ ପରିବାରରେ, ସାଙ୍ଗ ସାଥୀ ମେଳରେ, ବଜାର ଘାଟରେ, ସଭା ସମିତି, ଉତ୍ସବ ଅନୁଷ୍ଠାନଗୁଡ଼ିକରେ ଏପରିକି ନିଜ ନିଜ କର୍ମସ୍ଥଳୀ ଅବା କାର୍ଯ୍ୟାଳୟରେ ଓଡ଼ିଶାବାସୀ ହୁଅନ୍ତୁ କି ଓଡ଼ିଆଭାଷୀ ପରସ୍ପର ମଧ୍ୟରେ କଥାବାର୍ତ୍ତା କଲାବେଳେ ଉକ୍ତି ଆଳାପ ବିନିମୟ ସମୟରେ, ବକ୍ତୃତା ଦେବା ବେଳେ କିମ୍ବା କୌଣସି କାର୍ଯ୍ୟକ୍ରମର ପ୍ରସଙ୍ଗ ଉପସ୍ଥାପନ କରୁଥିବା ବେଳେ କଥିତ ଓଡ଼ିଆ ଭାଷା ପ୍ରୟୋଗ କରୁନାହାନ୍ତି। ସେଥିଯୋଗୁ ଓଡ଼ିଆଙ୍କ ସ୍ୱାଭିମାନ ଆଘାତପ୍ରାପ୍ତ ହେଉଛି। କାରଣ ଏହି ସବୁ ଅନ୍ୟ ଭାଷାଭାଷୀ ଶବ୍ଦର ଅର୍ଥଗତ ସମାନତା ବଜାୟ ରଖି ଓଡ଼ିଆ ଭାଷାକୋଷରେ ପର୍ଯ୍ୟାପ୍ତ ପ୍ରତିଶବ୍ଦ ରହିଥିବା ବେଳେ ଆମେ କାହିଁକି ନିଜର କେଉଁ ପ୍ରକାର ମେଧାଶକ୍ତିର ଉପଯୋଗ ପାଇଁ ଚେଷ୍ଟିତ ହେବା ? ନିଜ ମାତୃଭାଷା ଓଡ଼ିଆକୁ ଅବହେଳା କରି ଅନ୍ୟ ଭାଷାରେ ସୀମିତ ଜ୍ଞାନ ଥିବା ବ୍ୟକ୍ତି କଥା କଥାରେ ବିଦେଶୀ ଭାଷା ଅଥବା ଅନ୍ୟ ଆଞ୍ଚଳିକ ଭାଷାର ବହୁଳ ବ୍ୟବହାର କରିବା ଅଜ୍ଞାନତାର ପରିଚୟ ବୋଲି କୁହାଯାଇପାରେ। ଓଡ଼ିଶାରେ ଓଡ଼ିଆ ଭାଷା ଉପେକ୍ଷିତ କାହିଁକି ? ଏହି ଦିଗରେ ସମସ୍ତ ଓଡ଼ିଆଭାଷୀ ତଥା ଓଡ଼ିଶାବାସୀ ସାମୂହିକ ସଚେତନ ହେବା ଏବଂ ସହୃଦୟତା ସହକାରେ ଆମ କଥିତ ଓଡ଼ିଆ ଭାଷାର ବହୁଳ ବ୍ୟବହାର କରିବା ଉଚିତ। ଭାଷା ବହୁ ମାତ୍ରାରେ କଥିତ ହେଲେ ଜାତି ସମୃଦ୍ଧ ହେବ ।

**– ଅବନୀ ଚନ୍ଦ୍ର ଦାସ,**
**ପ୍ରଶାନ୍ତି ବିହାର, ଭୁବନେଶ୍ୱର**



ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଭୁଲକୁ ଲୁଚାଇବା ପାଇଁ ଦ୍ୱିତୀୟ ବିମୁଦ୍ରୀକରଣ କରାଯାଇଛି: ଖାର୍ଗେ

## ୨ହଜାର ଟଙ୍କିଆ ନୋଟ ବନ୍ଦ ନିଷ୍ପତ୍ତିକୁ ନେଇ ଟାର୍ଗେଟ୍

**ନୂଆଦିଲ୍ଲୀ,୨୦।୫**

ପ୍ରଥମ ବିମୁଦ୍ରୀକରଣ ଏକ ଭୁଲ ନିଷ୍ପତ୍ତି ଥିଲା। ଏହି ଭୁଲକୁ ଲୁଚାଇବା ପାଇ ଏବେ କେନ୍ଦ୍ର ସରକାର ଦ୍ୱିତୀୟ ବିମୁଦ୍ରୀକରଣ କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଶନିବାର ଏଭଳି ଟୁଇଟ କରି ମୋଦି ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି,ଏହି ଘଟଣାର ନିରପେକ୍ଷ ଯାଞ୍ଚ ଜରୁରୀ। କେନ୍ଦ୍ର ସରକାର ପ୍ରଥମ ବିମୁଦ୍ରୀକରଣ ସହିତ ଅର୍ଥନୀତିରେ ଏକ ଗଭୀର କ୍ଷତ ସୃଷ୍ଟି କରିଥିଲେ। ଯାହା ସମଗ୍ର ଅସଂଗଠିତ କ୍ଷେତ୍ରକୁ ଧ୍ୱଂସ କରିଦେଇଛି, ଏମ୍ଏସ୍ଏମ୍ଇ (ମାଇକ୍ରୋ, କ୍ଷୁଦ୍ର ଏବଂ ମଧ୍ୟମ



ମଲ୍ଲିକାର୍ଜୁନ ଖାର୍ଗେ

ଉଦ୍ୟୋଗ) ବନ୍ଦ ହୋଇଯାଇଛି। ଏଥିଲାଗି କୋଟି କୋଟି ଲୋକ ଜିବୀକା ହରାଇଛନ୍ତି। ବର୍ତ୍ତମାନ କେନ୍ଦ୍ର ସରକାର ୨ ହଜାର ଟଙ୍କିଆ ନୋଟ ସହିତ 'ଦ୍ୱିତୀୟ ବିମୁଦ୍ରୀକରଣ' ଆଣିଛନ୍ତି। ଏହା ଏକ ଭୁଲ ନିଷ୍ପତ୍ତିକୁ ଆଚ୍ଛାଦନ କରୁନାହିଁ କି? କେବଳ ଏକ ନିରପେକ୍ଷ ଅନୁସନ୍ଧାନ ହୋଇପାରିଲେ ଏଭଳି ଶୋଷଣର ସତ୍ୟତା ପ୍ରକାଶ ପାଇ ପାରିବ ବୋଲି ଖାର୍ଗେ ଉଲ୍ଲେଖ କରିଛନ୍ତି।


ଭୁବନେଶ୍ୱରର ଏକ ହୋଟେଲରେ ଶନିବାର ଆୟୋଜିତ ଭାଜପା କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

# ପ୍ରଧାନମନ୍ତ୍ରୀ ଶିକ୍ଷିତ ହେବା ଜରୁରୀ: କେଜରିୱାଲ

## ଜଣେ ବ୍ୟକ୍ତି ହଠାତ ଉଚ୍ଚ ପଦବୀ ପାଇଗଲେ କେଜରିୱାଲଙ୍କ ଭଳି ଅହଂକାରୀ ହୋଇଯାଆନ୍ତି: ଭାଜପା


ଅରବିନ୍ଦ କେଜରିୱାଲ


ଖୁସ୍‌ବୁ ସୁନ୍ଦର

**ନୂଆଦିଲ୍ଲୀ,୨୦।୫**

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ୨ ହଜାର ଟଙ୍କିଆ ନୋଟ ପ୍ରତ୍ୟାହାର ପ୍ରସଙ୍ଗକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅଶିକ୍ଷିତ ବୋଲି କହିବା ପରେ ଭାଜପା ପକ୍ଷରୁ ଏହାର କଡ଼ା ସମାଲୋଚନା କରାଯାଇଛି। ଏ ନେଇ ଭାଜପା ନେତ୍ରୀ ଖୁସ୍‌ବୁ ସୁନ୍ଦର କହିଛନ୍ତି, ଯେତେବେଳେ ଜଣେ ବ୍ୟକ୍ତି ହଠାତ ଉଚ୍ଚ ପଦବୀ ଓ ଟଙ୍କା ପାଆନ୍ତି, ସେତେବେଳେ ସେ କେଜରିୱାଲଙ୍କ ଭଳି ଅହଂକାରୀ ହୋଇଯାଆନ୍ତି। ବିଭିନ୍ନ କାରଣରୁ କେଜରିୱାଲ ଆଜିକାଲି ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଟାର୍ଗେଟ କରୁଛନ୍ତି। ଶୁକ୍ରବାର ଭାରତୀୟ ରିଜର୍ଭ ବ୍ୟାଙ୍କ ଦେଶରେ ୨ ହଜାର ଟଙ୍କିଆ ନୋଟ ପ୍ରତ୍ୟାହାର କରାଯିବା ନେଇ ଘୋଷଣା କରିଛନ୍ତି। ଏହାପୂର୍ବରୁ ୨୦୧୬ରେ ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଥିଲେ। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରି କେଜରିୱାଲ ମୋଦିଙ୍କୁ ଟାର୍ଗେଟ କରିଛନ୍ତି। ସେ ଟୁଇଟ କରି କହିଛନ୍ତି ପ୍ରଥମେ ୨ ହଜାର ଟଙ୍କିଆ ନୋଟ ଆଣି ଦୁର୍ନୀତି ବନ୍ଦ କରିବାକୁ ସରକାର କହିଥିଲେ। ବର୍ତ୍ତମାନ ୨ ହଜାର ଟଙ୍କିଆ ନୋଟ ବନ୍ଦ କରି ଦୁର୍ନୀତି ଶେଷ କରିବା କଥା କହୁଛନ୍ତି। ସେଥିପାଇଁ ଆମେ କହୁଛୁ, ପ୍ରଧାନମନ୍ତ୍ରୀ ଶିକ୍ଷିତ ହେବା ଜରୁରୀ। ଜଣେ ଅଶିକ୍ଷିତ ପ୍ରଧାନମନ୍ତ୍ରୀ କିଛି ବି କହିପାରିବେ। ସେ କିଛି ବୁଝନ୍ତି ନାହିଁ। ସେଥିପାଇଁ ଜନସାଧାରଣଙ୍କୁ ଯନ୍ତ୍ରଣା ଭୋଗିବାକୁ ପଡିବ। କେଜରିୱାଲଙ୍କ ଏହି ବିବୃତ୍ତି ପରେ ଭାଜପା ନେତା ଖୁସ୍‌ବୁ ଟୁଇଟ କରି କହିଛନ୍ତି, ଏହା ତୁମର ଅହଂକାରର ଏକ ପ୍ରଦର୍ଶନ! ଆମର ରାଜନୈତିକ ମତଭେଦ ଅବା ଆଦର୍ଶରେ ପାର୍ଥକ୍ୟ ଯାହା ବି ହୋଇପାରେ। ମାତ୍ର ପ୍ରଧାନମନ୍ତ୍ରୀଙ୍କ ପଦବୀକୁ ସମ୍ମାନ ଦିଆଯିବା ଆବଶ୍ୟକ। ଏହିପରି ଭାଷା ଗ୍ରହଣୀୟ ନୁହେଁ । ସେଥିପାଇଁ ଏହା କୁହାଯାଏ, ଚିନ୍ତା କରିବା ପରେ ଭୋଟ ଦିଆଯିବା ଉଚିତ। ନଚେତ ତୁମ ପରି ଲୋକ କ୍ଷମତା ଏବଂ ଟଙ୍କା ପାଇବା ପରେ ଏଭଳି କାର୍ଯ୍ୟ କରିଥାନ୍ତି।

# ମୋଦି ସରକାରଙ୍କ ସଫଳତାକୁ ନେଇ ଗାଁକୁ ଯିବ ଭାଜପା

## ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

**ଭୁବନେଶ୍ୱର,୨୦।୫(ବ୍ୟୁରୋ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଓଡ଼ିଶାର ବିକାଶ ପାଇଁ ଗତ ୯ ବର୍ଷରେ ପର୍ଯ୍ୟାପ୍ତ ପରିମାଣର ଆର୍ଥିକ ଅନୁଦାନ ଦେଇଛନ୍ତି। ଏଥିସହିତ ଗ୍ରାମାଞ୍ଚଳରେ ବସବାସ କରୁଥିବା ଗରିବ ଓ ମଧ୍ୟବିତ୍ତଙ୍କ ପାଇଁ ଅନେକ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ପକ୍କାଘର, ଶୌଚାଳୟ, ପାନୀୟଜଳ ସହ ବିଜୁଳି, ରାସ୍ତା, କୃଷକ ଆୟ ଦ୍ୱିଗୁଣିତ ଓ ବୀମା ଯୋଗାଇ ଦେବା, ଯୁବତୀଯୁବକଙ୍କୁ ନିଯୁକ୍ତି ଦେବା ଭଳି କାର୍ଯ୍ୟ କେନ୍ଦ୍ର ସରକାର କରିଛନ୍ତି। ମାତ୍ର ଓଡ଼ିଶା ବିକାଶରେ ବାଧକ ସାଜିଥିବା ବିଜେଡି ସରକାର ପାଇଁ କେନ୍ଦ୍ର ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଯୋଜନା ଓଡ଼ିଶାର ତୃଣମୂଳସ୍ତରରେ ପହଞ୍ଚି ପାରୁନାହିଁ । ଏହି କାରଣରୁ ବିଭିନ୍ନ କେନ୍ଦ୍ରୀୟ ଯୋଜନାର ସୁଫଳରୁ ବଞ୍ଚିତ ହେଉଛନ୍ତି ଓଡ଼ିଶାବାସୀ। ଗତ ୨୩ ବର୍ଷ ଧରି ଓଡ଼ିଶାରେ ଦୁର୍ନୀତି, ଭ୍ରଷ୍ଟାଚାର, ଅସାମ୍ବିଧାନିକ ସରକାର ଚାଲିଛି। ରାଜ୍ୟ ଓ ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ରାଜ୍ୟରେ ବିଜେଡି ମୁକ୍ତ ଶାସନର ଆବଶ୍ୟକତା ରହିଛି । ଶନିବାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ସଭାପତିତ୍ୱ କରି ରାଜ୍ୟ ସଭାପତି ମନମୋହନ ସାମଲ ଏହା କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୯ ବର୍ଷର ସଫଳତାକୁ ନେଇ ମେ' ୨୯ରୁ ଜୁନ୍ ୩୦ପର୍ଯ୍ୟନ୍ତ ଗାଁ ଓ ଘରକୁ ଘରକୁ ଯାଇ ପ୍ରଚାର କରିବେ। ଆଗାମୀ ୨୦୨୪ରେ ଭାଜପା ସରକାରକୁ ଆସିବା ପାଇଁ ସମସ୍ତ କାର୍ଯ୍ୟ କରିବ ବୋଲି ମନମୋହନ କହିଛନ୍ତି।

ରାଜ୍ୟର ସାମ୍ପ୍ରତିକ ରାଜନୈତିକ ଓ ସାମାଜିକ ପ୍ରସଙ୍ଗ ସମେତ କେନ୍ଦ୍ରରେ ୯ ବର୍ଷର ମୋଦି ସରକାରଙ୍କ ଉପଲବ୍ଧତାକୁ ନେଇ ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିଶ୍ୱେଶ୍ୱର ଟୁଡୁ, କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ରାଜ୍ୟ ପ୍ରଭାରୀ ଡି.ପୁରନ୍ଦେଶ୍ୱରୀ, ରାଜ୍ୟ ସାଧାରଣ ସମ୍ପାଦକ(ସଙ୍ଗଠନ) ମାନସ ମହାନ୍ତି ପ୍ରମୁଖ ସାଙ୍ଗଠନିକ କାର୍ଯ୍ୟକ୍ରମର ସମୀକ୍ଷା କରିବା ସହିତ ଆଗାମୀ ୪ ମାସର ରୋଡ୍‌ମ୍ୟାପର ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକାରିଣୀ ବୈଠକ ସମ୍ପର୍କରେ ସୂଚନା ଦେଇ ରାଜ୍ୟ ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, କାର୍ଯ୍ୟକାରିଣୀରେ ଆସନ୍ତା ଲୋକ ସଭା ଓ ବିଧାନସଭା ନିର୍ବାଚନରେ ବିଜୟୀ ପାଇଁ ଦଳ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏମ୍‌ପି ପ୍ରତାପ ଷଡ଼ଙ୍ଗୀ କହିଛନ୍ତି, ମୋଦି ସରକାର ଅମଳରେ ଗରିବ କଲ୍ୟାଣ ପାଇଁ ସମସ୍ତ ପ୍ରକାର ଯୋଜନା କରାଯାଇଛି । କାର୍ଯ୍ୟକାରିଣୀ ମାଧ୍ୟମରେ କାର୍ଯ୍ୟକର୍ତ୍ତାଙ୍କୁ ସକ୍ରିୟ କରିବା ସହ ସାଧାରଣ ଜନତାଙ୍କ ଭିତରେ ଜନଜାଗରଣ ସୃଷ୍ଟି କରିବା ମୂଳ ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି। ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ, ରାଜ୍ୟ କୋର୍ କମିଟି ସଦସ୍ୟ, ରାଜ୍ୟ ପଦାଧିକାରୀ, ରାଜ୍ୟ ମୁଖପାତ୍ର, ଏମ୍‌ପ, ବିଧାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ଜିଲ୍ଲା ସଭାପତି, ଜିଲ୍ଲା ପ୍ରଭାରୀ ଓ ସମସ୍ତ ମୋର୍ଚ୍ଚାର ସଭାପତି ପ୍ରମୁଖ ଉପସ୍ଥିତ ଥିଲେ।

# ତୋଗଲକି ଶାସନର ଅନ୍ୟ ନାମ ନୋଟବନ୍ଦୀ: କଂଗ୍ରେସ

**ଭୁବନେଶ୍ୱର,୨୦।୫(ବ୍ୟୁରୋ)**

୨୦୦୦ ଟଙ୍କିଆ ନୋଟ ଛାପିବା ପାଇଁ ୨୦୧୬ରେ କେନ୍ଦ୍ର ସରକାର ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରିଥିଲେ । ପୁଣି ସେହି ନୋଟକୁ ଫେରାଇ ନେବା ଏବଂ ତା'ର ରକ୍ଷଣାବେକ୍ଷଣ ଓ ସେହି ନୋଟକୁ ନଷ୍ଟ କରିବାରେ ମଧ ବହୁ କୋଟି ଟଙ୍କା ଖର୍ଚ୍ଚ ହେବ । ତେଣୁ ଏସବୁ ଖୋଦ୍ ପ୍ରଧାନମନ୍ତ୍ରୀଙ୍କର ଅହଂଭାବ, ଆତ୍ମଗର୍ବ ଓ ଅର୍ଥନୀତିକୁ ପରିଚାଳନା କରିବା ପାଇଁ ଉପଯୁକ୍ତ ଜ୍ଞାନ ନ ଥିବା ହେତୁ ଏଭଳି ପରିସ୍ଥିତି ଉପୁଜିଛି । ଏହା ପ୍ରଧାନମନ୍ତ୍ରୀଙ୍କର ତୋଗଲକି ଶାସନର ଦୃଷ୍ଟାନ୍ତ ବୋଲି କଂଗ୍ରେସ ମୁଖପାତ୍ର ରଜନୀ ମହାନ୍ତି କହିଛନ୍ତି। ଶନିବାର ପିସିସି କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ୨୦୧୬ ନଭେମ୍ବର ୮ରେ ଯେଉଁ ନୋଟବନ୍ଦୀ ଘୋଷଣା କରାଯାଇଥିଲା, ତାହା କାହାର ସ୍ୱାର୍ଥକୁ ପୂରଣ କରିବା ପାଇଁ କରାଯାଇଥିଲା ଆଜି ଦେଶବାସୀଙ୍କ ଆଗରେ ସ୍ପଷ୍ଟ ହୋଇଯାଇଛି । ଶୁକ୍ରବାର ଆର୍‌ବିଆଇ ୨ ହଜାର ଟଙ୍କିଆ ନୋଟକୁ ଫେରାଇ ନେବାପାଇଁ ଘୋଷଣା କରିଛି। ୪ଟି ରାଜ୍ୟର ନିର୍ବାଚନ ଆଉ କିଛିମାସ ବାକିଥିବା ବେଳେ ଏଭଳି ନିଷ୍ପତ୍ତି ନେବା ଆଉ କିଛି ନ୍ୟସ୍ତସ୍ୱାର୍ଥକୁ ପୂରଣ କରିବା ପାଇଁ କି ବୋଲି ସେ ପ୍ରଶ୍ନ କରିଛନ୍ତି। କାହିଁକି ଓ କେଉଁ ଉଦ୍ଦେଶ୍ୟରେ ଏହାକୁ ପୁନର୍ବାର ବଜାରରୁ ଫେରାଇ ନିଆଯାଉଛି। ଖବରଦାତା ସମ୍ମିଳନୀରେ ଯୋଗ ଦେଇ ପ୍ରଶାନ୍ତ ଶତପଥୀ ସାମ୍ବାଦିକମାନଙ୍କୁ କହିଥିଲେ, ବିମୁଦ୍ରୀକରଣ ଯୋଗୁ ପାଖାପାଖି ୨ କୋଟି ଲୋକ ଏବଂ ଲକ୍ଷ ଲକ୍ଷ ଅଣୁ, କ୍ଷୁଦ୍ର, ମଧ୍ୟମ ବର୍ଗ ଶିଳ୍ପ ସମ୍ପୂର୍ଣ୍ଣ ଭାବରେ ଠପ୍ ହୋଇଯାଇଛି । ତଦ୍ୱାରା


କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳୀୟ ନେତୃବୃନ୍ଦ।

ଭାରତର ଅର୍ଥନୀତି ବିକାଶର ଧାରା ଆଜି ପର୍ଯ୍ୟନ୍ତ ନିମ୍ନଗାମୀ ହେଉଛି । ୨୦୦୦ ଟଙ୍କା ନୋଟ ଛାପିବା ଏ ସରକାରଙ୍କର ବୌଦ୍ଧିକ ଶୂନ୍ୟତାର ଏକ ସ୍ପଷ୍ଟ ପ୍ରମାଣ । ଏଭଳି ଉପଦେଶ କେଉଁମାନେ ଦେଇଥିଲେ ଖୋଦ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ସମ୍ମୁଖରେ ପ୍ରକାଶ କରନ୍ତୁ ବୋଲି କଂଗ୍ରେସ ଦାବି କରିଛି। ଏହି ଖବରଦାତା ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ମିଡିଆ ସଂଯୋଜକ ଦୀପକ କୁମାର ମହାପାତ୍ର ଯୋଗ ଦେଇଥିଲେ।

# ୩ ସନ୍ତାନ ପାଇଁ ରଦ୍ଦ ହେଲା ସମିତିସଭ୍ୟ ପଦ

**ଚଣ୍ଡିଖୋଲ,୨୦।୫(ଡି.ଏନ.ଏ.)**

ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଭୁଷଣ୍ଡପୁର ପଞ୍ଚାୟତର ସମିତିସଭ୍ୟ ଜଗନ୍ନାଥ ମୁଦୁଲିଙ୍କ ସଭ୍ୟ ପଦ ରଦ୍ଦ କରାଯାଇଛି। ଚଣ୍ଡିଖୋଲ କୋର୍ଟର ସବ୍‌ଜଜ ସୌଭାଗ୍ୟ ରଞ୍ଜନ ସ୍ୱାଇଁ ତାଙ୍କ ସଭ୍ୟପଦ ରଦ୍ଦ କରିଛନ୍ତି। ଗତ ୧୭ ତାରିଖରେ ଏହି ପଞ୍ଚାୟତ ସମିତିସଭ୍ୟ ନିର୍ବାଚନୀ ମାମଲାର ଚୂଡ଼ାନ୍ତ ଶୁଣାଣି ହୋଇଥିଲା। ପରେ କୋର୍ଟ ରାୟକୁ ସଂରକ୍ଷିତ ରଖିଥିଲେ। ଶନିବାର ସବ୍‌ଜଜ୍ ଏହି ମାମଲାର ରାୟ ଶୁଣାଇବା ସହିତ ସେଠାରେ ପୁନର୍ବାର ନିର୍ବାଚନ କରାଯିବ ବୋଲି ମତ ରଖିଛନ୍ତି।

ସୂଚନା ଅନୁଯାୟୀ, ୨୦୨୨ ଫେବୃୟାରୀ ୧୮ରେ ଏହି ପଞ୍ଚାୟତରେ ଭୋଟ ଗ୍ରହଣ ହୋଇଥିଲା। ସମିତିସଭ୍ୟ ପାଇଁ ୩ ଜଣଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏଥିରେ ଜଗନ୍ନାଥ ବିଜୟୀ ଘୋଷିତ ହୋଇଥିଲେ। ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ମହେଶ୍ୱର ବେହେରା ଜଗନ୍ନାଥଙ୍କ ୩ ସନ୍ତାନ ଥିବା ସତ୍ତ୍ୱେ କିପରି ସେ ନିର୍ବାଚନ ଲଢ଼ିଲେ ବୋଲି ପ୍ରଶ୍ନ ଉଠାଇଥିଲେ ଓ ପରେ ଚଣ୍ଡିଖୋଲ କୋର୍ଟରେ ମାମଲା ରୁଜୁ କରିଥିଲେ। କୋର୍ଟରେ ନଂ.୨/୨୨ରେ ଏକ ନିର୍ବାଚନୀ ମାମଲା ଚାଲିଥିଲା। ସାକ୍ଷ୍ୟପ୍ରମାଣ ସହ ଓଡ଼ିଶା ପଞ୍ଚାୟତ ସମିତି ଆକ୍ଟ ୧୯୫୯ ଓ ସେକ୍ସନ ୪୫(ଭି) ଅନୁଯାୟୀ ମିଥ୍ୟା ତଥ୍ୟ ପ୍ରଦାନ ଏବଂ ତା:୨୧।୪।୧୯୯୫ ପରେ ୨ ସନ୍ତାନରୁ ଅଧିକ ଥିଲେ ସଭ୍ୟ ପଦ ରଦ୍ଦ ହେବା ନିୟମକୁ ଆଧାର କରି ସବ୍‌ଜଜ ଜଗନ୍ନାଥଙ୍କ ସଭ୍ୟ ପଦ ରଦ୍ଦ କରିଛନ୍ତି। ମହେଶ୍ୱରଙ୍କ ପକ୍ଷରୁ ଆଡ୍‌ଭୋକେଟ ସୁରେଶ ଚନ୍ଦ୍ର ପଣ୍ଡା ଓ ଜଗନ୍ନାଥଙ୍କ ପକ୍ଷରୁ ଆଡ୍‌ଭୋକେଟ ଶଶାଙ୍କ ଶତପଥୀ ମାମଲା ପରିଚାଳନା କରୁଥିଲେ।

# ଚର୍ଚ୍ଚାରେ ସୂର୍ଯ୍ୟ ପାତ୍ରଙ୍କ ଉତ୍ତରାଧିକାରୀ

## ଦିଗପହଣ୍ଡି ନିର୍ବାଚନମଣ୍ଡଳୀ

**ବ୍ରହ୍ମପୁର ଅଫିସ,୨୦।୫**

ଆଗାମୀ ସାଧାରଣ ନିର୍ବାଚନ ନିକଟତର ହୋଇଛି। ବିଭିନ୍ନ ଦଳ ପକ୍ଷରୁ ପ୍ରାକ୍ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏଭଳି ସ୍ଥିତିରେ ବିଜେଡିର ବରିଷ୍ଠ ନେତା, ପୂର୍ବତନ ମନ୍ତ୍ରୀ ଓ ବାଚସ୍ପତି ଏବଂ ବର୍ତ୍ତମାନର ଦିଗପହଣ୍ଡି ବିଧାୟକ ସୂର୍ଯ୍ୟ ନାରାୟଣ ପାତ୍ର ସକ୍ରିୟ ରାଜନୀତିରୁ ଦୂରେଇ ରହିବା ରାଜନୈତିକ ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ଅତୀତରେ ଜିଲ୍ଲା ରାଜନୀତିରେ ସ୍ୱର୍ଗତ ରାମକୃଷ୍ଣ ପଟ୍ଟନାୟକ ଗଞ୍ଜାମ ଟାଇଗର ଭାବେ ପରିଚିତ ଥିଲେ। ପରବର୍ତ୍ତୀ ସମୟରେ ସୂର୍ଯ୍ୟ ପାତ୍ରଙ୍କୁ ଗଞ୍ଜାମ ଟାଇଗର ନଂ. ୨ର ଆଖ୍ୟା ଦିଆଯାଇଥିଲା। ତେବେ ଗତବର୍ଷରୁ ସେ ତାଙ୍କ ନିର୍ବାଚନ ମଣ୍ଡଳୀକୁ ମଧ ଆସୁନାହାନ୍ତି। ଅସୁସ୍ଥ ଥିବାରୁ ଭୁବନେଶ୍ୱର ବାସଭବନରେ ରହୁଛନ୍ତି।

ଛାତ୍ର ଜୀବନରୁ ରାଜନୀତି ଆରମ୍ଭ କରିଥିବା ସୂର୍ଯ୍ୟ ପ୍ରଥମେ ବ୍ରହ୍ମପୁର ଲୋକସଭା କ୍ଷେତ୍ରରୁ ତତ୍‌କାଳୀନ ଜନତା ପାର୍ଟିରୁ ୧୯୮୪ରେ ନିର୍ବାଚନ ଲଢ଼ି ପରାସ୍ତ ହୋଇଥିଲେ। ୧୯୯୦ ନିର୍ବାଚନରେ ମୋହନା ଆସନରୁ ଜନତା ଦଳରୁ ବିଧାୟକ ହୋଇ ବିଜୁ ପଟ୍ଟନାୟକଙ୍କ ମନ୍ତ୍ରୀ ମଣ୍ଡଳରେ ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ। ୧୯୯୧ ଲୋକସଭା ନିର୍ବାଚନରେ ପୁଣି ବ୍ରହ୍ମପୁର କ୍ଷେତ୍ରରୁ ଜନତା ଦଳରୁ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିଲେ। ଉଲ୍ଲେଖ କରାଯାଇପାରେ କି ଗଜପତି ଜିଲାର ମୋହନା ବ୍ଲକ ଏବଂ ଗଞ୍ଜାମ ଜିଲାର ଦିଗପହଣ୍ଡି ବ୍ଲକ ଓ ଏନଏସିକୁ ନେଇ ମୋହନା ବିଧାନସଭା କ୍ଷେତ୍ର ଗଠନ ହୋଇଥିଲା। ୧୯୯୦ରୁ ୨୦୧୯ ମଧ୍ୟରେ ହୋଇଥିବା ୭ ନିର୍ବାଚନରେ ସେ ଲଗାତର ଜିତିଥିଲେ। ୨୦୦୯ ନିର୍ବାଚନ ବେଳେ ସୀମା ନିର୍ଦ୍ଧାରଣ ଓ ପୁନର୍ଗଠନ ପ୍ରକ୍ରିୟାରେ ଦିଗପହଣ୍ଡି ଓ କୁକୁଡ଼ାଖଣ୍ଡି ବ୍ଲକକୁ ନେଇ ବିଧାନସଭା କ୍ଷେତ୍ର ହୋଇଛି। ଏଠାରୁ ମଧ ସୂର୍ଯ୍ୟ ଲଗାତର ନିର୍ବାଚିତ ହୋଇଛନ୍ତି।

୨୦୧୯ ନିର୍ବାଚନରେ ଜିତିବା ପରେ ତାଙ୍କୁ ବାଚସ୍ପତି କରାଯାଇଥିଲା। ଗତବର୍ଷ ଜୁନ ମାସରେ ସାମ୍ବିଧାନିକ ପଦରୁ ସେ ଇସ୍ତଫା ଦେଇଥିଲେ। ହଠାତ୍ ପଦ ଛାଡ଼ିବାର କାରଣ ଅସ୍ପଷ୍ଟ ରହିଛି। ରାଜନୈତିକ ସମୀକ୍ଷକ ଭିନ୍ନ ଭିନ୍ନ ମତ ଦେଉଛନ୍ତି। ଅନ୍ୟପକ୍ଷରେ ବିଧାୟକ ନିଜ ନିର୍ବାଚନ ମଣ୍ଡଳୀକୁ ନ ଆସିବା ବର୍ଷେ ବିତିବାକୁ ଯାଉଛି। ତେଣୁ ବଡ଼ଖେମୁଣ୍ଡି (ଦିଗପହଣ୍ଡି) ରାଜନୀତି ଗୋଳମାଳିଆ ହୋଇଯାଇଛି। ସୂର୍ଯ୍ୟ ଆଗାମୀ ନିର୍ବାଚନ ନ ଲଢ଼ିବା ନେଇ ଚର୍ଚ୍ଚା ହେଉଛି। ତାଙ୍କ ଉତ୍ତରାଧିକାରୀଙ୍କୁ ନେଇ ଆଲୋଚନା ଓ ପର୍ଯ୍ୟାଲୋଚନା ଚାଲିଛି। ପୁଅ ବିପ୍ଳବ ପାତ୍ର ବିଜେଡି ପ୍ରାର୍ଥୀ ହେବାକୁ ଆଶା ବାନ୍ଧିଛନ୍ତି। ପୂର୍ବତନ ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷ ବିପିନ ପ୍ରଧାନ ତାଙ୍କୁ କଣ୍ଟା ସାଜିଛନ୍ତି। ଉଭୟ ଆଶାୟୀ ପ୍ରତିଯୋଗିତାମୂଳକ ଭାବେ ନିର୍ବାଚନ ମଣ୍ଡଳୀରେ ସାଙ୍ଗଠନିକ କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି।

ଜିଲ୍ଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀରେ ଦଳୀୟ ରାଜନୀତି ଗୋଳମାଳିଆ ହୋଇଥିବା ସ୍ୱୀକାର କରିଛନ୍ତି। ତେବେ ବିପ୍ଳବ ଓ ବିପିନଙ୍କ ମଧ୍ୟରେ ମିଳାମିଶା ପାଇଁ ପ୍ରୟାସ ଚାଲିଥିବା ସେ ସୂଚନା ଦେଇଛନ୍ତି। ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯାହା ନିଷ୍ପତ୍ତି ନେବେ। ଯାହାକୁ ବିଜେଡି ଟିକେଟ ମିଳିବ ତାଙ୍କୁ ଜିତାଇବା ପାଇଁ ଉଦ୍ୟମ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ତେବେ ଦେଖା ଦେଇଥିବା ଗୋଷ୍ଠୀ କନ୍ଦଳ ଖୁବଶୀଘ୍ର ସମାଧାନ ହେବ ଏବଂ ଦିଗପହଣ୍ଡି ଆସନ ପୁନର୍ବାର ବିଜେଡି ଦଖଲକୁ ଆସିବ ବୋଲି ଜିଲା ସଭାପତି ଆଶା ପ୍ରକଟ କରିଛନ୍ତି।

**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA.**
**O.A No. 643 / 2022**

State Bank of India, SARB, Cuttack. ...Applicant
-Versus-
Smt. Rasmita Mohanty ...Defendants

To,
**Smt. Rasmita Mohanty,** W/o.: Girish Chandra Mohanty, At: Bhogara, P.O.: Khuntuni, Dist: Cuttack (Odisha), PIN - 754295

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an O.A. No. 643/2022 in the court of the Debts Recovery Tribunal, Cuttack for recovery of Rs.48,39,971.30 only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the publication or on dtd.23.06.2023 at 10.30 a.m. as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this **17th day of May 2023.**

Sd/- (Nikhila Ranjan Pati)
REGISTRAR

FORM NO. 13
**BEFORE THE DEBTS RECOVERY TRIBUNAL: CUTTACK: ODISHA**
C-71, SECTOR-7, CDA, CUTTACK: ODISHA
O.A. NO. 557/2022

AXIS BANK LIMITED ...APPLICANT
-Vrs.-
M/S. Sun Green Valley Pvt. Ltd. & others ...DEFENDANTS

To,
1. **M/S. Sun Green Valleys Pvt. Ltd.,** Toshali Apartment, Block-9 (Mali), Punjabi Colony, Satya Nagar, Bhubaneswar, Khordha-751007.
2. **Mr. Ramendra Kumar Pujari,** S/o- Surjya Kumar Pujari, C-60, BDA Colony, Aerodrome Area, Palaspalli, Bhubaneswar Urban, Odisha-751020.
3. **Smt. Rita Pujari,** W/o- Ramendra Kumar Pujari, C-60, BDA Colony, Aerodrome Area, Palaspalli, Bhubaneswar Urban, Odisha-751020.
4. **Mr. Rajiv Pujari,** S/o- Ramendra Kumar Pujari, Qr. No. K-11, Civil Township, Raghunathpalli, Rourkela, Odisha-769004.

... DEFENDANTS

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the Applicant has instituted an **O.A. No. 557/2022** in the Court of the Debts of Recovery Tribunal at Cuttack for recovery of **Rs.1,37,68,213/- (Rupees One Crore Thirty Seven Lakh Sixty Eight Thousand Two Hundred Thirteen only)** together with current and future interest, costs and other reliefs. The above mentioned Defendants are therefore, directed to appear before this Tribunal in person or through an advocate or duly authorised agent, in support of their defence to show cause within **30 days** from the publication or on **27.06.2023 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **09th day of May, 2023.**

Date: 09.05.2023

Sd/- (S.K. RATH)
REGISTRAR (I/C)

**UNIVERSITY LAW COLLEGE**
**UTKAL UNIVERSITY**
**VANI VIHAR, BHUBANESWAR-751004 (ODISHA)**
**Tel: 0674 - 2589507**
NAAC-A+ Accreditation

No. ULC/548/2023 **ADMISSION NOTICE** DATE: 20.05.2023

**5 YEAR INTEGRATED B.A.LL.B(HONS.) COURSE FOR THE SESSION, 2023-2024.**
Applications are invited in prescribed form for admission into 5 Year Integrated B.A.LL.B (Hons.) Course at University Law College,Bhubaneswar-751007.

| | |
|---|---|
| Number of Seats | 60(Sixty) |
| Eligibility Criteria | 45% of marks for General and 40% of marks for S.C. /S.T. Candidates at +2 Arts/Science/Commerce or equivalent examinations. |
| Application Procedure | The Candidates are required to download the application form and Prospectus from our website www.universitylawcollegebbsr.org.in and send the filled in application form with requisite document along with application fees for Rs.600/- (Rupees six hundred only) in the shape of D.D drawn in favour of the **Principal, University Law College, Bhubaneswar Payable at Bhubaneswar** |
| Address in which Application forms are to be sent | **Principal, University Law College, Vani Vihar, Bhubaneswar-751007 through Speed Post only,. The Application form may be deposited in the office counter** |
| Availability and Receiving of Application Forms | From 24.05.2023 (9:00 A.M. to 11.00 AM) |
| Last date of Submission of Form | 14 days from the date of publication of +2 Results of C.H.S.E. Odisha (All Stream) or 24.06.2023 by 1.00 PM whichever is later. |
| **Date of Entrance Examination** | **09.07.2023 (Sunday) Time (10.00 AM-11.00 AM) in the College Campus** |

For further details & updates, please visit our website www.universitylawcollegebbsr.org.in regularly.

Sd/-
**Principal,**
**University Law College,Bhubaneswar-04**
**Tel.: (0674) 2589507 (Off.)**

**TPCODL**
**TP CENTRAL ODISHA DISTRIBUTION LIMITED**
(A Tata Power and Odisha Govt. Joint Venture)
2nd Floor, IDCO Tower, Janpath Bhubaneshwar, Odisha 751022
**NOTICE INVITING TENDER**
NIT No: TPCODL/P&S/NIT/23-24/06

**TP Central Odisha Distribution Limited invites open tender from eligible Bidders for the following:**


| Sl No | Tender Description | Tender Enquiry No. | Tender Fee inclusive of GST (Rs.) | EMD (Rs. Lakhs) | Last date & time of payment of Tender Fee |
|---|---|---|---|---|---|
| 1 | Rate Contract for Supply of Single-Phase Smart Meters (with NIC) & Meter Box | TPCODL / CCG / 23-24 / 001 | 5,000 | 50.00 | 29/05/2023, 15.00 Hrs. |
| 2 | PO for supply of 3Ph Tamper Testing Simulator | TPCODL/ P&S/ 1000000382/ 23-24 | 5,000 | 0.50 | 29/05/2023, 15.00 Hrs. |

For further details of Tenders, please visit Vendor Zone/Tender Section on TPCODL website https://www.tpcentralodisha.com. Future communication/corrigendum to tender documents, if any, shall be available on website.

See Career Appointment on every Wednesday & Saturday

**୭ ଘଣ୍ଟାର ପରେ ବୋର୍‌ୱେଲ୍‌ରୁ ଉଦ୍ଧାର ହେଲା ବାଳକ**

ରାଜସ୍ଥାନ ଜୟପୁରସ୍ଥିତ ଭୋଜପୁରା ଗ୍ରାମରେ ଶନିବାର ସକାଳେ ବୋର୍‌ୱେଲରେ ଖସିପଡ଼ିଥିବା ନାବାଳକୁ ରେସ୍କ୍ୟୁଟିମ୍ ଉଦ୍ଧାର କରିଛି। ୯ ବର୍ଷୀୟ ଅକ୍ଷିତଙ୍କୁ ସୁରକ୍ଷିତ ଭାବେ ୭୦ ଫୁଟ୍ ବୋର୍‌ୱେଲ୍‌ରୁ ବାହାର କରିବା ପାଇଁ ୭ ଘଣ୍ଟାର ଅପରେଶନ୍ ଚାଲିଥିଲା। ପଡ଼ିଆରେ ଖେଳୁଥିବାବେଳେ ଅକ୍ଷିତ ନାମକ ଏହି ବାଳକ ଖୋଲାପଡ଼ିଥିବା ବୋର୍‌ୱେଲରେ ଖସିପଡ଼ିଥିଲେ।



ବେଙ୍ଗାଲୁରୁର କାନ୍ତିରାଭା ଷ୍ଟାଡିୟମରେ କର୍ନାଟକ ମୁଖ୍ୟମନ୍ତ୍ରୀ ଭାବେ ବରିଷ୍ଠ କଂଗ୍ରେସ ନେତା ସିଦ୍ଦାରାମାୟାଙ୍କୁ ରାଜ୍ୟପାଳ ଥାୱରଚାନ୍ଦ ଗେହଲଟ ଶପଥ ପାଠ କରାଉଛନ୍ତି।

# ୟୁକ୍ରେନ୍ ଯୁଦ୍ଧ: ସମାଧାନ ଉଦ୍ୟମ କରିବ ଭାରତ

## ଜେଲେନ୍‌ସ୍କିଙ୍କୁ ମୋଦିଙ୍କ ପ୍ରତିଶ୍ରୁତି

**ହିରୋଶିମା, ୨୦।୫(ପି.ଟି.)**

ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣର ୧୫ ମାସ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କୁ ପ୍ରଥମ ଥର ପାଇଁ ସାକ୍ଷାତ କରିଛନ୍ତି। ଯୁଦ୍ଧର ସମାଧାନ ପାଇଁ ଭାରତ ଯଥାସମ୍ଭବ ଉଦ୍ୟମ କରିବ ବୋଲି ପ୍ରଧାନମନ୍ତ୍ରୀ ୟୁକ୍ରେନ୍ ରାଷ୍ଟ୍ରପତିଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଜାପାନର ହିରୋଶିମାଠାରେ ଜି୭ ସମିଟ୍ ଅବସରରେ ଉଭୟ ନେତା ପରସ୍ପରକୁ ଭେଟିଥିଲେ। ୟୁକ୍ରେନ୍ ଯୁଦ୍ଧ ସାରା ବିଶ୍ୱ ପାଇଁ ଏକ ବହୁତ ବଡ଼ ପ୍ରସଙ୍ଗ। ବିଶ୍ୱ ଉପରେ ଏହା ବିଭିନ୍ନ ପ୍ରଭାବ ପକାଇଥିବା ମୋଦି କହିଛନ୍ତି।

ୟୁକ୍ରେନ୍‌ରେ ଚାଲିଥିବା ଯୁଦ୍ଧ ରାଜନୈତିକ କିମ୍ବା ଅର୍ଥନୈତିକ ପ୍ରସଙ୍ଗକୁ ନେଇ ହୋଇଥିବାର ମୁଁ ଦେଖୁନାହିଁ। ବରଂ ଏହା ମାନବିକତା ଓ ମାନବୀୟ ମୂଲ୍ୟବୋଧ ପ୍ରସଙ୍ଗ ବୋଲି ପ୍ରଧାନମନ୍ତ୍ରୀ ୟୁକ୍ରେନ୍ ନେତାଙ୍କୁ କହିଥିଲେ। ଗତବର୍ଷ ଫେବୃୟାରୀରୁ ୟୁକ୍ରେନ୍ ଯୁଦ୍ଧ ଆରମ୍ଭ ହୋଇଥିବାବେଳେ ମୋଦି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍ ଏବଂ ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍‌ସ୍କିଙ୍କ ସହ ଏକାଧିକ ଥର ଫୋନ୍ ଯୋଗେ କଥା ହୋଇଛନ୍ତି। ଏହି ଆଲୋଚନାବେଳେ ସେ ଉଭୟଙ୍କୁ ଆଲୋଚନା ତଥା କୂଟନୈତିକ ମାଧ୍ୟମରେ ବିବାଦର ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ବହୁ ଦିନ ପରେ ଜେଲେନ୍‌ସ୍କିଙ୍କ ସହ ଏକାଠି ହେବାର ସୁଯୋଗ ମିଳିଥିବା ମୋଦି କହିଛନ୍ତି। ରୁଷିଆ ଆକ୍ରମଣ କରିବା ପରେ ୟୁକ୍ରେନ୍‌ରୁ ହଜାର ହଜାର ଭାରତୀୟ ଛାତ୍ରୀଛାତ୍ରଙ୍କୁ ସରକାର ଫେରାଇ ଆଣିଥିଲେ। ସେମାନଙ୍କ ଅନୁଭୂତି ଶୁଣିବା ପରେ ୟୁକ୍ରେନ୍ ଜନସାଧାରଣ ଯୁଦ୍ଧ ଯୋଗୁ କିଭଳି ଯନ୍ତ୍ରଣାର ସମ୍ମୁଖୀନ ହୋଇଛନ୍ତି, ତାହା ବୁଝିପାରିଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ୟୁକ୍ରେନ୍ ଉପରେ ରୁଷିଆର ବେଆଇନ, ଅନ୍ୟାୟ ତଥା ଅକାରଣ ଆକ୍ରମଣ ବିରୋଧରେ ଏକାଠି ଛିଡ଼ାହେବେ ବୋଲି ଶୁକ୍ରବାର ଜି୭ ରାଷ୍ଟ୍ରଗୋଷ୍ଠୀର ନେତାମାନେ ସଂକଳ୍ପ ନେଇଥିଲେ। ଏଥିସହିତ ସେମାନେ ରୁଷିଆ ଉପରେ ନୂଆ କଟକଣା ସମ୍ପର୍କରେ ଘୋଷଣା କରିଥିଲେ। ଆଲୋଚନା ବେଳେ ଜେଲେନ୍‌ସ୍କି କ’ଣ କହିଛନ୍ତି, ତାହା ଜଣାପଡ଼ି ନାହିଁ। ତେବେ ରୁଷିଆ ବିରୋଧୀ ଲଢ଼େଇରେ ସେ ୟୁକ୍ରେନ୍ ପାଇଁ ଭାରତର ସହାୟତା ଲୋଡ଼ିଥିବା ବିଶ୍ୱାସ କରାଯାଉଛି।



ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

## ସମୀର ୱାଙ୍ଖେଡେଙ୍କୁ ସିବିଆଇ ଜେରା

**ମୁମ୍ବାଇ,୨୦।୫:** କାର୍ଡିଲିଆ କ୍ରୁଜ୍‌ରେ ଡ୍ରଗ୍ ପାର୍ଟି ମାମଲାରେ ଆର୍ଯ୍ୟନ ଖାନ୍‌ଙ୍କୁ ଅନ୍ତର୍ଭୁକ୍ତ ନ କରିବା ଲାଗି ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ପୂର୍ବତନ ମୁଖ୍ୟ ସମୀର ୱାଙ୍ଖେଡେ ଶାହରୁଖ ଖାନ୍‌ଙ୍କୁ ୨୫ କୋଟି ଟଙ୍କା ଲାଞ୍ଚ ମାଗିବା ଘଟଣାରେ ଶନିବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ୱାଙ୍ଖେଡେଙ୍କୁ ୫ ଘଣ୍ଟା ଜେରା କରିଛି। ୱାଙ୍ଖେଡେ ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସରେ ଥିବା ସିବିଆଇ କାର୍ଯ୍ୟାଳୟରେ ସକାଳ ୧୦ଟା ୧୫ରେ ପହଞ୍ଚିଥିଲେ। ଜେରା ପାଇଁ ଯିବା ପୂର୍ବରୁ କାର୍ଯ୍ୟାଳୟ ବାହାରେ ଜମା ହୋଇଥିବା ଖବରଦାତାଙ୍କୁ ‘ସତ୍ୟମେବ ଜୟତେ’ ବୋଲି କହିଥିଲେ। ଅପରାହ୍ନ ୪ଟା ୩୦ରେ ସେ କାର୍ଯ୍ୟାଳୟରୁ ବାହାରିଥିଲେ। ମେ ୧୧ରେ ୱାଖଡେଙ୍କ ବିରୋଧରେ ମାମଲା ଦାଏର ହେବା ପରେ ପ୍ରଥମ ଥର ଲାଗି ସେ ସିବିଆଇ କାର୍ଯ୍ୟାଳୟକୁ ଯାଇଥିଲେ।

## ଅଭିଷେକଙ୍କୁ ୬ ଘଣ୍ଟା ଜେରା

**କୋଲକାତା,୨୦।୫:** ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଶନିବାର ତୃଣମୂଳ କଂଗ୍ରେସ ନେତା ଅଭିଷେକ ବାନାର୍ଜୀଙ୍କୁ ୬ ଘଣ୍ଟା ଜେରା କରିଛି। କୋଲକାତା ନିଜାମ ପ୍ୟାଲେସ୍‌ସ୍ଥିତ ସିବିଆଇ କାର୍ଯ୍ୟାଳୟକୁ ଯିବା ପୂର୍ବରୁ ଅଭିଷେକ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋକୁ ଏକ ଚିଠି ଲେଖିଥିଲେ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଓ ସିବିଆଇ ଅଭିଷେକଙ୍କୁ ଜେରା କରିବା ନେଇ ହାଇକୋର୍ଟ ଅନୁମତି ଦେଇଥିବା ନିର୍ଦ୍ଦେଶକକୁ ସେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିବା ଚିଠି ଜରିଆରେ ଜଣାଇଛନ୍ତି। ଶିକ୍ଷକ ଦୁର୍ନୀତି ମାମଲାର ଆପରାଧିକ ଗତିବିଧି ସମ୍ପର୍କରେ ସିବିଆଇ ତଦନ୍ତ ଚଳାଇଥିବାବେଳେ ଏହାର ମନିଲଣ୍ଡରିଂ ମାମଲା ସମ୍ପର୍କରେ ଇଡି ଯାଞ୍ଚ ଚାଲୁରହିଛି। ଦୁର୍ନୀତି ମାମଲା ନେଇ ସିବିଆଇକୁ ମୋ ବିରୋଧରେ କୌଣସି ପ୍ରମାଣ ମିଳିଲେ ସେ ଗିରଫ ହେବାକୁ ପ୍ରସ୍ତୁତ ବୋଲି କିଛିଦିନ ପୂର୍ବେ ବାଙ୍କୁରାରେ ଏକ ଦଳୀୟ ରାଲିକୁ ସମ୍ବୋଧନ କରି ଅଭିଷେକ କହିଥିଲେ।



ଅଭିଷେକ ବାନାର୍ଜୀ

# ଜି୭: ବୈଶ୍ୱିକ ପ୍ରସଙ୍ଗରେ ସହମତି ଉଦ୍ୟମ

## ଫୋକସ୍‌ରେ ୟୁକ୍ରେନ୍, ଚାଇନା, ଜଳବାୟୁ ପରିବର୍ତ୍ତନ

**ହିରୋଶିମା, ୨୦।୫**

ଜାପାନର ହିରୋଶିମାରେ ଅନୁଷ୍ଠିତ ୭ ଧନୀ ଗଣତାନ୍ତ୍ରିକ ରାଷ୍ଟ୍ର (ଜି୭) ନେତାମାନଙ୍କ ସମିଟ୍‌ରେ ୟୁକ୍ରେନ୍ ଯୁଦ୍ଧ, ଚାଇନାର ପ୍ରଭାବ ବିସ୍ତାର ଏବଂ ଜଳବାୟୁ ପରିବର୍ତ୍ତନ ଭଳି ବୈଶ୍ୱିକ ପ୍ରସଙ୍ଗ ଉପରେ ସହମତି ହାସଲ ଲାଗି ନିଷ୍ପତ୍ତି ହୋଇଛି। ଏହା ବ୍ୟତୀତ ଜି୭ର ପ୍ରଭାବ ବିସ୍ତାର ସହ ଏଥିରେ ତଥାକଥିତ ଗ୍ଲୋବାଲ ସାଉଥ୍‌ର ସ୍ୱରକୁ ସାମିଲ କରିବାକୁ ଉଦ୍ୟମ କରାଯିବ। ଜି୭ ରାଷ୍ଟ୍ରର ନେତାମାନଙ୍କ ସହ ବୈଠକରେ ଭାରତ, ଅଷ୍ଟ୍ରେଲିଆ, ବ୍ରାଜିଲ, ଇଣ୍ଡୋନେସିଆ ଆଦି ବିକାଶଶୀଳ ଦେଶର ନେତାମାନେ ଅତିଥି ଭାବେ ସାମିଲ ହୋଇଥିଲେ। ଏସିଆ, ଆଫ୍ରିକା ଏବଂ ଦକ୍ଷିଣ ଆମେରିକାର ବିକାଶଶୀଳ ଦେଶଗୁଡ଼ିକର ଗୁରୁତ୍ୱକୁ ପ୍ରମୁଖତା ଦେବା ଏହି ସମ୍ମିଳନୀର ଅନ୍ୟତମ ଲକ୍ଷ୍ୟ ବୋଲି ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଡା କହିଛନ୍ତି। ଏସିଆରୁ ଜାପାନ ଏକମାତ୍ର ଜି୭ ସଦସ୍ୟ ହୋଇଥିବାରୁ ଏକ୍ଷେତ୍ରରେ ଏହାର ସ୍ୱତନ୍ତ୍ର ଭୂମିକା ରହିବ।

ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ, ଚାଇନାର ପ୍ରଭାବ ବିସ୍ତାରକୁ ନେଇ ଉତ୍ତେଜନା, ଆର୍ଥିକ ସୁରକ୍ଷା ଏବଂ ତାଇୱାନ ପ୍ରସଙ୍ଗକୁ ନେଇ ଜି୭ ରାଷ୍ଟ୍ର ଆମେରିକା, ବ୍ରିଟେନ୍, ଜାପାନ, ଜର୍ମାନୀ, ଫ୍ରାନ୍ସ, ଇଟାଲୀ ଏବଂ କାନାଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛନ୍ତି। ଜି୭ ନେତାମାନଙ୍କ ପକ୍ଷରୁ ଶନିବାର ଜାରି ହୋଇଥିବା ମିଳିତ ବିବୃତିରେ କୁହାଯାଇଛି, କରୋନା ମହାମାରୀ ଏବଂ ୟୁକ୍ରେନ୍ ଯୁଦ୍ଧ ବେଳେ ଅସୁବିଧାରେ ପଡ଼ିଥିବା ଦେଶଗୁଡ଼ିକୁ ଋଣ ସହାୟତା ଯୋଗାଇ ଦିଆଯିବ। ବିକାଶଶୀଳ ରାଷ୍ଟ୍ରଗୁଡ଼ିକରେ ରେଲୱେ ଭଳି ଭିତ୍ତିଭୂମି ବିକାଶ ପ୍ରକଳ୍ପ, ସ୍ୱଚ୍ଛ ଇନ୍ଧନ, ଟେଲିଯୋଗାଯୋଗ ଆଦି ପ୍ରକଳ୍ପ ପାଇଁ ଜି୭ ରାଷ୍ଟ୍ରଗୋଷ୍ଠୀ ୬୦୦ ବିଲିୟନ ଡଲାର ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଗାଇଦେବା ପ୍ରତିଶ୍ରୁତିକୁ ପୁନର୍ବାର ଦୋହରାଇଛନ୍ତି। ଗଣତାନ୍ତ୍ରିକ ରାଷ୍ଟ୍ରଗୁଡ଼ିକ ସମସ୍ତ ଆଶା ଆକାଂକ୍ଷା ପୂରଣ କରିପାରିବ, ଏହା ଆମକୁ ଦେଖାଇବାକୁ ପଡ଼ିବ ବୋଲି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏହି ଅବସରରେ କହିଥିଲେ। ନିବେଶକୁ ବିଲିୟନରୁ ଟ୍ରିଲିୟନକୁ ବଢ଼ାଇବାକୁ ହେବ, ଯାହା ଦ୍ୱାରା ଆମେ ଅନ୍ୟ ରାଷ୍ଟ୍ରଗୁଡ଼ିକୁ ଅଧିକ ସହାୟତାକରିପାରିବା ବୋଲି ୟୁରୋପୀୟ କମିଶନର ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲେୟେନ କହିଥିଲେ।



### ପ୍ରଯୁକ୍ତିର ଗଣତାନ୍ତ୍ରୀକରଣ ଉପରେ ମୋଦିଙ୍କ ଗୁରୁତ୍ୱ

ବିଶ୍ୱର ଅତି ସମ୍ବେଦନଶୀଳ ଜନସାଧାରଣଙ୍କୁ ଲକ୍ଷ୍ୟରେ ରଖି ଏବଂ ବିସ୍ତାରବାଦୀ ମାନସିକତାକୁ ରୋକିବା ଲାଗି ଏକ ସମାବେଶୀ ଖାଦ୍ୟ ବ୍ୟବସ୍ଥା ଗଠନ ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଜି୭ ବୈଠକ ଅବସରରେ ଆହ୍ୱାନ ଦେଇଛନ୍ତି। କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ପ୍ରାଥମିକତା ଦେବାକୁ ହେବ। ସେଥିପାଇଁ ସାରର ବୈଶ୍ୱିକ ଯୋଗାଣ ଶୃଙ୍ଖଳକୁ ମଜଭୁତ କରିବାକୁ ପଡ଼ିବ ଏବଂ ରାଜନୈତିକ ପ୍ରତିବନ୍ଧକକୁ ହଟାଇବାକୁ ହେବ ବୋଲି ସେ କହିଛନ୍ତି। ଏହା ବ୍ୟତୀତ ପ୍ରଯୁକ୍ତିର ଗଣତାନ୍ତ୍ରୀକରଣ ଉପରେ ପ୍ରଧାନମନ୍ତ୍ରୀ ଜୋର୍ ଦେଇଛନ୍ତି। ପ୍ରଯୁକ୍ତି ହିଁ ବିକଶିତ ଏବଂ ବିକାଶଶୀଳ ଗଣତନ୍ତ୍ର ମଧ୍ୟରେ ସେତୁ ହୋଇପାରିବ ବୋଲି ସେ କହିଛନ୍ତି। ପ୍ରାକୃତିକ ସମ୍ବଳର ସମ୍ପୂର୍ଣ୍ଣ ଉପଯୋଗ ଉପରେ ଫୋକସ୍ କରିବାର ଆବଶ୍ୟକତା ରହିଛି। ଉପଭୋକ୍ତାବାଦ ଦ୍ୱାରା ଅନୁପ୍ରାଣିତ ବିକାଶ ମଡେଲରେ ପରିବର୍ତ୍ତନ ଆଣିବାକୁ ହେବ ବୋଲି ମୋଦି କହିଥିଲେ। ସେହିପରି ଖାଦ୍ୟ ନଷ୍ଟକୁ ରୋକିବା ଦିଗରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏହା ଆମ୍ଭମାନଙ୍କର ସାମଗ୍ରିକ ଦାୟିତ୍ୱ ହେବା ଆବଶ୍ୟକ। ଦୀର୍ଘସ୍ଥାୟୀ ବିଶ୍ୱ ଖାଦ୍ୟ ସୁରକ୍ଷା ପାଇଁ ଏହା ଅତ୍ୟନ୍ତ ଜରୁରୀ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

## ହିରୋଶିମାରେ ଗାନ୍ଧିଜୀଙ୍କ ଆବକ୍ଷ ପ୍ରତିମୂର୍ତ୍ତି ଅନାବରଣ



**ହିରୋସୀମା, ୨୦।୫(ପି.ଟି.)**

ଜାପାନର ହିରୋଶିମାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ମହାତ୍ମା ଗାନ୍ଧୀଙ୍କ ଆବକ୍ଷ ପ୍ରତିମୂର୍ତ୍ତିଉନ୍ମୋଚନ କରିଛନ୍ତି। ଶାନ୍ତି ଓ ସଦ୍‌ଭାବନା ଗାନ୍ଧିଜୀଙ୍କ ଆଦର୍ଶ, ଯାହା ସାରା ବିଶ୍ୱରେ ଗୁଞ୍ଜନ ସୃଷ୍ଟି କରିବା ସହ ଲକ୍ଷ ଲକ୍ଷ ଲୋକଙ୍କୁ ଶକ୍ତି ଯୋଗାଇଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ୧୯୪୫ ଅଗଷ୍ଟ ୬ରେ ଆମେରିକା ହିରୋଶିମା ଉପରେ ପ୍ରଥମ ଆଣବିକ ବୋମା ଫିଙ୍ଗିବାରୁ ୧,୪୦,୦୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ଶାନ୍ତି ଓ ଅହିଂସା ସ୍ଥାପନର ପ୍ରତୀକ ସ୍ୱରୂପ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଲାଗି ଏହି ସ୍ଥାନକୁ ଚିହ୍ନଟ କରାଯାଇଥିଲା। ହିରୋଶିମା ନାଁ ଶୁଣିଲେ ଏବେ ମଧ୍ୟ ବିଶ୍ୱ ଭୟଭୀତ ହୋଇଯାଏ ବୋଲି ଏହି ଅବସରରେ ମୋଦି କହିଛନ୍ତି।

## ଇରାନରେ ୩ ଜଣଙ୍କୁ ଫାଶୀ

**ତେହରାନ,୨୦।୫**

ଗତବର୍ଷ ମାହସା ଅମିନଙ୍କ ମୃତ୍ୟୁକୁ ନେଇ ଇରାନ୍‌ରେ ହୋଇଥିବା ସରକାର ବିରୋଧୀ ଆନ୍ଦୋଳନ ସମୟରେ ସୁରକ୍ଷା ବଳ ସଦସ୍ୟଙ୍କୁ ହତ୍ୟା କରିବା ନେଇ ଦୋଷୀ ସାବ୍ୟସ୍ତ ହୋଇଥିବା ୩ ଜଣଙ୍କୁ ଶୁକ୍ରବାର ଫାଶୀ ଦିଆଯାଇଛି। ସେମାନେ ହେଲେ ମାଜିଦ କାଜେମି, ସାଲେହ ମିର୍ହାଶେମି ଏବଂ ସଇଦ ୟାଘୋଉବି। ୨୨ ବର୍ଷୀୟା ଇରାନୀୟ ଯୁବତୀ ମହସା ଅମିନ ଠିକ୍ ଢଙ୍ଗରେ ବୁର୍ଖା ପିନ୍ଧି ନ ଥିବାରୁ ଇରାନର ରକ୍ଷଣଶୀଳ ପୋଲିସ ତାଙ୍କୁ ଗିରଫ କରିଥିଲା। ପରେ ହାଜତରେ ମହସାଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଦେଶବ୍ୟାପୀ ସରକାରଙ୍କ ବିରୋଧରେ ଆନ୍ଦୋଳନ ଆରମ୍ଭ ହୋଇଥିଲା।

## କେନ୍ଦ୍ରର ଅଧ୍ୟାଦେଶକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବୁ: କେଜ୍‌ରିୱାଲ

**ନୂଆଦିଲ୍ଲୀ, ୨୦।୫(ପି.ଟି.)**

ଦିଲ୍ଲୀରେ ଅଫିସରମାନଙ୍କ ନିଯୁକ୍ତି ବଦଳି ଆଦି ସମ୍ପର୍କରେ କେନ୍ଦ୍ର ସରକାର ଶୁକ୍ରବାର ଆଣିଥିବା ଅଧ୍ୟାଦେଶକୁ ଏଏପି ସରକାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବ ବୋଲି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି। କେନ୍ଦ୍ରର ଏଭଳି ପଦକ୍ଷେପ ଅସାମ୍ବିଧାନିକ ଏବଂ ଗଣତନ୍ତ୍ର ବିରୋଧୀ ବୋଲି ସେ କହିଛନ୍ତି। ଦିଲ୍ଲୀରେ ଗ୍ରୁପ୍-ଏ ଅଧିକାରୀମାନଙ୍କ ନିଯୁକ୍ତି ଅଧିକାର ନିଜ ପାଖରେ ରଖିବା ପାଇଁ କେନ୍ଦ୍ର ସରକାର ଶୁକ୍ରବାର ଏ ଅଧ୍ୟାଦେଶ ଆଣିଥିଲେ। ଉକ୍ତ ଅଧ୍ୟାଦେଶ ବଳରେ ନ୍ୟାଶନାଲ କ୍ୟାପିଟାଲ ସିଭିଲ୍ ସର୍ଭିସ୍ ଅଥରିଟି ନାମରେ ଏକ ନୂଆ ସଂସ୍ଥା ପ୍ରତିଷ୍ଠା କରାଯିବ। ଉକ୍ତ କର୍ତ୍ତୃପକ୍ଷ ଦିଲ୍ଲୀ, ଅଣ୍ଡାମାନ ଓ ନିକୋବର, ଲାକ୍ଷାଦ୍ୱୀପ, ଦାମନ ଓ ଡିଉ, ଦାଦ୍ରା ଓ ନଗର ହାବେଳି (ଡିଏଏନ୍‌ଆଇସିଏସ୍) କ୍ୟାଡର୍‌ର ଗ୍ରୁପ୍-ଏ ଅଧିକାରୀମାନଙ୍କୁ ବଦଳି ସହ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେଇପାରିବେ। ସୁପ୍ରିମକୋର୍ଟ ସର୍ଭିସେସ୍ (ସେବା) ନିୟନ୍ତ୍ରଣ ଉପରେ କେବଳ ଦିଲ୍ଲୀ ସରକାରଙ୍କ ଅଧିକାର ରହିବ ବୋଲି ମେ’ ୧୧ରେ ରାୟ ଦେବାର ସପ୍ତାହେ ପରେ ଏହାକୁ ଅକାମୀ କରିଦେବା ପାଇଁ କେନ୍ଦ୍ର ଏହି ଅଧ୍ୟାଦେଶ ଆଣିଥିବା କେଜ୍‌ରିୱାଲ କହିଛନ୍ତି। ଏହା ସିଧାସଳଖ ଅଦାଲତ ଅବମାନନା। ତାଙ୍କ ସରକାରର କାର୍ଯ୍ୟରେ ବାଧା ସୃଷ୍ଟି କରିବା ପାଇଁ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଚାହୁଁଥିବା ସେ ଅଭିଯୋଗ କରିଛନ୍ତି।

## କିରନ ପଟେଲଙ୍କ ବିରୋଧରେ ଇଡି ମାମଲା

**ନୂଆଦିଲ୍ଲୀ, ୨୦।୫(ଆଇଏଏନ୍‌ଏସ୍)**

**ପିଏମ୍‌ଓ ଅଫିସର ପରିଚୟ ଦେଇ ଠକୁଥିଲେ**

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ର ଅଧିକାରୀ ଭାବେ ମିଛ ପରିଚୟ ନେଇ କଡ଼ା ସୁରକ୍ଷା ମଧ୍ୟରେ ଜମ୍ମୁ-କଶ୍ମୀର ଗସ୍ତ କରିଥିବା ଗୁଜରାଟର ମହାଠକ କିରନ୍ ପଟେଲଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପିଏମ୍‌ଏଲ୍‌ଏରେ ମାମଲା ରୁଜୁ କରିଛି। ଗତ ମାର୍ଚ୍ଚରେ କିରନ୍‌ଙ୍କୁ ଶ୍ରୀନଗରର ଏକ ହୋଟେଲରୁ ଗିରଫ କରାଯାଇଥିଲା।




ଶ୍ରୀନଗର ଜୋନାଲ ଅଫିସ୍‌ର ଇଡି ଅଧିକାରୀମାନେ ଗୁଜରାଟର ଅହମଦାବାଦ, ମୋର୍ବି ଏବଂ ମେହସନାର ୧୨ଟି ସ୍ଥାନରେ ଶୁକ୍ରବାର ଚଢ଼ାଉ କରିଥିଲେ। କିରନ୍‌ଙ୍କ କେତେଜଣ ସହଯୋଗୀଙ୍କ ବିରୋଧରେ ମଧ୍ୟ ଇଡି ମାମଲା ରୁଜୁ କରିଛି।

## ରାଜା ହେରାଲ୍ଡଙ୍କ ନାଁରୁ ଆସିଛି ବ୍ଲୁଟୁଥ୍

**ଓସଲୋ, ୨୦।୫**

ମୋବାଇଲ ଫୋନ୍ ଭଳି ୱାୟାର୍‌ଲେସ୍ ବ୍ଲୁଟୁଥ୍ ଏକ ଜରୁରୀ ସାମଗ୍ରୀ ପାଲଟିଛି। ଇୟର୍ ଫୋନ୍‌ର ବିକଳ୍ପ ଭାବେ ବ୍ୟବହାର କରାଯାଉଥିବା ବ୍ଲୁଟୁଥ୍‌ର ନାମ ଏବଂ ଲୋଗୋ କେଉଁଠାରୁ ଆସିଲା ତା’ ବିଷୟରେ କମ୍ ଲୋକଙ୍କୁ ଜଣାଥିବ। ଭିକିଙ୍ଗ୍ ଯୁଗରେ (୧୦୦୦ରୁ ଊର୍ଦ୍ଧ୍ୱ ବର୍ଷ ପୂର୍ବେ) ଡେନ୍‌ମାର୍କ ଓ ନରୱେର ରାଜା ଥିବା ହେରାଲ୍ଡ ବ୍ଲୁଟୁଥ୍‌ଙ୍କ ନାମ ଅନୁସାରେ ୱାୟାରଲେସ୍ ବ୍ଲୁଟୁଥ୍‌ର ନାମକରଣ କରାଯାଇଛି। ରାଜା ହେରାଲ୍ଡଙ୍କ ଏପରି ନାମକରଣ ପଛର ରହସ୍ୟ ହେଉଛି, ସେ ପ୍ରଚୁର ମାତ୍ରାରେ ବ୍ଲୁ-ବେରି ଖାଉଥିଲେ, ଯାହାଫଳରେ ତାଙ୍କ ଦାନ୍ତ ନୀଳ ପଡ଼ିଯାଇଥିବା ଅନେକେ କହୁଛନ୍ତି। ଏଥିଯୋଗୁ ତାଙ୍କୁ ସମସ୍ତେ ହେରାଲ୍ଡ ବ୍ଲୁଟୁଥ୍ ବୋଲି ଡାକୁଥିଲେ। ଅନ୍ୟପକ୍ଷେ ବର୍ତ୍ତମାନର ବ୍ଲୁଟୁଥ୍ ଲୋଗୋକୁ ଭିକିଙ୍ଗ୍ ଯୁଗରେ ହେରାଲ୍ଡ ନୋର୍ଡିକ୍ ରୁନିକ୍ ଲିପିରେ ନିଜ ଚିହ୍ନ ଭାବେ ବ୍ୟବହାର କରୁଥିବା ସୋସିଆଲ ମିଡିଆର ବହୁଳ ପ୍ରସାରିତ ପୋଷ୍ଟରେ କୁହାଯାଇଛି।




## ଅଷ୍ଟମ ଥର ବାପା ହେବେ ବୋରିସ୍

**ଲଣ୍ଡନ,୨୦।୫**

ବ୍ରିଟେନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍(୫୮) ଅଷ୍ଟମ ଥର ପାଇଁ ବାପା ହେବାକୁ ଯାଉଛନ୍ତି। ବୋରିସ୍‌ଙ୍କ ସ୍ତ୍ରୀ କ୍ୟାରି ଜନ୍‌ସନ୍ ୮ ମାସ ଗର୍ଭବତୀ ଥିବା କଥା ସୋସିଆଲ ମିଡିଆ ପୋଷ୍ଟ ଶେୟାର କରି କହିଛନ୍ତି। କିଛି ସପ୍ତାହ ମଧ୍ୟରେ ସେ ନିଜ ତୃତୀୟ ସନ୍ତାନଙ୍କୁ ଜନ୍ମ ଦେବେ। ପୂର୍ବରୁ ବୋରିସ୍ ଓ କ୍ୟାରିଙ୍କର ଦୁଇଟିସନ୍ତାନ ଅଛନ୍ତି। ସେମାନେ ହେଲେ ୱିଲ୍‌ଫ୍ରେଡ୍ ଓ ରୋମି।

ଅକ୍ସଫୋର୍ଡସିରେସ୍ଥିତ ୯ ବେଡ୍‌ରୁମ୍ ବିଶିଷ୍ଟ ନୂଆ ଘରକୁ ଯିବା ପରେ କ୍ୟାରି ଏହି ଖୁସି ଖବର ସମ୍ପର୍କରେ ସୋସିଆଲ ମିଡିଆ ପୋଷ୍ଟ କରିଛନ୍ତି। ବୋରିସ୍ ଏହି ଘରକୁ ୪ ମିଲିୟନ୍ ପାଉଣ୍ଡରେ କିଣିଛନ୍ତି। ପୂର୍ବରୁ ବୋରିସ୍, କ୍ୟାରି ଓ ପିଲାମାନେ ଲଣ୍ଡନ ଟାଉନ୍‌ହାଉସ୍ ଏବଂ କୋଟ୍ସୱାର୍ଲ୍ଡସ୍ଥିତ ଘରେ ରହୁଥିଲେ।

ଜନ୍ମ ହେବାକୁ ଥିବା ଶିଶୁକୁ ମିଶାଇ ବୋରିସ୍‌ଙ୍କର ୮ ସନ୍ତାନ। ପୂର୍ବତନ ସ୍ତ୍ରୀ ମାରିନା ହ୍ୱିଲରଙ୍କର ୪ଟି ସନ୍ତାନ ଅଛନ୍ତି। ଏଥିସହ ଆର୍ଟ କନ୍‌ସଲଟାଣ୍ଟ ହେଲେନ ମାକ୍‌ଇଣ୍ଟିରେଙ୍କ ସହ ବୋରିସ୍‌ଙ୍କ ଅନୈତିକ ସମ୍ପର୍କ ଥିବାବେଳେ ତାଙ୍କ ଔରସରୁ ୨୦୦୯ରେ ହେଲେନ ଏକ ଶିଶୁକୁ ଜନ୍ମ ଦେଇଥିଲେ। ପ୍ରଧାନମନ୍ତ୍ରୀ ପଦ ହରାଇବା ପରେ ବୋରିସ୍ ଏବେ ବିଶ୍ୱ ଭ୍ରମଣ କରିବା ସହ ଭାଷଣ କାର୍ଯ୍ୟକ୍ରମରେ ଯୋଗ ଦେଉଥିବା ଦେଖିବାକୁ ମିଳିଛି। ଚଳିତ ସପ୍ତାହରେ ବୋରିସ୍ ଏସିଆନ୍ ଲିଡରଶିପ୍ କନ୍‌ଫରେନ୍ସରେ ଯୋଗ ଦେଇଥିଲେ।



ସ୍ତ୍ରୀ କ୍ୟାରିଙ୍କ ସହ ବୋରିସ୍ ଜନ୍‌ସନ୍।

## ୮୦ ଗ୍ରାମ ବ୍ରାଉନସୁଗର ଜବତ, ଯୁବକ ଗିରଫ

ଜଳେଶ୍ୱର,(ଡି.ଏନ.ଏ.): ଗତ ବିଳମ୍ବିତ ରାତିରେ ଜଳେଶ୍ୱର ଥାନା ଅଧୀନ ଶାସନବାର୍ଡ ଅଞ୍ଚଳରେ କେତେକ ବ୍ୟକ୍ତିଙ୍କ ମଧ୍ୟରେ ବ୍ରାଉନ୍‌ସୁଗାର ଲାଗି ଏକ ବଡ ଡିଲ ଚାଲିଥିବା ବେଳେ ଜଳେଶ୍ୱର ଆଇଆଇସି ରୋଜାଲିନ୍ ବେହେରା ସଦଳବଳେ ଚଢାଉ କରିଥିଲେ। ଚଢାଉ ବେଳେ କେତେଜଣ ବ୍ୟକ୍ତି ଖସି ପଳାଇଯାଇଥିବା ବେଳେ ଜଣେ ଯୁବକ(୪୨)ଙ୍କୁ କାବୁ କରାଯାଇଥିଲା । ତାଙ୍କ ନିକଟରୁ ୮୦ଗ୍ରାମ ବ୍ରାଉନସୁଗାର ଓ ମୋବାଇଲ ଜବତ କରାଯାଇଛି।

## ସଂକ୍ଷେପରେ

### ବିଲରୁ ଅଜଣା ମୃତଦେହ ଜବତ

ଜଳେଶ୍ୱର, ୨୦।୫(ଡି.ଏନ.ଏ.)- ଜଳେଶ୍ୱର-ପଶ୍ଚିମବାର୍ଡ ରାସ୍ତାର ନିମପୁର ଗାଁ ନିକଟ ୫୦୦ ମିଟର ଦୂର ବିଲ ମଝିରେ ଏକ ଅଜଣା ମୃତଦେହ ପଡିଥିବା ଗାଁ ଲୋକେ ଦେଖିବାକୁ ପାଇଥିଲେ। ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚିଥିଲା । ପ୍ରାୟ ୭ ଦିନ ପୂର୍ବରୁ ଲୋକଟି ସେଠାରେ ମୃତ୍ୟୁବରଣ କରିଥିବାରୁ ଶରୀର ଶଢିଯାଇ ପୋକ ସାଲୁବାଲୁ ହେଉଥିବା ଦେଖିବାକୁ ମିଳିଛି । ସେ ଏକ କମଳା ରଙ୍ଗର ଟି-ସାର୍ଟ ଓ କଳା ରଙ୍ଗର ପ୍ୟାଣ୍ଟ ପିନ୍ଧିଥିଲେ । ଲୋକଟିର ବୟସ ପାଖାପାଖି ୬୦ ଅନୁମାନ କରାଯାଉଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ତଦନ୍ତ ଚଳାଇଛି।

### ମା' ଗାଜିଆଣି ଚଣ୍ଡୀ ମନ୍ଦିରରୁ ଅଳଙ୍କାର ଚୋରି

ଜଳେଶ୍ୱର, ୨୦।୫(ଡି.ଏନ.ଏ.)-ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ବର୍ତ୍ତନା ପଞ୍ଚାୟତର ତଥା ଜଳେଶ୍ୱର-ପଶ୍ଚିମବାର୍ଡ ରାସ୍ତାର ଯୁକ୍ତ ୨ କଲେଜ ନିକଟରେ ଥିବା ମା' ଗାଜିଆଣି ଚଣ୍ଡୀ ମନ୍ଦିରରୁ ସମସ୍ତ ଅଳଙ୍କାର ଓ ବହୁ ମୂର୍ତ୍ତୀ ଚୋରି ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ପୂଜକ ପ୍ରଭାକର ପଣ୍ଡା ଓ ଦିବାକର ପଣ୍ଡା ମନ୍ଦିରରୁ ଗଲା ବେଳେ ଗ୍ରୀଲରେ ତାଲା ପକାଇଥିଲେ ମଧ ଶନିବାର ସକାଳେ ଗ୍ରୀଲ କଟାଯାଇଥିବା ଫୁଲ ତୋଳିବାକୁ ଆସିଥିବା ଲୋକମାନେ ଦେଖିଥିଲେ । ଚଣ୍ଡିଙ୍କ ମୂର୍ତ୍ତୀରେ ଥିବା ୧୦ଟି ସୁନା ପଦକ, ୩୦ଟି ରୁପା ପଦକ, ରୁପା ପଦକ ସହ ଏକ ହାର, ୨ଟି ରୁପା ମୁକୁଟ, ରାଧାକୃଷ୍ଣ, ଗଣେଶ, ଶିବ, କାର୍ତ୍ତିକ, ସରସ୍ୱତୀ, ଲକ୍ଷ୍ମୀ, କାଳୀ ଓ ଜଗନ୍ନାଥଙ୍କ ପିତ୍ତଳ ମୂର୍ତ୍ତୀ ଏବଂ ଥାଳି, ୯ଟି ପିତ୍ତଳ ବାଲ୍‌ଟି, ୨ଟି ପିତ୍ତଳ ଗାଡଁଲା, ୨ଟି ବଡ ଦୀପଦାନି, ଗୋଟିଏ ଆରତୀ ଦାନୀ, କଳା ଓ ଧଳା ଚାମର ଦୁର୍ବୃତ୍ତମାନେ ନେଇଯାଇଥିବା ଥାନାରେ ଅଭିଯୋଗ ହୋଇଛି । ଏ ସମ୍ପର୍କରେ ଗ୍ରାମବାସୀ ଥାନାରେ ଲିଖିତ ଭାବେ ଜଣାଇବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି ।

### ନୀଳଗିରିରେ ନୂତନ ସିନିୟର ସିଭିଲ ଜଜ୍‌ଙ୍କ ଯୋଗଦାନ

ନୀଳଗିରି,୨୦।୫(ସ୍ୱ.ପ୍ର.)-ବାଲେଶ୍ୱର ଜିଲା ନୀଳଗିରି ଅଦାଲତରେ ନୂତନ ସିନିୟର ସିଭିଲ ଜଜ୍/ସହକାରୀ ଦୌରାଜଜ୍ ଭାବେ ସୁନନ୍ଦା ପ୍ରଧାନ ଯୋଗଦେଇ ଦାୟିତ୍ୱଭାର ଗ୍ରହଣ କରିଛନ୍ତି। ତାଙ୍କର ଯୋଗଦାନରେ ନୀଳଗିରି ଓକିଲ ସଂଘ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।ନୀଳଗିରି କୋର୍ଟ ପରିସରରେ ନୀଳଗିରି ଆଇନଜୀବୀ ସଂଘ ସଭାପତି ଅମରେନ୍ଦ୍ର ପଟ୍ଟନାୟକଙ୍କ ପୌରହିତ୍ୟରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏସ୍‌ଡିଜେଏମ୍ ଈପ୍‌ସିତା ମହାନ୍ତି, ସମ୍ପାଦକ ଦେବେନ୍ଦ୍ର ପଣ୍ଡା, ବରିଷ୍ଠ ଆଇନଜୀବୀ ମିହିର କୁମାର ରାଉତ, ଗଦାଧର ପରିଡ଼ା, ଶୁଭେନ୍ଦ୍ର ବିଶ୍ୱାଳ, ହରମୋହନ ମହାପାତ୍ର, ଅମୀୟ କୁମାର ନାୟକ, ସୁରେଶ ପଣ୍ଡା, ଦିଗାମ୍ବର ସ, ସୂର୍ଯ୍ୟନାରାୟଣ ଆଇଚ, ନିରଞ୍ଜନ ସାହୁ, ତନୟ ପାତ୍ର, ନିହାର ପରିଡ଼ା, ଶରତ ବେହେରା, ଗଜଲକ୍ଷ୍ମୀ ପଟ୍ଟନାୟକ, ସଂଯୁକ୍ତା ଲେଙ୍କା, ଏପିପି ସୁମିତ୍ରା ମୁର୍ମୁ ଓ ଅନ୍ୟ ବହୁ ଆଇନଜୀବୀ ନୂତନ ସବ୍‌ଜଜ୍‌ଙ୍କୁ ସ୍ୱାଗତ କରି ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। କୋର୍ଟର କାର୍ଯ୍ୟରତ କର୍ମଚାରୀମାନେ ଫୁଲତୋଡ଼ା ଦେଇ ନୂତନ ବିଚାରପତିଙ୍କୁ ମଧ ସ୍ୱାଗତ କରିଥିଲେ।

# ଦିନକୁ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ପରିବା ନଷ୍ଟ

- କ୍ଷତି ସହୁଛନ୍ତି ଚାଷୀ
- ଶୀତଳଭଣ୍ଡାର ପ୍ରତିଷ୍ଠା ଦାବି

ବୈଶିଙ୍ଗା,୨୦।୫(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଅଞ୍ଚଳରେ ବୁଢ଼ାବଳଙ୍ଗ ଓ ଗଙ୍ଗାହାର ନଦୀ ଅବବାହିକାରେ ପ୍ରଚୁର ପରିମାଣରେ ପନିପରିବା ଚାଷ କରାଯାଇଥାଏ। ଚଳିତ ବର୍ଷ ମଧ ଜହ୍ନି, ବାଇଗଣ, ବିଲାତି, କାକୁଡ଼ି, ପୋଟଳ, ଲଙ୍କା, ଝୁଡ଼ଙ୍ଗ ଆଦିର ଉତ୍ପାଦନ ଭଲ ହୋଇଛି। ମାତ୍ର ପ୍ରବଳ ଖରା ଓ ଗରମରୁ ଦୈନିକ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ପରିବା ପଚି ନଷ୍ଟ ହୋଇଯାଉଥିବା ପାଟଳୀପୁରା, ଶାଳଗାଁ, ନାଖରା, ଢେଁଫୌଦା, ଦେଓପଡ଼ା, ଦାରିହା, ପ୍ରତିମାଦେଇପୁର, ମାଣତ୍ରୀ, ଚନ୍ଦନପୁର, ମାନଗୋବିନ୍ଦପୁର ଆଦି ଅଞ୍ଚଳର ଚାଷୀମାନେ କହିଛନ୍ତି। ଶୀତଳଭଣ୍ଡାର ଥିଲେ ଉତ୍ପାଦିତ ଫସଲ ଦୀର୍ଘ ଦିନ ସଂରକ୍ଷିତ ରଖି କଟକ, ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଯୋଗାଇ ହୋଇପାରନ୍ତା ବୋଲି କହିଛନ୍ତି।

ପ୍ରକାଶ ଯେ, ବୈଶିଙ୍ଗା, ମାଣତ୍ରୀ, ବେତନଟୀ ଆଦି ପରିବା ମାର୍କେଟରେ ଦର ମାତ୍ରାଧିକ ହ୍ରାସ ଘଟିଛି।



ଡାହିବାଡ଼ି ସାପ୍ତାହିକ ହାଟ।

ପରିବା ମୂଲ୍ୟର ଏପରି ଅବସ୍ଥାକୁ ନେଇ ଚାଷୀମାନେ ମୁଣ୍ଡରେ ହାତ ଦେଇଛନ୍ତି। ବୈଶିଙ୍ଗା ଉପକଣ୍ଠ ଡାହିବାଡ଼ି ସାପ୍ତାହିକ ହାଟ ସପ୍ତାହରେ ଦୁଇ ଥର ବସୁଛି। ଫଳରେ ଚାଷୀ ଅନେକ କ୍ଷତି ସହୁଛନ୍ତି। ବେତନଟୀ ନିୟନ୍ତ୍ରିତ ବଜାର କମିଟି ଓ ବୈଶିଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ଏହି ହାଟରୁ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କଠାରୁ ମାହାସୁଲ ଆଦାୟ କରାଯାଉଛି। ଉକ୍ତ ହାଟ ସମଗ୍ର ଅଞ୍ଚଳର ଚାଷୀଙ୍କ ଭାତହାଣ୍ଡି ସାଜିଥିବା ବେଳେ ଏଠାରେ ଏକ ଶୀତଳଭଣ୍ଡାର ନାହିଁ। ଫଳରେ ଫସଲ ନଷ୍ଟ ହେବା ଭୟରେ ଚାଷୀ ଶାଗମାଛ ଦରରେ ଦେଉଛନ୍ତି। ବ୍ୟସ୍ତବହୁଳ ଡାହିବାଡି ହାଟଠାରୁ ମାତ୍ର ୫୦୦ ମିଟର ଦୂରରେ ୧୮ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ନିୟନ୍ତ୍ରିତ ବଜାର କମିଟିର ବିସ୍ତୀର୍ଣ୍ଣ ପରିସରରେ ଏକ ଶୀତଳଭଣ୍ଡାର ପ୍ରତିଷ୍ଠା କରିବାକୁ ଚାଷୀ ଦାବି କରିଛନ୍ତି। ଏ ନେଇ ସ୍ଥାନୀୟ ବଡ଼ସାହି ବିଧାୟକ ସନାତନ ବିଜୁଳି ବିଗତ ବିଧାନସଭା ପ୍ରଶ୍ନୋତ୍ତର କାଳରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉତ୍ତରରେ କୃଷିମନ୍ତ୍ରୀ ସରକାରଙ୍କ ପକ୍ଷରୁ ଏବେ ଶୀତଳଭଣ୍ଡାର ପ୍ରତିଷ୍ଠା ଯୋଜନା ନାହିଁ। ମାତ୍ର ଘରୋଇ ଉଦ୍ୟମରେ ପ୍ରତିଷ୍ଠା କରାଗଲେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଅନୁଦାନ ଯୋଗାଇ ଦିଆଯିବ। ତେବେ ସୋଲାର ସିଷ୍ଟମ ମାଧ୍ୟମରେ ସ୍ୱଳ୍ପ କ୍ଷମତା ବିଶିଷ୍ଟ ଶୀତଳଭଣ୍ଡାର ପ୍ରତିଷ୍ଠା ଦିଗରେ ପଦକ୍ଷେପ ନେବା ନିମନ୍ତେ ସରକାରୀ ସ୍ତରରେ ବିଚାର କରାଯାଉଛି ବୋଲି ପ୍ରକାଶ କରିଥିଲେ। ଏ ସଂକ୍ରାନ୍ତରେ ବେତନଟୀ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ସଦାନନ୍ଦ ମାରାଣ୍ଡି କହିଛନ୍ତି, ପରିବାଚାଷୀଙ୍କ ଦୁଃଖ ଓ ସମସ୍ୟା ସମ୍ପର୍କରେ ଅବଗତ ଅଛନ୍ତି, ଖୁବ୍‌ଶୀଘ୍ର ଏ ବାବଦରେ ପଦକ୍ଷେପ ନେବାକୁ ସରକାରଙ୍କୁ ଏକ ପ୍ରସ୍ତାବ ଦେବେ ବୋଲି କହିଥିଲେ।

## ପୋରବନ୍ଦର ପେଣ୍ଟିଂ କ୍ୟାମ୍ପରେ ଯୋଗଦେବେ ଚିତ୍ରଶିଳ୍ପୀ ନିକୁଞ୍ଜ

ବାଲେଶ୍ୱର ଅଫିସ, ୨୦।୫

ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟ ଅଧକ୍ଷ ତଥା ବରିଷ୍ଠ ଚିତ୍ରଶିଳ୍ପୀ ନିକୁଞ୍ଜ ବିହାରୀ ଦାସ ଆସନ୍ତା ମେ' ୨୨ ତାରିଖରେ ହେବାକୁ ଥିବା ଭାରତ ସରକାରଙ୍କ ଜାତୀୟ ଲଳିତ କଳା ଏକାଡେମୀ, ଦିଲ୍ଲୀ ତରଫରୁ ଗୁଜରାଟର ପୋରବନ୍ଦରଠାରେ ପେଣ୍ଟିଂ କ୍ୟାମ୍ପରେ ଯୋଗଦେବା ପାଇଁ ବିବେଚିତ ହୋଇଛନ୍ତି। ମହାରାଣା ଶ୍ରୀ ନାଟୱାର୍ସିନଜୀ ଆର୍ଟ ଗ୍ୟାଲେରୀ ଓପା ହଜୁର ପ୍ୟାଲେସ୍, ପୋରବନ୍ଦରଠାରେ ନିଜର କଳାକୃତି ପ୍ରଦର୍ଶନ କରିବା ପାଇଁ ଦାସ ଶନିବାର ଗୁଜରାଟ ଗସ୍ତରେ ଯାଇଛନ୍ତି। ସେ ଓଡ଼ିଶାର କଳା ଓ ସଂସ୍କୃତିକୁ ନେଇ ଚିତ୍ରକଳା ମାଧ୍ୟମରେ ପ୍ରତିବାଦିତ କରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି। ସେହିପରି ଏହି ପେଣ୍ଟିଂ କ୍ୟାମ୍ପରେ ଦେଶର ବିଭିନ୍ନ ସ୍ଥାନରୁ ବରିଷ୍ଠ ଚିତ୍ରଶିଳ୍ପୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।



ଚିତ୍ରଶିଳ୍ପୀ ନିକୁଞ୍ଜ ବିହାରୀ ଦାସ।

## ଚୋରି ସନ୍ଦେହ: ଯୁବକଙ୍କୁ ପୋଲିସ ଜିମା

ଭୁବନ, ୨୦।୫(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ଭୁବନ ଏନ୍ଏସି ଅନ୍ତର୍ଗତ ଅରାସାହିର ଜଣେ ଯୁବକଙ୍କୁ ଚୋରି ସନ୍ଦେହରେ ପୋଲିସ ଜିମା ଦେଇଛନ୍ତି ଅଞ୍ଚଳବାସୀ। ସେ ହେଲେ ଭରତ କୁମାର ବର୍ମନ (୨୧)। ଭରତଙ୍କ ନାମରେ ଏକ ବାଇକ୍ ଚୋରି ଅଭିଯୋଗ ହୋଇଥିଲା। ଲୋକେ ତାଙ୍କୁ ପଚରାଉଚରା କରିଥିଲେ। ହେଲେ ତାଙ୍କ କଥାରେ ତାଳମେଳ ନ ଥିବାରୁ ଶେଷରେ ପୋଲିସ ଜିମା ଦେଇଛନ୍ତି। ଏ ନେଇ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

## ସାପ କାମୁଡ଼ାରେ ୨ ମୃତ

ଅନୁଗୋଳ ଅଫିସ, ୨୦।୫

ଅନୁଗୋଳ ଜିଲା ଖମାର ଥାନା ପୁରୁଣାପାଣି ଗ୍ରାମର ଆନନ୍ଦ ପେଣ୍ଟୋଇଙ୍କ ସ୍ତ୍ରୀ ପୁଷ୍ପା ପେଣ୍ଟୋଇ (୪୭)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ଶୁକ୍ରବାର ରାତିରେ ପୁଷ୍ପା ଶୋଇଥିବା ବେଳେ ତାଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ ଗୁଣିଆ ପାଖକୁ ନେଇଥିଲେ। ମାତ୍ର ଅବସ୍ଥା ଗୁରୁତର ହେବାରୁ ସକାଳେ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି କିଶୋରନଗର ବ୍ଲକ ହଣ୍ଡପା ଥାନା ଲୁହାମୁଣ୍ଡା ଗ୍ରାମରେ ସାପ କାମୁଡ଼ାରେ ସୁଦ୍ଧିନା ପ୍ରଧାନ (୭୫)ଙ୍କ ଶନିବାର ମୃତ୍ୟୁ ହୋଇଛି। ସୁଦ୍ଧିନା ମଧ୍ୟାହ୍ନରେ ରୋଷେଇ କରୁଥିବା ବେଳେ ଏକ ସାପ କାମୁଡ଼ି ଦେଇଥିଲା। ତାଙ୍କୁ ପ୍ରଥମେ ନିକଟସ୍ଥ ଡାକ୍ତରଖାନା ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନୁଗୋଳ ଥାନା ପୋଲିସ ୨ଟି ପୃଥକ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଉନ୍ନୟନମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱ




ବୈଠକରେ ଉପସ୍ଥିତ ଜନପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀମାନେ।

କାମାକ୍ଷାନଗର, ୨୦।୫(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କାର୍ଯ୍ୟାଳୟରେ ଶନିବାର 'ମୋ କାମାକ୍ଷାନଗର' ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ବିକାଶ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ ଯୋଗଦେଇ ପୁରାତନ ପ୍ରକଳ୍ପ ଶେଷ କରିବା, ଆବଶ୍ୟକତା ଅନୁଯାୟୀ ନୂତନ ପ୍ରକଳ୍ପ ଆରମ୍ଭ କରିବା ଏବଂ ସମସ୍ତଙ୍କ ସହଯୋଗରେ ବ୍ଲକର ସର୍ବାଙ୍ଗୀନ ଉନ୍ନତି ଲାଗି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ବ୍ଲକ ଅଧକ୍ଷ ପ୍ରେମାନନ୍ଦ ସାହୁ, ଆକାଉଣ୍ଟ ଅଫିସର ଧୀରେନ ନାୟକ, ଏବିଡିଓ ଝରଣା ସାମଲ, ସହକାରୀ ଯନ୍ତ୍ରୀ ରଞ୍ଜିତ ବେହେରାଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହିଥିଲେ।

## ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍‌କୁ ମାଡ଼

ଭୁବନ, ୨୦।୫(ଡି.ଏନ୍.ଏ.)

ଏକ ବିଦ୍ୟୁତ୍ ମାମଲାର ସମାଧାନ କରିବାକୁ ଯାଇଥିବାବେଳେ ଢେଙ୍କାନାଳ ଜିଲା ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍‌କୁ ଶନିବାର ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ଘଟଣା ଘଟିଛି ଭୁବନ ଥାନା ଗୋବିନ୍ଦପୁର ଗ୍ରାମରେ। ମିଳିଥିବା ସୂଚନା ଅନୁଯାୟୀ, ଗ୍ରାମକୁ ଏନ୍‌ଫୋର୍ସମେଣ୍ଟ ଟିମ୍ ତଦନ୍ତ କରିବାକୁ ଯାଇଥିବାବେଳେ ଉତ୍କ୍ଷିପ୍ତ ଗ୍ରାମବାସୀ ସେମାନଙ୍କୁ ଘେରିଯାଇ ଆକ୍ରମଣ କରିଥିଲେ। ଏ ନେଇ ଭୁବନ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏ ନେଇ ମଠକରଗୋଳା ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀ ସୂର୍ଯ୍ୟକାନ୍ତ ରାଉତଙ୍କୁ ପଚାରିବାରେ ଘଟଣା ସେତେ ବଡ଼ ନୁହେଁ ବୋଲି କହି ପ୍ରସଙ୍ଗ ଏଡ଼ାଇ ଯାଇଥିଲେ।

## ସ୍ତ୍ରୀଙ୍କୁ ମାଡ଼ ମାରି ଜେଲ ଗଲେ ସ୍ୱାମୀ

ଭଣ୍ଡାରିପୋଖରୀ, ୨୦।୫ (ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଞ୍ଚଳରେ ସାବିତ୍ରୀ ବ୍ରତ ଦିନ ସ୍ତ୍ରୀଙ୍କୁ ମାଡ଼ ମାରି ଜେଲ ଗଲେ ସ୍ୱାମୀ। ଗିରଫ ସ୍ୱାମୀ ହେଲେ ତାଳପଦା ଗ୍ରାମର ଆଦିତ୍ୟ ଜେନା। ତାଙ୍କ ସ୍ତ୍ରୀ ମମତା ଥାନାରେ ଅଭିଯୋଗ କରିଛନ୍ତି ଯେ, ଆଦିତ୍ୟ ନିଶାସକ୍ତ ହୋଇ ଅନେକ ସମୟରେ ତାଙ୍କୁ ମାରଧର କରନ୍ତି। ସାବିତ୍ରୀ ଓଷା ଦିନ ଅତି ଅମାନୁଷିକ ଭାବେ ତାଙ୍କୁ ପିଟିବା ସହ ତଣ୍ଟି ମଧ ଚିପି ଦେଇଥିଲେ। ଏପରିକି ନିଶାସକ୍ତ ଅବସ୍ଥାରେ ତାଙ୍କୁ ମାରିଦେବାକୁ ଯୋଜନା କରିଥିବା ବେଳେ ସୌଭାଗ୍ୟ ବଶତଃ ସେ ବଞ୍ଚି ଯାଇଥିଲେ। ବାପଘର ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଚିକିତ୍ସା କରାଇଛନ୍ତି। ପୋଲିସ ଏନେଇ ଏକ ମାମଲା (ନଂ.୧୫୧/୨୩) ରୁଜୁ କରିବା ସହ ତଦନ୍ତ ଆଧାରରେ ଆଦିତ୍ୟଙ୍କୁ ଗିରଫ ପରେ ଶନିବାର କୋର୍ଟ ଚାଲାଣ କରିଥିଲା।

## ଅଘୋଷିତ ବିଦ୍ୟୁତ୍ କାଟ୍‌କୁ ନେଇ ଅସନ୍ତୋଷ

ମୋରଡ଼ା, ୨୦।୫ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଅଧିକାଂଶ ପଞ୍ଚାୟତର ଅନେକ ଗ୍ରାମକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ରହିଛି। ସକାଳ ୬ରୁ ଦିନ ୧୦ ଏବଂ ଅପରାହ୍ନ ୪ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ପାଇପ୍ ପାନୀୟ ଜଳ ଯୋଗାଣ ହେଉଥିବା ବେଳେ ଅଘୋଷିତ ଭାବେ ସକାଳ ଏବଂ ଅପରାହ୍ନରେ ବିଦ୍ୟୁତ୍ କାଟ୍ ହେଉଛି। ଫଳରେ ଅଧିକାଂଶ ଦିନ ଲୋକେ ପାଇପ୍ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ସେହିପରି ବିଭିନ୍ନ ସରକାରୀ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବିଦ୍ୟାଳୟ ଏବଂ କଲେଜରେ ବହୁ ଜରୁରୀ କାର୍ଯ୍ୟ ଅନ୍‌ଲାଇନ ଏବଂ କମ୍ପ୍ୟୁଟରରେ କରିବାରେ ବାଧା ସୃଷ୍ଟି ହେଉଛି। ସନ୍ଧ୍ୟା ସମୟରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ୍ ପିଲାମାଙ୍କ ପାଠପଢ଼ାରେ ସମସ୍ୟା ସୃଷ୍ଟି କରୁଛି। ପ୍ରବଳ ଗରମ ସାଙ୍ଗକୁ ଗୁଳୁଗୁଳି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହେଉଥିବା ବେଳେ ରାତିରେ ମଧ ବିଦ୍ୟୁତ୍ କାଟ୍ ଯୋଗୁ ଲୋକେ ଅତିଷ୍ଠ ହୋଇପଡ଼ିଛନ୍ତି।

କେତେବେଳେ ୩୩ କେଭି ଟ୍ରିପ୍, କେତେବେଳେ ଜମ୍ପର ତାର ଛିଣ୍ଡିଯିବା, ଅଜଣା ସ୍ଥାନରେ ଇନ୍‌ସୁଲେଟର ଫାଟିବା, ଜଙ୍ଗଲରେ ୩୩ କେଭି ତାର ଉପରେ ଦୁର୍ବୃତ୍ତମାନେ ଗଛ ଓ ଡାଳ ପକାଇ ଦେବା ଭଳି ଉତ୍ତର ବିଦ୍ୟୁତ୍ ବିଭାଗ ଅଧିକାରୀ ଏବଂ କର୍ମଚାରୀମାନେ ଦେଉଛନ୍ତି। ବିଭାଗ ଅଧିକାଂଶ ଦିନ ମରାମତି କରିବା ଉଦ୍ଦେଶ୍ୟରେ ବିଦ୍ୟୁତ୍ କାଟ୍ ପରେ ଏଭଳି ଦୈନିକ ୬ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିଦ୍ୟୁତ୍ କାଟ୍‌କୁ ନେଇ ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ ମୋରଡ଼ାର କନିଷ୍ଠ ଯନ୍ତ୍ରୀ ମୃତ୍ୟୁଞ୍ଜୟ ପାଣିଗ୍ରାହୀ କହିଛନ୍ତି, ଗତ ୩ ଦିନ ଧରି କାଳବୈଶାଖୀ ଯୋଗୁ ବିଦ୍ୟୁତ୍ ସେବା ଯୋଗାଇବାରେ ସମସ୍ୟା ସୃଷ୍ଟି ହେଉଛି। କେତେକ ସମୟରେ ୩୩ କେଭି ତାର ଉପରେ ଦୁର୍ବୃତ୍ତମାନେ ଗଛ ପକାଇ ଦେଉଛନ୍ତି। ଫଳରେ ବିଦ୍ୟୁତ୍ ସେବା ଯୋଗାଇବାରେ ବାଧା ସୃଷ୍ଟି ହେଉଛି। ସମସ୍ୟାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ସହ କର୍ମଚାରୀମାନେ ଉତ୍ତମ ସେବା ଯୋଗାଇବା ପାଇଁ ସର୍ବଦା ସଜାଗଥିବା କହିଛନ୍ତି।

# ରାସ୍ତା ନ ଥାଇ କମର୍ସିଆଲ ବିଲ୍ଡିଂ ପ୍ଲାନ୍ ଅନୁମୋଦନ

**ଘର ମାଲିକଙ୍କୁ ନୋଟିସ**

କେନ୍ଦୁଝର,୨୦।୫(ସ୍ୱ.ପ୍ର.)

କେନ୍ଦୁଝରଗଡ଼ ପୌରପାଳିକାର କାଶୀପୁର ସରକାରୀ ମହିଳା ମହାବିଦ୍ୟାଳୟ ସମ୍ମୁଖରେ ନିର୍ମିତ ଏକ କୋଠାକୁ ରାସ୍ତା ନ ଥାଇ ବିଲ୍ଡିଂ ପ୍ଲାନ୍ ଅନୁମୋଦନ କରାଯାଇଛି। ପ୍ଲାନ୍ ମଞ୍ଜୁର ହେବା ପୂର୍ବରୁ ତହସିଲର ଅନୁମତି ନ ନେଇ ସରକାରୀ ଜମିକୁ ରାସ୍ତା ଭାବେ ଦେଖାଇ ଚଞ୍ଚକତାକରି ପୌରପାଳିକା ପକ୍ଷରୁ ଅନୁମୋଦନ ମିଳିଥିବା ଅଭିଯୋଗ ହୋଇଛି। ପୌର ପ୍ରଶାସନ ପକ୍ଷରୁ ଜବରଦଖଲ ଚିହ୍ନଟ ବେଳେ ଅନିୟମିତତା ପଦାକୁ ଆସିଥିଲା। ଏହାକୁ ନେଇ ପୌର ପ୍ରଶାସନ ପକ୍ଷରୁ ଘରମାଲିକଙ୍କୁ ନୋଟିସ ହୋଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ମହାବିଦ୍ୟାଳୟ ସମ୍ମୁଖରେ ଥିବା ସରକାରୀ ଜମିର ଆନୁମାନିକ ମୂଲ୍ୟ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ। ଉକ୍ତ ସ୍ଥାନକୁ ଦେଖାଇ ଘରମାଲିକ ବିଲ୍ଡିଂ ପ୍ଲାନ୍ ଅନୁମୋଦନ କରିଛନ୍ତି। ଘର ରାସ୍ତାକଡ଼ରେ ଥିବାରୁ ଉଚ୍ଚ ମୂଲ୍ୟରେ ଭଡ଼ା ପାଉଛନ୍ତି। ରାସ୍ତା ନ ଥାଇ ପୌରପାଳିକା ପକ୍ଷରୁ କିପରି ପ୍ଲାନ୍ ଅନୁମୋଦନ କରାଗଲା ତାହାକୁ ନେଇ ସନ୍ଦେହ ସୃଷ୍ଟି କରିଛି। ଠିକ୍ ତଦନ୍ତକରି ଉକ୍ତ ସମୟରେ ପ୍ଲାନ୍ ମଞ୍ଜୁର କରିଥିବା କର୍ମଚାରୀ ଏବଂ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଜବରଦଖଲ ମୁକ୍ତ କରିବାକୁ ଦାବି ହୋଇଛି। ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ କହିଛନ୍ତି, ଏଭଳି ଅନେକ ଲୋକ ସରକାରୀ ଜମିକୁ ନିଜର ବ୍ୟବସାୟିକ କେନ୍ଦ୍ର ପାଇଁ ପ୍ଲାନ୍ ଅନୁମୋଦନ କରାଇ ମୂଲ୍ୟବାନ୍ ଜମିକୁ ହାତେଇବା ପାଇଁ ଯୋଜନା କରୁଛନ୍ତି ବୋଲି କହିଥିଲେ। ସଦର ତହସିଲଦାର ଆଶିଷ ମହାପାତ୍ର କହିଛନ୍ତି, ଅଭିଯୋଗ ପାଇବା ପରେ ଏହାର ତଦନ୍ତକରି କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି। ପୌରପାଳ ଇଂ. ସଂଗ୍ରାମ ବେହେରା କହିଛନ୍ତି, ଏହାର ଯାଞ୍ଚ କରାଯାଇଛି। ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ହେବ। ଏ ନେଇ ଘର ମାଲିକ ଜଗଦୀଶ ପାଣ୍ଡାନ କହିଛନ୍ତି, ମାତ୍ର ୪ ଫୁଟ ସରକାରୀ ଜମି ରହିଛି। ପ୍ଲାନ୍ ଅନୁମୋଦନ ହେବା ପରେ ଘର ନିର୍ମାଣ କରାଯାଇଛି। ପ୍ରଶାସନ ପକ୍ଷରୁ କୌଣସି ନୋଟିସ ହୋଇନାହିଁ।

# ମିଲେଟ୍ ବର୍ଷ ଉପଲକ୍ଷେ ଫୁଟ୍‌ବଲ ମ୍ୟାଚ୍

**ମାଣ୍ଡିଆ ଜାତୀୟ ଖାଦ୍ୟ ବ୍ୟବହାର କରିବାକୁ ଆହ୍ୱାନ**




ଯୁବ କ୍ରୀଡ଼ାବିତଙ୍କ ସହ ଅଧିକାରୀ ଓ ଲୋକ ପ୍ରତିନିଧିମାନେ।

ବାରିପଦା ଅଫିସ,୨୦।୫

ବାରିପଦା ଷ୍ଟାଡ଼ିୟମ ପଡ଼ିଆରେ ଓଡ଼ିଶା ମିଲେଟ ମିଶନ, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ତଥା ମୟୂରଭଞ୍ଜ ଆଥ୍‌ଲେଟିକ ଆସୋସିଏସନର ସହଯୋଗରେ ଅନ୍ତର୍ଜାତୀୟ ମିଲେଟ ବର୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ନେଉଥିବା କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ଏକ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଜିଲା କୃଷି ଅଧିକାରୀ ଲକ୍ଷ୍ମଣ ମୁର୍ମୁ ଯୋଗଦେଇ କୃତୀ ଖେଳାଳିମାନଙ୍କୁ ପୁରସ୍କୃତ କରିବା ସହ ମାଣ୍ଡିଆ ଜାତୀୟ ଖାଦ୍ୟ ସ୍ୱାସ୍ଥ୍ୟକର ଓ ପୁଷ୍ଟିକର ହୋଇଥିବାରୁ ଖେଳାଳି ତଥା ଅନ୍ୟମାନଙ୍କ ପାଇଁ ଏହା ବେଶ ଉପଯୋଗୀ। ତେଣୁ ବର୍ତ୍ତମାନ ସମୟରେ ପାରମ୍ପରିକ ଖାଦ୍ୟଶସ୍ୟର ଅଭାବ ଦେଖା ଯାଉଥିବାରୁ ମାଣ୍ଡିଆ ଜାତୀୟ ଖାଦ୍ୟ ଶସ୍ୟର ବହୁଳ ବ୍ୟବହାର କରିବା ପାଇଁ ପ୍ରୋତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଫୁଟ୍‌ବଲ ଖେଳାଳି ପରେଶ ଚନ୍ଦ୍ର ଦାସ, ଜିଲା କ୍ରୀଡ଼ା ଅଧିକାରୀ ଅବନୀ ମୋହନ ମହାନ୍ତି, ମୟୂରଭଞ୍ଜ ଆଥେଲେଟିକ ଆସୋସିଏସନର ଫୁଟବଲ ସହ ସମ୍ପାଦକ ଅମର ସେଠୀ, ବରିଷ୍ଠ ସଦସ୍ୟ ମଣ୍ଟୁ ଦା, ଜିଲା ପରିଷଦ ସଦସ୍ୟ ନରେନ୍ଦ୍ର ହାଁସଦା ଓ ଓଡ଼ିଶା ମିଲେଟ ମିଶନର ଅତିରିକ୍ତ ଜିଲା ସଂଯୋଜକ ଅଦିତି ଖାଁ, ଶ୍ରୀକାନ୍ତ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ବରିଷ୍ଠ କୋଚ୍ କୁମାର ରଞ୍ଜନ ପଣ୍ଡା ସଭା କାର୍ଯ୍ୟ ପରିଚାଳନା କରିଥିଲେ।

# ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର

**ସୁରକ୍ଷାବାଡ଼ ନିର୍ମାଣ ଦାବି**

କେନ୍ଦୁଝର,୨୦।୫(ଡି.ଏନ୍.ଏ.)

କେନ୍ଦୁଝର ସହରର ବିଭିନ୍ନ ସ୍ଥାନରେ ରାସ୍ତାକଡ଼, ଘର ନିକଟରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବିପଦସଙ୍କୁଳ ଅବସ୍ଥାରେ ରହିଛି। ଚାରିପାଖ ବ୍ୟାରିକେଡ୍ କରାଯାଇ ନ ଥିବାରୁ ଗୋରୁ ଓ ଜନସାଧାରଣଙ୍କ ପାଇ ବିପଦ ସାଜୁଛି। ଏ ନେଇ ଅଭିଯୋଗ କଲେ ମଧ ସମସ୍ୟା ସମାଧାନ ହେଉନାହିଁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

ଅଭିଯୋଗ ଅନୁଯାୟୀ, କେନ୍ଦୁଝରଗଡ଼ ପୌରପାଳିକାର ୧୫ ନଂ. ୱାର୍ଡ ମାଧପୁର ଅଙ୍ଗନବାଡ଼ି କେନ୍ଦ୍ର ନିକଟରେ ଖୋଲା ଅବସ୍ଥାରେ ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ୍ ଟ୍ରାନ୍ସଫର୍ମର ରହିଛି। ଏ ନେଇ ଉକ୍ତ ୱାର୍ଡର କାଉନ୍‌ସିଲର ଭଗବାନ ନାୟକ ଟାଟା ପାୱାର ଏସ୍‌ଡିଓଙ୍କ ଅବଗତ କରିଥିଲେ ମଧ କୌଣସି ପଦକ୍ଷେପ ନିଆଯାଉନାହିଁ। ଟ୍ରାନ୍ସଫର୍ମର ଯୋଗୁ ଯଦି କୌଣସି ଅଘଟଣ ଘଟେ ସେଥିପାଇଁ ଟାଟା ପାୱାର ଦାୟୀ ରହିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ସେହିପରି ୫ନଂ ୱାର୍ଡର ଜନାର୍ଦ୍ଦନପୁର ପୋଖରୀ ହୁଡ଼ା, ଶ୍ରୀକ୍ଷେତ୍ର ହୋଟେଲରୁ ବସ୍‌ଷ୍ଟାଣ୍ଡ ଯିବା ରାସ୍ତାର ପାତ୍ର ସାହି ଛକ ନିକଟରେ ବିନା ବ୍ୟାରିକେଡ୍‌ରେ ଟ୍ରାନ୍ସଫର୍ମର ରହିଛି। ଉକ୍ତ ସ୍ଥାନ ଜନଗହଳିପୂର୍ଣ୍ଣ ହୋଇଥିବାରୁ ଟ୍ରାନ୍ସଫର୍ମର ଅନ୍ୟତ୍ର ଉଠାଇ ନେବାକୁ ଦାବି ହେଉଛି। ଟ୍ରାନ୍ସଫର୍ମର ଖୋଲାମେଲାରେ ରହିଥିବାରୁ ଗୃହପାଳିତ ପଶୁମାନେ ଘାସପତ୍ର ଖାଇବାକୁ ଭିତରକୁ ଯାଇ ମୃତ୍ୟୁବରଣ କରୁଛନ୍ତି। ତେଣୁ ଖୋଲାରେ ଥିବା ୩ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚାରିପାଖରେ ସୁରକ୍ଷା ବାଡ଼ ନିର୍ମାଣ କରିବାକୁ ଦାବି ହୋଇଛି।



ବିପଦସଙ୍କୁଳ ଅବସ୍ଥାରେ ଥିବା ଟ୍ରାନ୍ସଫର୍ମର।

# ୧୮ ଜଳାଶୟର ରୂପାନ୍ତରଣ ହେବ



ପୁଷ୍କରିଣୀ ନବୀକରଣ ସମ୍ପର୍କରେ ଜିଲାପାଳ ସୂଚନା ଦେଉଛନ୍ତି। ପୌରାଧ୍ୟକ୍ଷା, ଉପାଧ୍ୟକ୍ଷଙ୍କ ସମେତ ଅନ୍ୟମାନେ ମଞ୍ଚାସୀନ।

ଢେଙ୍କାନାଳ ଅଫିସ, ୨୦।୫

**■ଭାଗୀରଥି ସାଗର ହେବ ଆଦର୍ଶ ପୁଷ୍କରିଣୀ**

**■ଦାୟିତ୍ୱ ନେବେ ମିଶନ ଶକ୍ତି ସଦସ୍ୟା**

ଢେଙ୍କାନାଳ ପୌରାଞ୍ଚଳର ପ୍ରମୁଖ ୧୮ ଜଳାଶୟର ରୂପାନ୍ତରଣ ହେବ। ପ୍ରଥମ ଥର ପାଇଁ ମିଶନ ଶକ୍ତି ମହିଳା ଏହି କାର୍ଯ୍ୟରେ ନିୟୋଜିତ ହେବେ। ସ୍ଥାନୀୟ ପୁରୁଣା ଜିଲା ପରିଷଦ ସଭାଗୃହରେ ଶନିବାର ଅନୁଷ୍ଠିତ ଜଳାଶୟ ରୂପାନ୍ତରୀକରଣ ସମ୍ପର୍କିତ ଦକ୍ଷତା ବୃଦ୍ଧି କର୍ମଶାଳାରେ ଏହି ସୂଚନା ଦିଆଯାଇଛି। ଜିଲାପାଳ ସରୋଜ କୁମାର ସେଠୀ ଏଥିରେ ଅଧ୍ୟକ୍ଷତା କରି କହିଲେ, ଚିହ୍ନଟ ହୋଇଥିବା ୧୮ ଜଳାଶୟ ମଧ୍ୟରୁ ପ୍ରଥମେ ବିନା ଠିକାଦାରିରେ ଭାଗୀରଥି ସାଗରର ନବୀକରଣ ହେବ। ଏହାକୁ ଆଦର୍ଶ ପୁଷ୍କରିଣୀରେ ପରିଣତ କରାଯିବ। ସହରକୁ ସୁନ୍ଦର ଓ ସମୃଦ୍ଧ କରିବାରେ ମିଶନ ଶକ୍ତି ମହିଳାମାନେ ଉତ୍ସାହର ସହିତ ଆଗେଇ ଆସିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି।

ଅତିଥି ଭାବେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ନିର୍ବାହୀ ଅଧିକାରୀ ତରୁଣ ମହାପାତ୍ର ଆଲୋଚନାରେ ଭାଗ ନେଇ କହିଲେ, ସହରକୁ ନିର୍ମଳ ରଖିବାରେ ମିଶନ ଶକ୍ତି ମା'ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସମସ୍ତଙ୍କ ସହଭାଗିତା ଏବଂ ନିଷ୍ଠାପର ମନୋଭାବ ରଖିଲେ ସରକାରଙ୍କ ସମସ୍ତ ଯୋଜନାର ସଫଳ ରୂପାୟନ ହୋଇପାରିବ ବୋଲି ସମସ୍ତେ ଆଶାବ୍ୟକ୍ତ କରିଛନ୍ତି। ଜଳାଶୟ ନବୀକରଣ ୟୁନିଟ୍‌ର ଉପଦେଷ୍ଟା ଦେବସୁନ୍ଦର ମହାପାତ୍ର କହିଲେ, ମିଶନ ଶକ୍ତିର ମହିଳା ଗୋଷ୍ଠୀ ସହଯୋଗରେ ସହରାଞ୍ଚଳ ମୁକ୍ତା ଯୋଜନାରେ ବର୍ଷ ଶେଷ ସୁଦ୍ଧା ପୋଖରୀଗୁଡ଼ିକର ନବୀକରଣ କରାଯିବ। ଜଳ ସଂରକ୍ଷଣ, ସୌନ୍ଦର୍ଯ୍ୟକରଣ, ପରିବେଶ ସୁରକ୍ଷା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯିବ। ସହରୀ ପୋଖରୀଗୁଡ଼ିକୁ କିପରି ରକ୍ଷଣାବେକ୍ଷଣ କରାଯିବ ସେ ସମ୍ପର୍କରେ ଉପସ୍ଥିତ ମହିଳା ସଦସ୍ୟଙ୍କୁ ଉପଦେଷ୍ଟା ମହାପାତ୍ର ପ୍ରଶିକ୍ଷଣ ଦେଇଥିଲେ।

ଗୃହ ଓ ନଗର ଉନ୍ନୟନ ବିଭାଗ ଏବଂ ପୌରପାଳିକାର ମିଳିତ ସହଯୋଗରେ ଅନୁଷ୍ଠିତ ଏହି କର୍ମଶାଳାରେ ଷ୍ଟେଟ ମିଶନ ମ୍ୟାନେଜର ମନମୋହନ ମହାରଣା, ସ୍ମୃତିରଞ୍ଜନ ସିଂ, ଭାଗୀରଥି ବିହାର ସଂଲଗ୍ନ ଅଞ୍ଚଳର ଜନପ୍ରତିନିଧି, ମିଶନ ଶକ୍ତି ସଦସ୍ୟାମାନେ ଉପସ୍ଥିତ ଥିଲେ। ମୁକ୍ତା ଯୋଜନାର ପିସି ସୁବ୍ରତ କୁମାର ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ପୌରଯନ୍ତ୍ରୀ ରଶ୍ମିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## କମ୍ପ୍ୟୁଟର ଆସେମ୍ବ୍ଲିଂ ୟୁନିଟ୍ ଉଦ୍‌ଘାଟିତ

ଢେଙ୍କାନାଳ ଅଫିସ, ୨୦।୫

ଢେଙ୍କାନାଳ ସହରସ୍ଥିତ ମୀନାବଜାର ଗାନ୍ଧୀମନ୍ଦିର ରୋଡ୍‌ଠାରେ ଶନିବାର କମ୍ପ୍ୟୁଟର ଆସେମ୍ବ୍ଲିଂ ୟୁନିଟ୍ 'ଭି.ଭି. କମ୍ପ୍ୟୁଟର' ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ ଯୋଜନା ଆନୁକୂଲ୍ୟରେ ଏହା କାର୍ଯ୍ୟକ୍ଷମ ହୋଇଛି। ଆର୍‌ସିଏମ୍‌ଏସ୍ ଅଧ୍ୟକ୍ଷ ଚିତ୍ତରଞ୍ଜନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଲୋକାର୍ପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଶାଖା ପରିଚାଳକ ମନୋଜ ସାହୁ ଯୋଗଦେଇ ଆଧୁନିକ ସମୟରେ କମ୍ପ୍ୟୁଟର ଶିକ୍ଷାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଖୁବ୍ କମ୍ ଖର୍ଚ୍ଚରେ ସମୟୋପଯୋଗୀ କମ୍ପ୍ୟୁଟର ପ୍ରସ୍ତୁତ କରାଯାଇ ଛାତ୍ରୀଛାତ୍ରଙ୍କୁ ଯୋଗାଇ ଦିଆଯିବ ବୋଲି ସଂସ୍ଥାର ସ୍ୱତ୍ୱାଧିକାରୀ ସୟଦ ଅସଫାକ୍ ଅଲ୍ଲୀ କହିଛନ୍ତି।

## ୨୨୭ ହାଇସ୍କୁଲ ଏ-୧ ଗ୍ରେଡ୍ ଶୂନ୍ୟ

ଢେଙ୍କାନାଳ ଅଫିସ, ୨୦।୫

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ପରିଚାଳିତ ଦଶମଶ୍ରେଣୀ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ଢେଙ୍କାନାଳ ଜିଲାରେ ପାସ୍ ହାର ବଢ଼ିଛି। ହେଲେ ଏ-୧ ଗ୍ରେଡ୍‌କୁ ଆସିଥିବା ଚିତ୍ର ଚିନ୍ତା ବଢ଼ାଇଛି। ଜିଲାର ମୋଟ ୨୬୮ଟି ହାଇସ୍କୁଲ ମଧ୍ୟରୁ ୨୨୭ଟି ଏ-୧ ଗ୍ରେଡ୍ ଶୂନ୍ୟ ରହିଛି। ମାତ୍ର ୪୧ଟି ହାଇସ୍କୁଲର ୮୨ଜଣ ଏ-୧ ଗ୍ରେଡ୍‌ରେ ପାସ୍ କରିଛନ୍ତି। ଗତବର୍ଷ ଏହି ସଂଖ୍ୟା ୧୭୦ ଥିବାବେଳେ ଚଳିତବର୍ଷ ଏ-୧ ଗ୍ରେଡ୍‌ଧାରୀଙ୍କ ସଂଖ୍ୟା ଅଧାରୁ ତଳକୁ ଖସିଆସିଛି। ସେହିପରି ୭୬ଟି ହାଇସ୍କୁଲରେ ମାଟ୍ରିକ ପରୀକ୍ଷା ଫଳ ଶତ ପ୍ରତିଶତ ହୋଇଥିବା ଜିଲା ଶିକ୍ଷା ବିଭାଗ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଏ-୧ ଗ୍ରେଡ୍‌ଧାରୀଙ୍କ ସଂଖ୍ୟା ଏଭଳି କମିବାକୁ ନେଇ ଶିକ୍ଷା ବିଭାଗ ପକ୍ଷରୁ ସମୀକ୍ଷା ଆରମ୍ଭ ହୋଇଥିବା ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଚଳିତବର୍ଷ ଜିଲାରେ ମୋଟ ୨୬୮ ହାଇସ୍କୁଲର ୧୫ ହଜାର ୯୭୬ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ଏ-୧ରେ ୮୨, ଏ-୨ରେ ୭୧୦, ବି-୧ରେ ୨,୧୬୧, ବି-୨ରେ ୩,୩୦୪, ସି-ରେ ୩,୫୮୧, ଡି-ରେ ୨,୮୯୬, ଇ-ରେ ୨,୪୯୩ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ୪୨୯ଜଣ ଅକୃତକାର୍ଯ୍ୟ ହୋଇଛନ୍ତି।

## ୨୨ରୁ କଳାବ୍ୟାଜ୍, ଜୁନ୍ ୧ରୁ ସାମୂହିକ ଛୁଟି

ଢେଙ୍କାନାଳ ଅଫିସ, ୨୦।୫

**ଚେତାବନୀ ଦେଲା ଜିଲା ମିଳିତ ଅମଳା ମଞ୍ଚ**

ନ୍ୟାଯ୍ୟଦାବି ପୂରଣରେ ଟାଳଟୁଳ ନୀତି ବିରୋଧରେ ଆନ୍ଦୋଳନକୁ ତୀବ୍ରତର କରିବାକୁ ନିଷ୍ପତ୍ତି ନେଇଛି ଜିଲା ମିଳିତ ଅମଳା ମଞ୍ଚ। ତଦନୁଯାୟୀ ସଂଘର କର୍ମକର୍ତ୍ତାମାନେ ଆସନ୍ତା ମେ' ୨୨ରୁ କଳାବ୍ୟାଜ୍ ପରିଧାନ କରିବେ। ତଥାପି ସରକାର ନ ଶୁଣିଲେ ଜୁନ୍ ୧ରୁ ସାମୂହିକ ଛୁଟିରେ ଯିବେ ବୋଲି ମଞ୍ଚ ପକ୍ଷରୁ ଶନିବାର ଚେତାବନୀ ଦିଆଯାଇଛି। ଏ ନେଇ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ପତ୍ରର ନକଲ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

ଅଭିଯୋଗ ଅନୁଯାୟୀ, ଜିଲାସ୍ତରୀୟ ଅମଲାଙ୍କ ଶିକ୍ଷାଗତ ଯୋଗ୍ୟତା ସ୍ନାତକ ସହିତ କମ୍ପ୍ୟୁଟର ଧାର୍ଯ୍ୟ କରାଯାଇଥିବାବେଳେ ସେମାନଙ୍କୁ ମାଟ୍ରିକ ହାରରେ ଦରମା ଦିଆଯାଉଛି। ଦରମା ବୃଦ୍ଧି ଅସଙ୍ଗତି ରହିଛି। ଅମଲାଙ୍କ ମୂଳ ଦରମା ଶିକ୍ଷାଗତ ଯୋଗ୍ୟତା ଆଧାରରେ ଗ୍ରେଡ୍ ପେ' ୪୨୦୦ କରିବା ପାଇଁ ଦାବି କରାଯାଇଥିବାବେଳେ ସରକାର ବିଜ୍ଞପ୍ତି ଜାରି କରିବାରେ ଅହେତୁକ ବିଳମ୍ବ କରୁଛନ୍ତି। ଏହାର ପ୍ରତିବାଦରେ ମେ' ୧ରେ ସରକାରଙ୍କୁ ଦାବିପତ୍ର ଦିଆଯାଇଥିଲା। ଜନସାଧାରଣଙ୍କ ସେବାରେ ଯେପରି ବ୍ୟାଘାତ ନ ହୁଏ ସେଥିଲାଗି ମଞ୍ଚ ପକ୍ଷରୁ ୨୧ଦିନ ସମୟ ଦିଆଯାଇଛି। ଏହି ସମୟ ମଧ୍ୟରେ ନୀତିଗତ ନିଷ୍ପତ୍ତି ନିଆ ନ ଗଲେ ୨୨ ତାରିଖରୁ ଅମଲାମାନେ କଳାବ୍ୟାଜ୍ ପିନ୍ଧି ଅଫିସକୁ ଆସିବେ। ତଥାପି ସରକାର ଦାବି ପୂରଣ ନ କଲେ ଜୁନ ୧ରୁ ସମସ୍ତ ସଦସ୍ୟ ଛୁଟିରେ ଯିବେ ବୋଲି ଜିଲା ମିଳିତ ଅମଲା ମଞ୍ଚ ଅଧ୍ୟକ୍ଷ ବିଭୂତି ଭୂଷଣ ପଟ୍ଟନାୟକ, ଆବାହକ ଅରୁଣ କୁମାର ବଳିଆରସିଂହ ସୂଚନା ଦେଇଛନ୍ତି।


ଜିଲା ମିଳିତ ଅମଳା ମଞ୍ଚ ପକ୍ଷରୁ ଜିଲାପାଳଙ୍କ ଦାବିପତ୍ର ପ୍ରଦାନ କରାଯାଉଛି।

## ହତ୍ୟା ଉଦ୍ୟମ ମାମଲା, ସମସ୍ତ ଅଭିଯୁକ୍ତ ନିର୍ଦ୍ଦୋଷ

କାମାକ୍ଷାନଗର, ୨୦।୫(ଡି.ଏନ୍.ଏ.)

ଭୁବନ ଥାନା ଅଞ୍ଚଳରେ ୨୦୧୧ରେ ଘଟିଥିବା ଏକ ହତ୍ୟା ଉଦ୍ୟମ ମାମଲାର ରାୟ ଗୁରୁବାର କାମାକ୍ଷାନଗର ଅତିରିକ୍ତ ଜିଲା ଓ ଦୌରାଜଜ୍‌ଙ୍କ ଅଦାଲତରେ ପ୍ରକାଶ ପାଇଛି। ବିଚାରପତି ମଧୁମିତା ମହାନ୍ତି ମାମଲାର ଶୁଣାଣି କରି ପ୍ରମାଣ ଅଭାବରୁ ସମସ୍ତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଅଭିଯୋଗକାରୀ ପ୍ରତାପ କୁମାର ସାହୁ ୨୦୨୨ ଅକ୍ଟୋବର ୧୦ରେ ଭୁବନ ଥାନାରେ ଲିଖିତ ଏତଲା ଦେଇଥିଲେ। ଏଥିରେ ସେ ଦର୍ଶାଇଥିଲେ ଯେ, ଅକ୍ଟୋବର ୯ ସନ୍ଧ୍ୟାରେ ତାଙ୍କ ପୁତୁରା, ଝିଆରୀ ମିଳିମିଶି ଫିଲ୍ମ ଦେଖିବାକୁ ଯାଇଥିବାବେଳେ ସିନେମା ହଲ୍ ନିକଟରେ ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଏଥିରେ ମାନସ ପୋଥାଳ, ଲିପୁନ ଚିନ୍ନରା, ଜୟକୃଷ୍ଣ ସାହୁ, କାର୍ତ୍ତିକ ପୋଥାଳ, ନେମାର ନାୟକ, ସୁଶାନ୍ତ ନାୟକଙ୍କ ସମ୍ପୃକ୍ତି ରହିଥିବା ଅଭିଯୋଗରେ ଦର୍ଶାଯାଇଥିଲା। ଏ ନେଇ ଭୁବନ ଥାନାରେ ନଂ. ୯୯/୧୧ରେ ମାମଲା ରୁଜୁ ହୋଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ସେମାନେ ଜାମିନରେ ଆସିଥିଲେ। ଜିଆର୍ କେସ୍ ନଂ.୯୯/୧୧ ଏବଂ ସିଟି ଏସ୍‌ଏସ୍ ନଂ. ୧୦୦/୨୦୧୨ ଅନୁଯାୟୀ ମାମଲାର ବିଚାର କରାଯାଇଥିଲା। ୨୨ ଜଣଙ୍କ ସାକ୍ଷ୍ୟପ୍ରମାଣ ଆଧାରରେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ସର୍ବଜିତ୍ ଜୀ ମାମଲା ପରିଚାଳନା କରିଥିଲେ।

## ରଥଯାତ୍ରା ପରମ୍ପରା ଅକ୍ଷୁଣ୍ଣ ରହୁ


ବୈଠକରେ ଯୋଗଦେଇଥିବା ଶ୍ରୀଜଗନ୍ନାଥ ସେବା ପରିଷଦର କର୍ମକର୍ତ୍ତା।

ଢେଙ୍କାନାଳ ଅଫିସ, ୨୦।୫

**ଶ୍ରୀଜଗନ୍ନାଥ ସେବା ପରିଷଦର ଦାବି**

ଢେଙ୍କାନାଳ ପ୍ରସିଦ୍ଧ ରଥଯାତ୍ରା ପାଇଁ ରଥଗଡ଼ାରେ ରଖାଯାଇଥିବା କାଠରେ ଅଇଁଠାପତ୍ର, ଆମିଷ ଦ୍ରବ୍ୟ ପଡୁଛି। ଲୋକମାନେ ଏହା ଉପରେ ଚପଲ ପିନ୍ଧି ଚଢୁଛନ୍ତି। ଫଳରେ ରଥକାଠ ଅପବିତ୍ର ହୋଇଯାଇଛି। ତେଣୁ ରାଜପୁରୋଧା ପଞ୍ଚାନନ ମିଶ୍ରଙ୍କ ପରାମର୍ଶକ୍ରମେ ଏହାର ପବିତ୍ରୀକରଣ ପାଇଁ ଶନିବାର ଦାବି କରିଛି ଶ୍ରୀଜଗନ୍ନାଥ ସେବା ପରିଷଦ। ମଧ୍ୟାହ୍ନରେ ପରିଷଦ ସଭାପତି ପ୍ରଦ୍ୟୁମ୍ନ ରଥଙ୍କ ଅଧ୍ୟକ୍ଷତାରେ ଉପଦେଷ୍ଟା ଯୁବରାଜ ଅମରଜ୍ୟୋତି ସିଂଦେଓଙ୍କ ଉପସ୍ଥିତିରେ ଆଲୋଚନା କରାଯାଇଥିବାବେଳେ ଏ ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତ୍ତି ହୋଇଛି। ରଥଯାତ୍ରା ପରମ୍ପରା ଅକ୍ଷୁଣ୍ଣ ରଖିବାକୁ ବୈଠକରେ ମତପ୍ରକାଶ ପାଇଥିଲା।

ଢେଙ୍କାନାଳର ଆରାଧ୍ୟ ଦେବତା ଶ୍ରୀବଳରାମଜୀଉ ମନ୍ଦିର ପରିସରରେ ଆଲୋକୀକରଣ, ମନ୍ଦିରରେ ବର୍ଷାନିରୋଧୀ ଚୂନ ଲାଗି କରିବା, ଗତ ରଥଯାତ୍ରା ପ୍ରସ୍ତୁତି ବୈଠକରେ ଗୃହୀତ ପ୍ରସ୍ତାବ ଅନୁଯାୟୀ ରଥଗଡ଼ାରେ ଥିବା ଦେବୋତ୍ତର ଜମିରେ ଦ୍ୱିତଳ ପ୍ରାସାଦ ନିର୍ମାଣ କରାଯାଇ ରଥକାଠକୁ ସୁରକ୍ଷିତ ଭାବେ ରଖିବାକୁ ଦାବି କରାଯାଇଛି। ଏଥିସହ ଦେବୋତ୍ତର ବିଭାଗର ଉନ୍ନୟନ କାର୍ଯ୍ୟ ଏକ କମିଟି ତତ୍ତ୍ୱାବଧାନରେ କରିବା, ଏଥିରେ ପରିଷଦର ଦୁଇଜଣ ପ୍ରତିନିଧିଙ୍କୁ ସ୍ୱତନ୍ତ୍ର ଭାବେ ସ୍ଥାନ ଦେବା, ଶ୍ରୀବଳରାମ ମନ୍ଦିର ସୂଚନା ଫଳକରେ ଶ୍ରୀସିଦ୍ଧ ବଳରାମ ଜୀଉ ମନ୍ଦିର ଢେଙ୍କାନାଳ ବୋଲି ଉଲ୍ଲେଖ କରାଯିବା ପାଇଁ ପରିଷଦ ପକ୍ଷରୁ ଦାବି କରାଯାଇଛି।

ବୈଠକରେ ପରିଷଦ ସମ୍ପାଦକ ଅଶୋକ କୁମାର ନନ୍ଦ, ଯୁଗ୍ମ ସମ୍ପାଦକ ବିଜୟ କୁମାର ସାହୁ, ପରେଶ ମିଶ୍ର, ତାରା ପ୍ରସାଦ ଶତପଥୀ, ବିଶ୍ୱନାଥ ବେହେରା, ପରେଶ ପଟ୍ଟନାୟକ, ପ୍ରେମଶଙ୍କର ମିଶ୍ର, ସୁନୀଲ ଦାଶ, ବିପ୍ରବର ସାହୁ, ରମେଶ ପତି, ବସନ୍ତ ବେହେରା, ପ୍ରଶାନ୍ତ ସାମଲ, ମନୋରଞ୍ଜନ ମିଶ୍ର, କ୍ଷେତ୍ରବାସୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କଙ୍କଡ଼ାହାଡ଼ରୁ ଭୁବନେଶ୍ୱରକୁ ଗଡୁ ସରକାରୀ ବସ୍


ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

କାମାକ୍ଷାନଗର, ୨୦।୫(ଡି.ଏନ୍.ଏ.)

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର**

ଢେଙ୍କାନାଳ ଜିଲାର ସର୍ବାଧିକ ଆଦିବାସୀ ବହୁଳ କଙ୍କଡ଼ାହାଡ଼ ବ୍ଲକ ସଦର ମହକୁମାରେ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ଏବଂ ଏଠାରୁ ଭୁବନେଶ୍ୱରକୁ ସରକାରୀ ବସ୍ ଚଳାଚଳ ଲାଗି ପଦକ୍ଷେପ ନେବାକୁ ଦାବି ହୋଇଛି। ଏ ନେଇ ବ୍ଲକ ସାମ୍ବାଦିକ ସଂଘ ସଭାପତି ରାଜେଶ କୁମାର ଦେହୁରୀଙ୍କ ନେତୃତ୍ୱରେ ଶନିବାର ବିଡିଓ ଚିନ୍ମୟ କୁମାର ଦାସଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି।

କଙ୍କଡ଼ାହାଡ଼ଠାରୁ ଜିଲା ସଦର ମହକୁମାର ଦୂରତା ୬୦ କି.ମି.। ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ସୀମାନ୍ତରେ ଘାଘରାମୁଣ୍ଡା ପଞ୍ଚାୟତ ଥିବାବେଳେ କଙ୍କଡ଼ାହାଡ଼କୁ ଆସିବା ପାଇଁ ଲୋକଙ୍କୁ ୫୦ କି.ମି. ଦୂରତା ଅତିକ୍ରମ କରିବାକୁ ପଡୁଛି। ସେହିପରି ବ୍ଲକ ସଦରଠାରୁ ୪୦ କି.ମି. ଦୂର ଯାଜପୁର ଜିଲା ସୁକିନ୍ଦା ସୀମାନ୍ତରେ ମରୁଆବିଲ ପଞ୍ଚାୟତ, ୪୫ କି.ମି. ଦୂର ପରଜଙ୍ଗ ବ୍ଲକ ସୀମାନ୍ତରେ କୁଟୁରିଆ ପଞ୍ଚାୟତ, ୩୦ କି.ମି. ଦୂର ତେଲକୋଇ ସୀମାନ୍ତରେ ଗଡ଼ପଳାଶୁଣୀ ପଞ୍ଚାୟତ ଅବସ୍ଥିତ। ବ୍ଲକ ଅଧୀନ ୨୧ ପଞ୍ଚାୟତର ବାସିନ୍ଦା ବିଭିନ୍ନ କାର୍ଯ୍ୟରେ ବ୍ଲକ କାର୍ଯ୍ୟାଳୟକୁ ଆସୁଛନ୍ତି। ହେଲେ କଙ୍କଡ଼ାହାଡ଼ରେ ସ୍ଥାୟୀ ବସ୍‌ଷ୍ଟାଣ୍ଡ ନ ଥିବାରୁ ସେମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ସେହିପରି ବ୍ଲକବାସୀ କଟକ, ଭୁବନେଶ୍ୱର ଯିବା ପାଇଁ କାମାକ୍ଷାନଗର ଓ ଢେଙ୍କାନାଳ ଉପରେ ନିର୍ଭରଶୀଳ। ତେଣୁ ଆଦିବାସୀବହୁଳ ବ୍ଲକର ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ କଙ୍କଡ଼ାହାଡ଼ଠାରେ ନୂତନ ବସ୍‌ଷ୍ଟାଣ୍ଡ, କଙ୍କଡ଼ାହାଡ଼ରୁ ଭୁବନେଶ୍ୱର ଯାଏ ସରକାରୀ ବସ୍ ଚଳାଚଳ କରିବାକୁ ଦାବି କରାଯାଇଛି।

ସ୍ମାରକପତ୍ର ପ୍ରଦାନ ବେଳେ କଙ୍କଡ଼ାହାଡ଼ ବ୍ଲକ ସାମ୍ବାଦିକ ସଂଘ ସଦସ୍ୟ ବୀରବର ସାହୁ, ଦୀପେଶ ପଣ୍ଡା, ଅରବିନ୍ଦ ପାଳ, କ୍ଷୀରୋଦ ଦେହୁରୀ, ଜିତେନ୍ଦ୍ର ପାଣି, ଦୀପକ ସାହୁ, ବିରଞ୍ଚି ସାହୁ, ଦୀପ୍ତିରଞ୍ଜନ ସାହୁ, ରଞ୍ଜିତ ସାହୁ, ରୀତେଶ ବ୍ରହ୍ମା, ଚଗଲା ଦେହୁରୀ, ଶଙ୍କର୍ଷଣ ନାଏକ, ଆଲୋକ ପଣ୍ଡା, ରାଜୀବ ନାୟକ, ଜ୍ୟୋତିଜୀବନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## 'ଶରୀରକୁ ନୀରୋଗ ରଖେ ଯୋଗ'

ଢେଙ୍କାନାଳ ଅଫିସ, ୨୦।୫

ଢେଙ୍କାନାଳ ଜିଲା ଶିକ୍ଷା କାର୍ଯ୍ୟାଳୟ ସଭାଗୃହରେ ଶନିବାର ଜିଲାସ୍ତରୀୟ ଯୋଗ ଅଲିମ୍ପିଆଡ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି ଏଥିରେ ଅଧ୍ୟକ୍ଷତା କରି କହିଲେ, ଶରୀରକୁ ନୀରୋଗ ଓ ସ୍ୱାସ୍ଥ୍ୟପ୍ରଦ ରଖିବାରେ ଯୋଗର ଭୂମିକା ରହିଛି। ଏ ବିଷୟରେ ଛାତ୍ରୀଛାତ୍ର ଏବଂ ପରିବାର ସଦସ୍ୟ ସଚେତନ ହୋଇ ନିୟମିତ ଯୋଗ, ପ୍ରାଣାୟମ କରିବାକୁ ସେ ପରାମର୍ଶ ଦେଇଥିଲେ। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଜ୍ୟୋତି ପ୍ରସାଦ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ତଥା ସାଧନକର୍ମୀ ପ୍ରାଣବନ୍ଧୁ ସାହୁ, ଅକ୍ଷୟ ପଣ୍ଡା, ପ୍ରଶାନ୍ତ ଧଳ, କାମାକ୍ଷାନଗର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

ପ୍ରାରମ୍ଭରେ ମାଟ୍ରିକ ପରୀକ୍ଷାର ଜିଲା ଟପ୍ପର ତଥା ଓଡ଼ାପଡ଼ା ବ୍ଲକ ଧଳପୁର ସରକାରୀ ଉଚ୍ଚ ବିଦ୍ୟାଳୟର କୃତୀ ଛାତ୍ରୀ ରାମେଶ୍ୱରୀ ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଯୋଗିତାରେ ଜିଲାସ୍ତରରୁ ୧୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ, ଶାରୀରିକ ଶିକ୍ଷା ଶିକ୍ଷକ ଯୋଗଦେଇଥିଲେ। ତନ୍ମଧ୍ୟରୁ ୧୪ ବର୍ଷରୁ କମ୍ ଓ ୧୬ ବର୍ଷରୁ କମ୍ ୧୬ ଜଣ ପ୍ରତିଯୋଗୀ ଆସନ୍ତା ୨୪ରୁ ୨୬ ତାରିଖ ଯାଏ ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ଏସ୍.ଏମ୍. ଅଲ୍ଲୀ ହାଇସ୍କୁଲରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ପ୍ରତିଯୋଗିତାର ଶ୍ରେଷ୍ଠ ୩ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସୁଶୀଲ ପଣ୍ଡା, ସୁବ୍ରତ ମିଶ୍ର, ସ୍ମିତିସୁଧା ଜେନା ବିଚାରକ ଦାୟିତ୍ୱ ତୁଲାଇଥିଲେ। ଉମେଶ ଦାସ, ପ୍ରତାପ ସାମନ୍ତ, ଜୟନ୍ତୀ ବେହେରା, ଦିଲୀପ ପାଲ, ରଞ୍ଜନ ଦେହୁରୀ, ଅମିନ ତରାଇ, ହରପ୍ରିୟା ଦାସ, ତୃପ୍ତିମୟୀ ରଣା, ପ୍ରଶାନ୍ତ ସାହୁ, ହରିହର ବିଶ୍ୱାଳ, ଗୌତମ ଭୋଇ, ସ୍ୱର୍ଣ୍ଣାଞ୍ଜଳି ରାଉତ ପ୍ରମୁଖ ସହଯୋଗ କରିଥିଲେ। ସୁବ୍ରତ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବରିଷ୍ଠ ସାଧନକର୍ମୀ ନରେଶ କୁମାର ମହାରଣା ଧନ୍ୟବାଦ ଦେଇଥିଲେ।



ଜିଲାସ୍ତରୀୟ ଯୋଗ ଅଲିମ୍ପିଆଡ୍ ପ୍ରତିଯୋଗିତାରେ ଉପସ୍ଥିତ ଅତିଥିଙ୍କ ସମେତ କୃତୀ ପ୍ରତିଯୋଗୀମାନେ।

# ପରୀକ୍ଷା ପରିଚାଳନାକୁ ନେଇ ମହର୍ଷିରେ ଛାତ୍ର ଅସନ୍ତୋଷ

**ଭୁବନେଶ୍ୱର,୨୦।୫(ବ୍ୟୁରୋ)**

ଭୁବନେଶ୍ୱର ଶହୀଦନଗରସ୍ଥିତ ମହର୍ଷି ନାଚୁରାଲ ଲ' କଲେଜରେ ପରୀକ୍ଷା ପରିଚାଳନାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଶନିବାର ନିର୍ଦ୍ଧାରିତ ସମୟଠାରୁ ୨ ଘଣ୍ଟା ବିଳମ୍ବରେ ପରୀକ୍ଷା ହେବା ଓ ଏହି ସମୟରେ ପରୀକ୍ଷା ଇନ୍‌ଚାର୍ଜ ଏବଂ ସୁପରିଣ୍ଟେଣ୍ଡେଣ୍ଟ ଛୁଟିରେ ଯିବା ଘଟଣାକୁ ନେଇ ପରୀକ୍ଷା ହଲ୍‌ରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ପିଲାଙ୍କ ପ୍ରତି କଲେଜ କର୍ତ୍ତୃପକ୍ଷ ଅବହେଳା

**ପରୀକ୍ଷା ହଲ୍‌ରେ ଉତ୍ତେଜନା**
- ୧୦.୩୦ରେ ପରୀକ୍ଷା ଥିଲା, ୧୨ଟା ୩୦ରେ ଆରମ୍ଭ ହେଲା
- ପରୀକ୍ଷା ଇନ୍‌ଚାର୍ଜ, ସୁପରିଣ୍ଟେଣ୍ଡେଣ୍ଟ ଛୁଟିରେ ଥିବା ଅଭିଯୋଗ

କରିବା ସହ ସେମାନଙ୍କ ଭବିଷ୍ୟତ ନଷ୍ଟ କରୁଥିବା ଯୁକ୍ତ୩ ରାଜନୀତି ବିଜ୍ଞାନ ବିଭାଗ ଶେଷବର୍ଷ ଛାତ୍ରଛାତ୍ରୀ ଅଭିଯୋଗ କରି କ୍ୟାମ୍ପସରେ ହୋହଲ୍ଲା କରିଥିଲେ। ସେମାନଙ୍କ ଅଭିଯୋଗ ଅନୁସାରେ, ଶନିବାର ବିଭାଗୀୟ ଛାତ୍ରଛାତ୍ରୀ ପ୍ରୋଜେକ୍ଟ ଦାଖଲ କରିବାର ଥିଲା। ପୂର୍ବ ନିର୍ଦ୍ଧାରିତ ୧୦ଟା ୩୦ରେ ଛାତ୍ରଛାତ୍ରୀ ଓ ଏକ୍ସଟର୍ନାଲ ପରୀକ୍ଷକ ପହଞ୍ଚିଥିଲେ। ମଧ୍ୟ ଇଣ୍ଟରନାଲ ପରୀକ୍ଷକ ଆସିନ ଥିଲେ। ପରୀକ୍ଷା ଇନ୍‌ଚାର୍ଜ ଓ ସୁପରିଣ୍ଟେଣ୍ଡେଣ୍ଟ ଛୁଟିରେ ଥିବାବେଳେ ପରୀକ୍ଷା ପରିଚାଳନା ପାଇଁ କେହି ଅଧ୍ୟାପକ ଆସି ନ ଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ତେଣୁ ଛାତ୍ରଛାତ୍ରୀ ବିଭାଗୀୟ ଅଧ୍ୟାପକଙ୍କୁ ଫୋନ୍‌ରେ ଯୋଗାଯୋଗ କରିଥିଲେ ମଧ୍ୟ ସେ ବ୍ୟକ୍ତିଗତ କାମ କହି ପରୀକ୍ଷା ହଲ୍‌କୁ ଆସି ନ ଥିଲେ। ଏହାକୁ ନେଇ ପରୀକ୍ଷା ହଲ୍‌ରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ୧୨ଟା ୩୦ରେ ପରୀକ୍ଷା ଆରମ୍ଭ ହୋଇଥିଲା। ପିଲାଙ୍କ କହିବା କଥା, ପରୀକ୍ଷା ପୂର୍ବରୁ କଲେଜରେ ପାଠ୍ୟକ୍ରମ ଶେଷ କରାଯାଇ ନାହିଁ। ଛାତ୍ରଛାତ୍ରୀ ଅଭିଯୋଗ କଲେ ବାକିଥିବା ପାଠ୍ୟକ୍ରମ ଯୁଝୁବୁଝୁ ପଢ଼ିବା ପାଇଁ ଅଧ୍ୟାପକ କହୁଛନ୍ତି। ଏନେଇ କଲେଜ ପ୍ରିନ୍ସିପାଲଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ବାଲୁଙ୍କେଶ୍ୱର ବାବାଙ୍କ ପତରପେଣ୍ଡି ସମ୍ପନ୍ନ



ବାଲୁଙ୍କେଶ୍ୱର ବାବାଙ୍କ ପତରପେଣ୍ଡି ଶୋଭାଯାତ୍ରା।

**ସମ୍ବଲପୁର,୨୦।୫(ବ୍ୟୁରୋ)**

**ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ଆରମ୍ଭ**

**ମହାଦେବଙ୍କ ପାଇଁ କନ୍ୟା ଖୋଜା**

ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ଶନିବାର ଆରମ୍ଭ ହୋଇଛି। ଦେବ ଦମ୍ପତି (ମହାଦେବ ଓ ମାତା ପାର୍ବତୀ)ଙ୍କ ବିବାହ ପାଇଁ ଧାର୍ଯ୍ୟ ଲଗ୍ନ ଅନୁସାରେ କାର୍ଯ୍ୟ ସମ୍ପାଦନା ହୋଇଛି। ନନ୍ଦପଡ଼ା ବମ୍ ବରାଡ ବାଲୁଙ୍କେଶ୍ୱର ବାବାଙ୍କ ପତରପେଣ୍ଡି (ନିର୍ବନ୍ଧ) ଉତ୍ସବ ରାତିରେ ସମ୍ପନ୍ନ ହୋଇଛି। ସନ୍ଧ୍ୟା ୭ଟାରେ ବାଲୁଙ୍କେଶ୍ୱର ପୀଠରେ ପତରପେଣ୍ଡି ସାମଗ୍ରୀ ରଖାଯାଇ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥିଲା। ରାତି ୮ଟାରେ ବର ପିତା ରାମଚରଣ ମିଶ୍ର ସପ୍ତଋଷିଙ୍କ ଗହଣରେ ମହାଦେବଙ୍କ ପାଇଁ କନ୍ୟା ଖୋଜିବାକୁ ମନ୍ଦିରରୁ ବାହାରିଥିଲେ। ଘଣ୍ଟ, ଶଙ୍ଖ ଧ୍ୱନିରେ ଶୈବପୀଠ ପ୍ରକମ୍ପିତ ହୋଇଥିଲା। ବର ପିତା ସ୍ୱତନ୍ତ୍ର ବିମାନରେ ପତରପେଣ୍ଡି ଭାର ନେଇ ସହର ପରିକ୍ରମା କରି କନ୍ୟାଘର ଜଗନ୍ନାଥ କଲୋନୀବାସୀ ରାଜେନ୍ଦ୍ର ନନ୍ଦ ଓ ସୁଲୋଚନାଙ୍କ ଘରେ ପହଞ୍ଚିଥିଲେ। ମହିଳାଙ୍କ ହୁଳହୁଳି ଧ୍ୱନିରେ କନ୍ୟା ପିତାଙ୍କ ବାସଭବନ ମୁଖରିତ ହୋଇଥିଲା। ପୂର୍ଣ୍ଣକଳସ, ଦୀପ ପ୍ରଜ୍ୱଳନ କରି ପତରପେଣ୍ଡି ଭାରକୁ କନ୍ୟାପକ୍ଷ ସ୍ୱାଗତ କରି ଘରକୁ ନେଇଥିଲେ। ପଣ୍ଡିତ ଶଶାଙ୍କ ଶେଖର ମିଶ୍ର ପୂଜାର୍ଚ୍ଚନା କରିଥିଲେ। ମନ୍ତ୍ର ଉଚ୍ଚାରଣ କରି ସପ୍ତଋଷି ସେମାନଙ୍କ ଆଗମନ ସମ୍ପର୍କରେ କନ୍ୟା ମାତାପିତାଙ୍କୁ ଜଣାଇଥିଲେ। ଏହାପରେ କନ୍ୟାପକ୍ଷ ଓ ବରପକ୍ଷ ପଣ୍ଡିତମାନଙ୍କ ମନ୍ତ୍ର ଉଚ୍ଚାରଣରେ ଶିବଙ୍କ ଗୁଣଗ୍ରାମ ବିଷୟରେ ପ୍ରଶ୍ନୋତ୍ତର ହୋଇଥିଲା। ପରେ ବର ପିତା ୭୨ଟି ସର୍ଗିପତ୍ର କନ୍ୟା ମାତାପିତାଙ୍କୁ ପ୍ରଦାନ କରିଥିଲେ। ବାଲୁଙ୍କେଶ୍ୱରଙ୍କୁ ଜଗତ୍‌ଜନନୀ ମାତା ପାର୍ବତୀଙ୍କୁ କନ୍ୟା ରୂପେ ଦାନ କରିବାକୁ କନ୍ୟା ମାତାପିତା ସର୍ଗିପତ୍ର ଗ୍ରହଣ କରି ସଂକଳ୍ପ କରିଥିଲେ। ସପ୍ତଋଷି ଭାବେ ବିଜୟ କୁମାର ମିଶ୍ର, କାମପାଳ ହୋତା, ଗୋଲକ ବିହାରୀ ମିଶ୍ର, ଆଶୋକ କୁମାର ମିଶ୍ର, ଚକ୍ରଧର ମିଶ୍ର, ପୂର୍ଣ୍ଣାନନ୍ଦ ମିଶ୍ର, ଅମରେନ୍ଦ୍ର ପୂଜାରୀ ଦାୟିତ୍ୱ ତୁଲାଇଥିଲେ। ନନ୍ଦପଡ଼ା ଶୀତଳଷଷ୍ଠୀ ଯାତ୍ରା କମିଟିର ଫଣିଭୂଷଣ ମିଶ୍ର, ଅମୂଲ୍ୟ କମାର ମିଶ୍ର, ମାନସ ରଥ, ସୁଶ୍ରିତ ମିଶ୍ର, ବିରଜା କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶୋଭାଯାତ୍ରାରେ ଆଦିବାସୀ ଶବର ନୃତ୍ୟ, ଧମାଲ ବାଦ୍ୟ ସାମିଲ ଥିଲା।

# ୧୩ ନୂଆ ସିଭିଲ୍ ଜଜ୍ କୋର୍ଟ ଖୋଲିଲା

**କଟକ ଅଫିସ,୨୦।୫**



ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ହାଇବ୍ରିଡ୍ ମୋଡ୍‌ରେ କୋର୍ଟଗୁଡିକୁ ଉଦ୍‌ଘାଟନ କରୁଛନ୍ତି।

ରାଜ୍ୟରେ ୧୩ଟି ନୂଆ ସିଭିଲ୍ ଜଜ୍ କୋର୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଏହାକୁ ହାଇବ୍ରିଡ୍ ମୋଡ୍‌ରେ ଉଦ୍‌ଘାଟନ କରି କହିଛନ୍ତି, ନୂତନ କୋର୍ଟଗୁଡିକ ବୈଷୟିକ ଜ୍ଞାନକୌଶଳ ସହାୟତାରେ ସାମ୍ପ୍ରତିକ ଆହ୍ୱାନକୁ ସାମ୍ନା କରିପାରିବ। ଓଡ଼ିଶାର ଭୌଗୋଳିକ ବୈଚିତ୍ର୍ୟ ମଧ୍ୟରେ ନ୍ୟାୟିକ ବ୍ୟବସ୍ଥାର ଏହା ଏକ ବୃହତ୍ ସମ୍ପ୍ରସାରଣ ଯୋଜନା। ହାଇକୋର୍ଟ ପକ୍ଷରୁ ରାଜ୍ୟ ସରକାରଙ୍କ ସହାୟତାରେ ପ୍ରତିଷ୍ଠିତ ଏହି ନୂତନ କୋର୍ଟଗୁଡିକ ସ୍ଥାପନାରେ ହାଇକୋର୍ଟର ବିଚାରପତି, ଜିଲାସ୍ତରୀୟ ବିଚାର ବିଭାଗୀୟ ଅଧିକାରୀଙ୍କ ଉଦ୍ୟମ ପ୍ରଶସଂନୀୟ ବୋଲି ସେ କହିଥିଲେ। ମହିଳା କୋର୍ଟର ବିଚାର ବିଭାଗୀୟ ଅଧିକାରୀଙ୍କୁ ହାଇକୋର୍ଟ ମୁଖ୍ୟ ବିଚାରପତି ଅଭିନନ୍ଦନ ଜଣାଇଥିଲେ। ଉଦ୍‌ଘାଟିତ ହୋଇଥିବା କୋର୍ଟଗୁଡିକ ହେଲା ପୁରୀରେ ୨ୟ ଅତିରିକ୍ତ ସିନିୟର ସିଭିଲ ଜଜ୍ କୋର୍ଟ, ବୌଦ୍ଧର କଣ୍ଟାମାଳ, ଗଞ୍ଜାମର ପୁରୁଷୋତ୍ତମପୁର, କଳାହାଣ୍ଡିର ଜଇପାଟଣା, କନ୍ଧମାଳର ଜି. ଉଦୟଗିରି, ବାଲେଶ୍ୱର, ବରଗଡ଼ରେ ସିନିୟର ସିଭିଲ ଜଜ୍ କୋର୍ଟ ଏବଂ ବୌଦ୍ଧ, ଅନୁଗୋଳ, ଝାରସୁଗୁଡ଼ା, ସୁନ୍ଦରଗଡ଼, ମାଲକାନଗିରି, ନବରଙ୍ଗପୁରରେ ସିନିୟର ସିଭିଲ ଜଜ୍ ମହିଳା କୋର୍ଟ। ପୁରୁଷୋତ୍ତମପୁରରୁ ବିଚାରପତି ଦେବବ୍ରତ ଦାଶ ଓ ଜଇପାଟଣାରୁ ବିଚାରପତି ବିଶ୍ୱନାଥ ରଥ ଭର୍ଚୁଆଲରେ କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇଥିଲେ। ହାଇକୋର୍ଟର ଭିଡିଓ କନ୍‌ଫରେନ୍ସିଂ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ବିଚାରପତି ବି.ଆର୍. ଷଡଙ୍ଗୀ, ବିଚାରପତି ଶୁଭାଶିଷ ତାଳପତ୍ର ଉପସ୍ଥିତ ଥିଲେ। ଏଥିସହ ଜିଲା ଓ ଦୌରାଜଜ୍‌ମାନଙ୍କ ସମେତ ବିଚାର ବିଭାଗୀୟ ଅଧିକାରୀ, ବାର୍ ଆସୋସିଏଶନ୍‌ର ସଦସ୍ୟ ବିଭିନ୍ନ ଜିଲା ସ୍ତରରେ ଆୟୋଜିତ କାର୍ଯ୍ୟକ୍ରମରେ ଭର୍ଚୁଆଲରେ ସାମିଲ ହୋଇଥିଲେ।

# ଲିଙ୍ଗଗତ ଅସମାନତା ଦିବ୍ୟାଙ୍ଗଙ୍କ ପାଇଁ ଆଉ ଏକ ଆହ୍ୱାନ



**ଭୁବନେଶ୍ୱର, ୨୦।୫ (ବ୍ୟୁରୋ)**

ଲିଙ୍ଗଗତ ସମାନତା ଓ ଦିବ୍ୟାଙ୍ଗଙ୍କ ପ୍ରସଙ୍ଗକୁ ଜି-୨୦ ସ୍ୱୀକୃତିପ୍ରାପ୍ତ ସିଭିଲି-୨୦ (ସି-୨୦) କର୍ମଶାଳାର ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଉତ୍‌ଥାପନ କରାଯିବ। ଏହି ସି-୨୦ ସଦସ୍ୟଙ୍କୁ ନେଇ ଶନିବାର ପାନ୍ଥ ନିବାସଠାରେ ଏକ ଦିନିକିଆ ରାଜ୍ୟସ୍ତରୀୟ କର୍ମଶାଳା ଆୟୋଜିତ ହୋଇଥିଲା। ସ୍ୱେଚ୍ଛାସେବୀ ସଂଗଠନ ପିପୁଲ୍‌ସ କଲ୍‌ଚରାଲ ସେଣ୍ଟର (ପିକକ୍) ପକ୍ଷରୁ ଝାଡଖଣ୍ଡର ବାଲ୍ କଲ୍ୟାଣ ସଂଘ ଓ ଦି ଏସିଆ ଫାଉଣ୍ଡେଶନ ସହାୟତାରେ ଆୟୋଜିତ ଏହି ଅଧିବେଶନରେ ପିକକ ସମ୍ପାଦକ ରଞ୍ଜନ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଲିଙ୍ଗଗତ ଅସମାନତା ଦିବ୍ୟାଙ୍ଗଙ୍କ ପାଇଁ ଆଉଏକ ଆହ୍ୱାନ ବୋଲି ସେ କହିଥିଲେ। ବାଲ୍ କଲ୍ୟାଣ ସଂଘ ସମ୍ପାଦକ ସଞ୍ଜୟ କୁମାର ମିଶ୍ର କହିଲେ, ଆସନ୍ତା ୨୬ ତାରିଖରେ ରାଞ୍ଚିଠାରେ ହେବାକୁ ଥିବା ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ଏକ କର୍ମଶାଳାରେ ଏହା ଉପରେ ପୂର୍ଣ୍ଣାଙ୍ଗ ଆଲୋଚନା ହେବ। ବିଭିନ୍ନ ରାଜ୍ୟରୁ ମିଳିଥିବା ମତାମତର ସାରାଂଶକୁ ଏକତ୍ର କରି ଭାରତ ଅଧ୍ୟକ୍ଷତା କରୁଥିବା ଜି-୨୦ ସମ୍ମିଳନୀକୁ ପ୍ରଦାନ କରାଯିବ। ଦି ଏସିଆ ଫାଉଣ୍ଡେଶନର ଭାରତୀୟ ମୁଖ୍ୟ ନନ୍ଦିତା ବରୁହା ଲିଙ୍ଗଗତ ଭେଦଭାବ ଦୂର ପାଇଁ ଗ୍ରହଣ କରାଯାଉଥିବା ପଦକ୍ଷେପ ଉପରେ କହିଥିଲେ। ଚେତନାର ଡ. ନାରାୟଣ ପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ନାଓର ବିଶାଖା ଭଞ୍ଜ ଲିଙ୍ଗଗତ ଅସମାନତା ଦୂର ପାଇଁ ସାର୍ବଜନୀନ ଶିକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ଓଡିଶା ସରକାରଙ୍କ ଭିନ୍ନକ୍ଷମ କମିଶନ୍‌ର ପୂର୍ବତନ ଅଧ୍ୟକ୍ଷା କସ୍ତୁରୀ ମହାପାତ୍ର ଯୋଗଦେଇ ଦିବ୍ୟାଙ୍ଗଙ୍କ ପାଇଁ ରହିଥିବା ବିଭିନ୍ନ ଯୋଜନାର ଅଧିକ କାର୍ଯ୍ୟକାରିତାକୁ ଗୁରୁତ୍ୱ ଦେଇଥିଲେ। ଏଥିସହ ଦିବ୍ୟାଙ୍ଗଙ୍କ ଯାତାୟାତ ପାଇଁ ଉପଯୋଗୀ ବ୍ୟବସ୍ଥା କରିବାକୁ ସେ ପ୍ରସ୍ତାବ ଦେଇଥିଲେ। ମାର୍ଗଦର୍ଶୀର ସମ୍ପାଦକ ଡ. ସତ୍ୟ ମହାପାତ୍ର ଦିବ୍ୟାଙ୍ଗ ସମସ୍ୟାର ସମାଧାନ ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ ଉପରେ ମତ ରଖିଥିଲେ। ଦିବ୍ୟାଙ୍ଗଙ୍କ ପାଇଁ ହେଉଥିବା ଯୋଜନାକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ସିଭିଲି ସୋସାଇଟିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଥିବା ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ପୂର୍ବବାସ ଅଧିକାରୀ ଡ. ସୁବ୍ରତ କୁମାର ଦାସ କହିଥିଲେ। ପିକକ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଆରମ୍ଭ ହେଲା ଭାରତ ସଂସ୍କୃତି ଯାତ୍ରା

**ଭୁବନେଶ୍ୱର,୨୦।୫(ବ୍ୟୁରୋ)**

**ଓଡ଼ିଶୀ ନୃତ୍ୟରେ ଚନ୍ଦନ ଯାତ୍ରା, ଦୁର୍ଗାପୂଜାର ସୁନ୍ଦର ଉପସ୍ଥାପନା**

କୋଲକାତାର ହିନ୍ଦୁସ୍ଥାନ ଆର୍ଟ ଆଣ୍ଡ୍ ମ୍ୟୁଜିକ୍ ସୋସାଇଟି ଓ ଭୁବନେଶ୍ୱରର ତ୍ରିଧାରା ଅନୁଷ୍ଠାନ ପକ୍ଷରୁ ୨ଦିନିଆ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ 'ଭାରତ ସଂସ୍କୃତି ଯାତ୍ରା' ଶନିବାର ଭଞ୍ଜକଳା ମଣ୍ଡପରେ ଉଦ୍‌ଘାଟିତ ହୋଇଛି। ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣଜେନା,ବିଧାୟକ ପ୍ରଫୁଲ୍ଲ ସାମଲ, ପୂର୍ବତନ ପ୍ରଶାସକ ଅଶୋକ କୁମାର ତ୍ରିପାଠୀ, କେନ୍ଦ୍ରୀୟ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ପ୍ରୀତି ରାୟ ଚାନ୍ଦ, ବିଶିଷ୍ଟ ତବଲା ବାଦକ ଗୁରୁ ସଚ୍ଚିଦାନନ୍ଦ ଦାସ, ହିନ୍ଦୁସ୍ଥାନ ଆର୍ଟ ଆଣ୍ଡ୍ ମ୍ୟୁଜିକ ସୋସାଇଟିର ସଚିବ ପ୍ରଶନଜିତ୍ ପୋଦ୍ଦାର ଏବଂ ତ୍ରିଧାରାର ନିର୍ଦ୍ଦେଶକ ଗୁରୁ ଗଜେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

ପଣ୍ଡିତ ମର୍ମକୁଟ ଓ ମନୋଜ କେଡ଼ିଆଙ୍କ ଦ୍ୱାରା ସୀତାର ଓ ସରୋଦ ଯୁଗଳ ବନ୍ଦୀ ବାଦନରୁ ସନ୍ଧ୍ୟାର ପ୍ରଥମ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ତବଲାରେ ଦୁର୍ଜୟ ଭୌମିକ ସହଯୋଗ କରିଥିଲେ। ବିଭିନ୍ନ ରାଗ ଓ ତାଳର ସମଷ୍ଟିରେ ଦୁଇ ଭାଇଙ୍କ ସୀତାର ଓ ସରୋଦ ବାଦନ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ପରେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ ଓଡ଼ିଶୀ ନୃତ୍ୟ ବିଶାରଦ ଗୁରୁ ସୁଜାତା ମହାପାତ୍ର। ସେ ପ୍ରଥମେ ମଙ୍ଗଳାଚରଣ ଓ ପରେ ଅଷ୍ଟପଦୀ ପରିବେଷଣ କରିଥିଲେ। ପରବର୍ତ୍ତୀ ପ୍ରସ୍ତୁତିରେ ସଞ୍ଚିତା ମୁଖାର୍ଜୀଙ୍କ ଓଡ଼ିଶୀ ନୃତ୍ୟାଭିନୟରେ ଦୌପଦୀ ଦେଖିବାକୁ ମିଳିଥିଲା। ଏହାର ସଙ୍ଗୀତ ସଂଯୋଜନା ଗୁରୁ ରାମହରି ଦାସ ଓ ନୃତ୍ୟ ସଂରଚନା ଗୁରୁ ପଙ୍କଜ ଦାସ କରିଥିଲେ। ଅନ୍ତିମ ପ୍ରସ୍ତୁତିରେ ନବପ୍ରତିଭା ଅନୁଷ୍ଠାନର ଶିଳ୍ପୀଙ୍କ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ପ୍ରଥମେ ମାହାରି ବେଶ ପରିପାଠି, ପରେ ଶ୍ରୀମନ୍ଦିରର ଚନ୍ଦନ ଯାତ୍ରା ଓ ଦୁର୍ଗାପୂଜାକୁ ଓଡ଼ିଶୀ ନୃତ୍ୟ ମାଧ୍ୟମରେ ବେଶ୍ ସୁନ୍ଦର ଭାବେ ଉପସ୍ଥାପନ କରିଥିଲେ ଶିଳ୍ପୀ। ଏହାର ନୃତ୍ୟ ସଂରଚନା ଗୁରୁ ଅଶୋକ କୁମାର ଦାସ କରିଥିବାବେଳେ କାର୍ଯ୍ୟକ୍ରମକୁ ଡ. ଶ୍ରୀନିବାସ ଘଟୁଆରୀ ସଞ୍ଚାଳନ କରିଥିଲେ।





କୋଲକାତାର ହିନ୍ଦୁସ୍ଥାନ ଆର୍ଟ ଆଣ୍ଡ୍ ମ୍ୟୁଜିକ୍ ସୋସାଇଟି ଓ ଭୁବନେଶ୍ୱରର ତ୍ରିଧାରା ଅନୁଷ୍ଠାନ ପକ୍ଷରୁ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଶନିବାର ଉଦ୍‌ଘାଟିତ 'ଭାରତ ସଂସ୍କୃତି ଯାତ୍ରା' କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ପୁରସ୍କୃତ ନୃତ୍ୟଶିଳ୍ପୀମାନେ।

# ୨ରୁ ବେସରକାରୀ ବିଦ୍ୟାଳୟ ଓ ଶିଶୁ କଲ୍ୟାଣ ସଂଘର ଜାତୀୟ ପରିଷଦ ମିଟ୍

**ଭୁବନେଶ୍ୱର,୨୦।୫(ବ୍ୟୁରୋ)**

**ଯୋଗଦେବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ**

ବେସରକାରୀ ବିଦ୍ୟାଳୟ ଏବଂ ଶିଶୁ କଲ୍ୟାଣ ସଂଘର ଦଶମ ଜାତୀୟ ପରିଷଦ ମିଟ୍ ଆସନ୍ତା ଜୁନ ୨ରୁ ପୁରୀଠାରେ ଆରମ୍ଭ ହେବ। ୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହିସମ୍ମିଳନୀରେ ଦେଶର ୨୮ଟିରାଜ୍ୟ ସହ ଜଡ଼ିତ ୩୦୦ରୁ ଅଧିକ ପ୍ରତିନିଧି ଅଂଶଗ୍ରହଣ କରିବେ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଶନିବାର ଭୁବନେଶ୍ୱରସ୍ଥିତ ଏକ ହୋଟେଲ ଆୟୋଜିତ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦିଆଯାଇଛି। ଏହି ୩ ଦିନିଆ ସମ୍ମିଳନୀରେ ରାଜ୍ୟରେ ସୃଷ୍ଟି ହେଉଥିବା ବିଦ୍ୟାଳୟ, ଶିକ୍ଷା, ଛାତ୍ର ଓ ଶିକ୍ଷକଙ୍କ ସହ ଜଡ଼ିତ ସମସ୍ୟା ଉପରେ ଆଲୋଚନା କରାଯିବ। ଏହା ସହିତ ନୂତନ ଶିକ୍ଷା ନୀତି, ଶିକ୍ଷାର ଅଧିକାର, ଦେଶରେ ବେସରକାରୀ ବିଦ୍ୟାଳୟଗୁଡ଼ିକର ସମସ୍ୟା ଆଦି ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କରାଯାଇ ଏହାର ସମାଧାନ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଆବେଦନ କରାଯିବ। ପ୍ରତିନିଧିଙ୍କୁ ଓ ପାରମ୍ପରିକ ନୃତ୍ୟ ସହିତ ସ୍ୱାଗତ କରାଯିବ। ସେମାନେ ଆଦିବାସୀ, ବେଳାଭୂମି, ପାରମ୍ପରିକ ସଙ୍ଗୀତ ଏବଂ ନୃତ୍ୟ, ହସ୍ତତନ୍ତ, ଖାଦ୍ୟ, ସଂସ୍କୃତି ସମ୍ପର୍କରେ ଅବଗତ ହେବା ସହ ବିଭିନ୍ନ ହିନ୍ଦୁ ମନ୍ଦିର ପରିଦର୍ଶନ କରିବେ ବୋଲି ଖବରଦାତା ସମ୍ମିଳନୀରେ ରାଜ୍ୟ ସଂଘ ସଭାପତି ଜୟଶ୍ରୀ ମହାନ୍ତି ଓ ସାଧାରଣ ସମ୍ପାଦିକା ଡ. ଚିଦାତ୍ମିକା ଖଟୁଆ କହିଛନ୍ତି। ଏହିଅବସରରେ ନାଳନ୍ଦା ଲର୍ଣ୍ଣିଂର ପ୍ରତିଷ୍ଠାତା ନିର୍ଦ୍ଦେଶକ ତାମଲ ମୁଖାର୍ଜୀ ଉପସ୍ଥିତ ଥିଲେ।

# ଯୁବକଙ୍କୁ ଖଣ୍ଡା ଚୋଟ ମାମଲାରେ ଜଣେ ଗିରଫ

**ଭୁବନେଶ୍ୱର,୨୦।୫(ବ୍ୟୁରୋ)**

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ନବଘନ ପାଟଶାଣୀ ନାମକ ଜଣେ ବ୍ୟକ୍ତିଙ୍କୁ ଖଣ୍ଡାରେ ଆକ୍ରମଣ କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ଆକ୍ରମଣକାରୀ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପୁରୀ ଜିଲାର ଶଶାଙ୍କଶେଖର ବଳିଆରସିଂ। ତାଙ୍କଠାରୁ ଆକ୍ରମଣରେ ବ୍ୟବହୃତ ଖଣ୍ଡା ଜବତ କରାଯାଇଛି। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଗତ ୧୮ ତାରିଖ ସକାଳେ ବରମୁଣ୍ଡା ଅଞ୍ଚଳର ନବଘନ ନାକା ଗେଟ୍ ପଟୁ ଖଣ୍ଡଗିରି ଅଭିମୁଖେ ଯାଉଥିବା ସମୟରେ ଅଭିଯୁକ୍ତ ଓ ତାଙ୍କ ସହଯୋଗୀମାନେ ମାରଣାସ୍ତ୍ର ଧରି ଦୁଇଟି ମୋଟରସାଇକେଲରେ ତାଙ୍କର ପିଛା କରିଥିଲେ। ପରେ ସେ ଖଣ୍ଡଗିରି ଛକ ନିକଟ ଏକ ଦୋକାନରେ ଚା' ପିଉଥିବାବେଳେ ଶଶାଙ୍କଶେଖର ଓ ଅନ୍ୟ ଅଭିଯୁକ୍ତମାନେ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ନବଘନ ଗୁରୁତର ଆହତ ହୋଇ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ।

# ନିର୍ଯାତନା ଅସହ୍ୟ ହେବାରୁ ସାନଭାଇ ହତ୍ୟା କରିଥିଲେ

**ବଲାଙ୍ଗୀର ଅଫିସ, ୨୦।୫**



ଅଭିଯୁକ୍ତ ପିଙ୍କୁ ମେହେରଙ୍କୁ ପୋଲିସ ସିନ୍ ରିକ୍ରିଏସନ୍ ପାଇଁ ନେଉଛି।

ବଲାଙ୍ଗୀର ଟାଉନ୍ ଥାନା ଅନ୍ତର୍ଗତ ସାଲେପାଲିସ୍ଥିତ ଏକ ତାଲାବନ୍ଦ ଭଡାଘରୁ ବୁଧବାର ରିଙ୍କୁ ମେହେର (୨୭) ନାମକ ଜଣେ ଯୁବକଙ୍କ ଖଣ୍ଡବିଖଣ୍ଡିତ ଗଳିତ ମୃତଦେହ ପୋଲିସ ଜବତ କରିଥିଲା। ଏହି ବୀଭତ୍ସ ହତ୍ୟା ଘଟଣାର ପର୍ଦ୍ଦାଫାଶ କରିଛି ବଲାଙ୍ଗୀର ପୋଲିସ। ମୃତକଙ୍କୁ ତାଙ୍କ ସାନଭାଇ ପିଙ୍କୁ ଓରଫ୍ ଭବାନୀ ଶଙ୍କର ମେହେର ଏକ ଟାଙ୍ଗିଆରେ ହତ୍ୟା କରିଥିଲେ। ହତ୍ୟା କରିବା ପରେ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ମୃତଦେହକୁ ୮ ଖଣ୍ଡ କରି ପଲିଥିନ୍‌ରେ ପ୍ୟାକିଂ କରିଥିଲେ। ତେବେ ଯଥାସମୟରେ ମୃତଦେହ ଅନ୍ୟତ୍ର ନେଇ ନ ପାରିବାରୁ ଘର ଭିତରେ ଛାଡି ଦେଇ ସେ ଫେରାର ହୋଇଯାଇଥିଲେ। ପାରିବାରିକ କଳହ ଏବଂ ମାତାପିତାଙ୍କୁ ନିର୍ଯାତନା କାରଣରୁ ସାନଭାଇ ପିଙ୍କୁ ନିଜ ବଡଭାଇ ରିଙ୍କୁଙ୍କୁ ହତ୍ୟା କରିଥିବା ସୂଚନା ଦେଇଛନ୍ତି ବୋଲି ସଦର ଏସ୍‌ଡିପିଓ ତୋଫାନ୍ ବାଗ ସୂଚନା ଦେଇଛନ୍ତି। ଶନିବାର ତାଙ୍କୁ ଗିରଫ କରିବା ପରେ ଘଟଣାସ୍ଥଳକୁ ନିଆଯାଇ ସିନ୍ ରିକ୍ରିଏସନ୍ କରାଯାଇଛି।

ଗତ ବୁଧବାର ସକାଳେ ବଲାଙ୍ଗୀର ସହର ସାଲେପାଲି ମଠଖାଇ ମନ୍ଦିର ଛକ ନିକଟରେ ଥିବା ଏକ ତାଲାବନ୍ଦ ଥିବା ଘରୁ ଦୁର୍ଗନ୍ଧ ବାହାରୁଥିବା ନେଇ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପୋଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ତାଲାଭାଙ୍ଗି ଉକ୍ତ ଘର ଖୋଲିବାରୁ ପଲିଥିନ ପ୍ୟାକିଂ ହୋଇଥିବା ରିଙ୍କୁ ମେହେରଙ୍କ ଖଣ୍ଡବିଖଣ୍ଡିତ ଗଳିତ ମୃତଦେହ ଦେଖିବାକୁ ପାଇଥିଲେ। ଉକ୍ତ ଘରୁ ଦୁଇଟି ଟାଙ୍ଗିଆ, ଶାବଳ ଓ ହାତୁଡି ଜବତ କରାଯାଇଥିଲା। କେହି ରିଙ୍କୁଙ୍କୁ ହତ୍ୟା କରିବା ପରେ ପ୍ରମାଣ ନଷ୍ଟ ଉଦ୍ଦେଶ୍ୟରେ ମୃତଦେହ ଖଣ୍ଡବିଖଣ୍ଡିତ କରି ଜରିରେ ପ୍ୟାକିଂ କରିଥିବା ପୋଲିସ ଅନୁମାନ କରିଥିଲା। ତେବେ ଉକ୍ତ ଘରେ ପରିବାରର ଅନ୍ୟ କୌଣସି ସଦସ୍ୟ ଉପସ୍ଥିତ ନ ଥିବାରୁ ଘଟଣା ସହ ପ୍ରଥମରୁ ପୋଲିସ ପରିବାର ଲୋକଙ୍କ ସମ୍ପୃକ୍ତି ନେଇ ସନ୍ଦେହ କରିଥିଲା। ଗତ ୨୫ ତାରିଖ ରିଙ୍କୁ ମେହେର କୌଣସି କଥାକୁ କେନ୍ଦ୍ରକରି ତାଙ୍କ ପିତାଙ୍କୁ ମାଡ ମାରିଥିଲେ। ଆହତ ପିତାଙ୍କୁ ପିଙ୍କୁ ବୁର୍ଲା ଚିକିତ୍ସା ପାଇଁ ନେଇ ୧୦ତାରିଖ ଘରକୁ ଫେରିଥିଲେ। ଗତ ୧୩ ତାରିଖରେ ପୁଣି ଥରେ ବାପାଙ୍କ ଦେହ ଅସୁସ୍ଥ ହେବାରୁ ପିଙ୍କୁ ତାଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଗତ ୧୪ ତାରିଖରେ ସେ ଘରକୁ ବାଲଟି, ମଶିଣା ଓ ଅନ୍ୟାନ୍ୟ ସାମଗ୍ରୀ ନେବା ପାଇଁ ଆସିଥିବାବେଳେ ରିଙ୍କୁ ତାଙ୍କୁ ଗାଳିଗୁଲଜ କରିବା ସହ ଏକ ନଳାରେ ଆକ୍ରମଣ କରିଥିଲେ। ଏଥିରେ ରାଗି ଯାଇ ଘରେ ଥିବା ଏକ ଟାଙ୍ଗିଆରେ ପିଙ୍କୁ ବଡଭାଇ ରିଙ୍କୁଙ୍କ ବେକରେ ଏକ ଚୋଟ ମାରିଥିଲେ। ଏଥିରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପ୍ରମାଣ ନଷ୍ଟ ଏବଂ ମୃତଦେହକୁ ଠିକଣା ସ୍ଥାନରେ ଲୁଚାଇବା ପାଇଁ ଏକ ବଡ ଟାଙ୍ଗିଆରେ ମୃତଦେହ ୮ ଖଣ୍ଡ କରିବା ପରେ ଏକ ବ୍ୟାଗ୍‌ରେ ପୂରାଇଥିଲେ। ତେବେ ଉକ୍ତ ବ୍ୟାଗ୍‌ର ଚେନ୍ ନ ଲାଗିବାରୁ ସେଦିନ ମୃତଦେହ ଅନ୍ୟତ୍ର ନେଇପାରି ନ ଥିଲେ। ପରଦିନ ଦୁର୍ଗନ୍ଧ କରିବାରୁ ବଜାରରୁ କଳା ପଲିଥିନ ଆଣି ସମସ୍ତ ୮ ଖଣ୍ଡ ମୃତଦେହକୁ ଭଲ ଭାବରେ ଗୁଡାଇ ଦେଇଥିଲେ। ତେବେ ଏହାକୁ ମଧ୍ୟ ଅନ୍ୟତ୍ର ନେଇ ନ ପାରିବାରୁ ଘର ବାହାରେ ତାଲା ପକାଇ ଫେରାର ହୋଇଯାଇଥିଲେ। ପୋଲିସ ଟିମ୍ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ଏ ନେଇ ସବିଶେଷ ସୂଚନା ଦେଇଛନ୍ତି ଏସ୍‌ଡିପିଓ ବାଗ। ଶନିବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# 'ଶ୍ରୀଜଗନ୍ନାଥ ସଙ୍ଗୀତାୟନ' ଲୋକାର୍ପିତ

**ଭୁବନେଶ୍ୱର,୨୦।୫(ବ୍ୟୁରୋ)**

ସାଇଶ୍ରଦ୍ଧା ପ୍ରଡକ୍ସନ ଏବଂ ସିବିଏସ୍ କଲଚରାଲ ଫାଉଣ୍ଡେଶନ ପକ୍ଷରୁ ଶ୍ରୀଜଗନ୍ନାଥଙ୍କ ଭାବାବେଗ ଉପରେ ଆଧାରିତ ଗୀତଗୁଚ୍ଛର ସଙ୍ଗୀତ ନାଟ୍ୟରୂପ 'ଶ୍ରୀ ଜଗନ୍ନାଥ ସଙ୍ଗୀତାୟନ' ଶନିବାର ଗୀତଗୋବିନ୍ଦ ସଦନଠାରେ ଲୋକାର୍ପିତ ହୋଇଯାଇଛି। ଏହି ସଙ୍ଗୀତର ରଚନା ଓ ନିର୍ଦ୍ଦେଶନା ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀ ଦେଇଛନ୍ତି। ଏହାର ଶୁଟିଂ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ କରାଯାଇଛି। ଅଭିନୟରେ ପ୍ରଡକ୍ସନର ନିର୍ଦ୍ଦେଶିକା ବିନି ସାମଲ, ଅମିତ୍, ଅଶ୍ରୁମୋଚନ ମହାନ୍ତି, ନୀହାର ସାମଲ, ମେହେଳି, ମୁସ୍କାନ ପ୍ରମୁଖ ରହିଛନ୍ତି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ପିନାକୀ ମିଶ୍ର, ବିନି, ବାପି ଓ ରାମ। ଏଥିରେ ୫ଟି ଗୀତ ରହିଛି। ଲୋକାର୍ପଣ କାର୍ଯ୍ୟକ୍ରମରେ ଗୁରୁଜୀ ଶତପଥୀ, ସୂଚନା ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ ଅମାତ, ବିନି ସାମଲ,ସ୍ୱତନ୍ତ୍ର ରିଲିଫ କମିଶନର ସତ୍ୟବ୍ରତ ସାହୁ, ପୀତବାସ ରାଉତରାୟ, ପ୍ରଫେସର ହରେକୃଷ୍ଣ ଶତପଥୀ, ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ଧଳ, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଏବଂ ଓଏସ୍‌ଆରଟିସି ଜିଏମ୍ ବିଶିକେଶନ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।



ଟାଟା ଷ୍ଟିଲ୍ ମାଇନିଂ ଲିମିଟେଡ୍ ପକ୍ଷରୁ ନିକଟରେ ଲଭ୍ ସ୍ପାରୋ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ସ୍ୱତନ୍ତ୍ର ଭାବେ ନିର୍ମିତ କୃତ୍ରିମ ଚଢ଼େଇ ବସା ଉକ୍ତ କାର୍ଯ୍ୟକ୍ରମର ଅଂଶଗ୍ରହଣକାରୀମାନଙ୍କୁ ବଣ୍ଟନ କରାଯାଇଥିଲା। ବିଶେଷକରି ଘର, କାର୍ଯ୍ୟାଳୟ ଓ ସାର୍ବଜନୀନ ସ୍ଥାନରେ ଉକ୍ତ ବସାକୁ ସ୍ଥାପନ କରିବା ସହ ଚଢ଼େଇମାନଙ୍କ ବଂଶବୃଦ୍ଧି ଲାଗି ଏକ ଅନୁକୂଳ ପରିବେଶ ସୃଷ୍ଟି କରିବା ପାଇଁ ଏଭଳି ଏକ ପଦକ୍ଷେପ ଗ୍ରହଣ କରାଯାଇଛି। ଉଲ୍ଲେଖଯୋଗ୍ୟ, କମ୍ପାନୀର ସୁକିନ୍ଦା କ୍ରୋମାଇଟ୍ ଖଣି ପରିସର ଅଞ୍ଚଳରେ ଘରଚଟିଆମାନଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ଅନେକ କୃତ୍ରିମ ଚଢ଼େଇ ବସା ସ୍ଥାପନ କରାଯାଇଛି।

# ବିଏସ୍‌କେ ଜରିଆରେ ବ୍ୟବଧାନ ଦୂରକରାଉଛି ଟିପିସିଓଡିଏଲ୍

**ଭୁବନେଶ୍ୱର,୨୦।୫**

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ର ଅତ୍ୟାଧୁନିକ ସୁବିଧା 'ବିଦ୍ୟୁତ୍ ସେବା କେନ୍ଦ୍ର' (ବିଏସ୍‌କେ) ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଗ୍ରାହକଙ୍କ ମଧ୍ୟରେ ରହିଥିବା ବ୍ୟବଧାନକୁ ଦୂରକରିବା ସହ ଅତ୍ୟାବଶ୍ୟକ ସେବାକୁ ନିୟୁତାଧିକ ଗ୍ରାହକଙ୍କ ନିକଟତର କରାଇଛି। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଏମ୍. ସେନ୍‌ବାଗମ କହିଛନ୍ତି, ବିଏସ୍‌କେଗୁଡ଼ିକ ଶୀଘ୍ର ବିଦ୍ୟୁତ୍ ଯୋଗାଣ ସମ୍ପର୍କିତ ସମସ୍ୟାର ସମାଧାନକରି ଆମର ଗ୍ରାମୀଣ ସଂଯୋଗକୁ ସୁଦୃଢ଼ କରୁଛନ୍ତି। ଏପରିକି ଆମର ନିୟୁତାଧିକ ଗ୍ରାହକଙ୍କ ନିକଟରେ ଅତ୍ୟାବଶ୍ୟକ ସେବା ପହଞ୍ଚାଇବା ସହ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଗୋଷ୍ଠୀ ମଧ୍ୟରେ ରହିଥିବା ସେବା ଅନ୍ତରକୁ ଦୂର କରୁଛନ୍ତି। ବିଶେଷକରି ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳଗୁଡ଼ିକରେ ବିଦ୍ୟୁତ୍ ସମ୍ପର୍କିତ ସମସ୍ତ ସମାଧାନ ଲାଗି ଏକକ ସମାଧାନ କ୍ଷେତ୍ରରେ ପରିଣତ ହୋଇଛି। ସେହିଭଳି ୫୫୦ରୁ ଅଧିକ ସେବା କେନ୍ଦ୍ର ଜରିଆରେ ବିଦ୍ୟୁତ୍ ସମ୍ପର୍କିତ ଅଭିଯୋଗର ତ୍ୱରିତ ସମାଧାନଠାରୁ ଆରମ୍ଭ କରି ବିଲ୍ ପେମେଣ୍ଟ ସୁବିଧା ପ୍ରଦାନ କରିବା ଓ ନୂଆ ସଂଯୋଗ ଆବେଦନ ପର୍ଯ୍ୟନ୍ତ ବିଏସ୍‌କେଗୁଡ଼ିକ ଗ୍ରାହକ ଅନୁଭୂତିରେ ଉନ୍ନତି ଆଣିଛନ୍ତି। ସେହିପରି ବିଦ୍ୟୁତ୍ ଜନିତ ସେବାଗୁଡ଼ିକୁ ଗୋଟିଏ ଛାତ ତଳେ ପ୍ରଦାନ କରି ଟିପିସିଓଡିଏଲ୍ ଗ୍ରାମୀଣ ବାସିନ୍ଦାଙ୍କ ନିକଟରେ ବିଦ୍ୟୁତ୍ ବଣ୍ଟନ ସେବାକୁ ଚିନ୍ତାମୁକ୍ତ ଭାବେ ପହଞ୍ଚାଇପାରିଛି। ଅପରପକ୍ଷରେ ନଗଦବିହୀନ ଅର୍ଥନୀତି ଲାଗି ଦେଶର ଲକ୍ଷ୍ୟ ଅନୁସାରେ ବିଏସ୍‌କେଗୁଡ଼ିକ ଜରିଆରେ ଡିଜିଟାଲ୍ କାରବାରକୁ ଟିପିସିଓଡିଏଲ୍ ପ୍ରତ୍ୟକ୍ଷ ଭାବେ ପ୍ରସାର କରୁଛି। ଏହି କେନ୍ଦ୍ରଗୁଡ଼ିକରେ ରହିଥିବା ଡିଜିଟାଲ ପେମେଣ୍ଟ ମାଧ୍ୟମଗୁଡ଼ିକୁ ବ୍ୟବହାର କରିବା ଲାଗି ଲୋକମାନଙ୍କୁ ଉତ୍ସାହିତ କରି ନଗଦ କାରବାରରେ ରହିଥିବା ନିର୍ଭରଶୀଳତାକୁ ଟିପିସିଓଡିଏଲ୍ ହ୍ରାସ କରୁଥିବା ବେଳେ ସହଜତା ଓ ଦକ୍ଷତାରେ ଉନ୍ନତି ଆଣୁଛି। ଡିଜିଟାଇଜେଶନ ଉପରେ ଏହି ଗୁରୁତ୍ୱ ଗ୍ରାମୀଣ ଗ୍ରାହକଙ୍କୁ ସଶକ୍ତ କରୁଛି ଏବଂ ବ୍ୟାପକ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଓ ଅର୍ଥନୈତିକ ବିକାଶ ପ୍ରତି ଯୋଗଦାନ ପ୍ରଦାନ କରୁଛି। ବିଏସ୍‌କେଗୁଡ଼ିକରେ ବୈଷୟିକତାକୁ ଗ୍ରହଣ କରିଥିବା ସେବା ଏଜେଣ୍ଟମାନଙ୍କ ଏକ ଉତ୍ସର୍ଗୀକୃତ ଟିମ୍ ରହିଛନ୍ତି, ଯେଉଁମାନେ ଉଲ୍ଲେଖନୀୟ ଗ୍ରାହକ ସେବାକୁ ସୁନିଶ୍ଚିତ କରୁଛନ୍ତି।

# ରାଜସ୍ୱ ଆଦାୟକୁ ଗୁରୁତ୍ୱାରୋପ

**ନୂଆଦିଲ୍ଲୀ,୨୦।୫**

ଆମାଜନ ଓ ନେଟ୍‌ଫ୍ଲିକ୍ସ ଭଳି ଓଭର ଦି ଟପ୍ (ଓଟିଟି) ପ୍ଲାଟ୍‌ଫର୍ମଗୁଡ଼ିକର ସେବା ବଦଳରେ ଆବଶ୍ୟକ ରାଜସ୍ୱ ସଂଗ୍ରହ ଉପରେ ଭାରତୀୟ ଟେଲିକମ୍ କମ୍ପାନୀଗୁଡ଼ିକର ଯୁକ୍ତିଯୁକ୍ତ ଭାଗକୁ ନେଇ ବିଚାରବିମର୍ଶ ଜାରି ରହିଛି। ଏପରିକି ୟୁରୋପୀୟ ଓ ବ୍ରାଜିଲ ସଂଘ ଏ କ୍ଷେତ୍ରରେ ଆଗକୁ ବଢ଼ିଛନ୍ତି। ଟେଲିକମ୍ କମ୍ପାନୀଗୁଡ଼ିକର ଯୁକ୍ତି ହେଉଛି ଯେହେତୁ ସେମାନଙ୍କ ଜରିଆରେ ଓଟିଟି ପ୍ଲାଟ୍‌ଫର୍ମଗୁଡ଼ିକର ରାଜସ୍ୱ ସ୍ରୋତ ନିରବଚ୍ଛିନ୍ନ ରହୁଛି, ତେଣୁ ଟେଲିକମ୍ ନେଟ୍‌ୱର୍କ ବିକାଶ କରିବା ଲାଗି ବିପୁଳ ପରିମାଣର ପୁଞ୍ଜିନିବେଶ ହେଉଛି। ସେଥିପାଇଁ ସେମାନେ ନିଜ ରାଜସ୍ୱର ଏକ ଯୁକ୍ତିଯୁକ୍ତ ଯୋଗଦାନ ଟେଲିକମ୍ କଂପାନିଗୁଡିକୁ ପ୍ରଦାନ କରିବା ଉଚିତ। ସେହିଭଳି ଭାରତରେ ୫ଜି ଟେଲିକମ୍ ସେବା ଲାଗି ନେଟ୍‌ୱର୍କ ବିକାଶ ଜାରି ରହିଥିବାରୁ ଟେଲିକମ୍ କମ୍ପାନୀଗୁଡ଼ିକ ଓଟିଟି ପ୍ଲାଟ୍‌ଫର୍ମଗୁଡ଼ିକଠାରୁ ରାଜସ୍ୱରେ ଭାଗ ଦାବି କରିଛନ୍ତି। ଏପରିକି ଉପରୋକ୍ତ ପ୍ରସ୍ତାବ ଉପରେ ବିସ୍ତୃତ ଆଲୋଚନା ଓ ବିଚାରବିମର୍ଶ ଜାରି ରହିଛି। ଯଦି ତାହା ସଫଳ ହେବ ତେବେ ଭାରତର ଡିଜିଟାଲ ଦୃଶ୍ୟପଟରେ ତାହା ଉଲ୍ଲେଖନୀୟ ପରିବର୍ତ୍ତନ ଆଣିପାରିବ। ବିଶେଷକରି ୫ଜି ନେଟ୍‌ୱର୍କ ମୁତୟନ କରିବା ଏବଂ ଅଂଶୀଦାରମାନଙ୍କ ମଧ୍ୟରେ ଆର୍ଥିକ ଦାୟିତ୍ୱକୁ ସମାନ ଭାବେ ବିତରଣରେ ତାହା ସହାୟକ ହୋଇପାରିବ। ଓଟିଟି ପ୍ଲାଟ୍‌ଫର୍ମଗୁଡ଼ିକୁ ନିୟନ୍ତ୍ରଣ କରିବା ଏବଂ ସେମାନଙ୍କୁ ଟେଲିକମ୍ ନିୟମ ଭିତରେ ସାମିଲ କରିବା ଲାଗି ଦାବି ଜୋର ଧରିଛି। ଅପରପକ୍ଷରେ ବ୍ରଡ୍‌ବ୍ୟାଣ୍ଡ ଇଣ୍ଡିଆ ଫୋରମ୍ (ବିଆଇଏଫ୍) ତାହାକୁ ବିରୋଧ କରୁଥିବା ବେଳେ ସେଲ୍ୟୁଲାର ଅପରେଟର ସଂଘ (ସିଓଏଆଇ) ଓ ଆଇଏଏମ୍ଏଆଇ ଭଳି ଟେଲିକମ୍ ସଂଘ ଉକ୍ତ ପ୍ରସ୍ତାବକୁ ସମର୍ଥନ କରୁଛନ୍ତି। ଭାରତରେ ଓଟିଟି ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବା ଲାଗି ଆସିଥିବା ପ୍ରସ୍ତାବକୁ ନେଇ ଟେଲିକମ୍ ଅପରେଟର ଓ ବଡ଼ ପ୍ରଯୁକ୍ତି କମ୍ପାନୀଗୁଡ଼ିକ ମଧ୍ୟରେ ଟଣାଓଟରା ଆରମ୍ଭ ହୋଇଛି। ଭାରତୀ ଏୟାରଟେଲ, ଭୋଡାଫୋନ୍ ଆଇଡିଆ ଓ ରିଲାଏନ୍ସ ଜିଓ ଭଳି ବଡ଼ ଟେଲିକମ୍ କମ୍ପାନୀଙ୍କୁ ନେଇ ଗଠିତ ଭାରତୀୟ ସେଲ୍ୟୁଲାର ଅପରେଟର ସଂଘ (ସିଓଏଆଇ) ଓଟିଟି ଆପ୍‌ଗୁଡ଼ିକଠାରୁ ବଡ଼ ଧରଣର କ୍ଷତିପୂରଣ ଦାବି କରୁଛନ୍ତି।

# ଓଡ଼ିଶା ଇଣ୍ଡଷ୍ଟ୍ରିଜ୍ ଆସୋସିଏଶନର ଦିନିକିଆ କର୍ମଶାଳା

**କଟକ,୨୦।୫**

ରାଜ୍ୟର ପ୍ରମୁଖ ଶିଳ୍ପ ସଂଘ ତଥା ଓଡ଼ିଶା ଇଣ୍ଡଷ୍ଟ୍ରିଜ୍ ଆସୋସିଏଶନ (ଓଆଇଏ) ପକ୍ଷରୁ ଏକ ଦିନିକିଆ କର୍ମଶାଳା କଟକର ଜଗତପୁରଠାରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ରାଜ୍ୟରେ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ)ର ସ୍ଥିତି ସଂକ୍ରାନ୍ତୀୟ ଏକ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବିଭାଗୀୟ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ, ସୌଭାଗ୍ୟ ହେଉ ଅବା ଦୁର୍ଭାଗ୍ୟ ଏମ୍ଏସ୍ଏମ୍ଇ ଆପଣମାନଙ୍କ ସହ ଯୋଡ଼ିହୋଇ ରହିଛି। ଏପରିକି ଆପଣମାନଙ୍କର ବିଭିନ୍ନ ସମସ୍ୟାକୁ ଉପଯୁକ୍ତ ଫୋରମରେ ପହଞ୍ଚାଇ ତୁରନ୍ତ ସମାଧାନ କରିବାକୁ ବିଭାଗ ସବୁବେଳେ ଚେଷ୍ଟା କରିଥାଏ ବୋଲି ସେ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ଓଡ଼ିଶା ଇଣ୍ଡଷ୍ଟ୍ରିଜ୍ ଆସୋସିଏଶନର ସଭାପତି ସୁଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ




ଉକ୍ତ କର୍ମଶାଳାରେ ସଂଘର ବିଭିନ୍ନ ବିଷୟ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଅବସରରେ ଓଆଇଏର ଅଧ୍ୟକ୍ଷ ଅବନୀ କାନୁନ୍‌ଗୋ ସ୍ୱାଗତ ଅଭିଭାଷଣ ସହ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସେହିପରି ଓଆଇଏର ବରିଷ୍ଠ ସଦସ୍ୟ ରାଜେଶ କାନୁନ୍‌ଗୋ, ବିନୋଦ ଭୂତ, ଭବାନୀ ପଣ୍ଡିତ, ଦେବେନ ରାୟ, କିଶୋର ମହାନ୍ତି ଏବଂ ମାନସ ପ୍ରମୁଖ ଯୋଗଦେଇ ଇଣ୍ଡଷ୍ଟ୍ରିଜ୍‌ର ବିଭିନ୍ନ ସମସ୍ୟା ସଂକ୍ରାନ୍ତରେ ପ୍ରମୁଖ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ଅବସରରେ ଓଆଇଏର ସାଧାରଣ ସମ୍ପାଦକ ଗୌରଗୋପାଳ ସେନ ପ୍ରମୁଖ ସଚିବଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରିଶେଷରେ ଓଆଇଏର ସଙ୍ଗଠନ ସମ୍ପାଦକ ସଞ୍ଜୟ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କର୍ମଶାଳାରେ ଓଆଇଏର ସମସ୍ତ ସଦସ୍ୟଙ୍କ ସମେତ ୨୦ ଏସ୍ଏଜିର ମୁଖ୍ୟମାନେ ଉପସ୍ଥିତ ଥିଲେ।

# ବ୍ୟବସାୟ ସମ୍ପ୍ରସାରଣ କରିବ ଏଲ୍‌ଟିଏଫ୍

**ନୂଆଦିଲ୍ଲୀ,୨୦।୫**

ଏଲ୍ ଆଣ୍ଡ ଟି ଫାଇନାନ୍ସ ଲିମିଟେଡ୍ (ଏଲ୍‌ଟିଏଫ୍) ଚଳିତ ବର୍ଷ ଜୁନ୍ ଶେଷ ସୁଦ୍ଧା ୫୦ରୁ ଊର୍ଦ୍ଧ୍ୱ ସହରରେ ଏସ୍ଏମ୍ଇ ଫାଇନାନ୍ସ ବ୍ୟବସାୟ ସମ୍ପ୍ରସାରିତ କରିବ ବୋଲି ବ୍ୟାପକ ଯୋଜନା ପ୍ରସ୍ତୁତ କରିଛି। ଏପରିକି ୨୦୨୧-୨୨ ଆର୍ଥିକ ବର୍ଷରେ ମୁମ୍ବାଇ ଏବଂ ପୁଣେରେ ପାଇଲଟ ପ୍ରକଳ୍ପ ଭାବରେ କାର୍ଯ୍ୟକାରୀ କରାଯାଇଥିବା ଏସ୍ଏମ୍ଇ ଫାଇନାନ୍ସ ବ୍ୟବସାୟରେ ଗତ ଆର୍ଥିକ ବର୍ଷରେ କ୍ରମାଗତ ଅଭିବୃଦ୍ଧି ଘଟିଥିବା ପରିଲକ୍ଷିତ ହୋଇଛି। ଏହି ବ୍ୟବସାୟ ଆତ୍ମନିଯୁକ୍ତ ବୃତ୍ତିଧାରୀ ଏବଂ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକର କାର୍ଯ୍ୟକାରୀ ମୂଳଧନ ଆବଶ୍ୟକତା ପୂରଣ ଦିଗରେ ଦୃଷ୍ଟି ଦେଉଛି ଏବଂ ଏଲ୍ ଆଣ୍ଡ ଟି ଫାଇନାନ୍ସକୁ ଏକ ଶୀର୍ଷ ଶ୍ରେଣୀର ଡିଜିଟାଲ ସମର୍ଥିତ ରିଟେଲ ଫାଇନାନ୍ସ କମ୍ପାନୀ ଭାବରେ ଗଢ଼ି ତୋଳିବାକୁ ୨୦୨୬ରେ ଧାର୍ଯ୍ୟଲକ୍ଷ୍ୟକୁ ଆଗେଇ ନେଉଛି। ସମ୍ପ୍ରତି ନିଜର ରହିଥିବା ମଜଭୁତ ଡିଜିଟାଲ ଏବଂ ଡାଟା ଆନାଲିଟିକ୍ସ ସାମର୍ଥ୍ୟ ବଳରେ ବଜାରରେ ପ୍ରଚଳିତ ଧାରାର ବିପରୀତରେ ଏହି କମ୍ପାନୀ ନିଜର ଉତ୍ପାଦଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ କାଗଜବିହୀନ ପ୍ରକ୍ରିୟାରେ ଉପସ୍ଥାପନ କରୁଛି। ଏତଦ୍ୱାରା କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକ ନଗଦ ଅର୍ଥ ପ୍ରବାହ ନେଇ ଅନୁମାନ କରିହେବା ଭଳି ଏକ ସମୟ ଚାହୁଁଥିବା ବଜାରରେ ଏଲ୍ ଆଣ୍ଡ ଟି ଫାଇନାନ୍ସ ଋଣ ଆବେଦନ ଉପରେ ତୁରନ୍ତ ଏକ ଅନୁମୋଦନ ପ୍ରଦାନ ଅଥବା ଖାରଜ କରିବା ସମ୍ପର୍କିତ ତାଜା ସୂଚନା ଯୋଗାଇବାକୁ ସମର୍ଥ ହେଉଛି। ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ଡିଜିଟାଲ ପଦ୍ଧତି ମଧ୍ୟ କମ୍ପାନୀକୁ ତାହାର ଗ୍ରାହକମାନଙ୍କୁ ସମୁଦାୟ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ସମୟ ସୀମା ଯୋଗାଇଦେବା ବ୍ୟତୀତ ଆବଣ୍ଟନ ଚ୍ୟାନେଲର ଦ୍ରୁତତର ସମ୍ପ୍ରସାରଣ ପାଇଁ ସହାୟତା କରୁଛି। ଏଲ୍ ଆଣ୍ଡ ଟି ଫାଇନାନ୍ସ ହୋଲ୍‌ଡିଂସ ଲିମିଟେଡ୍‌ର ମ୍ୟାନେଜିଂ ଡାଇରେକ୍ଟର ଓ ଚିଫ୍ ଏକଜିକ୍ୟୁଟିଭ ଅଫିସର ଦୀନନାଥ ଦୁଭାଷୀ କହିଛନ୍ତି, ଲାର୍ସନ ଆଣ୍ଡ ଟୁବ୍ରୋ ଗ୍ରୁପ୍ ସର୍ବଦା ରାଷ୍ଟ୍ର ନିର୍ମାଣ ସହ ସଂଯୁକ୍ତ ହୋଇ ରହି ଆସିଛି। ଏପରିକି କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସମୂହ ଆମ ଦେଶର ମୋଟ ଘରୋଇ ଉତ୍ପାଦ(ଜିଡିପି)ରେ ଅନ୍ୟତମ ସର୍ବାଧିକ ଅବଦାନକାରୀ ହୋଇ ରହିଆସିଛି।

ଫୁରସତ୍

# ପ୍ରେମର ବିଜୟ ସର୍ବୋପରି

## ଜାତୀୟ ଆତଙ୍କବାଦ ନିରୋଧୀ ଦିବସ

**ଭା**ରତ ପ୍ରତିବର୍ଷ ମେ ୨୧ରେ ଜାତୀୟ ଆତଙ୍କବାଦ ନିରୋଧୀ ଦିବସ ପାଳନ କରିଥାଏ। ଏହି ଦିନ ପାଳନ କରିବାର ଉଦ୍ଦେଶ୍ୟ ହେଉଛି ସାଧାରଣ ଲୋକଙ୍କ ଦୁଃଖ ସମ୍ପର୍କରେ ସଚେତନତା ସୃଷ୍ଟି କରି ଏହା କିପରି ଜାତୀୟ ସ୍ୱାର୍ଥ ପ୍ରତି କ୍ଷତିକାରକ ତାହା ଦର୍ଶାଇ ଯୁବବର୍ଗମାନଙ୍କୁ ଆତଙ୍କବାଦ ତଥା ହିଂସା ସଂସ୍କୃତିରୁ ଦୂରେଇ ରଖିବା ନେଇ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ। ପ୍ରେମର ବିଜୟ ସର୍ବୋପରି ବୋଲି ଏହି ଦିବସ ଅବସରରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥାଏ। ଭାରତରେ ମେ ୨୧କୁ ଜାତୀୟ ଆତଙ୍କବାଦ ନିରୋଧୀ ଦିବସ ଭାବେ ପାଳନ କରାଯାଏ। କାରଣ ୧୯୯୧ ମସିହା ଏହି ଦିନ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କୁ ହତ୍ୟା କରାଯାଇଥିଲା, ଯାହା ବିଶ୍ୱକୁ ଥରାଇ ଦେଇଥିଲା।

ତାମିଲନାଡୁରେ ରାଜୀବ ଗାନ୍ଧୀ ଆତ୍ମଘାତୀ ବିସ୍ଫୋରଣର ଶିକାର




ହୋଇଥିଲେ, ଯେଉଁଥିରେ ପ୍ରାୟ ୧୪ ଜଣଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ପ୍ରଧାନମନ୍ତ୍ରୀ ଭି.ପି . ସିଂଙ୍କ ସରକାର ରାଜୀବ ଗାନ୍ଧୀଙ୍କ ମୃତ୍ୟୁ ଦିନକୁ ଆତଙ୍କବାଦ ନିରୋଧୀ ଦିବସ ରୂପେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲେ। ଜାତୀୟ ଆତଙ୍କବାଦ ନିରୋଧୀ ଦିବସର ମୂଳ ଉଦ୍ଦେଶ୍ୟ ହେଉଛି ଦେଶ ଭିତରେ ଥିବା ସମସ୍ତ ପ୍ରକାର ଆତଙ୍କବାଦୀ କାର୍ଯ୍ୟକଳାପକୁ ବିରୋଧ ଏବଂ ନିନ୍ଦା କରିବା। ଆତଙ୍କବାଦର ବିନାଶକାରୀ ପ୍ରକୃତି ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ସମନ୍ୱୟ, ଭାଇଚାରା, ଶାନ୍ତି, ଏକତା ଏବଂ ମାନବିକତା ଦ୍ୱାରା ସମାଜ ଗଠନକୁ ପ୍ରୋତ୍ସାହିତ କରିବା। ଆତଙ୍କବାଦ ବିରୋଧରେ ଏକଜୁଟ ହେବା ଏବଂ ଏହି ମୂଲ୍ୟବୋଧକୁ ସମର୍ଥନ କରୁଥିବା ସମାଜ ପ୍ରତିପୋଷଣ କରିବା ଦିଗରେ କାର୍ଯ୍ୟ କରିବା ଆମର ସାମୂହିକ ଦାୟିତ୍ୱର ସ୍ମାରକ ଭାବରେ କାର୍ଯ୍ୟ କରି ଆତଙ୍କବାଦ ନିରୋଧୀ ଦିବସ ଲୋକ ଏବଂ ସମାଜ ମଧ୍ୟରେ ଶାନ୍ତି, ମାନବିକତା, ସୌହାର୍ଦ୍ଦ୍ୟ ଏବଂ ଏକତା ବଜାୟ ରଖିବା ପାଇଁ ସର୍ବାଧିକ ମହତ୍ତ୍ୱ ରହିଛି।

ଆତଙ୍କବାଦ ଜାତୀୟ ସୁରକ୍ଷା ପ୍ରତି ସିଧାସଳଖ ବିପଦ ବୋଲି ଦର୍ଶାଇ ଯୁବବର୍ଗମାନଙ୍କୁ ଆତଙ୍କବାଦ ତଥା ହିଂସାଠାରୁ ଦୂରେଇ ରଖିବା ପାଇଁ ସରକାର ପ୍ରତିବର୍ଷ ଆତଙ୍କବାଦ ନିରୋଧୀ ଦିବସ ପାଳନ କରନ୍ତି। ଆତଙ୍କବାଦ ବିରୋଧରେ ଲଢ଼େଇରେ ହଜାର ହଜାର ସୁରକ୍ଷା କର୍ମୀଙ୍କ ବଳିଦାନକୁ ସମ୍ମାନିତ କରିବାରେ ଏହି ଦିନ ଏକ ସୁଯୋଗ ପ୍ରଦାନ କରିଥାଏ। ଆତଙ୍କବାଦ ଦେଶରେ ଏକତା ଏବଂ ଶାନ୍ତି ପାଇଁ ଏକ ବଡ଼ ବିପଦ। ଲୋକଙ୍କ ମଧ୍ୟରେ ଏକତା ଏବଂ ଜାତୀୟ ଗର୍ବ ବଢ଼ାଇବା ପାଇଁ ଏହି ଦିନ ଅନେକ ସରକାରୀ ତଥା ସାମାଜିକ ସଂଗଠନ କାର୍ଯ୍ୟକ୍ରମ ଯୋଜନା କରିଛନ୍ତି। ଆତଙ୍କବାଦ ସହିତ ମୁକାବିଲା କରିବାରେ ସୁରକ୍ଷା ବାହିନୀର ଫୋର୍ସ ଭାବରେ କିପରି କାର୍ଯ୍ୟ କରିବେ ସେ ବିଷୟରେ ଲୋକଙ୍କୁ ଶିକ୍ଷା ମଧ୍ୟ ପ୍ରଦାନ କରାଯାଇଥାଏ।

# କଳା ଚଷମା ପିନ୍ଧି ଆୟୁଷ୍ମାନ ଟ୍ରୋଲ୍

**ମୁମ୍ବାଇ:** ବଲିଉଡ୍ ଅଭିନେତା ଆୟୁଷ୍ମାନ ଖୁରାନା ଏବଂ ତାଙ୍କ ପରିବାର କଷ୍ଟଦାୟକ ସମୟ ଦେଇ ଗତି କରୁଛନ୍ତି। ଅଭିନେତା ଶୁକ୍ରବାର ତାଙ୍କ ବାପାଙ୍କୁ ହରାଇଛନ୍ତି। ତାଙ୍କ ବାପା ଜଣେ ଜଣାଶୁଣା ଜ୍ୟୋତିଷ ଥିଲେ। ଆୟୁଷ୍ମାନ, ଭାଇ ଭାଇ ଉପାଶକ୍ତି ଶନିବାର ତାଙ୍କ ବାପାଙ୍କ ଶେଷ କ୍ରିୟାକର୍ମ କରିଥିଲେ। ତାଙ୍କର ଅନ୍ତିମ ସଂସ୍କାର କରୁଥିବାର ଏକ ଫଟୋ ସାମ୍ନାକୁ ଆସିଛି। ଯେଉଁଥିରେ ଆୟୁଷ୍ମାନ, ତାଙ୍କ ଭାଇ ଏକ କଳା ଚଷମା ପିନ୍ଧିଥିବା ଦେଖିବାକୁ ମିଳିଛି। ଏଭଳି ଦୁଃଖ ସମୟରେ ଦୁଇଜଣଙ୍କ ଏପରି କଳା ଚଷମା ପିନ୍ଧିବାକୁ ନେଇ ସେମାନଙ୍କୁ ଟ୍ରୋଲ ହେବାକୁ ପଡ଼ିଛି। ଜଣେ ୟୁଜର୍ସ ଲେଖିଛନ୍ତି, ବାପାଙ୍କ ଶେଷକୃତ୍ୟ ସମୟରେ କଳା ଚଷମା ପିନ୍ଧିବା କ'ଣ ନିହାତି ଆବଶ୍ୟକ? ଅନ୍ୟଜଣେ ଲେଖିଛନ୍ତି, ବଲିଉଡ୍ ସୌଖିନ ବାବୁ, ବାପା ଚାଲିଗଲେ ପଛେ, ଚଷମା ଗଲାନି। ଏଥିରେ କିଛି ୟୁଜର୍ସ ତାଙ୍କୁ ସପୋର୍ଟ ମଧ୍ୟ କରୁଥିବା ଦେଖିବାକୁ ମିଳିଛି। ଶେଷ ଥର ପାଇଁ ଗତବର୍ଷ ଆୟୁଷ୍ମାନଙ୍କୁ ଫିଲ୍ମ 'ଏକ ଆକ୍ସନ ହିରୋ'ରେ ଦେଖିବାକୁ ମିଳିଥିଲା। ଆଗକୁ ତାଙ୍କର ଏକ ଚଳଚ୍ଚିତ୍ର 'ଡ୍ରିମ୍ ଗର୍ଲ-୨' ଆସିବାକୁ ଯାଉଛି। ଯାହା ଚଳିତ ବର୍ଷ ଅଗଷ୍ଟରେ ରିଲିଜ ହେବ ବୋଲି ଧାର୍ଯ୍ୟ ହୋଇଛି।



# ମଙ୍ଗଳରେ ବହି ଆକୃତିର ପଥର

**ନୂଆଦିଲ୍ଲୀ:** ବୈଜ୍ଞାନିକମାନେ ବର୍ତ୍ତମାନ ସମୟରେ ଉପଯୁକ୍ତ ଗ୍ରହର ଅନୁସନ୍ଧାନ କରୁଛନ୍ତି, ଯେଉଁଠାରେ ମଣିଷ ତା' ଜୀବନଯାପନ କରିପାରିବ। ଚନ୍ଦ୍ରଠାରୁ ଆରମ୍ଭ କରି ମଙ୍ଗଳ ପର୍ଯ୍ୟନ୍ତ ସବୁଠାରେ ଅନୁସନ୍ଧାନ ଜାରି ରଖିଛନ୍ତି। ଏହା ମଧ୍ୟରେ ମଙ୍ଗଳ ମଣିଷ ପାଇଁ ଉପଯୁକ୍ତ ଗ୍ରହ ହେବ ବୋଲି କୁହାଯାଉଛି। ସେଥିପାଇଁ ମଙ୍ଗଳକୁ ନାସାର କ୍ୟୁରୋସିଟି ରୋଭର ପଠାଇଛି। ଯାହା ଦ୍ୱାରା ମଙ୍ଗଳ ଗ୍ରହରୁ କ୍ୟୁରୋସିଟି ମାଧ୍ୟମରେ ପଠାଯାଉଥିବା ଚିତ୍ରଗୁଡ଼ିକୁ ସଠିକ ଭାବେ ଯାଞ୍ଚ କରିହେବ। ଏଥିସହ ଗ୍ରହରୁ ଅଧିକ ତଥ୍ୟ ସଂଗ୍ରହ କରାଯାଉଛି। ହେଲେ ନିକଟରେ ଏପରି ଏକ ଫଟୋ ସଂଗ୍ରହ କରାଯାଇଛି, ଯାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଫଟୋରେ ଦୃଶ୍ୟମାନ ହେଉଥିବା ଏକ ଜିନିଷ ବହି ପରି ଦେଖାଯାଉଛି। ଯାହା ସାଧାରଣ ଭାବେ ୨.୫ ସେ.ମି. ହେବ ବୋଲି ଅନୁମାନ କରାଯାଇଛି। ଫଟେରେ ଯେପରି ବହିଟି ଖୋଲା ହୋଇଥିବାବେଳେ ସେଥିରେ ଗୋଟିଏ ଫର୍ଦ୍ଦ ପବନରେ ଉଡୁଥିବା ଦେଖିବାକୁ ମିଳିଛି। ଯାହା କି ଏକ ପଥର ବୋଲି ଜଣାପଡିଛି। ଏହି ପଥରର ନାମ 'ଟେରା ଫିର୍‌ମେ' ରଖାଯାଇଛି। ଗତ ୧୦ ବର୍ଷ ହେବ ନାସାର କ୍ୟୁରୋସିଟି ରୋଭର ମଙ୍ଗଳରେ ରହି ଅନେକ ଫଟୋ ଉଠାଇ ପଠାଇସାରିଲାଣି। ୨୦୩୦ ମସିହା ବେଳକୁ ନାସା କ୍ୟୁରୋସିଟି ପୃଥିବୀକୁ ଫେରି ଆସିବ ବୋଲି ଜଣାପଡିଛି।



# ବିଶ୍ୱର ସବୁଠୁ ପୁରୁଣା ଗଛ 'ଗ୍ରେଟ୍ ଗ୍ରାଣ୍ଡଫାଦର'



**ସାଣ୍ଟିଆଗୋ:** ସାଧାରଣତଃ ଗଛର ଜୀବନକାଳ ୧୦୦ ବର୍ଷରୁ ଊର୍ଦ୍ଧ୍ୱ ଥିବା ଆମେ ଜାଣିଛେ। ଏପରି କିଛି ଗଛ ଅଛି ଯାହା ତା'ଠାରୁ ବି ଅଧିକ ବର୍ଷ ବଞ୍ଚିଥାଏ। ନିକଟରେ ଅନୁସନ୍ଧାନକାରୀମାନେ ଏପରି ଏକ ଅଛ ଠାବ କରାଯାଇଛି, ଯାହା ପାଖାପାଖି ୫୦୦୦ରୁ ୬୫୦୦ ବର୍ଷ ଧରି ଠିଆ ହୋଇ ପ୍ରକୃତିକୁ ଜୀବନ୍ତ ରଖିପାରିଛି। ଦକ୍ଷିଣ ଆମେରିକାର ଚିଲିରେ ଥିବା ଏହି ଗଛକୁ 'ଗ୍ରେଟ୍ ଗ୍ରାଣ୍ଡଫାଦର' ଭାବେ ନାମକରଣ କରାଯାଇଛି। ଯାହା ବିଶ୍ୱର ସବୁଠୁ ପୁରୁଣା ଗଛ ଭାବେ ରେକର୍ଡ କରିଛି। ଏହି ଗଛ ବିଶ୍ୱର ସମସ୍ତ ଜଳବାୟୁ ପରିବର୍ତ୍ତନ ସହିତ ପ୍ରାକୃତିକ ଦୈବ ଦୁର୍ବିପାକକୁ ସହ୍ୟ କରି ଦଶନ୍ଧି ଦଶନ୍ଧି ଧରି ଠିଆ ହୋଇଛି। ଏହା ପୂର୍ବରୁ ବିଶ୍ୱର ସବୁଠୁ ପୁରୁଣା ଗଛ ଭାବେ ଆଖ୍ୟ ପାଇଥିବା 'ମିଥ୍ୟୁସେଲ୍‌ହା' ଯାହା ଆମେରିକାର କାଲିଫର୍ଣ୍ଣିଆର ଜଙ୍ଗଲରେ ଅବସ୍ଥିତ। ଏହି ବୃକ୍ଷ ୪୮୫୦ ବର୍ଷ ହେବ ପ୍ରକୃତିର ଜଳବାୟୁ ପରିବର୍ତ୍ତନ ସହ ନିଜକୁ ଖାପ ଖୁଆଇ ସେହି ସ୍ଥାନରେ ଠିଆ ହୋଇପାରିଛି। 'ମିଥ୍ୟୁସେଲ୍‌ହା' ପାଇନ ପ୍ରଜାତିର ବୃକ୍ଷ ହୋଇଥିବାବେଳେ 'ଗ୍ରେଟ୍ ଗ୍ରାଣ୍ଡଫାଦର' କାଏପ୍ରେସ ପ୍ରଜାତିର ଅଟେ, ଯାହା ଫିର୍‌ଜରୋୟା କୁପ୍ରେସୋଏଡିସ୍ ଏବଂ ପାଟାଗୋନିୟନ୍ କାଏପ୍ରେସ ଭାବେ ଜଣାଶୁଣା। ଏହାର ଉଚ୍ଚତା ୨୮ ମିଟର ହୋଇଥିବାବେଳେ ମୋଟେଇ ୪ ମିଟର ହେବ। ଯାହା ଏକ ବହୁ ପୁରାତନ ବୃକ୍ଷ ହୋଇଥିବାରୁ ପର୍ଯ୍ୟଟକମାନେ ଏହି ସ୍ଥାନକୁ ଯାଇ ଏହି ବୃକ୍ଷର ଫଟୋ ଉଠାଇଛନ୍ତି। ଏହାର କାଣ୍ଡକୁ ଲୋକେ ଘର ତିଆରି ପାଇଁ ମଧ୍ୟ ବ୍ୟବହାର କରୁଥିଲେ। ହେଲେ ଏବେ 'ଗ୍ରେଟ୍ ଗ୍ରାଣ୍ଡଫାଦର'ର ସୁରକ୍ଷାରେ ଧ୍ୟାନ ରଖିବାକୁ ପଡିବ। ଏଥିପାଇଁ ପାର୍କର ରେଞ୍ଜରଙ୍କ ସଂଖ୍ୟା ବୃଦ୍ଧି କରାଯିବ। ଏଥିସହ ପର୍ଯ୍ୟଟକଙ୍କ ପ୍ରବେଶରେ ପ୍ରତିବନ୍ଧକ ଲଗାଇବାକୁ ପଡ଼ିବ ବୋଲି ଜଣାପଡ଼ିଛି। ଏହି ବୃକ୍ଷ ଊନବିଂଶ ଶତାବ୍ଦୀରେ ବହୁଳ ପରିମାଣରେ ଲଗାଯାଇଥିବା ଜଣାପଡିଛି।

## ଏ ସପ୍ତାହର ପ୍ରଶ୍ନ

୧– ପ୍ରଥମ ଚାଇନା– ସେଣ୍ଟ୍ରାଲ ଏସିଆ ସମିତି ......... ଦେଶରେ ଆୟୋଜିତ ହୋଇଥିଲା ?
୨– ପିଲାଙ୍କୁ ଡିଜିଟାଲ ହେଲ୍‌ଥ କାର୍ଡ ଯୋଗାଇ ଦେଉଥିବା ପ୍ରଥମ ରାଜ୍ୟ ......... ?
୩– ପିଏମ୍‌କେଭିଓ୍ୱାଇର ଫୁଲ୍‌ଫର୍ମ ............ ?
୪– ହ୍ୟୁମାନଏଡ୍ ରୋବୋଟ୍ ଅପ୍ଟିମସ୍ ................ କମ୍ପାନି ପ୍ରସ୍ତୁତ କରିଛି ?
୫– ପୃଥିବୀର ସବୁଠାରୁ ବଡ଼ ଆଗ୍ନେୟଗିରି ................ ?

## ଗତ ଥରର ଉତ୍ତର

୧ ଜ୍ୟୋତିବା ଫୁଲେ
୨ ମୌଲାନା ହସରତ୍ ମୋହାନୀ
୩ ସୈଦ୍ ଅମୀର ଅଲ୍ଲୀ
୪ ସାପ
୫ ସାନ୍‌ଟିଆଗୋ ପେନା

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଉତ୍ତରଦାତା


ସମୀର ରଞ୍ଜନ ମିଶ୍ର, ଝାରସୁଗୁଡା


ଶେଖ୍ ୟାକୁବ୍, ଗୋପ


ଶିବରାମ ମହାପାତ୍ର, ଝାରସୁଗୁଡା

## ଟପ୍ ୧୦

### ଲୋକପ୍ରିୟ ସଫ୍ଟ ଡ୍ରିଙ୍କ୍ସ




୧........ କୋକା–କୋଲା
୨........ ପେପ୍‌ସି
୩........ ଡାଏଟ୍ କୋକ୍
୪........ ଡକ୍ଟର ପିପ୍ପର୍
୫........ ମାଉଣ୍ଟେନ୍ ଡିୟୁ
୬........ ସ୍ପ୍ରାଇଟ୍
୭........ ଡାଏଟ୍ ପେପ୍‌ସି
୮........ କୋକ୍ ଜିରୋ
୯........ ଫାଣ୍ଟା
୧୦........ ଡାଏଟ୍ ମାଉଣ୍ଟେନ୍ ଡିୟୁ

## ଜାଣନ୍ତୁ ଦୁନିଆ

# ପ୍ରଜାପତି

**ଫୁଲରୁ ଫୁଲ ଉଡ଼ିବୁଲୁଥିବା ରଙ୍ଗବେରଙ୍ଗ ପ୍ରଜାପତିର ଦୃଶ୍ୟ ସତରେ କେଡ଼େ ମନଲୋଭା। ସୁନ୍ଦର ଦେଖାଯାଉଥିବା ଏହି ପ୍ରଜାପତି ଏକ ଶଁବାଳୁଆରୁ ସୃଷ୍ଟି ଏକଥା ପ୍ରାୟ ସମସ୍ତେ ଜାଣିଥିବେ। ଜାଣିବା ଏହା ବିଷୟରେ ଆହୁରି ଅନେକ ତଥ୍ୟ...**



➤ପ୍ରଜାପତି ଖୁବ୍ କ୍ଷୁଦ୍ର ଆକାରର ଅର୍ଥାତ୍ ମାତ୍ର ୧–୮ଇଞ୍ଚରୁ ଆରମ୍ଭ କରି ୧୨ ଇଞ୍ଚ ପର୍ଯ୍ୟନ୍ତ ଅଛନ୍ତି। ତେବେ ଆଶ୍ଚର୍ଯ୍ୟର ବିଷୟ, ଏହି କ୍ଷୁଦ୍ରଜୀବ ଘଣ୍ଟା ପ୍ରତି ୧୨ କି.ମି. ପର୍ଯ୍ୟନ୍ତ ବେଗରେ ଉଡ଼ିପାରେ।

➤ପ୍ରଜାପତିର ବୟସସୀମା ଖୁବ୍



କମ୍ ଅର୍ଥାତ୍ ମାତ୍ର ୧–୨ ସପ୍ତାହ। ହେଲେ ବ୍ରିମ୍‌ଷ୍ଟୋନ୍ ପ୍ରଜାପତି ୯–୧୦ ମାସ ପର୍ଯ୍ୟନ୍ତ ବଞ୍ଚିଥାଏ।

➤ପ୍ରଜାପତିର ପକ୍ଷୀ ରଙ୍ଗିନ୍ ହୋଇଥିବାରୁ ମୋଟା ତଥା ଅସ୍ୱଚ୍ଛ ଲାଗିଥାଏ। କିନ୍ତୁ ବାସ୍ତବରେ ଏହାର ପକ୍ଷୀ ଟ୍ରାନ୍ସପରେଣ୍ଟ ବା ସ୍ୱଚ୍ଛ।

➤ପ୍ରଜାପତି ପାଦରେ ସ୍ୱାଦଗ୍ରନ୍ଥି ରହିଛି। ଏହା ସାହାଯ୍ୟରେ ସେମାନେ ନିଜ ଖାଦ୍ୟ ପାଇଁ କେଉଁ ଗଛରେ ଅଧିକ ଶର୍କରା ରହିଛି ମଧ୍ୟ ସନ୍ଧାନ କରନ୍ତି। ମାଈ ପ୍ରଜାପତି ପାଦ ତଳେ ଛୋଟ ଛୋଟ କଣ୍ଟା ରହିଛି, ଯେଉଁଥିରେ ସେ ଗଛରେ ଥିବା କେମିକାଲକୁ ଚିହ୍ନଟ କରି ଉପଯୁକ୍ତ ଗଛ ଚିହ୍ନଟ କରି ସେଥିରେ ଅଣ୍ଡା ଦିଅନ୍ତି।

➤ସେମାନଙ୍କ ମୁହଁରେ ଏକ ଶୁଣ୍ଢ ପରି ଗଠନ ରହିଛି, ଯଦ୍ୱାରା ସେମାନେ ଫୁଲ, ଫଳ ଆଦିରୁ ମହୁ ସଂଗ୍ରହ କରି ଖାଇଥା'ନ୍ତି।

➤ପ୍ରଜାପତିଙ୍କୁ ବଞ୍ଚିବା ଲାଗି ଖଣିଜ ପଦାର୍ଥ ଏବଂ ଲବଣର ଆବଶ୍ୟକତା ହେଉଥିବାରୁ ସେମାନେ ପୋଖରୀରୁ କିମ୍ବା କାଦୁଅ ଥିବା ସ୍ଥାନରୁ ପାଣି ପିଅନ୍ତି।

➤୫୫° ଫାରେନହିଟ୍‌ରୁ କମ୍ ତାପମାତ୍ରାରେ ପ୍ରଜାପତିଙ୍କୁ ଥଣ୍ଡା ଲାଗିଥାଏ, ଫଳରେ ସେମାନଙ୍କୁ ଉଡ଼ିବାରେ କଷ୍ଟ ହୋଇଥାଏ। ତେଣୁ ସେମାନେ ନିଜ ଉଡ଼ିବାରେ ସାହାଯ୍ୟ କରୁଥିବା ମାଂସପେଶୀକୁ ଗରମ କରିବା ଲାଗି ଖୁବ୍ ଜୋରରେ ଥରିଥା'ନ୍ତି କିମ୍ବା ସୂର୍ଯ୍ୟକିରଣର ସାହାଯ୍ୟ ନେଇଥା'ନ୍ତି।

➤ଆଣ୍ଟାର୍କଟିକା ମହାଦେଶରେ ପ୍ରଜାପତି ଦେଖାଯାଆନ୍ତି ନାହିଁ।

# କ୍ଷମା...

**ଜୀବନରେ ବେଳେବେଳେ ଏମିତି ବି ପରିସ୍ଥିତି ଆସେ, ଯେଉଁଠି କ୍ରୋଧ ବା ରାଗ ଟପିଯାଏ ସବୁ ସୀମା । ଆଉ ଏଥିପାଇଁ ପାଟିରୁ ଏମିତି କିଛି କଥା ବାହାରିଆସେ କିମ୍ବା ଭୁଲ୍ ବୁଝାମଣାରେ ମନାନ୍ତର ଏତେ ବଢ଼ିଯାଏ ଯେ, ଯାହା କ୍ଷଣକେ ଭାଙ୍ଗିଦିଏ ପ୍ରିୟଜନଙ୍କ ସହ ସମ୍ପର୍କ। ହେଲେ ପରବର୍ତ୍ତୀ ସମୟରେ ଏହି ବୋଝ ମନକୁ ଭିତରେ ଭିତରେ ଖୁବ୍ କଷ୍ଟଦିଏ ଆଉ ଏଥିପାଇଁ ପଶ୍ଚାତ୍ତାପ କରିବାକୁ ବି ପଡ଼େ। ଏମିତିରେ କ୍ଷମା ମାଗିନେବା ଏବଂ ଅପରପକ୍ଷ ସବୁକିଛି ଭୁଲି କ୍ଷମା ଆଚରିନେବା ଦ୍ୱାରା ପୁଣି ଥରେ ଦୃଢ଼ ହୋଇଯାଏ ସମ୍ପର୍କର ଖିଅ...**



କୁହାଯାଏ କ୍ରୋଧ ମଣିଷର ଏମିତି ଏକ ଶତ୍ରୁ, ଯାହା ନିଜ ସହ ଅନ୍ୟକୁ ବି କ୍ଷତି ପହଞ୍ଚାଇଥାଏ। ଏଥିପାଇଁ କେବେକେବେ ବନ୍ଧୁତାର ସମ୍ପର୍କ ହେଉ ଅବା ପରିବାର କିମ୍ବା ଅନ୍ୟ କାହା ସହ ଭୁଲ୍ ବୁଝାମଣା କିମ୍ବା ଝଗଡ଼ା ହୋଇଯାଏ। ଆଉ ଏମିତିରେ କ୍ରୋଧବଶତଃ କାହା ସହ ଝଗଡ଼ା କରିବା କିମ୍ବା କାହାକୁ କିଛି କହିଦେବା ହେଉ ଅବା କୌଣସି ଭୁଲ୍ ବୁଝାମଣାବଶତଃ ମନାନ୍ତର ହୋଇ କଥାବାର୍ତ୍ତା ବନ୍ଦ ହୋଇଯାଏ। ହେଲେ ଏହାଦ୍ୱାରା ସବୁବେଳେ ସମ୍ପର୍କରେ ତିକ୍ତତା ବୃଦ୍ଧିପାଏ। କିନ୍ତୁ ଯେଉଁମାନେ ନିଜର ଭୁଲ ବୁଝି ଯଥା ସମୟରେ ଏଥିପାଇଁ ଅନୁତାପ କରି କ୍ଷମା ମାଗିନିଅନ୍ତି ଏବଂ ଅପରପକ୍ଷ ସବୁ କିଛି ଭୁଲି କ୍ଷମା କରିଦିଅନ୍ତି, ସେଠାରେ ସମ୍ପର୍କ ପୁନର୍ବାର ପୂର୍ବପରି ଗଢ଼ିଉଠେ।





**ଦିଏ ମାନସିକ ଶାନ୍ତି:** କେବେକେବେ କୌଣସି ଅପ୍ରୀତିକର ପରିସ୍ଥିତି, ଭୁଲ୍ ବୁଝାମଣା, ଝଗଡ଼ା ଭଳି କାରଣରୁ କେହି ଆପଣଙ୍କୁ ମାନସିକ ଆଘାତ ଦେଇଥା'ନ୍ତି ଏବଂ ଆପଣ ସମ୍ପୂର୍ଣ୍ଣ ଭାବେ ତାଙ୍କଠାରୁ ବିମୁଖ ହୋଇଯାଆନ୍ତି। କିନ୍ତୁ ପୁନର୍ବାର ପରବର୍ତ୍ତୀ ସମୟରେ ପରିସ୍ଥିତି ସୁଧାରିବା ଲାଗି ଚାହାନ୍ତି, ପ୍ରଥମେ ଆପଣ ତାଙ୍କୁ କ୍ଷମା କରିବା ଦରକାର। କାରଣ ଯେଉଁ ପର୍ଯ୍ୟନ୍ତ ଜିଦ୍ କିମ୍ବା ରାଗକୁ ମନ ଭିତରେ ସାଇତି ରଖିଥିବେ ସେ ପର୍ଯ୍ୟନ୍ତ ମନ ଆବଦ୍ଧ ବା ବନ୍ଧନ ଭିତରେ ରହି ଭୁଲ୍ ଠିକ୍‌ର ବିଚାର କରିପାରିବ ନାହିଁ। ଏମିତିରେ ସମ୍ପର୍କ ସୁଧୁରିବା ବଦଳରେ ଦିନକୁ ଦିନ ଖରାପ ହେବ। ହେଲେ ଥରେ ଏସବୁ ଭୁଲି ହୃଦୟର ସହ କ୍ଷମା ମାଗିବା ଏବଂ ଅପରପକ୍ଷ କ୍ଷମା କରିଦେବା ଦ୍ୱାରା ମନ ହାଲୁକା ହୋଇଯାଏ ଏବଂ ଏକ ବନ୍ଧନମୁକ୍ତ ଅନୁଭବ ସୃଷ୍ଟି ହୋଇଥାଏ।

**ସ୍ୱାସ୍ଥ୍ୟ ଉପରେ ପକାଏ ସୁପ୍ରଭାବ:** ଜନ୍ ହପ୍‌କିନ୍ସ ସ୍କୁଲ ଅଫ୍ ମେଡିସିନର ବିଶେଷଜ୍ଞ କାରେନ୍ ସ୍ୱାର୍ଜଙ୍କ ଏକ ଗବେଷଣା ରିପୋର୍ଟ ମୁତାବକ, କାହାଦ୍ୱାରା ଗଭୀର ମାନସିକ ଆଘାତ ପାଇବା ଯୋଗୁ ମନସ୍ତାପରେ ରହିବା କିମ୍ବା ରାଗିବା ଦ୍ୱାରା ଶରୀରରେ ବିଭିନ୍ନ ପ୍ରତିକ୍ରିୟା ଘଟିଥାଏ। ଅନିୟମିତ ରକ୍ତପ୍ରବାହ, ରକ୍ତଚାପରେ ପରିବର୍ତ୍ତନ ଇତ୍ୟାଦି ଯୋଗୁ ଅବସାଦ, ମଧୁମେହ ଏବଂ ହୃଦ୍‌ଘାତ ଭଳି ସମସ୍ୟାର ବି ଆଶଙ୍କା ବଢ଼ିଥାଏ। ହେଲେ ଏଭଳି ପରିସ୍ଥିତିରେ କ୍ଷମା ଆଚରଣ ଦ୍ୱାରା ପରିସ୍ଥିତି ସୁଧୁରିବା, ସମ୍ପର୍କ ମଜଭୁତ ହେବା ସହ ମନ ଚାପ ଓ ଅବସାଦମୁକ୍ତ ହୋଇ ଖୁସିହେବା ଯୋଗୁ ଶରୀର ମଧ୍ୟ ସୁସ୍ଥ ରହିଥାଏ।

**ମନେରଖନ୍ତୁ...**

❖କାହାକୁ କ୍ଷମା କରି ପରିସ୍ଥିତି ସୁଧାରିବାକୁ ଚାହୁଁଥିଲେ ପ୍ରଥମେ ନିଜ ମନକୁ ପ୍ରସ୍ତୁତ କରନ୍ତୁ ଏବଂ ହୃଦୟର ସହ କ୍ଷମା କରନ୍ତୁ। ଅନ୍ୟକୁ ନିନ୍ଦା କରିବା କିମ୍ବା ବିରୋଧରେ ଗପିବା ଭଳି କାର୍ଯ୍ୟ ଆଦୌ କରନ୍ତୁ ନାହିଁ। କାରଣ ଏହା ଦୁର୍ବଳମନା ଏବଂ ଖଳପ୍ରକୃତିର ପରିଚୟ ଦେଇଥାଏ। ତା'ଛଡ଼ା ଏଭଳି ପରିସ୍ଥିତିର ଅନ୍ୟମାନେ ସୁଯୋଗ ନେଇ ସମ୍ପର୍କକୁ ଆହୁରି ଖରାପ କରିପାରନ୍ତି।

❖ଜଣକୁ କ୍ଷମାକରି ଆଗକୁ ବଢ଼ିବାର ନିଷ୍ପତ୍ତି ନେବା ମାତ୍ରେ ଅତୀତର କେଉଁ ଘଟଣା ଲାଗି ମନୋମାଳିନ୍ୟ ହୋଇଥିଲା ତାହାକୁ ସମ୍ପୂର୍ଣ୍ଣ ଭାବେ ଭୁଲିଯାଆନ୍ତୁ। ଏ ସମ୍ପର୍କରେ ପୁନର୍ବାର ଆଲୋଚନା ମଧ୍ୟ କରନ୍ତୁ ନାହିଁ। କାରଣ ଏହାଦ୍ୱାରା ପରସ୍ପର ମଧ୍ୟରେ ପୁନର୍ବାର ମନୋମାଳିନ୍ୟ ହେବାର ଆଶଙ୍କା ଥାଏ। ତା'ଛଡ଼ା ଏହାଦ୍ୱାରା ଅପରପକ୍ଷକୁ ଅପମାନବୋଧ କରାଇବା ସହ କଥା ହେବାକୁ ସଙ୍କୋଚ ଲାଗିପାରେ।







## ୟୁଥ୍ ଆଲର୍ଟ

# ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଧୂମପାନ

**ବର୍ତ୍ତମାନ ଅନେକ ଯୁବତୀ ଯୁବକଙ୍କ ପାଇଁ ସିଗାରେଟ୍ ଟାଣିବା କିମ୍ବା ତମାଖୁ ସେବନ କରିବା ଯେମିତି ଏକ ଫ୍ୟାଶନ୍ ହୋଇଗଲାଣି। ହେଲେ ଆପଣ ଜାଣିନ୍ତି କି, ଧୂମପାନ ଏବଂ ତମାଖୁସେବନ ଭଳି ବଦଭ୍ୟାସ ଧୀରେ ଧୀରେ ଶରୀରର ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗକୁ ନଷ୍ଟ କରିଦେବା ସହ ବିଭିନ୍ନ ରୋଗ ସୃଷ୍ଟି କରିଥାଏ। ତେଣୁ ସୁସ୍ଥ ରହିବା ଲାଗି ଏଥିରୁ ଦୂରେଇ ରହିବା ଆବଶ୍ୟକ...**

★ସିଗାରେଟ୍‌ରେ ହାରାହାରି ୪୦୦୦ ପ୍ରକାରର ରାସାୟନିକ ପଦାର୍ଥ ବା' କେମିକାଲ୍ସ ଥାଏ। ଯାହା ମଧ୍ୟରୁ ନିକୋଟିନ୍ ସ୍ୱାସ୍ଥ୍ୟ ପ୍ରତି ଖୁବ୍ ହାନିକାରକ। ଏହା ବ୍ୟତୀତ ବହୁ ପ୍ରକାରର କ୍ୟାନ୍‌ସର୍ ରୋଗ ସୃଷ୍ଟି କରୁଥିବା କାର୍‌ସିନୋଜେନ୍ସ ଏବଂ ଅନ୍ୟ ବିଷାକ୍ତ ପଦାର୍ଥ ଥାଏ।

★ଧୂଆଁରେ ଥିବା କାର୍ବନ୍ ମନୋକ୍ସାଇଡ, ସିଲିଟକ୍ସିନ୍‌ସ ଏବଂ ଅନ୍ୟ କେମିକାଲଗୁଡ଼ିକ ଶ୍ୱାସକ୍ରିୟାରେ ବ୍ୟାଘାତ ସୃଷ୍ଟି କରିଥା'ନ୍ତି। ସିଗାରେଟ୍‌ରେ ଥିବା ଧୂଆଁ ମଣିଷର ମୁଖ ଓ ଶ୍ୱାସନଳୀ ଦେଇ ଯାଇ ଫୁସ୍‌ଫୁସ୍ ମାଧ୍ୟମରେ ରକ୍ତରେ ମିଶିଥାଏ ଏବଂ ଦେହର ବିଭିନ୍ନ ପ୍ରକାର ରୋଗ ଯଥା ହୃଦ୍‌ରୋଗ, ଫୁସ୍‌ଫୁସ୍ ରୋଗ ଏବଂ ଫୁସ୍‌ଫୁସ୍ କ୍ୟାନ୍‌ସର୍ ଆଦି ସୃଷ୍ଟି କରିଥାଏ।

★ଏହାଛଡ଼ା ସ୍ୱରଯନ୍ତ୍ର, ଖାଦ୍ୟନଳୀ, ପାଟି, ପାକସ୍ଥଳୀ, ଅଗ୍ନ୍ୟାଶୟ, ଅନ୍ତନଳୀ, ମଳଦ୍ୱାର, ଯକୃତ, ପରିସ୍ରାଗାର, ବୃକ୍କ, ଜରାୟୁଗ୍ରୀବା ଏବଂ ସ୍ତନକର୍କଟ ରୋଗ ମଧ୍ୟ ହୋଇଥାଏ।





★ତମାଖୁ, ଦୋକ୍ତା ଓ କଡ଼ାପାନ ଖାଇଲେ ଏବଂ ତା'ର ରସ ପିଇଲେ, ପାଟିରେ ଥିବା ଶ୍ଲୈଷ୍ମିକ ଝିଲ୍ଲୀ ଦେଇ ରସ ଶୋଷି ହୋଇଯାଏ। ଏଥିରେ ପାଟି ଭିତରେ କ୍ଷତ ସୃଷ୍ଟିହୁଏ ଏବଂ କ୍ରମେ ପାଟିରେ କ୍ୟାନ୍‌ସର୍ ରୋଗ ସୃଷ୍ଟି ହୋଇଥାଏ। ଧୂମପାନ ଦ୍ୱାରା ରକ୍ତରେ ଟକ୍ସିନ ବା ବିଷ ମିଶି ଧମନୀ ଭିତର ପାର୍ଶ୍ୱରେ ଚର୍ବି ସୃଷ୍ଟି ହୋଇ ଧମନୀକୁ ଅଣଓସାରିଆ କରିଦିଏ। ଯୁବାବୟସରେ ଅନେକଙ୍କର ରକ୍ତଚାପ ବୃଦ୍ଧି ସହ ହୃଦ୍‌ରୋଗ, କରୋନାରୀ ଧମନୀ ଜନିତ ରୋଗ ଏବଂ ହଠାତ୍ ମୃତ୍ୟୁ ହୋଇଥାଏ (ସଡନ୍ ଡେଥ୍ ସିଣ୍ଡ୍ରୋମ୍)।

★ଯୁବତୀମାନଙ୍କର ମଧ୍ୟ ଶ୍ୱାସ ଓ ଫୁସ୍‌ଫୁସ୍ ସଂକ୍ରମଣ ସହ ଅନିୟମିତ ଋତୁସ୍ରାବ ଏବଂ ବନ୍ଧ୍ୟାଦୋଷ ଆଦି ଦେଖାଦେଇଥାଏ।

★ଯୁବାବସ୍ଥାରେ ଧୂମପାନ କଲେ ପୁରୁଷମାନଙ୍କର ମଧ୍ୟ ବନ୍ଧ୍ୟାଦୋଷ ହୋଇଥାଏ।

★ତେବେ ଧୂମପାନ କରୁଥିବା ବ୍ୟକ୍ତିଙ୍କ ଯୋଗୁ ଆଖପାଖରେ ଥିବା ଅନ୍ୟମାନେ ମଧ୍ୟ ପ୍ରଭାବିତ ହୋଇଥା'ନ୍ତି ଅର୍ଥାତ୍ ସେମାନେ ନିଷ୍କ୍ରିୟ ଧୂମପାନର ଶିକାର ହୋଇ ଶ୍ୱାସରୋଗ ଓ ଫୁସ୍‌ଫୁସ୍ ସଂକ୍ରମଣ ଭୋଗିଥା'ନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଶ୍ରେୟାଲିନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପାରୁଲ ଚୌଧାରୀଙ୍କୁ ଷ୍ଟିପଲ ଚେଜ୍ ଟାଇଟଲ

**ନ୍ୟୁୟର୍କ, ୨୦।୫ (ପି.ଟି.):** ଏଠାରେ ଚାଲିଥିବା ଟ୍ରାକ୍ ନାଇଟ୍ ଏନ୍‌ୱାଇସି ମହିଳା ୩୦୦୦ ମିଟର ଷ୍ଟିପଲଚେଜ୍ ଇଭେଣ୍ଟରେ ଭାରତର ପାରୁଲ ଚୌଧାରୀ ଟାଇଟଲ ବିଜୟୀ ହୋଇଛନ୍ତି। ୨୮ବର୍ଷୀୟ ଚୌଧାରୀ ୯:୪୧.୮୮ ଟାଇମିଂରେ ରେସ୍ ଶେଷ କରିଥିଲେ। ଏହା ହେଉଛି ଗତବର୍ଷ ବିଶ୍ୱ ଚାମ୍ପିୟନଶିପ୍‌ରେ ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ୯:୩୮.୦୯ଠାରୁ ୩ସେକେଣ୍ଡ ଅଧିକ। ଅନ୍ୟପକ୍ଷରେ ଇକାହନ ଷ୍ଟାଡିୟମରେ ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ଲେଭଲ ଇଭେଣ୍ଟରେ ଲିଲି ଦାସ ମହିଳା ୧୫୦୦ମିଟର ରେସ୍ ୪:୧୫.୨୩ ଟାଇମିଂରେ ଶେଷ କରି ୩ୟ ହୋଇଛନ୍ତି। ଲସ୍ ଆଞ୍ଜେଲ୍ସଠାରେ ଅନୁଷ୍ଠିତ ସାଉଣ୍ଡ ରନିଂ ଟ୍ରାକ୍ ଫେଷ୍ଟିଭାଲର ମହିଳା ୫୦୦୦ ମିଟରରେ ସେ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିଲେ।

୫ମ ଜନ୍ମବାର୍ଷିକ ଶୁଭେଚ୍ଛା



ଶ୍ରେୟାଲିନ୍ ରାଉତ
ଜଗତପୁର, ଇମାମ୍ ନଗର, (କଟକ)
ତୋର ପ୍ରତିକ୍ଷଣ ପ୍ରତି ମୁହୂର୍ତ୍ତକୁ ଜଗା କରୁ ନିରୀକ୍ଷଣ, ଚଲାପଥ ତୋର ହେଉ କୁସୁମିତ, ସାହା ତତେ ସେହି କଳାବଦନ ।
ଶୁଭେଚ୍ଛା ସହ: ଅଜା, ଆଈ, ମାମୁ, ବାବା-ମାମା, ଜେଜେ-ଜେଜେମା, ଦାଦା, ଗୁଡୁଲି, ପିଙ୍କନ, ଲୁସି, ସୁସିଆ, ଗୁଡୁଲ, ଶ୍ରୀ, ସାଇନା, ବାବୁ।
ଧ-୦୩୯୧

CLASSIFIED DISPLAY ALL EDITION - B/W (Everyday)
MORE SPACE * SAME PRICE
for Booking Contact 0674-2580385

OFFTC ENTERPRISE BHUBANESWAR
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡଲୋନ୍
Time : 10 AM to 6 PM
Ph: (0674) 2916695, 2916696

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଓଡ଼ିଶାରୁ ୧୪୧ ପ୍ରତିନିଧିତ୍ୱ କରିବେ



ଉତ୍ତର ପ୍ରଦେଶରେ ହେବାକୁ ଯାଉଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ କିଟ୍‌ରୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବା ଖେଳାଳି ଓ ଅଫିସିଆଲ।

## କିଟ୍‌ରୁ ୭୧, ସମ୍ବଲପୁରରୁ ୬୫ ଓ ଉତ୍କଳରୁ ୫ ଭାଗନେବେ

**ଭୁବନେଶ୍ୱର, ୨୦।୫ (କ୍ରୀଡ଼ା ପ୍ରତିନିଧି)**

ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ଓ ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ଆନୁକୂଲ୍ୟରେ ଉତ୍ତର ପ୍ରଦେଶର ବିଭିନ୍ନ ସହରରେ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ତୃତୀୟ ସଂସ୍କରଣ ଚଳିତ ମାସ ୨୫ରୁ ଆରମ୍ଭ ହେବାକୁ ଯାଉଛି। ଏହା ଜୁନ୍ ୩ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ମୋଟ ୧୪୧ ପ୍ରତିନିଧି ଦଳ ଅଂଶଗ୍ରହଣ କରିବେ। ସେଥିରେ କେବଳ କିଟ୍ ବିଶ୍ୱବିଦ୍ୟାଳୟର ୭୧ ଜଣ ସାମିଲ। ଅଂଶଗ୍ରହଣକାରୀ ୧୪୧ ଜଣଙ୍କ ମଧ୍ୟରେ ୧୧୯ ଆଥ୍‌ଲେଟ ଓ ୨୨ ସପୋର୍ଟ ଷ୍ଟାଫ୍ ରହିଛନ୍ତି। ଓଡ଼ିଶା ପ୍ରତିଯୋଗୀମାନେ ରାଜ୍ୟର ୩ ବିଶ୍ୱବିଦ୍ୟାଳୟ(କିଟ୍, ସମ୍ବଲପୁର, ଉତ୍କଳ)ରୁ ପ୍ରତିନିଧିତ୍ୱ କରିବେ। କିଟ୍ ବିଶ୍ୱବିଦ୍ୟାଳୟରୁ ଭାଗ ନେବାକୁ ଯାଉଥିବା ୭୧ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ୫୮ ଆଥ୍‌ଲେଟ ଓ ୧୩ ସପୋର୍ଟ ଷ୍ଟାଫ୍ ସାମିଲ ଅଛନ୍ତି। ରଗ୍‌ବୀ, ଟେନିସ, ଯୋଗାଶନ, ଭାରୋତ୍ତୋଳନ, ଆଥ୍‌ଲେଟିକ୍ସ ଇଭେଣ୍ଟର ମହିଳା ଓ ପୁରୁଷ ଏବଂ ରୋଇଂର ମହିଳା ବିଭାଗରେ ଏହି ବିଶ୍ୱବିଦ୍ୟାଳୟର ପ୍ରତିନିଧିତ୍ୱ ରହିବ। ସେହିପରି ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ୬୫ (୫୮ ଆଥଲେଟ୍ ଓ ୭ ସପୋର୍ଟ ଷ୍ଟାଫ୍) ଜଣ ଆଥ୍‌ଲେଟିକ୍ସ, ହକିର ମହିଳା ଓ ପୁରୁଷ ଏବଂ ଫୁଟବଲ ଇଭେଣ୍ଟର ମହିଳା ବିଭାଗରେ ଭାଗନେବେ। ଉତ୍କଳ ବିଶ୍ୱବିଦ୍ୟାଳୟରୁ ମୋଟ ୫ (୩ ଆଥ୍‌ଲେଟ ଓ ୨ ସପୋର୍ଟ ଷ୍ଟାଫ୍) ଜଣ ଆଥ୍‌ଲେଟିକ୍ସ ସୁଇମିଂ ବିଭାଗରେ ଭାଗନେବେ। ଓଡ଼ିଶାରୁ ଭାଗ ନେବାକୁ ଯାଉଥିବା ପ୍ରତିଯୋଗୀଙ୍କ ମଧ୍ୟରେ କିଟ୍‌ର ବିକ୍ରାନ୍ତ ମଲିକ, ପ୍ରଜ୍ଞା ପ୍ରଶାନ୍ତି ସାହୁ ଓ ଲାଲୁ ପ୍ରସାଦ ଭୋଇ, ସମ୍ବଲପୁରର ସ୍ୱାଧୀନ ମାଝି ଏବଂ ଉତ୍କଳର ପ୍ରତ୍ୟାଶା ରାୟ ବ୍ୟକ୍ତିଗତ ବିଭାଗରେ ପଦକ ଦାବିଦାର ଅଛନ୍ତି। ସେହିପରି ଦଳଗତ ବିଭାଗରେ କିଟ୍ ରଗ୍‌ବୀ ମହିଳା ଓ ପୁରୁଷ ଦଳ, ଟେନିସ ମହିଳା ଓ ପୁରୁଷ ଦଳ, ଯୋଗାଶନ ମହିଳା ଦଳ ଏବଂ ସମ୍ବଲପୁର ହକି ମହିଳା ଓ ପୁରୁଷ ଦଳ ମଧ୍ୟ ପଦକ ଜିତିବା ସମ୍ଭାବନା ରହିଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଅଂଶଗ୍ରହଣ କରିବାକୁ ଯାଉଥିବା ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ପୋଖରୀରେ ବୁଡ଼ି ପୂର୍ବତନ କ୍ରିକେଟର ଭବତୋଷଙ୍କ ଅକାଳ ବିୟୋଗ

**ରଣପୁର (ସ୍ୱ.ପ୍ର.)/ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି), ୨୦।୫**



ନୟାଗଡ଼ ଜିଲା ରଣପୁର ବିସି ହାଇସ୍କୁଲର ଖେଳ ଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଟାଙ୍କୋଳ ଗ୍ରାମର ଭବତୋଷ ପରମାଣିକଙ୍କ ଶନିବାର ଅକାଳ ବିୟୋଗ ଘଟିଛି। ୨୭ ବର୍ଷୀୟ ଭବତୋଷ ନିଜ ଗ୍ରାମ ମୁଣ୍ଡରେ ଥିବା ପୋଖରୀକୁ ମଧ୍ୟାହ୍ନରେ ଗାଧୋଇବାକୁ ଯାଇଥିବା ବେଳେ ଭାରସାମ୍ୟ ହରାଇ ବୁଡିଯାଇଥିଲେ। ଏନେଇ ଗ୍ରାମରେ ଶୋକାକୁଳ ପରିବେଶ ଦେଖାଦେଇଛି। ଏହି ଖବର ପାଇ ପରିବାର ଲୋକଙ୍କ ସହିତ ଗ୍ରାମବାସୀମାନେ ତାଙ୍କୁ ସେଠାରୁ ଉଦ୍ଧାର କରି ଚିକିତ୍ସା ପାଇଁ ଖୋର୍ଦ୍ଧା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ଅନୁଯାୟୀ ଟାଙ୍କୋଳ ଗ୍ରାମର ଭବତୋଷ ପରମାଣିକ ରଣପୁର ବିସି ହାଇସ୍କୁଲରେ ୨୦୨୧ ଡିସେମ୍ବର ମାସରେ ଖେଳ ଶିକ୍ଷକ ଭାବେ ନିଯୁକ୍ତି ପାଇଥିଲେ । ଏହା ସହିତ ସେ ଏନ୍‌ସିସି ଛାତ୍ରୀଛାତ୍ରମାନଙ୍କୁ ଟ୍ରେନିଂ ଦେଉଥିଲେ। ସେ ଅତ୍ୟନ୍ତ ନିଷ୍ଠାପର, ଛାତ୍ରବତ୍ସଳ, ପରୋପକାରୀ ଥିଲେ। ଖୋର୍ଦ୍ଧା ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପରେ ଗ୍ରାମକୁ ଅଣାଯାଇ ପୁରୀରେ ଶବ ସତ୍କାର କରାଯିବ। ଏ ନେଇ ରଣପୁର ବ୍ରଜେନ୍ଦ୍ର ଚନ୍ଦ୍ର ହାଇସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଶୋକାକୁଳ ପରିବେଶ ଦେଖାଦେଇଛି। ପ୍ରକାଶଯୋଗ୍ୟ ଯେ ପରମାଣିକ ଜୁନିୟର ସ୍ତରରେ ଜଣେ ପ୍ରତିଭାସମ୍ପନ୍ନ କ୍ରିକେଟର ଥିଲେ। ସେ ୧୬ ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି, ୧୯ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫି ଏବଂ ୨୩ ବର୍ଷରୁ କମ୍ କ୍ରିକେଟରେ ଓଡ଼ିଶାର ପ୍ରତିନିଧିତ୍ୱ କରିଥିଲେ। ତାଙ୍କ ପରଲୋକରେ ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି।

# ପୂର୍ବତନ ଫୁଟ୍‌ବଲର ସୁରେଶ ସାମଲଙ୍କ ପରଲୋକ

**ଭୁବନେଶ୍ୱର, ୨୦।୫ (କ୍ରୀଡ଼ା ପ୍ରତିନିଧି)**



ପୂର୍ବତନ ଫୁଟବଲ ଖେଳାଳି ସୁରେଶ ଚନ୍ଦ୍ର ସାମଲଙ୍କର ଶୁକ୍ରବାର କଟକଠାରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୩ ବର୍ଷ ହୋଇଥିଲା। କିଛିଦିନ ଧରି ସେ ଅସୁସ୍ଥ ଥିଲେ। ସୁରେଶ ଓଡ଼ିଶା ପକ୍ଷରୁ ଜାତୀୟ ଫୁଟବଲ ସନ୍ତୋଷ ଟ୍ରଫିରେ ଦୀର୍ଘଦିନ ପ୍ରତିନିଧିତ୍ୱ କରିଥିଲେ। ତାଙ୍କର ସ୍ତ୍ରୀ ଓ ଏକ ପୁଅ ଅଛନ୍ତି। ତାଙ୍କ ପରଲୋକରେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଗଭୀର ଶୋକପ୍ରକାଶ କରାଯାଇଛି।

Classified Everyday
0674-2580101, 2549949


MATRIMONIAL

BRIDE WANTED

ଭୁବନେଶ୍ୱର ବାସିନ୍ଦା 51 ବୟସ୍କା Doctor, Widower 2ଟି ସନ୍ତାନ, ଧୋବା ଜାତିର ପୁଅଙ୍କୁ ଯେକୌଣସି ଜାତିର ଝିଅ ଦରକାର। 6371586968. D-0399

GROOM WANTED

43 ବୟସ୍କା ଏକାକୀ ରହୁଥିବା କରଣ ଜାତିର ଝିଅଙ୍କୁ Widower, married, unmarried anycaste ପୁଅ ଦରକାର। 6371049105. D-0398

Infosys Software Engineer Pune girl 34 years, caste Potter. 9437004169. D-73766


REAL ESTATE

SALE

ଭୁବନେଶ୍ୱର ତ୍ରିଶୁଳିଆରେ Boundary, Road ଥାଇ General plot-1800/-, SC-1350/- 7855818549. D-74861

ଭୁବନେଶ୍ୱର କାଟେଣୀ ନିକଟରେ Bank Loanରେ ପ୍ଲଟ୍ sqft.-980/-ରେ ମିଳୁଛି। 9439668575. D-74850

ଭୁବନେଶ୍ୱର କଟକ ରୋଡ୍ ହଂସପାଳ ଛକ ନିକଟ ଭାରତ ଭିଲ୍ଲା କଲୋନୀ ଭିତରେ ଅତିଶୀଘ୍ର ଘର କରିବା ଯୋଗ୍ୟ ଘରବାଡ଼ି ୟେଲୋକୋନ୍ ପ୍ଲଟ୍ ବିକ୍ରୟ ହେବ। ବ୍ୟାଙ୍କଲୋନ୍ ସୁବିଧା ଅଛି। 9438220432, 8144658008. D-0390

For sale 5BHK semi furnished flat with 5 baths, big balcony & 2 covered parking space at prime location near Esplanade Mall, Rasulgarh. Contact 9337441300 / 9707928723. D-0394

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର-1200sqft. 3,00,000/-, ନଖରା-300/- 6371569855. D-74863

**Gharabari land for sale near Barunei, Khurda. Only genuine buyer contact on 6371543787.** D-0374

Duplex sale at Bhubaneswar @ 55 lakhs only. Contact: 9777433701. D-74864

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**A gharabari plot with 5 feet compound wall, steel gate, 10feet Coconut Tree 4 sides of 6000sft. NH side Adaspur road 6 K.M. from Phulanakhara, 11K.M. to BBSR, Middle of CTC & BBSR in a Complex with high profile Atmosphere & Educated 7 Families with electricity & water supply. If u want self independent & peacefully life. 7809525452.** D-74684

Resale flat 1650sqft., 2nd Floor, near Old Station Square, opposite Budhheswari Temple, Cuttack Puri road, Bhubaneswar. Contact: 9439716901. D-74544

8500sqft. 2nd plot from NH (200ft. wide road) crossing Tankapani Road, 2kms. from Rabi Talkies, Bhubaneswar. 9437004169. D-73765


**ISO 9001-2015 ସ୍ୱୀକୃତିପ୍ରାପ୍ତ କମ୍ପାନୀରୁ ନିଜ ମନ ପସନ୍ଦର ପ୍ଲଟ୍ / ଘର କିଣିବା ସହିତ ମାସିକ ରୋଜଗାରର ସୁବିଧା ପାଆନ୍ତୁ । ପ୍ରଥମ ୧୦୦ ଜଣଙ୍କୁ ଅଗ୍ରାଧିକାର ଦିଆଯିବ । ନାମ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ- 8658992600.** D-74851

Finished 4BHK Duplex Bunglow, Botanda Sundarpada, Bhubaneswar Ranging 98,000,00/-, Contact- Rakesh. 9861125539. 9040521173. D-73764


CONSTRUCTION

**Construct your Dream home @460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact: The Engineering Pvt., Ltd. 9439856856.** D-0206

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Commercial space on NH-16, Bhubaneswar area- 2100sqft. suitable for Bank, Showroom, Office. Mob: 9437027289, 9937650390. D-0400

Ground floor 1800 sqft. Hall & second floor 600 sqft. Hall available on NH in Uttara Square (Bhubaneswar). Contact Mob No- 7978097047. D-0387




Newly open health benefits SPA special offer @799, Master Canteen. 9124527173. D-75107

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Spa full Body Massage only best therapist Gents & ladies@799/- Bhubaneswar. Kajal-9337672475. D-0397

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74685

Full body massage in homely atmosphere in all therapy. Mob: 8114881641. D-73431

**Full Body Massage by Experience Therapist @999 Only- 9078484455. (Bhubaneswar).** D-0339

Newly open health benefits SPA special offer @ 799 Jaydev Vihar. 8018429809. D-75106

**Relax, Refresh your body, Mind at Saikrupa Spa with best therapies. 8984068077.** D-0282

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

ମନେ ପଡ଼ନ୍ତି


ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



✓ ସତ୍ୟଭାମା ତ୍ରିପାଠୀ
୫୬୨-ଏକାମ୍ରବିହାର, ଭୁବନେଶ୍ୱର
ଆବିର୍ଭାବ-୧୪.୦୭.୧୯୪୫
ତିରୋଧାନ-୧୧.୦୬.୨୦୨୧
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ନିଷ୍ଠା ଆମର ସର୍ବଦା ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକ ସନ୍ତପ୍ତ :
ପୁତ୍ର, ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ପରିବାର ବର୍ଗ, ଆତ୍ମୀୟସ୍ୱଜନ ଏବଂ କର୍ମଚାରୀବୃନ୍ଦ
ସୌଜନ୍ୟ - ଗଣେଶ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍‌ନୋଲୋଜି (ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସ)
ଧ-୦୩୯୬

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଁଠ କରନ୍ତୁ।
BHIM UPI
ଦେୟ ପେଁଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ପାକିସ୍ତାନ ହକି କୋଚ୍‌ଙ୍କ ଇସ୍ତଫା


ସିଗ୍‌ଫ୍ରିଡ୍ ଏକ୍‌ମାନ

**କରାଚୀ, ୨୦।୫ (ପି.ଟି.)**

ବାର ମାସ ହେଲା ବେତନ ପାଇ ନ ଥିବାରୁ ପାକିସ୍ତାନ ହକି କୋଚ୍ ସିଗ୍‌ଫ୍ରିଡ୍ ଏକ୍‌ମାନ ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ଏକ୍‌ମାନ ଗତବର୍ଷ ଜାତୀୟ ଦଳରେ ଯୋଗ ଦେଇଥିଲେ। ସେ ବିଧିବଦ୍ଧ ତାଙ୍କ ପଦବୀରୁ ଇସ୍ତଫା ଦେଇଥିବା ସୋସିଆଲ ମିଡିଆରେ ଘୋଷଣା କରିଛନ୍ତି। ବେତନକୁ ନେଇ ବିବାଦ ଯୋଗୁ ଏକ୍‌ମାନ ଗତବର୍ଷ ଶେଷଭାଗରେ ନିଜ ଦେଶକୁ ଫେରିଯାଇଥିଲେ। ହେଲେ ବକେୟା ବେତନ ପାଇବା ଅପେକ୍ଷାରେ ଇସ୍ତଫା ଦେଇ ନ ଥିଲେ। ମାତ୍ର କୌଣସି ସୁଫଳର ଆଶା ନ ଥିବା ଜାଣିବା ପରେ ସେ ଇସ୍ତଫା ଦେବାକୁ ବାଧ୍ୟ ହୋଇଛନ୍ତି। କୌତୂହଳର ବିଷୟ ଏକ୍‌ମାନ ପାକିସ୍ତାନ ହକି ଫେଡେରେଶନ (ପିଏଚ୍‌ଏଫ୍)କୁ ତାଙ୍କର ଇସ୍ତଫା ଦେବା ସମୟରେ ଅନ୍ୟ ଜଣେ ଡଚ୍ (ନେଦରଲାଣ୍ଡ୍ସ) କୋଚ୍ ରେଲାଣ୍ଟ ଓଲ୍ଟମାନ୍ସ ପାକିସ୍ତାନରେ ପହଞ୍ଚିଛନ୍ତି। ସେ ଜାତୀୟ ଜୁନିୟର ଦଳ ସହ ମସ୍କାଟ ଯିବେ, ଯେଉଁଠାରେ ରବିବାରଠାରୁ ଏସିଆ ଜୁନିୟର କପ୍ ଅନୁଷ୍ଠିତ ହେବ। ଓଲ୍ଟମାନ୍ସଙ୍କ ବେତନ କିଏ ଦେବ ଅବା ଏକମାନ୍‌ଙ୍କ ବକେୟା ଦରମା କିଏ ଦେବ ତାହା ପିଏଚ୍‌ଏଫ୍ ସ୍ପଷ୍ଟ କରି ନାହିଁ। ସୂଚନାଯୋଗ୍ୟ, ପାକିସ୍ତାନ ସ୍ପୋର୍ଟ୍ସ ବୋର୍ଡ (ପିଏସ୍‌ବି) ଏକ୍‌ମାନଙ୍କୁ ବେତନ ଦେବ ପ୍ରତିଶ୍ରୁତି ଦେବା ପରେ ପିଏଚ୍‌ଏଫ୍ ଏହି ଡଚ୍ କୋଚ୍‌ଙ୍କୁ ନିଯୁକ୍ତି ଦେଇଥିଲା। ବର୍ତ୍ତମାନ ନିର୍ବାଚନ ଓ ସାମ୍ବିଧାନିକ ପ୍ରସଙ୍ଗକୁନେଇ ପିଏଚ୍‌ଏଫ୍ ଓ ପିଏସ୍‌ବି ମଧ୍ୟରେ ବିବାଦ ଚାଲିଛି। ରାଷ୍ଟ୍ର ନିୟନ୍ତ୍ରିତ ପରିଷଦ ଏବେ ପିଏଚ୍‌ଏଫ୍‌କୁ ପାଣ୍ଠି ଯୋଗାଇବା ଲାଗି ମନା କରି ଦେଇଛି। ଏସିଆ ଜୁନିୟର କପ୍ ପାଇଁ ଘରୋଇ ଦାନ ଏବଂ ପ୍ରାୟୋଜକଙ୍କ ଜରିଆରେ ଓମାନକୁ ପାକିସ୍ତାନ ଦଳ ପଠାଇଥିବା ପିଏଚ୍‌ଏଫ୍‌ର ଜଣେ ଅଫିସିଆଲ ପ୍ରକାଶ କରିଛନ୍ତି।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ମୁମ୍ବାଇ ବନାମ ହାଇଦ୍ରାବାଦ**
ସ୍ଥାନ:ମୁମ୍ବାଇ,
ସମୟ: ଅପରାହ୍ନ ୩.୩୦

**ବାଙ୍ଗାଲୋର ବନାମ ଗୁଜରାଟ**
ସ୍ଥାନ: ବେଙ୍ଗାଲୁରୁ,
ସମୟ: ରାତି ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ




# ପ୍ଲେ ଅଫ୍‌ରେ ପହଞ୍ଚିଲା ଚେନ୍ନାଇ

ନୂଆଦିଲ୍ଲୀ,୨୦।୫

ଦିଲ୍ଲୀ କ୍ୟାପିଟାଲ୍ସକୁ ୭୭ ରନରେ ପରାସ୍ତ କରି ଦ୍ୱିତୀୟ ଦଳ ଭାବରେ ଇଣ୍ଡିଆନ୍ ପ୍ରିମିୟର ଲିଗ୍ ପ୍ଲେ ଅଫ୍‌ରେ ପ୍ରବେଶ କରିଛି ଚେନ୍ନାଇ ସୁପର କିଙ୍ଗ୍ସ। ଏହାକୁ ମିଶାଇ ୧୧ଶ ଥର ପାଇଁ ଚେନ୍ନାଇ ପ୍ଲେ ଅଫ୍‌ରେ ପ୍ରବେଶ କରିବାର ରେକର୍ଡ କରିଛି। ଚେନ୍ନାଇ ୨୦ ଓଭରରେ ୩ ଉଇକେଟ ହରାଇ ୨୨୩ ରନ୍ ସଂଗ୍ରହ କରିଥିଲା। ଜବାବରେ କ୍ୟାପିଟାଲ୍ସ ୨୦ ଓଭରରେ ୯ ଉଇକେଟ ହରାଇ ୧୪୬ ରନ୍ କରିଥିଲା। ୧୪ ମ୍ୟାଚ୍ ଖେଳିଥିବା ଚେନ୍ନାଇ ୮ ବିଜୟ ସହିତ ୧୭ ପଏଣ୍ଟ ଅର୍ଜନ କରିଛି।

ଟସ୍ ଜିତି ମହେନ୍ଦ୍ର ସିଂ ଧୋନୀ ବ୍ୟାଟିଂ ନେଇଥିଲେ। ଦୁଇ ଓପନର ଋତୁରାଜ ଗାଏକ୍ୱାଡ (୭୯) ଓ ଡେଭନ୍ କନୱେ(୮୭) ପ୍ରଥମ ଉଇକେଟରେ ୧୪୧ ରନ୍ ଯୋଡିଥିଲେ। ୧୪ ଓଭରରେ ୧୪୦ ରନ୍ ଯୋଡିବା ପରେ ୧୫ ତମ ଓଭରରେ ଚେତନ ସାକାରିୟା ଗାଏକ୍ୱାଡଙ୍କୁ ଆଉଟ କରିଥିଲେ। ଆଉଟ ହେବା ପୂର୍ବରୁ ୫୦ ବଲ୍ ଖେଳି ସେ ୩ ଚୌକା ଓ ୭ ଛକା ମାରିଥିଲେ। ୯ ବଲ୍‌ରୁ ୨୨ ରନ୍ ସ୍କୋର କରିଥିବା ଶିବମ ଦୁବେ ଦ୍ୱିତୀୟ ଉଇକେଟରେ କନୱେଙ୍କ ସହିତ ୫୪ ରନ୍ ଯୋଡିଥିଲେ। ମାତ୍ର ୨ ବଲ୍ ବ୍ୟବଧାନରେ ଦୁବେ ଓ କନ୍‌ୱେ ଆଉଟ ହୋଇଥିଲେ। କନୱେ ୫୨ ବଲ୍ ଖେଳି ୧୧ ଚୌକା ଓ ୩ ଛକା ସହିତ ୮୭ ରନ୍ କରିଥିଲେ। ଶେଷ ଆଡକୁ ରବୀନ୍ଦ୍ର ଜାଡେଜା ୭ ବଲ୍‌ରୁ ୨୦ ରନ୍ ସ୍କୋର କରିବାରୁ ଚେନ୍ନାଇ ୨୨୩ ରନ୍‌ର ବିଶାଳ ସ୍କୋର କରିଥିଲା। ଜବାବରେ ଡେଭିଡ୍ ୱାର୍ନରଙ୍କ ଲଢୁଆ ଅର୍ଦ୍ଧଶତକ ସତ୍ତ୍ୱେ ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୯ ଉଇକେଟ ହରାଇ ୧୪୬ ରନ୍ କରିଥିଲା। ୱାର୍ନର ସର୍ବାଧିକ ୮୬ ରନ୍ କରିଥିଲେ। ତାଙ୍କ ବ୍ୟତିତ ଅକ୍ଷର ପଟେଲ(୧୫) ଓ ଯଶ ଧୂଲ(୧୩) ଦୁଇ ଅଙ୍କ ସ୍କୋର ଛୁଇଁ ପାରିଥିଲେ। ଚେନ୍ନାଇ ପକ୍ଷରୁ ଦୀପକ ଚହର ୩ ଉଇକେଟ ନେଇଥିଲେ। ଋତୁରାଜ ଗାଏକ୍ୱାଡଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର:** ଚେନ୍ନାଇ ସୁପରକିଙ୍ଗ୍ସ ୨୦ ଓଭରରେ ୨୨୩/୩ (ଡେଭନ୍ କନୱେ-୮୭, ଋତୁରାଜ ଗାଏକ୍ୱାଡ-୭୯, ଶିବମ ଦୁବେ-୨୨, ଚେତନ ସାକାରିୟା-୧/୩୬, ଆନରିଚ୍ ନୋର୍ଜେ-୧/୪୩, ଖଲିଲ ଅହମଦ-୧/୪୫)। ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୪୬/୯( ଡେଭିଡ୍ ୱାର୍ନର-୮୬, ଅକ୍ଷର ପଟେଲ-୧୫, ଯଶ ଧୂଲ-୧୩, ଦୀପକ ଚହର-୩/୨୨, ମଥୀଷା ପଥିରାନା-୨/୨୨, ମହୀଷ ଥିକ୍‌ସାନା-୨/୨୩)।



ଶତକୀୟ ଭାଗୀଦାରି ଅବସରରେ ଋତୁରାଜ ଗାଏକ୍ୱାଡ୍ ଓ ଡେଭନ କନୱେ।

## ୧୦୦୦ତମ ଛକା ମାରିଲେ କନୱେ

**ନୂଆଦିଲ୍ଲୀ,୨୦।୫:** ଚଳିତ ଆଇପିଏଲରେ ୧୦୦୦ ତମ ଛକା ମାରିଛନ୍ତି ଡେଭନ୍ କନୱେ। ଦିଲ୍ଲୀ କ୍ୟାପିଟାଲ୍ସ ଓ ଚେନ୍ନାଇ ସୁପରକିଙ୍ଗ୍ସ ବିପକ୍ଷ ମ୍ୟାଚରେ ଦେଖିବାକୁ ମିଳିଛି ଚଳିତ ସଂସ୍କରଣର ୧୦୦୦ ତମ ଛକା। କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ଗୋଟିଏ ସିଜନରେ୧୦୦୦ ଛକା ଦେଖିବାକୁ ମିଳିଛି। ଏହା ସହିତ ମ୍ୟାଚ୍ ପିଛା ହାରାହାରି ୧୪.୫୫ଟିଛକା ଦେଖିବାକୁମିଳିଛିଯାହା ସର୍ବାଧିକ। ୨୦୧୮ରେମ୍ୟାଚ୍‌ପିଛା ୧୪.୫୩ଟି ଛକା ମାରିଥିଲେ ବ୍ୟାଟର। ୨୦୨୨ ସଂସ୍କରଣ ସୁଦ୍ଧା ଆଇପିଏଲରେ ସମୁଦାୟ ୯୫୭ ମ୍ୟାଚ୍‌ଖେଳ ହୋଇଥିବା ବେଳେ ୧୦,୬୪୩ଟିଛକା ଦେଖିବାକୁମିଳିଛି। ଆଇପିଏଲରେ ସମସ୍ତ ସିଜନକୁ ମିଶାଇଲେ ମ୍ୟାଚ୍ ପିଛା ୧୧.୧୨ ଛକା ସ୍କୋର ହୋଇଛି। **ପ୍ରତି ସିଜନର ଛକା ସଂଖ୍ୟା:** ୨୦୦୮-୬୨୨, ୨୦୦୯-୫୦୬, ୨୦୧୦-୫୮୫, ୨୦୧୧-୬୩୯, ୨୦୧୨-୭୩୧, ୨୦୧୩- ୬୭୨, ୨୦୧୪- ୭୧୪, ୨୦୧୫-୬୯୨, ୨୦୧୬-୬୩୮, ୨୦୧୭-୬୦୫, ୨୦୧୮-୮୭୨, ୨୦୧୯-୭୮୪, ୨୦୨୦-୭୩୪, ୨୦୨୧-୬୮୭, ୨୦୨୨-୧୦୬୨।

## ପ୍ରଥମେଶ, ଓଜସ--ଜ୍ୟୋତିଙ୍କୁ ସ୍ୱର୍ଣ୍ଣପଦକ

ନୂଆଦିଲ୍ଲୀ,୨୦।୫(ପି.ଟି.)

ଭାରତୀୟ ଟିନ୍‌ଏଜ୍ ତୀରନ୍ଦାଜ ପ୍ରଥମେଶ ଜାୱକର ଓ ମିକ୍ସଡ୍ ଟିମ୍ ଯୋଡି ଓଜସ୍ ଦେଓତେଲ୍-ଜ୍ୟୋତି ସୁରେଖା ଭେନ୍ନାମ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ପ୍ରଥମେଶ ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନରେ ଥିବା ନେଦରଲାଣ୍ଡ୍‌ସର ମାଇକ୍ ସୋଲେସରଙ୍କୁ ପରାସ୍ତ କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି। ଅନ୍ୟପକ୍ଷରେ ଓଜସ୍-ଜ୍ୟୋତିଙ୍କ ଯୋଡି କ୍ରମାଗତ ଦ୍ୱିତୀୟ ଥର ପାଇଁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହା ପୂର୍ବରୁ ଆଣ୍ଟାଲ୍ୟା ଲିଗ୍‌ରେ ମଧ୍ୟ ଉଭୟ ଚାମ୍ପିୟନ୍ ହୋଇଥିଲେ। ଶନିବାର ୧୯ ବର୍ଷୀୟ ପ୍ରଥମେଶ ଚମତ୍କାର ପ୍ରଦର୍ଶନ କରିଥିଲେ। ପୂର୍ବରୁ କୋରିଆର କିମ୍ ଜଙ୍ଗ ହୋ ଏବଂ ଚୋଇ ୟଙ୍ଗ ହିଙ୍କ ପରି ବଡ ଖେଳାଳିଙ୍କୁ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିଥିଲେ।

**ମହିଳା ହକି ଟେଷ୍ଟ ସିରିଜ୍**

## ଭାରତର କ୍ରମାଗତ ଦ୍ୱିତୀୟ ପରାଜୟ

ଆଡିଲେଡ୍,୨୦।୫(ପି.ଟି.)

ଅଷ୍ଟ୍ରେଲିଆ ବିପକ୍ଷ ମହିଳା ହକି ଟେଷ୍ଟ ସିରିଜ୍‌ରେ ଭାରତର କ୍ରମାଗତ ଦ୍ୱିତୀୟ ପରାଜୟ ହୋଇଛି। ଶନିବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ଭାରତ ସଂଘର୍ଷ କରି ୨-୩ରେ ପରାଜିତ ହୋଇଛି। ଅଷ୍ଟ୍ରେଲିଆ ପକ୍ଷରୁ ଟାଟମ୍ ଷ୍ଟିୱାର୍ଟ (୧୨ ଓ ୪୫ମିନିଟ)ରେ ଡବଲ୍ ଗୋଲ ସ୍କୋର କରିଥିବା ବେଳେ ପିପ୍ପା ମୋର୍ଗାନ ୩୮ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ଅନ୍ୟପକ୍ଷରେ ଭାରତ ପାଇଁ ସଙ୍ଗୀତା କୁମାରୀ(୧୩) ଓ ଗୁରଜିତ୍ କୌର୍(୧୭) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏଠାରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶାର ଦୀପ୍ ଗ୍ରେସ୍ ଏକ୍କା କ୍ୟାରିୟରର ୨୫୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ। ଏହା ସହିତ ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୦-୨ରେ ପଛୁଆ ରହିଛି। ବିଶ୍ୱ ମାନ୍ୟତାରେ ଦ୍ୱିତୀୟ ସ୍ଥାନରେ ରହିଥିବା ଅଷ୍ଟ୍ରେଲିଆ ପ୍ରଥମ ମ୍ୟାଚକୁ ମଧ୍ୟ ୪-୨ରେ ଜିତି ନେଇଥିଲା। ରବିବାର ସମାନ ଷ୍ଟାଡିୟମରେ ସିରିଜ୍‌ର ଅନ୍ତିମ ମ୍ୟାଚ ଖେଳାଯିବ। ପ୍ରଥମ ମ୍ୟାଚ୍ ତୁଳନାରେ ଭାରତୀୟ ଦଳ ଶନିବାର ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ପ୍ରଥମ ମିନିଟରୁ ହିଁ ଭାରତ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ଅଷ୍ଟମ ମିନିଟରେ ଭାରତକୁ ପ୍ରଥମ ପେନାଲ୍ଟି କର୍ନର ମିଳିଥିଲେ ମଧ୍ୟ ଗୁରଜିତ ଏହାକୁ ଗୋଲରେ ପରିଣତ କରିପାରି ନ ଥିଲେ। ଏହାର ୪ ମିନିଟ ମଧ୍ୟରେ ଟାଟମ୍ ଷ୍ଟିୱାର୍ଟ ନିଜର ପ୍ରଥମ ଅନ୍ତର୍ଜାତୀୟ ଗୋଲ ସ୍କୋର କରିଥିଲେ। ୧୨ତମ ମିନିଟରେ ଟାଟମ୍ ପେନାଲ୍ଟି କର୍ନରରୁ ଗୋଲ ସ୍କୋର କରିଥିଲେ। ଏହାର ଏକ ମିନିଟ ମଧ୍ୟରେ ଭାରତ ପକ୍ଷରୁ ସଙ୍ଗୀତା ଗୋଲ୍‌ଟିକୁ ପରିଶୋଧ କରିଥିଲେ। ସଲିମା ଟେଟେ ଓ ଶର୍ମିଳା ଦେବୀଙ୍କ ପାସ୍‌ରୁ ସଙ୍ଗୀତା ସିରିଜ୍‌ର ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ପ୍ରଥମ କ୍ୱାର୍ଟର ୧-୧ରେ ଶେଷ ହେବା ପରେ ଦ୍ୱିତୀୟ କ୍ୱାର୍ଟରରେ ପେନାଲ୍ଟି କର୍ନରୁ ଗୋଲ ଦେଇଥିଲେ ଗୁରଜିତ କୌର୍।

# ଉତ୍କଳ ଟ୍ୟାଲେଣ୍ଟ କ୍ୱେଷ୍ଟ କରାଟେ



ପ୍ରଥମ ଦିବସ ଶନିବାର ଦୁଇ କରାଟେକାଙ୍କ ମଧ୍ୟରେ ଫାଇଟ୍।

ଭୁବନେଶ୍ୱର,୨୦।୫(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଉତ୍କଳ ଟ୍ୟାଲେଣ୍ଟ କ୍ୱେଷ୍ଟ କରାଟେ ପ୍ରତିଯୋଗିତା ଚାଲିଛି। ଏଥିରେ ଉତ୍କଳ କରାଟେ ସ୍କୁଲର ବିଭିନ୍ନ ଶାଖାରୁ ମୋଟ ୪୦୦ ପ୍ରତିଯୋଗୀ ୧୩୫ଟି ବିଭାଗରେ ଅଂଶଗ୍ରହଣ କରୁଛନ୍ତି। ପ୍ରଥମ ଦିବସରେ ପ୍ରାୟ ୨୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାକୁ ରେଫରି ଓ ଜଜ୍ ଭାବେ ଖାରବେଳ ସ୍ୱାଇଁ, ଜୟଦେବ ପଟ୍ଟନାୟକ, ଅରବିନ୍ଦ ପଟ୍ଟନାୟକ, ରାଜୀବ ସିଂ, ଦୀପକ ସାମନ୍ତରା, ଆଦିତ୍ୟ ମିଶ୍ର, ସୌମ୍ୟ ଦାସ, ସନ୍ଦୀପ ମହାନ୍ତି, ଅରବିନ୍ଦ ବାରିକ, ଗୋପାଳ ଦାସ, ନିରଞ୍ଜନ ପଟ୍ଟନାୟକ, ଉମାକାନ୍ତ ବେହେରା, କ୍ରିଷ୍ଣା ଶିକାରୀ, ବିଜୟ ସାମଲ, କୃଷ୍ଣ ମହାରଣା, ଅମିୟ ସାହୁ, ମଞ୍ଜୁ ଯୋଶି, ଅନୁପମା ସ୍ୱାଇଁ, ସୁଭାଶିଷ ମହାପାତ୍ର, ଯୋଗେଶ ବରିହା ପ୍ରମୁଖ ପରିଚାଳନ କରିଥିଲେ। କରାଟେ ପ୍ରତିଭାଙ୍କୁ ଚିହ୍ନଟ କରିବା ଲାଗି ଏହି ପ୍ରତିଯୋଗିତା ସହାୟକ ହେବ ବୋଲି ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ତଥା ଓସ୍କା ସଭାପତି ଡ. ହରିପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୪ | Press Regd. No. R.N. 21326/74 Postal Regd. No. BN/42/21-23. | ଭୁବନେଶ୍ୱର, ରବିବାର, ମେ ୨୧/୨୦୨୩ | Bhubaneswar, Sunday, May 21/ 2023

# ଏଲିମିନେଟରରେ ସୁପର ଜାଏଣ୍ଟ୍ସ

**କୋଲକାତା,୨୦।୫**

ଆଇପିଏଲ୍‌ର ୬୮ ତମ ମ୍ୟାଚରେ କୋଲକାତା ନାଇଟ ରାଇଡର୍ସ (କେକେଆର୍)କୁ ୧ ରନ୍‌ରେ ହରାଇ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଏଲିମିନେଟର ଖେଳିବାକୁ ଯୋଗ୍ୟତା ହାସଲ କରିଛି। ନିକୋଲାସ ପୁରନଙ୍କ ୫୮ ରନ୍ ବଳରେ ଲକ୍ଷ୍ନୌ ୨୦ ଓଭରରେ ୮ ଉଇକେଟ ହରାଇ ୧୭୬ ରନ୍ କରିଥିଲା। ଜବାବରେ ରିଙ୍କୁ ସିଂଙ୍କ ଅପରାଜିତ ୬୩ ରନ୍ ସତ୍ତ୍ୱେ କୋଲକାତା ୨୦ ଓଭରରେ ୭ ଉଇକେଟରେ ୧୭୫ ରନ୍ କରିବାରେ ସମର୍ଥ ହୋଇଥିଲା। ୧୪ ମ୍ୟାଚରୁ ୮ ବିଜୟ ସହିତ ୧୭ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛି।

କେକେଆର ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଶନିବାର କ୍ୱିଣ୍ଟନ ଡି କକ୍ ଓ କରଣ ଶର୍ମା ଇନିଂସ ଆରମ୍ଭ କରିଥିଲେ। କରଣ ମାତ୍ର ୩ ରନ୍ କରି ମ୍ୟାଚ୍‌ର ଦ୍ୱିତୀୟ ଓଭରରେ ପ୍ୟାଭିଲିୟନ ଫେରିଥିଲେ। ପ୍ରେରକ୍ ମଙ୍କଡ ୨୬ ଓ କ୍ୱିଣ୍ଟନ ଡି କକ୍ ୨୮ ରନ୍ କରିଥିବା ବେଳେ ଦ୍ୱିତୀୟ ଉଇକେଟରେ ଯୋଡିଥିଲେ ୪୧ ରନ୍। ପରବର୍ତ୍ତୀ ଦୁଇ ବ୍ୟାଟର ମାର୍କସ ଷ୍ଟୋଇନିସ୍ ଖାତା ଖୋଲି ପାରି ନ ଥିବା ବେଳେ ଅଧିନାୟକ କୃନାଲ ପାଣ୍ଡ୍ୟା ମାତ୍ର ୯ ରନ୍ କରିଥିଲେ। ୭୩ ରନ୍‌ରେ ୫ ଉଇକେଟ ହରାଇ ଦଳ ସଙ୍କଟରେ ପଡିଥିବା ବେଳେ ତ୍ରାଣକର୍ତ୍ତା ସାଜିଥିଲେ ନିକୋଲାସ୍ ପୁରନ୍। ୪ ଚୌକା ଓ ୫ ଛକା ସହିତ ସେ ୫୮ ରନ୍ କରିଥିଲେ। ଷଷ୍ଠ ଉଇକେଟରେ ସେ ଆୟୁଷ ବଦୋନୀ (୨୫ ରନ୍)ଙ୍କ ସହିତ ୭୪ ରନ୍ ଯୋଡିଥିଲେ। ଉଭୟ ଖେଳାଳି ମାତ୍ର ୩ ବଲ୍ ବ୍ୟବଧାନରେ ପ୍ୟାଭିଲିୟନ୍ ଫେରିଥିଲେ। ଶେଷ ଓଭରରେ କ୍ରିଷ୍ଣାପ୍ପା ଗୋଥାମ୍ ୪ ବଲ୍‌ରୁ ଅପରାଜିତ ୧୧ ରନ୍ ସ୍କୋର କରିବାରୁ ଲକ୍ଷ୍ନୌ ୧୭୦ ରନ୍ ପାର କରିଥିଲା। କେକେଆର ପକ୍ଷରୁ ଶାର୍ଦ୍ଦୂଳ ଠାକୁର, ସୁନୀଲ ନାରିନ୍ ଓ ବୈଭବ ଅରୋରା ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ହର୍ଷିତ ରାଣା ଓ ବରୁନ୍ ଚକ୍ରବର୍ତ୍ତୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୧୭୭ ରନ୍‌ର ଲକ୍ଷ୍ୟ ନେଇ ଆରମ୍ଭ କରିଥିବା କୋଲକାତାକୁ ଭଲ ଆରମ୍ଭ ପ୍ରଦାନ କରିଥିଲେ ଓପନର ଜାସନ୍ ରୟ(୪୫) ଓ ଭେଙ୍କଟେଶ ଆୟର(୨୪)। ଉଭୟ ୫.୫ ଓଭରରେ ୬୧ ରନ୍ ଯୋଡିଥିଲେ। ତେବେ ଲକ୍ଷ୍ନୌ ସ୍ପିନର ମିଡିଲ ଓଭରରେ ୪ ଉଇକେଟ ବାଣ୍ଟି ନେବାରୁ ୮୨ ରନ୍ ମଧ୍ୟରେ ୩ ଉଇକେଟ ହରାଇଥିଲା କେକେଆର୍। ରେହମାନୁଲ୍ଲା ଗୁରବାଜ(୧୦), ଆନ୍ଦ୍ରେ ରସେଲ (୭) ଓ ଶାର୍ଦ୍ଦୂଳ ଠାକୁର(୩) ରନ୍ କରି ଆଉଟ ହେବାରୁ କେକେଆରର ରନ ଗତି ଧୀମେଇ ଯାଇଥିଲା। ଶେଷ ଆଡକୁ ରିଙ୍କୁ ସିଂ କିଛି ଦର୍ଶନୀୟ ଶଟ୍ ସହିତ ୬୩ ରନ୍ କରିଥିଲେ। ୩୩ ବଲ୍‌ର ଏହି ଇନିଂସରେ ୬ ଚୌକା ଓ ୪ ଛକା ସାମିଲ ଥିଲା। ୧୯ତମ ଓଭରରେ ନବୀନ ଉଲ୍ ହକଙ୍କୁ ୨୦ ଓ ଅନ୍ତିମ ଓଭରରୁ ୧୯ ରନ୍ ସ୍କୋର କରିଥିଲ ରିଙ୍କୁ। ଶେଷ ୨ ଓଭରରୁ ୪୧ ରନ୍ ଆବଶ୍ୟକ ଥିବା ବେଳେ ରିଙ୍କୁ ୩୯ ରନ୍ ସ୍କୋର କରିଥିଲେ। ଲକ୍ଷ୍ନୌ ପକ୍ଷରୁ ରବି ବିଷ୍ଣୋଇ ଓ ୟଶ ଠାକୁର ଦୁଇଟି ଲେଖାଏ ଉଇକେଟ ନେଇଥିଲେ।


ଉଇକେଟ ନେବାପରେ କୋଲକାତା ନାଇଟ ରାଇଡର୍ସର ବୈଭବ ଆରୋରା(ଡାହାଣ)ଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୨୦ ଓଭରରେ ୧୭୬/୮(ନିକୋଲାସ ପୁରନ୍-୫୮, କ୍ୱିଣ୍ଟନ୍ ଡି' କକ୍-୨୮, ପ୍ରେରକ୍ ମଙ୍କଡ-୨୬, ଶାର୍ଦ୍ଦୂଳ ଠାକୁର-୨/୨୭, ସୁନୀଲ ନାରିନ୍-୨/୨୮, ବୈଭବ ଅରୋରା-୨/୩୦)। କୋଲକାତା ନାଇଟ୍ ରାଇଡର୍ସ ୨୦ ଓଭରରେ ୧୭୫/୭( ରିଙ୍କୁ ସିଂ-୬୩*, ଜାସନ୍ ରୟ-୪୫, ଭେଙ୍କଟେଶ ଆୟର-୨୪, ରବି ବିଷ୍ଣୋଇ-୨/୨୩, ୟଶ ଠାକୁର-୨/୩୧, କ୍ରିଷ୍ଣାପ୍ପା ଗୋଥାମ୍-୧/୨୬)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୩ | ୯ | ୪ | ୧୮ | +୦.୮୩୫ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୪ | ୮ | ୫ | ୧୭ | +୦.୬୫୨ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୪ | ୮ | ୫ | ୧୭ | +୦.୨୮୪ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୩ | ୭ | ୬ | ୧୪ | +୦.୧୮୦ |
| ରାଜସ୍ଥାନ ରୟାଲ୍ସ | ୧୪ | ୭ | ୭ | ୧୪ | +୦.୧୪୮ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୭ | ୬ | ୧୪ | -୦.୧୨୮ |
| କୋଲ୍‌କାତା ନାଇଟ ରାଇଡର୍ସ | ୧୪ | ୬ | ୮ | ୧୨ | -୦.୨୩୯ |
| ପଞ୍ଜାବ କିଙ୍ଗ୍ସ | ୧୪ | ୬ | ୮ | ୧୨ | -୦.୩୦୪ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୪ | ୫ | ୯ | ୧୦ | -୦.୮୦୮ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୩ | ୪ | ୯ | ୮ | -୦.୫୫୮ |

ବି.ଦ୍ର.: ମେ' ୩ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ବର୍ଷାରେ ବାଧାପ୍ରାପ୍ତ ଯୋଗୁ ପଏଣ୍ଟ ଭାଗ ହୋଇଥିଲା।

# ହାଲେପ୍‌ଙ୍କ ବିରୋଧରେ ଦ୍ୱିତୀୟ ଡୋପିଂ ମାମଲା

**ଲଣ୍ଡନ, ୨୦।୫ (ଏପି)**

ଆଥ୍‌ଲେଟ ବାୟୋଲୋଜିକାଲ ପାସ୍‌ପୋର୍ଟରେ ଅନିୟମିତତା ଯୋଗୁ ଦୁଇଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ସିମୋନା ହାଲେପ୍ ଦ୍ୱିତୀୟ ଥର ଡୋପିଂ ମାମଲାରେ ଫସିଯାଇଛନ୍ତି। ଇଣ୍ଟରନ୍ୟାଶନାଲ ଇଣ୍ଟିଗ୍ରିଟି ଏଜେନ୍ସି (ଆଇଟିଆଇଏ) ତରଫରୁ ଏହି ସୂଚନା ଦିଆଯାଇଛି। ପ୍ରଥମେ ଗତବର୍ଷ ଅଗଷ୍ଟରେ ୟୁଏସ୍ ଓପନ ବେଳେ ହୋଇଥିବା ଡ୍ରଗ୍ ଟେଷ୍ଟରେ ହାଲେପ୍ ବିଫଳ ହୋଇଥିଲେ। ସେତେବେଳେ ତାଙ୍କୁ ସାମୟିକ ସସ୍‌ପେଣ୍ଡ କରାଯାଇଥିଲା। ରୋମାନିଆର ଏହି ୩୧ ବର୍ଷୀୟା ଟେନିସ ଖେଳାଳି ୨୦୧୭ ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗ୍‌ରେ ନମ୍ବର-୧ ସ୍ଥାନ ଅଧିକାର କରିଥିଲେ। ଏକ ଏକ୍ସପର୍ଟ ପ୍ୟାନେଲ ଦ୍ୱାରା ହାଲେପ୍‌ଙ୍କ ବାୟୋଲୋଜିକାଲ ପାସ୍‌ପୋର୍ଟ ପ୍ରୋଫାଇଲର ଆସେସମେଣ୍ଟ ପରେ ଷ୍ଟାର ଟେନିସ ଖେଳାଳିଙ୍କ ବିରୋଧରେ ନୂଆ ଅଭିଯୋଗ ଆସିଛି। ଏହି ପାସ୍‌ପୋର୍ଟରେ ଜଣେ ଆଥ୍‌ଲେଟଙ୍କ ଶରୀରରେ ରହିଥିବା ପଦାର୍ଥଗୁଡ଼ିକ ସମ୍ପର୍କରେ ଜାଣି ହୋଇଥାଏ। ୨୦୧୬ରେ ଅଷ୍ଟ୍ରେଲିଆନ ଓପନରେ ଏକ ନୂଆ ନିଷିଦ୍ଧ ଉପାଦାନ ପାଇଁ ମାରିଆ ଶାରାପୋଭା ଡୋପ୍ ଟେଷ୍ଟରେ ଧରାପଡ଼ିଥିଲେ।

କୋଷ୍ଟକାଠିନ୍ୟର ସମାଧାନ
9119788888




# ଟେଷ୍ଟ କ୍ରିକେଟର, ଅଲିମ୍ପିଆନ ବ୍ରାଏନ୍‌ଙ୍କ ଦେହାନ୍ତ


ବ୍ରାଏନ୍ ବୁଥ୍

**ସିଡ୍‌ନୀ, ୨୦।୫ (ଏପି)**

ଅଷ୍ଟ୍ରେଲିଆର ପୂର୍ବତନ ଟେଷ୍ଟ କ୍ରିକେଟର ଓ ଫିଲ୍ଡ ହକି ଅଲିମ୍ପିଆନ ବ୍ରାଏନ୍ ବୁଥ୍‌ଙ୍କର ୮୯ବର୍ଷ ବୟସରେ ପରଲୋକ ଘଟିଛି। ବୁଥ୍ ଅଷ୍ଟ୍ରେଲିଆ ପାଇଁ ୨୯ ଟେଷ୍ଟ ମ୍ୟାଚ ଖେଳିବା ସହ ତନ୍ମଧ୍ୟରେ ଦୁଇଟିରେ ସେ ଅଧିନାୟକତ୍ୱ କରିଛନ୍ତି। ୧୯୬୦ ଦଶକ ପ୍ରଥମ ଭାଗରେ ବୁଥ୍ ଅଷ୍ଟ୍ରେଲିଆ ବ୍ୟାଟିଂ ଲାଇନ୍ ଅପ୍‌ର ଜଣେ ପ୍ରମୁଖ ଖେଳାଳି ଥିଲେ। ସେ ତାଙ୍କ କ୍ୟାରିୟରରେ ୫ ଟେଷ୍ଟ ଶତକ ହାସଲ କରିବା ସହ ୪୨.୨୧ ଆଭରେଜ୍‌ରେ ୧,୭୭୩ ଟେଷ୍ଟ ରନ୍ ସ୍କୋର କରିଛନ୍ତି। ବୁଥ୍‌ଙ୍କ ମୃତ୍ୟୁର କାରଣ ପ୍ରକାଶ କରାଯାଇ ନାହିଁ। ୧୯୫୬ ମେଲବୋର୍ନ ଅଲିମ୍ପିକ୍ସରେ ସେ ଅଷ୍ଟ୍ରେଲିଆ ଫିଲ୍ଡ ହକି ଦଳର ଅନ୍ୟତମ ସଦସ୍ୟ ଥିଲେ। ମିଡଲ ଅର୍ଡର ବ୍ୟାଟର ବୁଥ୍ ତାଙ୍କ ପ୍ରଥମ ଶତକ ୧୯୬୨ରେ ଇଂଲଣ୍ଡ ବିପକ୍ଷ ପ୍ରଥମ ଘରୋଇ ଟେଷ୍ଟରେ ହାସଲ କରିଥିଲେ। ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଇଥିବା ପରବର୍ତ୍ତୀ ଟେଷ୍ଟ ମ୍ୟାଚରେ ମଧ୍ୟ ସେ ଏକ ଶତକ ହାସଲ କରିଥିଲେ।

# ଦେଶର ହିତରେ ରହିବନି ଖାପ୍ ପଞ୍ଚାୟତ ନିଷ୍ପତ୍ତି

**ନୂଆଦିଲ୍ଲୀ,୨୦।୫(ପି.ଟି.)**

## ଭିନେଶଙ୍କ ଧମକ

ଭାରତୀୟ ରେସ୍‌ଲିଂ ଫେଡେରେଶନ (ଡବ୍ଲ୍ୟୁଏଫ୍‌ଆଇ) ସଭାପତି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ଯୌନ ନିର୍ଯାତନା ମାମଲାରେ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ଖେଳାଳିଙ୍କ ଆନ୍ଦୋଳନ ୨୮ ଦିନରେ ପହଞ୍ଚିଛି। ଶନିବାର ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜୟିନୀ ଭିନେଶ ଫୋଗତ ସରକାରଙ୍କୁ ପରୋକ୍ଷରେ ଧମକ ଦେଇଛନ୍ତି। ଆନ୍ଦୋଳନରତ ରେସ୍‌ଲରଙ୍କ ଦାବି ପ୍ରତି ସରକାର କର୍ଣ୍ଣପାତ କରୁ ନ ଥିବା ବେଳେ ଖାପ୍ ପଞ୍ଚାୟତ ହିଁ ନିଷ୍ପତ୍ତି ନେବ। ତେବେ ଖାପ୍‌ର ନିଷ୍ପତ୍ତି ଦେଶ ପାଇଁ ହିତକର ହେବ ନାହିଁ ବୋଲି ସେ ଚେତାଇ ଦେଇଛନ୍ତି। ବ୍ରିଜ୍‌ଭୂଷଣଙ୍କୁ ଗିରଫ କରିବା ପାଇଁ ରେସ୍‌ଲରମାନେ ଦାବି କରୁଛନ୍ତି। କୃଷକ ଆନ୍ଦୋଳନ ସମୟରେ ଯେମିତି ଅସୁବିଧା ହୋଇଥିଲା ଖାପ୍ ପଞ୍ଚାୟତର ନିଷ୍ପତ୍ତିରେ ଦେଶକୁ ସମାନ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ ବୋଲି ଯନ୍ତରମନ୍ତରରେ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି ଭିନେଶ ଫୋଗତ। ଏହି ଲଢ଼େଇ ରେସ୍‌ଲରମାନଙ୍କ ପାଇଁ ମଧ୍ୟ ସହଜ ରହି ନାହିଁ। ଆମେ ଅଭ୍ୟାସରୁ ବଞ୍ଚିତ ହୋଇଥିବା ବେଳେ କୌଣସି ଟୁର୍ନାମେଣ୍ଟରେ ମଧ୍ୟ ଅଂଶଗ୍ରହଣ କରିପାରୁନାହୁଁ। ଯେଉଁ ମାମଲା କିଛି ମିନିଟରେ ସମାପ୍ତ ହେବା କଥା ତାହା ଅଯଥାରେ ଲମ୍ବୁଛି ବୋଲି ସେ କହିଛନ୍ତି। କୃଷକ ଆନ୍ଦୋଳନ ପ୍ରାୟ ୧୩ ମାସ ଚାଲିଥିଲା। ସମାନ ଢଙ୍ଗରେ ରେସ୍‌ଲରଙ୍କ ଧାରଣା ମଧ୍ୟ ବେଶ୍ ବୃହତ୍ ହେବାକୁଯାଉଛି। ଏଥିରେ ପୁଣି ଥରେ ଦେଶବାସୀଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ। ଲୋକଙ୍କ ନିକଟରେ ଆମ ସ୍ୱରକୁ ପହଞ୍ଚାଇବା ପାଇଁ ଆମେ ମନ୍ଦିର, ମସ୍‌ଜିଦ, ଗୁରୁଦ୍ୱାର ଓ ଗୀର୍ଜା ଯିବୁ ବୋଲି ମଧ୍ୟ ଭିନେଶ କହିଛନ୍ତି। ୨୩ ତାରିଖ ଅପରାହ୍ନ ୪ଟାରେ ଇଣ୍ଡିଆ ଗେଟ୍ ପର୍ଯ୍ୟନ୍ତ ଏକ ମହମବତି ଶୋଭାଯାତ୍ରା କରିବା ପାଇଁ ରେସ୍‌ଲରମାନେ ନିଷ୍ପତ୍ତି ନେଇଥିବା କହିଥିଲେ ବଜରଙ୍ଗ ପୁନିଆ। ଶନିବାର ସପ୍ତାହାନ୍ତ(ଉଇକେଣ୍ଡ) କାରଣରୁ ଧାରଣା ସ୍ଥଳରେ ଭିଡ଼ ସାମାନ୍ୟ କମ୍ ରହିଥିଲା। ଦେଶ ନିଜର ୭୫ ତମ ସ୍ୱାଧୀନତା ଦିବସ ପାଳନ କରୁଥିବା ବେଳେ ମହିଳା ଖେଳାଳିଙ୍କ ପ୍ରତି ସୁରକ୍ଷା ଓ ସମ୍ମାନ ରକ୍ଷାରେ ସରକାର ବିଫଳ ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ଭିନେଶ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ